ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୩/୨୦୨୪ (୧୬ ପୃଷ୍ଠା) Bhubaneswar, Thursday, June 13/2024 Page 16 ₹ 7.00
୫୦ଶ ଭାଗ ୧୯୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 199 ମୂଲ୍ୟ₹୭/-



**ମା'ଙ୍କ ଜନ୍ମଦିନ ପାଇଁ ଆମିରଙ୍କ ଭବ୍ୟ ଆୟୋଜନ**

ଅଭିନେତା ଆମିର ଖାନ୍ ନିଜ ମା' ଜିନତ୍ ହୁସେନଙ୍କ ୯୦ ତମ ଜନ୍ମଦିନ ଉତ୍ସବକୁ ସ୍ୱତନ୍ତ୍ର ଏବଂ ଭବ୍ୟ ଆୟୋଜନ କରିବାକୁ ଯାଉଥିବା ରିପୋର୍ଟ ପ୍ରକାଶ ପାଇଛି।

୧୧

୧୬

**ଅର୍ଶଦୀପଙ୍କ ପ୍ରଭାବୀ ବୋଲିଂ**

ଆମେରିକା ବିପକ୍ଷ ଟି୨୦ ବିଶ୍ୱକପ କ୍ରିକେଟ ମ୍ୟାଚରେ ଭାରତର ଅର୍ଶଦୀପ ସିଂ ପ୍ରଭାବୀ ବୋଲିଂ କରିଛନ୍ତି।



# ଓଡ଼ିଶାରେ ଭାଜପା ଶାସନ

## ୧୫ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ମୋହନ ମାଝି

ଭୁବନେଶ୍ୱର, ୧୨।୬ (ସୁନିତ୍ ମିଶ୍ର)

ଓଡ଼ିଶାରେ ବୁଧବାରଠାରୁ ଆରମ୍ଭ ହୋଇଛି ଭାଜପା ଶାସନ। ଏହାସହ ରାଜ୍ୟରେ 'ଡବଲ ଇଞ୍ଜିନ ସରକାର' ପାଇଁ ଭାଜପା ଦେଇଥିବା ଆହ୍ୱାନ ସଫଳ ହୋଇଛି। କେନ୍ଦୁଝର ବିଧାୟକ ମୋହନ ଚରଣ ମାଝି ରାଜ୍ୟର ୧୫ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ତାଙ୍କ ସହ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା ଉପମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଛନ୍ତି। ଏଥିସହ ୮ ଜଣ ବିଧାୟକ ସୁରେଶ ପୂଜାରୀ, ରବି ନାରାୟଣ ନାଏକ, ନିତ୍ୟାନନ୍ଦ ଗଣ୍ଡ, କୃଷ୍ଣଚନ୍ଦ୍ର ପାତ୍ର, ପୃଥ୍ୱୀରାଜ ହରିଚନ୍ଦନ, ମୁକେଶ ମହାଲିଙ୍ଗ, ବିଭୂତି ଭୂଷଣ ଜେନା, କୃଷ୍ଣଚନ୍ଦ୍ର ମହାପାତ୍ର କ୍ୟାବିନେଟ୍ ମନ୍ତ୍ରୀ ଭାବେ ଏବଂ ୫ ଜଣ ବିଧାୟକ ଗଣେଶ ରାମ ସିଂ ଖୁଣ୍ଟିଆ, ସୂର୍ଯ୍ୟବଂଶୀ ସୂରଜ, ପ୍ରଦୀପ ବଳସାମନ୍ତ, ଗୋକୁଳାନନ୍ଦ ମଲିକ ଓ ସମ୍ପଦ ଚନ୍ଦ୍ର ସ୍ୱାଇଁ ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ପାଠ କରିଛନ୍ତି।

ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ ଶପଥ ଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ନୀତିନ ଗଡ଼କରୀ, ଅଶ୍ୱିନୀ ବୈଷ୍ଣବ, ଜୁଏଲ ଓରାମ, ଭୂପେନ୍ଦ୍ର ଯାଦବ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ଏମ୍‌ପି ବୈଜୟନ୍ତ ପଣ୍ଡା, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ପ୍ରଭାରୀ ନରେନ୍ଦ୍ର ସିଂ ତୋମାର ଏବଂ ସହପ୍ରଭାରୀ ଲତା ଉସେଣ୍ଡିଙ୍କ ସମେତ ଅନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ଏହାସହ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ, ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ଶାହ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ମଧ୍ୟ ଯୋଗଦେଇଥିଲେ। ଭାଜପାର ନିମନ୍ତ୍ରଣକୁ ରକ୍ଷା କରି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶପଥ ଗ୍ରହଣ ଉତ୍ସବରେ ସାମିଲ ହୋଇଥିଲେ। ଭାଜପାର ନବନିର୍ବାଚିତ ସମସ୍ତ ବିଧାୟକ ମଧ୍ୟ ଉପସ୍ଥିତ ଥିଲେ।

ନୂଆ ମନ୍ତ୍ରିମଣ୍ଡଳର ଶପଥ ଉତ୍ସବ କାର୍ଯ୍ୟକ୍ରମରେ ସାମିଲହେବା ଲାଗି ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାକ ଅତିଥି ଏବଂ ଜନସାଧାରଣ ଆସି ପହଞ୍ଚିଥିଲେ। ଏତେ ସଂଖ୍ୟକ ଲୋକଙ୍କ ସମାଗମ କାରଣରୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ପ୍ରବଳ ଜାମ୍ ହୋଇଯାଇଥିଲା। ବ୍ୟାପକ ଟ୍ରାଫିକ ବ୍ୟବସ୍ଥା ସତ୍ତ୍ୱେ ଗାଡି ମୋଟର ଚଳାଚଳରେ ବହୁ ଅସୁବିଧା ଦେଖିବାକୁ ମିଳିଥିଲା। ଅପରାହ୍ନ ପ୍ରାୟ ୪ଟା୧୫ ପାଖାପାଖି ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସଭାସ୍ଥଳରେ ପହଞ୍ଚିଥିଲେ। ସେ ପ୍ରାୟ ୧ଘଣ୍ଟା ପର୍ଯ୍ୟନ୍ତ ସମାରୋହସ୍ଥଳରେ ବସିଥିବା ନେତା, କର୍ମୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ସାକ୍ଷାତ କରିଥିଲେ। ଏହାପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ସାଧୁସନ୍ଥମାନଙ୍କ ପାଦ ଧୂଳି ନେଇଥିଲେ। ପ୍ରାୟ ୫ଟା ୫ମିନିଟ୍ ସମୟରେ ପ୍ରଧାନମନ୍ତ୍ରୀ ଓ ରାଜ୍ୟପାଳ ଆସି ସଭାମଞ୍ଚରେ ପହଞ୍ଚିଥିଲେ। ଏହାପରେ ରାଜ୍ୟପାଳ ରଘୁବର ଦାସ ପ୍ରଥମେ ମୁଖ୍ୟମନ୍ତ୍ରୀ, ୨ ଉପମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରିମଣ୍ଡଳ ସଦସ୍ୟମାନଙ୍କୁ ପଦ ଓ ଗୋପନୀୟତା ଶପଥ ପାଠ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ ଓଡ଼ିଆରେ ଶପଥ ପାଠ କରିଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ଏକ ଫୁଲତୋଡ଼ା ଦେଇ ନୂଆ ମୁଖ୍ୟମନ୍ତ୍ରୀ ମୋହନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ☞ପୃଷ୍ଠା-୪



ଭୁବନେଶ୍ୱର ଜନତା ମଇଦାନରେ ବୁଧବାର ଅପରାହ୍ନରେ କେନ୍ଦୁଝର ବିଧାୟକ ମୋହନ ଚରଣ ମାଝି ଓଡ଼ିଶାର ୧୫ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ତାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।




## ଓଡିଶା ପାଇଁ ଐତିହାସିକ ଦିନ: ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୧୨।୬ (ସୁନିତ୍ ମିଶ୍ର)

ଓଡ଼ିଶା ପାଇଁ ଆଜି ଏକ ଐତିହାସିକ ଦିନ। ରାଜ୍ୟର ଭଉଣୀ, ଭାଇମାନଙ୍କ ଆଶୀର୍ବାଦରୁ ଓଡିଶାରେ ପ୍ରଥମ ଥର ଲାଗି ଭାଜପା ସରକାର ଗଠନ କରିଛି। ନୂଆ ସରକାରର ଶପଥ ଗ୍ରହଣ ଉତ୍ସବରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଶୁଭେଚ୍ଛା ଜଣାଇଲେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ 'ଏକ୍ସ' ହ୍ୟାଣ୍ଡେଲରେ ଉଲ୍ଲେଖ କରିଛନ୍ତି। ସେଥିରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା ଓ ମନ୍ତ୍ରୀମାନଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରୁ ନୂଆ ସରକାରର ଏହି ଟିମ୍ ନିଶ୍ଚୟ ଓଡ଼ିଶାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବ। ରାଜ୍ୟର ସବୁ ଲୋକଙ୍କ ଜୀବନଶୈଳୀ ମଧ୍ୟ ଉନ୍ନତ ହୋଇପାରିବ ବୋଲି ସେ ଉଲ୍ଲେଖ କରିଛନ୍ତି।

## ଚର୍ଚ୍ଚାରେ ବାଚସ୍ପତି

ଭୁବନେଶ୍ୱର, ୧୨।୬(ସୁନିତ୍ ମିଶ୍ର)

ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝି ବୁଧବାର ଅପରାହ୍ନରେ ଶପଥ ନେଇଛନ୍ତି। ଏବେ ରାଜ୍ୟରେ ନୂଆ ବାଚସ୍ପତି କିଏ ହେବେ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ରଣପୁର ବିଧାୟିକା ତଥା ଭାଜପାର ବରିଷ୍ଠ ନେତ୍ରୀ ସୁରମା ପାଢ଼ୀଙ୍କୁ ଏହି ପଦ ମିଳିପାରେ ବୋଲି ଆଲୋଚନା ହେଉଛି। ସୁରମା ଦଳର ଜଣେ ଅଭିଜ୍ଞ ଏବଂ ଆଗଧାଡ଼ିର ନେତ୍ରୀ। ତେଣୁ ଜଣେ ମହିଳାଙ୍କୁ ବାଚସ୍ପତି ଆସନରେ ବସାଯିବା ନେଇ ଦଳ ପକ୍ଷରୁ ଏକ ପ୍ରକାର ନିଷ୍ପତ୍ତି ଚୂଡ଼ାନ୍ତ ହୋଇଥିବା ଦଳର ଜଣେ ଆଗଧାଡ଼ିର ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ୧୯୬୦ ଡିସେମ୍ବର ୨୯ରେ ଜନ୍ମଗ୍ରହଣ କରିଥିବା ସୁରମା ଗୃହ ବିଜ୍ଞାନରେ ସ୍ନାତକୋତ୍ତର ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ଓକିଲାତି ପଢ଼ିଥିଲେ। ୧୯୮୮ରେ ସେ ଭାଜପାରେ ଯୋଗଦେଇଥିଲେ। ୧୯୯୮ରେ ସେ ଭାଜପା ରାଜ୍ୟ ମହିଳା ମୋର୍ଚ୍ଚାର ସଭାପତି ଥିଲେ। ୨୦୦୦ ମସିହା ପର୍ଯ୍ୟନ୍ତ ସେ ସେହି ପଦବୀରେ ରହିଥିଲେ। ୨୦୦୦ରେ ସେ ଜାତୀୟ ଭାଜପା ମହିଳା ମୋର୍ଚ୍ଚା ସଭାପତି ହୋଇଥିଲେ। ୨୦୦୪ରେ ରାଜ୍ୟରେ ଚାଲିଥିବା ମେଣ୍ଟ ସରକାର ସମୟରେ ରଣପୁର ଆସନରୁ ପ୍ରଥମ ଥର ଲାଗି ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ସେହି ସମୟରେ ସେ ମନ୍ତ୍ରୀ ମଧ୍ୟ ହୋଇଥିଲେ। ଏହାପରେ ସେ ୨୦୦୯, ୨୦୧୪ ଏବଂ ୨୦୧୯ରେ ନିର୍ବାଚନରେ ପରାଜିତ ହୋଇଥିଲେ। ୨୦୨୪ ନିର୍ବାଚନରେ ସେ ଦ୍ୱିତୀୟ ଥର ଲାଗି ଏହି ଆସନରୁ ବିଜୟୀ ହୋଇଛନ୍ତି।

## ଜୁନ୍ ୨୪ରୁ ପାର୍ଲାମେଣ୍ଟ ଅଧିବେଶନ



ନୂଆଦିଲ୍ଲୀ,୧୨।୬(ପି.ଟି.)

ଅଷ୍ଟାଦଶ ପାର୍ଲାମେଣ୍ଟର ପ୍ରଥମ ଅଧିବେଶନ ଜୁନ୍ ୨୪ରେ ଆରମ୍ଭ ହୋଇ ଜୁଲାଇ ୩ରେ ଶେଷ ହେବ। ଅଧିବେଶନ ପ୍ରାରମ୍ଭରେ ନବନିର୍ବାଚିତ ଏମ୍‌ପିମାନେ ଶପଥ ନେବେ ବୋଲି ବୁଧବାର ନୂଆ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ସୂଚନା ଦେଇଛନ୍ତି। ଅଧିବେଶନର ପ୍ରଥମ ୩ ଦିନରେ ଏମ୍‌ପିମାନଙ୍କ ଶପଥ ଗ୍ରହଣ ଏବଂ ଲୋକ ସଭା ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ଜୁନ୍ ୨୭ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକ ସଭା ଓ ରାଜ୍ୟ ସଭାର ମିଳିତ ବୈଠକକୁ ସମ୍ବୋଧିତ କରିବେ। ଏଥିସହ ରାଷ୍ଟ୍ରପତି ନୂଆ ସରକାରଙ୍କ ଆଗାମୀ ୫ ବର୍ଷର ରୋଡ୍‌ମ୍ୟାପ୍ ଉପରେ ବିବରଣୀ ପ୍ରଦାନ କରିପାରନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ରିଜିଜୁ ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ରିଜିଜୁ କହିଛନ୍ତି, ରାଜ୍ୟ ସଭାର ୨୬୪ତମ ଅଧିବେଶନ ମଧ୍ୟ ଜୁନ୍ ୨୭ରେ ଆରମ୍ଭ ହେବ। ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ପ୍ରସ୍ତାବ ଉପରେ ବିତର୍କ ବେଳେ ବିରୋଧୀ ସଦସ୍ୟମାନେ ଏନ୍‌ଡିଏ ସରକାରଙ୍କୁ ଘେରିବେ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା ଉପରେ ବିବୃତି ରଖିବେ।

**ଆଜିର ସମ୍ପାଦକୀୟ**
ଗଛର ଦିବ୍ୟ ଗାଥା

## କୁଏଟ୍ ବିଲ୍ଡିଂରେ ନିଆଁ: ୪୯ ମୃତକଙ୍କ ମଧ୍ୟରେ ଅନେକ ଭାରତୀୟ

କୁଏଟ୍ ସିଟି, ୧୨।୬

କୁଏଟ୍‌ର ଅଲ୍-ମନଗଫ୍ ସିଟିସ୍ଥିତ ଏକ ବିଲ୍ଡିଂରେ ବୁଧବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୪୯ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଅନେକ ଭାରତୀୟ ଶ୍ରମିକ ଥିବା ଜଣାପଡ଼ିଛି। ୫୦ରୁ ଉର୍ଦ୍ଧ୍ୱ ଆହତଙ୍କୁ ଅଲ୍-ଅଦାନ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି।

କୁଏଟ୍‌ରେ ୧୦ ଲକ୍ଷ ଭାରତୀୟ ବସବାସ କରନ୍ତି, ଯାହାକି ସେଠାକାର ମୋଟ ଜନସଂଖ୍ୟାର ୨୧ ପ୍ରତିଶତ। କୁଏଟ୍ ଶ୍ରମଶକ୍ତିର ୩୦% (ପ୍ରାୟ ୯ ଲକ୍ଷ) ହେଉଛନ୍ତି ଭାରତୀୟ। କୁଏଟ୍‌ର ଅଲ୍-ମନ୍‌ଗଫ୍ ସିଟିସ୍ଥିତ ଏକ କମ୍ପାନୀରେ କାମ କରୁଥିବା ପ୍ରାୟ ୧୬୦ ଜଣ ୬ ମହଲା ବିଶିଷ୍ଟ ଏକ ବିଲ୍ଡିଂରେ ରହୁଥିଲେ। ବୁଧବାର ସ୍ଥାନୀୟ ସମୟ ସକାଳ ୬ଟା (ଭାରତୀୟ ସମୟ ପୂର୍ବାହ୍ନ ୯ଟା)ରେ ଉକ୍ତ କୋଠାର ରୋଷେଇ ଘରେ ନିଆଁ ଲାଗିଯାଇଥିଲା। ଲୋକେ ଜୀବନ ବଞ୍ଚାଇବା ପାଇଁ କୋଠାର ପଞ୍ଚମ ମହଲାରୁ ତଳକୁ ଡେଇଁବାରେ ଲାଗିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ପ୍ରାଣ ହରାଇଛନ୍ତି। ତେବେ ଅଧିକାଂଶ ଶ୍ରମିକଙ୍କ ମୃତ୍ୟୁ ଶ୍ୱାସରୁଦ୍ଧ ହୋଇ ଘଟିଥିବା ସ୍ଥାନୀୟ ଗଣମାଧ୍ୟମ ସୂତ୍ରରୁ ପ୍ରକାଶ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ୍ସ'ରେ ମୃତକଙ୍କ ପରିବାରକୁ ସମବେଦନା ଜଣାଇ ଆହତଙ୍କ ତ୍ୱରିତ ଆରୋଗ୍ୟ କାମନା କରିଛନ୍ତି। କୁଏଟ୍‌ରେ ଥିବା ଭାରତୀୟ ଦୂତାବାସ ସ୍ଥିତି ଉପରେ କଡ଼ା ନଜର ରଖିଥିବା ମୋଦି କହିଛନ୍ତି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି, ସ୍ଥିତି ଉପରେ ନଜର ରଖାଯାଇଛି। ଭାରତୀୟ ରାଷ୍ଟ୍ରଦୂତ ଅଗ୍ନିକାଣ୍ଡ ଘଟିଥିବା ବିଲ୍ଡିଂ ନିକଟକୁ ଯାଇଛନ୍ତି। ସେଠାକାର ☞ପୃଷ୍ଠା-୪



## ଆଜି ଖୋଲିବ ଶ୍ରୀମନ୍ଦିର ୪ ଦ୍ୱାର

**ଉପସ୍ଥିତ ରହିବେ ମୁଖ୍ୟମନ୍ତ୍ରୀ, ମନ୍ତ୍ରିମଣ୍ଡଳ ସଦସ୍ୟ**



**ମୋହନଙ୍କ ପ୍ରଥମ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି**

- ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ପାଇଁ ୫୦୦ କୋଟିର କର୍ପସ ଫଣ୍ଡ
- କୃଷକଙ୍କ ପାଇଁ ସମୃଦ୍ଧ କୃଷକ ନୀତି ଯୋଜନା
- ଧାନ କୁଇଣ୍ଟାଲ ପିଛା ଏମ୍‌ଏସ୍‌ପି ୩୧୦୦ ଟଙ୍କାକୁ ବୃଦ୍ଧି ନିଷ୍ପତ୍ତି
- ୧୦୦ ଦିନରେ କାର୍ଯ୍ୟକାରୀ ହେବ ସୁଭଦ୍ରା ଯୋଜନା
- ମହିଳାଙ୍କୁ ମିଳିବ ୫୦ ହଜାର ଟଙ୍କାର ଭାଉଚର

ଭୁବନେଶ୍ୱର,୧୨।୬(ଅନିଲ ଦାସ)

ଭକ୍ତଙ୍କ ଲାଗି ପୁରୀ ଶ୍ରୀମନ୍ଦିର ୪ ଦ୍ୱାର ଖୋଲାଯିବ। ଗୁରୁବାର ମଙ୍ଗଳ ଆଳତି ସମୟରେ ସମସ୍ତ ଦ୍ୱାର ଖୋଲିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସମେତ ନୂଆ ମନ୍ତ୍ରିମଣ୍ଡଳର ସବୁ ସଦସ୍ୟଙ୍କ ଉପସ୍ଥିତିରେ ସମସ୍ତ ଦ୍ୱାର ଖୋଲିବ। ବୁଧବାର ରାଜ୍ୟରେ ନୂଆ କରି ଗଠନ ହୋଇଥିବା ଭାଜପା ସରକାରର ପ୍ରଥମ ଦିବସ ଓ ପ୍ରଥମ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ବୁଧବାର ଅପରାହ୍ନରେ ନୂଆ ସରକାର ଗଠନ ହେବା ପରେ ସନ୍ଧ୍ୟାରେ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୪ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେବଳ ରାଜ୍ୟ ନୁହେଁ, ସମଗ୍ର ଦେଶ ଓ ବିଦେଶରୁ ଭକ୍ତମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ପୁରୀ ଆସିଥାଆନ୍ତି। ଶ୍ରୀମନ୍ଦିରର ୩ ଦ୍ୱାର ଗତ କିଛି ବର୍ଷ ହେବ ବନ୍ଦ କରି ଦିଆଯାଇଥିଲା। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଏକ ବ୍ୟବଧାନ ସୃଷ୍ଟି କରାଯାଇଥିଲା। ନିର୍ବାଚନ ପୂର୍ବରୁ ଭାଜପା ତା'ର ସଙ୍କଳ୍ପପତ୍ରରେ ୪ ଦ୍ୱାର ଖୋଲିବାକୁ ପ୍ରତିଶ୍ରୁତି ଦେଇଥିଲା। ସରକାର ଗଠନର ପ୍ରଥମ ଦିବସରେ ଭାଜପା ସରକାର ପ୍ରତିଶ୍ରୁତି ପୂରଣ କରିଛନ୍ତି। ଗୁରୁବାର ସକାଳେ ମଙ୍ଗଳ ଆଳତି ସମୟରେ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ସବୁ ଦ୍ୱାର ଖୋଲାଯିବ। ମନ୍ତ୍ରିମଣ୍ଡଳ ସଦସ୍ୟମାନେ ବୁଧବାର ରାତିରେ ସ୍ୱତନ୍ତ୍ର ବସ୍ ଯୋଗେ ପୁରୀ ଗସ୍ତ କରି ସେଠାରେ ରାତ୍ରିଯାପନ କରିବେ। ସକାଳ ୬ଟାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମଙ୍ଗଳ ଆଳତି ହେବ। ସବୁ ଦ୍ୱାରରେ ମନ୍ତ୍ରିମଣ୍ଡଳ ସଦସ୍ୟ ଉପସ୍ଥିତ ରହିବେ। ☞ପୃଷ୍ଠା-୪

## ଲିଙ୍ଗଗତ ଅସମାନତା: ୧୨୯ତମ ସ୍ଥାନରେ ଭାରତ

**ଶୀର୍ଷ ସ୍ଥାନ ବଜାୟ ରଖିଲା ଆଇସ୍‌ଲ୍ୟାଣ୍ଡ**

ଜେନେଭା, ୧୨।୬

ୱାର୍ଲ୍ଡ ଇକୋନୋମିକ୍ ଫୋରମ (ଡବ୍ଲ୍ୟୁଇଏଫ୍) ପକ୍ଷରୁ ବୁଧବାର ଚଳିତବର୍ଷର ଲିଙ୍ଗଗତ ଅସମାନତା ସୂଚକାଙ୍କ ଜାରି କରାଯାଇଛି। ଏହି ସୂଚକାଙ୍କରେ ଭାରତ ୨ଟି ସ୍ଥାନ ତଳକୁ ଖସି ୧୨୯ତମ ସ୍ଥାନରେ ପହଞ୍ଚିଛି। ତେବେ ଗତବର୍ଷ ଭଳି ଚଳିତ ଥର ମଧ୍ୟ ଆଇସ୍‌ଲ୍ୟାଣ୍ଡ ଏହି ସୂଚକାଙ୍କରେ ଶୀର୍ଷ ସ୍ଥାନ ବଜାୟ ରଖିଛି। ଦକ୍ଷିଣ ଏସିଆରେ ବାଂଲାଦେଶ, ନେପାଳ, ଶ୍ରୀଲଙ୍କା ଓ ଭୁଟାନ ପରେ ଭାରତ ଏହି ସୂଚକାଙ୍କରେ ପଞ୍ଚମ ସ୍ଥାନରେ ରହିଛି। ବିଶ୍ୱବ୍ୟାପୀ ୧୪୬ଟି ଦେଶକୁ ନେଇ ପ୍ରସ୍ତୁତ ହୋଇଥିବା ଏହି ସୂଚକାଙ୍କରେ ସୁଦାନ ସର୍ବନିମ୍ନ ସ୍ଥାନରେ ରହିଛି। ସେହିପରି ପାକିସ୍ତାନ ୩ଟି ସ୍ଥାନ ତଳକୁ ଖସି ୧୪୫ତମ ସ୍ଥାନରେ ରହିଛି। ତେବେ ମାଧ୍ୟମିକ ଶିକ୍ଷାରେ ନାମଲେଖା କ୍ଷେତ୍ରରେ ଭାରତର ଲିଙ୍ଗଗତ ସମାନତା ବିଶ୍ୱରେ ସର୍ବୋତ୍ତମ ଥିବା ବିଶ୍ୱ ଅର୍ଥନୈତିକ ମଞ୍ଚ ପକ୍ଷରୁ କୁହାଯାଇଛି। ସେହିପରି ମହିଳାମାନଙ୍କ ରାଜନୈତିକ ସଶକ୍ତୀକରଣ କ୍ଷେତ୍ରରେ ଭାରତ ବିଶ୍ୱବ୍ୟାପୀ ୬୫ତମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ, ଗତ ୪ ବର୍ଷ ଧରି ଭାରତରେ ଆର୍ଥିକ ସମାନତା ଉପରକୁ ବଢ଼ୁଥିବା ଡବ୍ଲ୍ୟୁଇଏଫ୍ କହିଛି। ବର୍ତ୍ତମାନ ସ୍ଥିତିରେ ବିଶ୍ୱବ୍ୟାପୀ ଲିଙ୍ଗଗତ ସମାନତାକୁ ସମ୍ପୂର୍ଣ୍ଣ ଭାବେ ହାସଲ କରିବାକୁ ଆହୁରି ୧୩୪ ବର୍ଷ ସମୟ ଲାଗିବ। ତେଣୁ ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ଲିଙ୍ଗଗତ ସମାନତା ହାସଲ ପାଇଁ ବିଶ୍ୱସ୍ତରୀୟ ପ୍ରତିବଦ୍ଧତାର ଆବଶ୍ୟକତା ରହିଛି ବୋଲି ବିଶ୍ୱ ଅର୍ଥନୈତିକ ମଞ୍ଚର ପରିଚାଳନା ନିର୍ଦ୍ଦେଶିକା ସାଦିଆ ଜାହିଦୀ କହିଛନ୍ତି।

# ସିଆର୍‌ପିଏଫ୍‌କୁ ରାତିଅଧିଆ ଆକ୍ରମଣ

■ଯବାନ ମୃତ, ୬ ଆହତ
■୨ ଆତଙ୍କବାଦୀ ନିହତ

ଜମ୍ମୁ/ନୂଆଦିଲ୍ଲୀ,୧୨।୬

ଜମ୍ମୁ-କଶ୍ମୀରର କଠୁଆ ଓ ଡୋଡା ଜିଲାରେ ଆତଙ୍କବାଦୀମାନେ ରାତିଅଧିଆ ଆକ୍ରମଣ କରିଛନ୍ତି। ଡୋଡାର ଚତ୍ତେରଗାଲାରେ ଥିବା କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ଏକ ଚେକ୍‌ପୋଷ୍ଟରେ ଆତଙ୍କବାଦୀ ଆଖିବୁଜା ଗୁଳି ଚଳାଇବାରୁ ୬ ସୁରକ୍ଷା କର୍ମୀ ଆହତ ହୋଇଛନ୍ତି। ଆହତ ସୁରକ୍ଷା କର୍ମୀଙ୍କ ମଧ୍ୟରେ ରାଷ୍ଟ୍ରୀୟ ରାଇଫଲ୍ସର ୫ ଟ୍ରୁପ୍‌ର ଏବଂ ଜଣେ ସ୍ପେଶାଲ ପୋଲିସ ଅଫିସର (ଏସ୍‌ପିଓ) ରହିଛନ୍ତି। ଅନ୍ୟପକ୍ଷେ କଠୁଆ ଜିଲାର ସଇଦା ସୁଖାଲ ଗ୍ରାମରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ସିଆର୍‌ପିଏଫ୍ ଯବାନ କବୀର ଦାସ ଗୁରୁତର ହୋଇଥିଲେ। ତାଙ୍କୁ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।


ଜମ୍ମୁ-କଶ୍ମୀରର କଠୁଆ ଜିଲା ସଇଦା ସୁଖାଲ ଗ୍ରାମର ଆକ୍ରମଣସ୍ଥଳରେ ସେନା ଯବାନ।

ତଲାସୀ ଅଭିଯାନ ବେଳେ ସୁରକ୍ଷା ବଳର ଜବାବୀ କାର୍ଯ୍ୟାନୁଷ୍ଠାନରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଜମ୍ମୁ-କଶ୍ମୀରରେ ଆତଙ୍କାବାଦୀଙ୍କ ଆକ୍ରମଣ ଉପରେ ପ୍ରଧାନମନ୍ତ୍ରୀଙ୍କ ନୀରବତାକୁନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ଗତ ୩ ଦିନ ଭିତରେ ରେଆସି, କଠୁଆ ଓ ଡୋଡାରେ ୩ଟି ଆକ୍ରମଣ ହେଲାଣି। ଭାଜପା ଶାସନରେ ଦେଶ ବିରୋଧୀ ଷଡ଼ଯନ୍ତ୍ରକାରୀମାନେ କାହିଁକି ଧରାପଡୁ ନାହାନ୍ତି। ପ୍ରଧାନମନ୍ତ୍ରୀ ଅଭିନନ୍ଦନର ବାର୍ତ୍ତା ଗ୍ରହଣ କରିବାରେ ଏତେ ବ୍ୟସ୍ତ ଅଛନ୍ତି ଯେ ଜମ୍ମୁ-କଶ୍ମୀରରେ ନିର୍ମମ ହତ୍ୟାର ଶିକାର ହୋଇଥିବା ଶ୍ରଦ୍ଧାଳୁଙ୍କ ପରିବାରର ଚିତ୍କାର ଶୁଣିପାରୁ ନାହାନ୍ତି। ସେହିପରି କଂଗ୍ରେସ ମିଡିଆ ପ୍ରଭାରୀ ପଓ୍ୱନ ଖେରା କହିଛନ୍ତି, ଉପତ୍ୟକାକୁ ଶାନ୍ତି ଫେରିଛି ବୋଲି ଭାଜପା ଦାବି କରୁଥିବାବେଳେ ଆତଙ୍କବାଦୀଙ୍କ ଆକ୍ରମଣ ବଢ଼ିଚାଲିଛି। ପ୍ରଧାନମନ୍ତ୍ରୀ ଏହା ଉପରେ କାହିଁକି ମୁହଁ ଖୋଲୁନାହାନ୍ତି ବୋଲି ଖେରା ପ୍ରଶ୍ନ କରିଛନ୍ତି।

ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ରେଆସିରେ ଆତଙ୍କବାଦୀମାନେ ଏକ ତୀର୍ଥଯାତ୍ରୀ ବସ୍‌କୁ ଆକ୍ରମଣ କରିଥିଲେ। ଆକ୍ରମଣ ପରେ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ଏକ ଖାଇକୁ ଖସିପଡ଼ିଥିଲା। ଫଳରେ ବୈଷ୍ଣୋଦେବୀ ଦର୍ଶନରେ ଯାଉଥିବା ଉତ୍ତର ପ୍ରଦେଶ, ରାଜସ୍ଥାନ ଓ ଦିଲ୍ଲୀର ୯ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୪୩ ଜଣ ଆହତ ହୋଇଥିଲେ। ଜମ୍ମୁ-କଶ୍ମୀର ପୋଲିସ ଜଣେ ଆତଙ୍କବାଦୀଙ୍କ ସ୍କେଚ୍ ଜାରି କରିବା ସହ ତାଙ୍କୁ ଧରାଇଦେଲେ ୨୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରିଛି।

## ସଂକ୍ଷେପରେ

### ସ୍ପେଶ୍ ଏକ୍ସ'ର ୨ ମହିଳା କର୍ମଚାରୀଙ୍କ ସହ ଯୌନ ସମ୍ବନ୍ଧ ରଖିଥିଲେ ମସ୍କ



ସାନ୍ ଫ୍ରାନ୍ସିସ୍କୋ, ୧୨।୬

ଆମେରିକୀୟ ମହାକାଶ ଯାନ ନିର୍ମାତା କମ୍ପାନୀ ସ୍ପେଶ୍ ଏକ୍ସ'ର ପ୍ରତିଷ୍ଠାତା ତଥା ସିଇଓ ଏଲନ ମସ୍କଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ସାମ୍ନାକୁ ଆସିଛି। ସେ ସ୍ପେଶ ଏକ୍ସ'ର ଜଣେ ଇଣ୍ଟର୍ନ ଓ ଜଣେ ମହିଳା କର୍ମଚାରୀଙ୍କ ସହ ଯୌନ ସମ୍ବନ୍ଧ ରଖିଥିବା ନେଇ ଅଭିଯୋଗ ଆସିଛି। ବୁଧବାର ପ୍ରକାଶିତ ହୋଇଥିବା 'ୱାଲ୍ ଷ୍ଟ୍ରିଟ୍ ଜର୍ନାଲ'ର ରିପୋର୍ଟ ଅନୁଯାୟୀ ମସ୍କ ଅନ୍ୟ ଜଣେ ମହିଳା କର୍ମଚାରୀଙ୍କୁ ତାଙ୍କର ଶିଶୁ ଜନ୍ମ କରିବାକୁ କହିଛନ୍ତି। ସେହିପରି ମସ୍କ ନିଜ ସ୍ପେଶ ଏକ୍ସ' ଓ ଟେସଲା କମ୍ପାନୀର ବାତାବରଣ ଏପରି ସୃଷ୍ଟି କରିଛନ୍ତି, ଯେଉଁଥିରେ ମହିଳା କର୍ମଚାରୀମାନେ କାର୍ଯ୍ୟ କରିବାକୁ ଅସହଜ ଅନୁଭବ କରୁଥିଲେ ବୋଲି ଏହି ରିପୋର୍ଟ କହିଛି।

### ଶିବରାଜଙ୍କ ବିରୋଧରେ କୃଷକଙ୍କ ବିକ୍ଷୋଭ

ନୂଆଦିଲ୍ଲୀ,୧୨।୬(ପି.ଟି.)

୨୦୧୭ ଜୁନ୍‌ରେ ମଧ୍ୟପ୍ରଦେଶର ମନ୍ଦସୌରରେ କୃଷକ ଆନ୍ଦୋଳନ ବେଳେ ପୋଲିସ ଗୁଳିରେ ୬ ଚାଷୀଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଥିବା ବରିଷ୍ଠ ଭାଜପା ନେତା ଶିବରାଜ ସିଂ ଚୌହାନ ବର୍ତ୍ତମାନ ମୋଦି ୩.୦ରେ ନୂଆ କୃଷିମନ୍ତ୍ରୀ ହୋଇଛନ୍ତି। ଶିବରାଜଙ୍କୁ କୃଷି ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯିବାକୁ ବୁଧବାର ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ବିରୋଧ କରିଛି। ଏଥିସହ ଏନ୍‌ଡିଏ ସରକାର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛି। ଏସ୍‌କେଏମ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ସ୍ୱାମୀନାଥନ୍ କମିଶନଙ୍କ ସୂତ୍ର ଅନୁସାରେ କୃଷକମାନେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଦାବିରେ ସଂଗ୍ରାମ କରୁଥିବାବେଳେ ଶିବରାଜ ସରକାର ସେମାନଙ୍କୁ ହତ୍ୟା କରିଥିଲେ। ଶିବରାଜଙ୍କୁ ତୁରନ୍ତ କୃଷିମନ୍ତ୍ରୀ ପଦରୁ ହଟାଯାଉ। ଏନ୍‌ଡିଏର କୃଷକ ବିରୋଧୀ ନୀତିକୁ ପ୍ରତ୍ୟାହାର ପାଇଁ ଚାପ ପକାଇବାକୁ ଏସ୍‌କେଏମ୍ ଉଦ୍ୟମ ଜାରି ରଖିବ। ଜୁଲାଇ ୧୦ ବୈଠକରେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯିବ।

### ୫ ଲକ୍ଷ ଲାଞ୍ଚ ଦେଇଥିଲେ ଦର୍ଶନ

ବେଙ୍ଗାଲୁରୁ, ୧୨।୬

କର୍ନାଟକର ଚର୍ଚ୍ଚିତ ରେଣୁକା ସ୍ୱାମୀ ହତ୍ୟା ମାମଲାରେ କନ୍ନଡ଼ ଅଭିନେତା ଦର୍ଶନ ଥୋଗୁଦୀପା(୪୭) ଓ ତାଙ୍କ ବାନ୍ଧବୀ ପବିତ୍ରା ଗୌଡ଼ାଙ୍କୁ ବେଙ୍ଗାଲୁରୁ ପୋଲିସ ମଙ୍ଗଳବାର ଗିରଫ କରିଥିଲା। ତେବେ ବୁଧବାର ଏହି ମାମଲାରେ ନୂଆ ମୋଡ଼ ସାମ୍ନାକୁ ଆସିଛି। ମାମଲାର ୩ ଅଭିଯୁକ୍ତ ରାଘବେନ୍ଦ୍ର,କାର୍ତ୍ତିକ ଓ କେଶବମୂର୍ତ୍ତି ରେଣୁକାସ୍ୱାମୀଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ତେବେ ପଚରାଉଚରା ସମୟରେ ଦର୍ଶନଙ୍କ ନାମ ନ ନେଇ ଦୋଷ ନିଜ ମୁଣ୍ଡକୁ ନେବାକୁ ୫ ଲକ୍ଷ ଟଙ୍କାର ଲାଞ୍ଚ ଦିଆଯାଇଥିବା ସେମାନେ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ରାଘବେନ୍ଦ୍ର ଚିତ୍ରଦୁର୍ଗରେ ଦର୍ଶନଙ୍କ ଫ୍ୟାନ କ୍ଲବ ଚଳାଉଥିବା ପୋଲିସ ସୂଚନା ଦେଇଛି।

## ପାକିସ୍ତାନୀ ଆତଙ୍କବାଦୀଙ୍କ ରାଜକ୍ଷମା ଆବେଦନ ଖାରଜ

ନୂଆଦିଲ୍ଲୀ,୧୨।୬

୨୦୦୦ ଡିସେମ୍ବର ୨୨ରେ ପାକିସ୍ତାନୀ ଆତଙ୍କବାଦୀମାନେ ଲାଲକିଲ୍ଲା ପରିସରରେ ଥିବା ୭ ରାଜପୁତନା ରାଇଫଲ୍ସ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ସେନାର ୩ ଯବାନଙ୍କ ମୃତ୍ୟୁ ଘଟିଥିଲା। ଲଶ୍କର-ଇ-ତୋଇବା (ଏଲ୍‌ଇଟି) ଆତଙ୍କବାଦୀ ମହମ୍ମଦ ଆରିଫ୍ ଓରଫ୍ ଆଶଫାକ୍‌ଙ୍କୁ ଦିଲ୍ଲୀ ପୋଲିସ ଧରିଥିଲା। ଆକ୍ରମଣର ୨୪ ବର୍ଷ ପରେ ଆରିଫ୍‌ଙ୍କ ରାଜକ୍ଷମା ଆବେଦନକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଖାରଜ କରିଦେଇଛନ୍ତି। ୨୦୨୨ ଜୁଲାଇ ୨୫ରେ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ମୁର୍ମୁ ଦ୍ୱିତୀୟ ଥର ପାଇଁ ଏପରି ଆବେଦନକୁ ଖାରଜ କରିଛନ୍ତି। ୨୦୨୨ ନଭେମ୍ବର ୩ରେ ସୁପ୍ରିମକୋର୍ଟ ଆରିଫ୍‌ଙ୍କୁ ଦେଇଥିବା ମୃତ୍ୟୁ ଦଣ୍ଡାଦେଶର ସମୀକ୍ଷା କରିବାକୁ ମନା କରିଦେଇଥିଲେ।

## ପୋକ୍‌ସୋ ମାମଲାରେ ୟେଦୁରପ୍ପାଙ୍କୁ ନୋଟିସ

ବେଙ୍ଗାଲୁରୁ, ୧୨।୬

ଜଣେ ନାବାଳିକାଙ୍କ ସହ ହୋଇଥିବା ଯୌନ ଉତ୍ପୀଡ଼ନ ମାମଲାରେ ପଚରାଉଚରା ପାଇଁ କର୍ନାଟକ ପୋଲିସର ଅପରାଧ ତଦନ୍ତ ବିଭାଗ(ସିଆଇଡି) ବୁଧବାର ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ବି. ଏସ୍. ୟେଦୁରପ୍ପାଙ୍କୁ ନୋଟିସ ଜାରି କରିଛି। ସୂଚନା ଅନୁଯାୟୀ, ଗତ ଫେବୃୟାରୀ ୨ରେ ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଏକ ବୈଠକରେ ୟେଦୁରପ୍ପା ଯୌନ ଉତ୍ପୀଡ଼ନ କରିଥିବା ନେଇ ତାଙ୍କ ମା' ସଦାଶିବନଗର ଥାନାରେ ଅଭିଯୋଗ କରିଥିଲେ। ଫଳରେ ୟେଦୁରପ୍ପାଙ୍କ ବିରୋଧରେ ପ୍ରୋଟେକ୍ସନ ଅଫ୍ ଚିଲଡ୍ରେନ ଫ୍ରମ୍ ସେକ୍ସୁଆଲ ଅଫେନ୍ସ(ପୋକ୍‌ସୋ) ଏବଂ ଭାରତୀୟ ଦଣ୍ଡ ସଂହିତାର ଧାରା ୩୫୪-ଏ ଅନ୍ତର୍ଗତ ମାମଲା ରୁଜୁ ହୋଇଥିଲା।

## ଆନ୍ଧ୍ରକୁ ଫେରିଲା ଟିଡିପି ସରକାର


ଏନ୍. ଚନ୍ଦ୍ରବାବୁ ନାଇଡୁ


ନର ଲୋକେଶ

**ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁଙ୍କ କ୍ୟାବିନେଟରେ ପୁଅ ନର ଲୋକେଶ**

ଅମରାବତୀ,୧୨।୬

ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ସୁପ୍ରିମୋ ଏନ୍. ଚନ୍ଦ୍ରାବାବୁ ନାଇଡୁ ବୁଧବାର ଚତୁର୍ଥ ଥର ପାଇଁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଛନ୍ତି। ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଅନେକ ଭାଜପା ନେତା ଏବଂ କେନ୍ଦ୍ରମନ୍ତ୍ରୀ ଯୋଗଦେଇଥିଲେ। ଚନ୍ଦ୍ରାବାବୁଙ୍କ କ୍ୟାବିନେଟରେ ତାଙ୍କ ପୁଅ ନର ଲୋକେଶ ଓ ଜନସେନା ପାର୍ଟି (ଜେଏସ୍‌ପି) ମୁଖ୍ୟ ପବନ କଲ୍ୟାଣଙ୍କ ସମେତ ୨୪ ଜଣ ସାମିଲ ହୋଇଛନ୍ତି। ଆନ୍ଧ୍ର ରାଜ୍ୟପାଳ ଏସ୍. ଅବ୍‌ଦୁଲ ନାଜିର ମୁଖ୍ୟମନ୍ତ୍ରୀ ଏବଂ କ୍ୟାବିନେଟର ଅନ୍ୟ ସଦସ୍ୟମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ।

ଶପଥ ଗ୍ରହଣ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ନୀତିନ ଗଡ଼କରୀ, ଜେ.ପି. ନଡ୍ଡା, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଏବଂ ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ମଧ୍ୟ ଉପସ୍ଥିତ ଥିଲେ। ଟିଡିପି, ଜନସେନା ଏବଂ ଭାଜପାକୁ ନେଇ ଗଠିତ ଏନ୍‌ଡିଏ ସରକାର ଆନ୍ଧ୍ରବାସୀଙ୍କ ଆଶା ଆକାଂକ୍ଷା ପୂରଣ କରିବ ବୋଲି ମୋଦି ଏକ୍ସ'ରେ ଉଲ୍ଲେଖ କରିଛନ୍ତି। କିନ୍ତୁ ଶାହା ପବନ କଲ୍ୟାଣଙ୍କୁ ଭୁଲ୍‌ରେ ଉପମୁଖ୍ୟମନ୍ତ୍ରୀ ବୋଲି ସମ୍ବୋଧନ କରିଛନ୍ତି।

ଆନ୍ଧ୍ର ବିଧାନସଭାରେ ୧୭୫ ଆସନ ରହିଛି। ତଦନୁସାରେ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ କ୍ୟାବିନେଟରେ ମୋଟ ୨୬ ମନ୍ତ୍ରୀ ରହିପାରିବେ। ଜନସେନାକୁ ୩ ଓ ଭାଜପାକୁ ଗୋଟିଏ ମନ୍ତ୍ରୀପଦ ମିଳିଛି। ନିକଟରେ ଅନୁଷ୍ଠିତ ନିର୍ବାଚନରେ ଏନ୍‌ଡିଏକୁ ୧୬୪ ବିଧାନସଭା ଏବଂ ୨୫ରୁ ୨୧ ଲୋକ ସଭା ଆସନରେ ସଫଳତା ମିଳିଛି।

## ତାମିଲିସାଇଙ୍କୁ ମଞ୍ଚରେ ଗାଳିକଲେ ଶାହା

ଅମରବତୀ,୧୨।୬



ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ବୁଧବାର ଭାଜପା ନେତ୍ରୀ ତାମିଲିସାଇ ସୌନ୍ଦରାରାଜନ୍‌ଙ୍କୁ ଗାଳି କରୁଥିବା ବେଳର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଛି।

ତାମିଲିସାଇ ମଞ୍ଚାସୀନ ଶାହା ଏବଂ ପୂର୍ବତନ ଉପରାଷ୍ଟ୍ରପତି ଏମ୍.ଭେଙ୍କାୟା ନାଇଡୁଙ୍କୁ ହାତଯୋଡ଼ି ନମସ୍କାର କରିଥିଲେ। ଶାହା 'ନମସ୍ତେ' କହି ଅଭିବାଦନ ଗ୍ରହଣ କରିଥିବାବେଳେ ନାଇଡୁ ମୁଣ୍ଡ ହଲାଇଥିଲେ। ତାମିଲିସାଇ ଆଗକୁ ବଢ଼ୁଥିବାବେଳେ ଶାହା ତାଙ୍କୁ ଡାକି ରାଗରେ ଗାଳି କରୁଥିବା ଏହି ୧୮ ସେକେଣ୍ଡର ଭିଡିଓରେ ଦେଖିବାକୁ ମିଳିଛି। ତାମିଲିସାଇ ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ତେଲଙ୍ଗାନା ରାଜ୍ୟପାଳ ପଦରୁ ଇସ୍ତଫା ଦେଇଥିଲେ। ସେ ଚେନ୍ନାଇ ସାଉଥ୍ ଲୋକ ସଭା ଆସନରୁ ଲଢ଼ି ହାରିଯାଇଥିଲେ। ତାମିଲନାଡୁରେ ଏଆଇଏଡିଏମ୍‌କେ ସହ ଭାଜପା ମେଣ୍ଟ କରି ନ ଥିବାରୁ ତାମିଲିସାଇ ଏହି ନିଷ୍ପତ୍ତିକୁ ସର୍ବସାଧାରଣରେ ସମାଲୋଚନା କରିଆସୁଥିଲେ। ତାମିଲନାଡୁରେ ଭାଜପା ଗୋଟିଏ ମଧ୍ୟ ଆସନ ଦଖଲ କରିପାରି ନାହିଁ। ଏଥିପାଇଁ ଭାଜପା ନେତା କେ. ଆନ୍ନାମଲାଇଙ୍କ ସହ ତାମିଲିସାଇଙ୍କ ମତଭେଦକୁ ଦାୟୀ କରାଯାଉଛି।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଇଟାଲୀରେ ଗାନ୍ଧୀମୂର୍ତ୍ତି ଭାଙ୍ଗିଲେ ଖଲିସ୍ତାନୀ

ନୂଆଦିଲ୍ଲୀ,୧୨।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜି୭ ସମ୍ମିଳନୀରେ ଯୋଗଦେବା ପାଇଁ ଇଟାଲୀ ଗସ୍ତ କରିବେ। ଏହା ପୂର୍ବରୁ ଖଲିସ୍ତାନୀ ସମର୍ଥକମାନେ ବୁଧବାର ସେଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଦେଇଛନ୍ତି। ସେମାନେ ପ୍ରତିମୂର୍ତ୍ତି ଅନବାରଣର କିଛି ଘଣ୍ଟା ପରେ ସେଠାରେ ଏହାକୁ ଭାଙ୍ଗିଦେବା ସହ ନିହତ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜାରଙ୍କ ସମର୍ଥନରେ ସ୍ଲୋଗାନ ଲେଖିଛନ୍ତି। ଇଟାଲୀର ଅପୁଲିଆ ଅଞ୍ଚଳରେ ଥିବା ବୋର୍ଗୋ ଏଗ୍ନାଜିଆ ରିସର୍ଟରେ ୫୦ତମ ଜି୭ ସମିଟ୍ ଜୁନ୍ ୧୩ରୁ ୧୫ ପର୍ଯ୍ୟନ୍ତ ଚାଲିବ। ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମୋଲୋନିଙ୍କ ନିମନ୍ତ୍ରଣକ୍ରମେ ଉକ୍ତ ସମ୍ମିଳନୀରେ ଯୋଗଦେବା ପାଇଁ ମୋଦି ଗୁରୁବାର ଇଟାଲୀ ଗସ୍ତ କରିବେ ବୋଲି ବହିର୍ବ୍ୟାପାର ସଚିବ ବିନୟ ମୋହନ୍ କ୍ୱାତ୍ରା ସୂଚନା ଦେଇଛନ୍ତି। ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଭଙ୍ଗା ପ୍ରସଙ୍ଗ ଇଟାଲୀ କର୍ତ୍ତୃପକ୍ଷଙ୍କ ଆଗରେ ଉଠାଯାଇଛି ବୋଲି କ୍ୱାତ୍ରା କହିଛନ୍ତି। ଗତବର୍ଷ କାନାଡାର ବ୍ରିଟିଶ୍ କଲମ୍ବିଆରେ ମଧ୍ୟ ଖଲିସ୍ତାନୀ ଆତଙ୍କବାଦୀମାନେ ଗାନ୍ଧିଜୀଙ୍କ ଏକ ପ୍ରତିମୂର୍ତ୍ତିକୁ ଭାଙ୍ଗିଦେଇଥିଲେ।



## ମୋଦି ୩.୦: ୩୯% ମନ୍ତ୍ରୀଙ୍କ ନାଁରେ ମାମଲା

**୨ ମନ୍ତ୍ରୀ ହତ୍ୟା ଅଭିଯୁକ୍ତ: ଏଡିଆର୍**

ନୂଆଦିଲ୍ଲୀ, ୧୨।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳିର କ୍ୟାବିନେଟ୍‌ରେ ୨୮ ଜଣ ମନ୍ତ୍ରୀଙ୍କ ବିରୋଧରେ ଆପରାଧିକ ମାମଲା ରହିଥିବା ଆସୋସିଏଶନ ଫର୍ ଡେମୋକ୍ରାଟିକ ରିଫର୍ମସ୍(ଏଡିଆର୍) ରିପୋର୍ଟରେ ପ୍ରକାଶ ପାଇଛି। ସେମାନଙ୍କ ମଧ୍ୟରୁ ୧୯ ଜଣ ମନ୍ତ୍ରୀଙ୍କ ବିରୋଧରେ ହତ୍ୟା ଉଦ୍ୟମ, ମହିଳାଙ୍କ ପ୍ରତି ଅପରାଧ, ହେଟ୍ ସ୍ପିଚ୍ ଆଦି ଗମ୍ଭୀର ଆପରାଧିକ ମାମଲା ରହିଛି। ବନ୍ଦର, ପରିବହନ ଏବଂ ଜଳମାର୍ଗ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର ଏବଂ ଉତ୍ତର ପୂର୍ବାଞ୍ଚଳ ବିକାଶ ଓ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସୁକାନ୍ତ ମଜୁମଦାରଙ୍କ ନାଁରେ ଭାରତୀୟ ଦଣ୍ଡ ସଂହିତା(ଆଇପିସି)ର ଧାରା ୩୦୭ ଅନୁଯାୟୀ ହତ୍ୟା ଉଦ୍ୟମ ମାମଲା ରହିଛି। ସେହିପରି ମୋଦି ୩.୦ କ୍ୟାବିନେଟରେ ଥିବା ୫ ମନ୍ତ୍ରୀଙ୍କ ନାଁରେ ମହିଳାଙ୍କ ପ୍ରତି ଅପରାଧ ମାମଲା ରହିଛି। ସେମାନେ ହେଉଛନ୍ତି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ବନ୍ଦୀ ସଞ୍ଜୟ କୁମାର, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଏବଂ ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଶାନ୍ତନୁ ଠାକୁର ଏବଂ ସୁକାନ୍ତ ମଜୁମଦାର। ଅନ୍ୟପକ୍ଷରେ ଏହି ମନ୍ତ୍ରିମଣ୍ଡଳର ୮ ଜଣ ମନ୍ତ୍ରୀଙ୍କ ନାଁରେ ହେଟ୍ ସ୍ପିଚ୍ ମାମଲା ରହିଥିବାବେଳେ ସମୁଦାୟ ୩୯% ମନ୍ତ୍ରୀଙ୍କ ନାଁରେ ଆପରାଧିକ ମାମଲା ଥିବା ଏହି ରିପୋର୍ଟରେ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ୭୧ ଜଣ କେନ୍ଦ୍ର ମନ୍ତ୍ରୀ ପଦ ଓ ଗୋପନୀୟତାର ଶପଥ ନେଇଥିଲେ।


ସୁକାନ୍ତ ମଜୁମଦାର


ଶାନ୍ତନୁ ଠାକୁର




| DISTRICTS | DATE | HOTEL NAME | CONTACT NO. |
|---|---|---|---|
| BALASORE | 20.06.2024 & 21.06.2024 | HOTEL STARWAY | 9078888904 7077732226 |
| KEONJHAR | 20.06.2024 & 21.06.2024 | SHREE KHETRA INTERNATIONAL | 9776940944 7008671339 |
| MAYURBHANJ | 22.06.2024 & 23.06.2024 | HOLY PALACE | 9078888904 7077732226 |
| ROURKELA | 22.06.2024 & 23.06.2024 | RADHIKA REGENCY | 9776940944 7008671339 |
| JHARSUGUDA | 27.06.2024 & 28.06.2024 | SHUKUNTALAM ROYAL PLACE | 9776940944 7008671339 |
| BHADRAK | 27.06.2024 & 28.06.2024 | PANTHANIVAS BHADRAK | 9078888904 7077732226 |
| DHENKANAL | 27.06.2024 & 28.06.2024 | HOTEL NIRUPAMA | 9937369262 |
| SAMBALPUR | 29.06.2024 & 30.06.2024 | SHEELA TOWER | 9776940944 7008671339 |
| JAJPUR | 29.06.2024 & 30.06.2024 | PANKAJ HOTEL | 9078888904 7077732226 |
| ANGUL | 01.07.2024 & 02.07.2024 | HOTEL DURGA | 9776940944 7008671339 |
| PARADEEP | 01.07.2024 & 02.07.2024 | GOLDEN ANCHOR | 9078888904 7077732226 |
| NAYAGARH | 05.07.2024 & 06.07.2024 | HOTEL TRINATH | 9078888904 7077732226 |
| PURI | 08.07.2024 & 09.07.2024 | GREEN LAND GUEST HOUSE | 9078888904 7077732226 |

TANGI, CUTTACK, ODISHA - 754022
07941050006 | 09078888903 | 08110945232




# ଏସ୍‌ସିବି ଟ୍ରମା କାଜୁଆଲ୍‌ଟି ଆଇସିୟୁ ଏସି ଆଉଟ୍‌ଡୋର୍‌ରେ ଅଗ୍ନିକାଣ୍ଡ

କଟକ, ୧୨।୬(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ଟ୍ରମା କାଜୁଆଲ୍‌ଟି ଆଇସିୟୁର ଏସି ଆଉଟ୍‌ଡୋର୍‌ରେ ବୁଧବାର ଅଗ୍ନିକାଣ୍ଡ ଘଟିଛି। ହଠାତ୍ ନିଆଁ ଲାଗିବାରୁ ଉପସ୍ଥିତ କର୍ମଚାରୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବାବେଳେ ଶର୍ଟସର୍କିଟ୍ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ମେଡିକାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମ୍ପର୍କରେ ମେଡିକାଲ ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।



ସୂଚନାଯୋଗ୍ୟ, ଦୁଇ ମାସ ମଧ୍ୟରେ ଏସ୍‌ସିବି ମେଡିକାଲରେ ୨ ଥର ଅଗ୍ନିକାଣ୍ଡ ଘଟିଛି। ପୂର୍ବରୁ ସେଣ୍ଟ୍ରାଲ ଆଇସିୟୁର ଭେଣ୍ଟିଲେଟରରେ ଅଗ୍ନିକାଣ୍ଡ ଘଟିଥିଲା। ଅପରପକ୍ଷରେ ହାଇକୋର୍ଟରେ ଏସ୍‌ସିବିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ ମାମଲାର ଶୁଣାଣି ଜାରି ରହିଛି। ଗତ ମାର୍ଚ୍ଚରେ ଏହି ମାମଲାର ଶୁଣାଣି ସମୟରେ ଏସ୍‌ସିବିରେ ଆସନ୍ତା ୩ ମାସ ମଧ୍ୟରେ ଅଗ୍ନି ନିର୍ବାପକ ଓ ଆଲାମ ବ୍ୟବସ୍ଥା ହେବ ଏବଂ ଅଗ୍ନି ନିରାପତ୍ତା ପାଇଁ ଆବଶ୍ୟକ ଅତିରିକ୍ତ ନିର୍ମାଣ କାର୍ଯ୍ୟ ଆସନ୍ତା ୬ ମାସ ମଧ୍ୟରେ ଶେଷ କରିବାକୁ ସମୟ ନିଆଯାଇଥିଲା। ହେଲେ ଇତିମଧ୍ୟରେ ୩ ମାସ ବିତିଯାଇଥିଲେ ମଧ୍ୟ ଅଗ୍ନି ନିର୍ବାପକ ଓ ଆଲାମ ବ୍ୟବସ୍ଥା କରାଯାଇନାହିଁ। ଫଳରେ ଅଗ୍ନିକାଣ୍ଡ ଘଟିଲେ ରୋଗୀଙ୍କ ଜୀବନ ପ୍ରତି ବିପଦ ରହିଛି। ଏସ୍‌ସିବିରେ ମୋଟ ୮୭ଟି କୋଠା ମଧ୍ୟରୁ ୬୨ଟିର ଅଗ୍ନି ନିରାପତ୍ତା ପାଇଁ ପ୍ରଶାସନିକ ଅନୁମୋଦନ ପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି।

# ନାବାଳିକାଙ୍କୁ ଘରେ ଖଟାଇ ନିଆଁ ଚେଙ୍କ

ଭୁବନେଶ୍ୱର, ୧୨।୬
(ସତ୍ୟଜିତ୍ ରାଉତ)

## ବିଶ୍ୱ ଶିଶୁ ଶ୍ରମିକ ନିରୋଧୀ ଦିବସରେ ହୃଦୟବିଦାରକ ଘଟଣା

- ଆହତ ନାବାଳିକାଙ୍କୁ ଉଦ୍ଧାର କଲା ଚାଇଲ୍ଡଲାଇନ
- ଅଭିଯୁକ୍ତ ଦମ୍ପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

କଅଁଳ ହାତରେ ଘରେ ଖଟାଉଥିଲେ। କାମରେ ଟିକିଏ ଭୁଲ୍ ହେଲେ ନିସ୍ତୁକ ମାଡ଼ ମାରୁଥିଲେ। ଏପରିକି ଶରୀରରେ ନିଆଁ ଚେଙ୍କ ଦେଇ ନିରୀହ ନାବାଳିକାଙ୍କୁ ନିଷ୍ଠୁର ଭାବେ ନିର୍ଯ୍ୟାତନା ଦେଉଥିଲେ ଦମ୍ପତି। ବୁଧବାର ବିଶ୍ୱ ଶିଶୁ ଶ୍ରମିକ ନିରୋଧୀ ଦିବସରେ ରାଜଧାନୀରେ ଏଭଳି ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଭୁବନେଶ୍ୱର ମୈତ୍ରୀବିହାର ଥାନା ଅନ୍ତର୍ଗତ ଗଜପତି ନଗରସ୍ଥିତ ପ୍ରେସ୍ ଛକ ନିୟୁ ଗଭର୍ନମେଣ୍ଟ କଲୋନୀରେ ଏହି ଘଟଣା ଘଟିଥିବାବେଳେ ଅସହ୍ୟ ଓ ଅକଥନୀୟ ନିର୍ଯ୍ୟାତନାର ଶିକାର ନାବାଳିକାଙ୍କ ବୟସ ମାତ୍ର ୧୧ବର୍ଷ ବୋଲି ଜଣାପଡିଛି। ତେବେ ଏନେଇ ଖବର ପାଇବା ପରେ ଚାଇଲ୍ଡଲାଇନ୍ ଟିମ୍ ପୀଡିତା ନାବାଳିକାଙ୍କୁ ଉଦ୍ଧାର କରିଛି। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲସ୍ଥିତ ସଖୀ ୱାନ୍ ଷ୍ଟପ୍ ସେଣ୍ଟରରେ ରଖାଯାଇ ଚିକିତ୍ସା କରାଯାଉଛି। ଏହି ଘଟଣାରେ ଚାଇଲ୍ଡଲାଇନ ପକ୍ଷରୁ ମୈତ୍ରୀବିହାର ଥାନାରେ ଏତଲା ଦିଆଯାଇଛି। ପୋଲିସ ଅଭିଯୁକ୍ତ ଦମ୍ପତି ବଳଭଦ୍ର ବାରିକ ଓ ପତ୍ନୀ କିରଣବାଳା ବାରିକଙ୍କ ନାମରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

ବଳଭଦ୍ର ଓ କିରଣବାଳା ସ୍ଥାନୀୟ ଦୁଇ ଦଲାଲଙ୍କ ଜରିଆରେ ସାଲିଆ ସାହିରୁ ନାବାଳିକାଙ୍କୁ ୧୦ ମାସ ହେଲା ଆଣି ଘରେ କାମ କରାଉଥିଲେ। ଏଥିପାଇଁ ନାବାଳିକାଙ୍କ ମା’ ବାପାଙ୍କୁ ସେମାନେ କିଛି ଟଙ୍କା ଦେଉଥିଲେ। ହେଲେ ନାବାଳିକା ଜଣକ ଘର କାମରେ ଅବହେଳା କଲେ ଏହି ଦମ୍ପତି କ୍ଷମା ଦେଉ ନ ଥିଲେ। ନାବାଳିକାଙ୍କ ପେଟ ଓ ହାତରେ ଗରମ ପ୍ରେସର୍‌କୁକର ଦ୍ୱାରା ଚେଙ୍କ ଦେଉଥିଲେ। ବେଲଣା କାଠିରେ ନିଷ୍ଠୁର ଭାବେ ବାଡାଉଥିଲେ। ତେବେ ଚେଙ୍କ



ମାଡ଼ ଯୋଗୁ ମୁହଁ, ଆଖି ଓ ଶରୀର ଫୁଲିଯାଇଛି।

ଦ୍ୱାରା ନାବାଳିକାଙ୍କ ପେଟ ଓ ହାତରେ ଘା ସୃଷ୍ଟି ହୋଇଥିବାବେଳେ ବେଲଣା କାଠି ମାଡରେ ଆଖି ଓ ମୁହଁ ଫୁଲିଯାଇଥିବା ଦେଖିବାକୁ ମିଳିଛି। ବୁଧବାର ପୂର୍ବାହ୍ନରେ ନାବାଳିକା ଜଣକ ନିର୍ଯ୍ୟାତନା ସହି ନ ପାରି କୌଣସିମତେ ଖସି ପଳାଇ ଆସିଥିଲେ। ଜଣେ ପଡୋଶୀଙ୍କୁ କାନ୍ଦି କାନ୍ଦି ଘଟଣା ବିଷୟରେ କହି ସାହାଯ୍ୟ ମାଗିଥିଲେ। ପଡୋଶୀ ଜଣକ ନାବାଳିକାଙ୍କ ପ୍ରାଥମିକ ଚିକିତ୍ସା କରାଇ ସ୍ଥାନୀୟ ସିଡିପିଓଙ୍କୁ ଜଣାଇଥିଲେ। ସିଡିପିଓଙ୍କଠାରୁ ଖବର ପାଇ ଚାଇଲ୍ଡଲାଇନ ସଦସ୍ୟମାନେ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଏନେଇ ଚାଇଲ୍ଡଲାଇନ ଅଧ୍ୟକ୍ଷ ବେଣୁଧର ସେନାପତି କହିଛନ୍ତି, ଏହି ଘଟଣା ବାବଦରେ ଅତିରିକ୍ତ ସିଡବ୍ଲ୍ୟୁସିଙ୍କୁ ଅବଗତ କରାଯାଇଛି। ଡିସିପିଓ ଓ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍)ଙ୍କୁ ମଧ୍ୟ ଜଣାଇ ଦିଆଯାଇଛି। ଏହି ଘଟଣାରେ ଦୃଢ଼ ବେଣୁଧର ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ହାଇକୋର୍ଟରୁ ନିୟମିତ ଜାମିନ ମିଳିଲା

କଟକ,୧୨।୬ (କାର୍ତ୍ତିକ ସାହୁ)

## ବୁଥ୍‌ରେ ଇଭିଏମ୍ ଭଙ୍ଗାରୁଜା ମାମଲା

ବୁଥ୍‌ରେ ପଶି ଇଭିଏମ୍ ଭଙ୍ଗାରୁଜା ମାମଲାରେ ନବ ନିର୍ବାଚିତ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ହାଇକୋର୍ଟ ବୁଧବାର ନିୟମିତ ଜାମିନ ପ୍ରଦାନ କରିଛନ୍ତି। ତେବେ ଜାମିନ ଉପରେ ନିମ୍ନ ଅଦାଲତ ସର୍ତ୍ତ ନିର୍ଦ୍ଧାରଣ କରିବେ ବୋଲି ହାଇକୋର୍ଟ ଜଗଦ୍ଦେବଙ୍କ ଜାମିନ ଆବେଦନର ଶୁଣାଣି କରି ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ଗତ ମେ’ ୨୫ ତାରିଖରେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ କାଉଁରିପାଟଣା ୧୧୪ ନଂ. ବୁଥ୍‌ରେ ଜଗଦ୍ଦେବ ଇଭିଏମ୍ ଭଙ୍ଗାରୁଜା କରିଥିବା ନେଇ ପ୍ରିଜାଇଡିଂ ଅଫିସର୍ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଜଗଦ୍ଦେବଙ୍କୁ ସେହିଦିନ ଗିରଫ କରିଥିଲା। ତାଙ୍କ ଜାମିନ ଆବେଦନ ଖାରଜ ହେବାରୁ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଜେଲ୍ ପଠାଇ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଜଗଦ୍ଦେବ ନିଜର ସ୍ୱାସ୍ଥ୍ୟାବସ୍ଥା ଓ ଶପଥ ଗ୍ରହଣ କାରଣ ଦର୍ଶାଇ ଖୋର୍ଦ୍ଧା ଏଡିଜେ-୧ କୋର୍ଟରେ ଜାମିନ ଆବେଦନ କରିଥିଲେ। ଗତ ୯ ତାରିଖରେ ଜଗଦ୍ଦେବଙ୍କ ଆବେଦନର ଶୁଣାଣି କରି କୋର୍ଟ ତାଙ୍କୁ ଦୁଇ ଜଣ ଜାମିନଦାର ଓ ୫୦ ହଜାର ଟଙ୍କା ଲେଖାଏ ବେଲ୍‌ବଣ୍ଡରେ ୩ ଦିନ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ଏହାପରେ ଜଗଦ୍ଦେବ ହାଇକୋର୍ଟରେ ନିୟମିତ ଜାମିନ ଆବେଦନ କରିଥିଲେ। ଉଲ୍ଲେଖଯୋଗ୍ୟ, ଚଳିତ ନିର୍ବାଚନରେ ଜଗଦ୍ଦେବ ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର କୁମାର ସାହୁଙ୍କୁ ୮,୫୯୮ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଥିଲେ। ତାଙ୍କ ବିରୋଧରେ ବୁଥ୍‌ରେ ପଶି ଇଭିଏମ୍ ଭଙ୍ଗାରୁଜା କରିଥିବା ନେଇ ଥାନାରେ ଅଭିଯୋଗ କରାଯାଇଥିଲା। ମାତ୍ର ସିସିଟିଭି ଫୁଟେଜ୍‌ର ଏକ ଭାଇରାଲ୍ ଭିଡିଓରେ ସେ ଇଭିଏମ୍ ଭାଙ୍ଗି ନ ଥିବା ସ୍ପଷ୍ଟ ହୋଇଥିଲା।





# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଏକାମ୍ର ନିର୍ବାଚନମଣ୍ଡଳୀ ବିଧାୟକଙ୍କ ଡ୍ରେନ ସ୍ଥିତି ସମୀକ୍ଷା, ସ୍ଥାନ: ୫୦, ୫୧ ନଂ. ୱାର୍ଡ, ସମୟ: ସକାଳ ୮ଟା।
- ୧୨ତମ ରଜ ପ୍ରତିଭା ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ ପୂର୍ବାହ୍ନ ୧୦ଟା।
- ଓଟିଡିସି ଓ ଟୁରିଜିମ୍ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ପାନ୍ଥ ନିବାସ, ସମୟ: ମଧ୍ୟାହ୍ନ ୧୨ଟା।
- ଲାବଣ୍ୟ ଥିଏଟରର ୩୮ତମ ନାଟକ 'ଅଭିନେତ୍ରୀ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ
- ବିଶ୍ୱହିନ୍ଦୁ ପରିଷଦର ଯୁବବାହିନୀ ବଜରଙ୍ଗ ଦଳ କଟକ ମହାନଗର ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ପୁରୀ
- ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳ ଦ୍ୱାରା ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା କାର୍ଯ୍ୟକ୍ରମ, ସ୍ଥାନ: ସିଂହଦ୍ୱାର ସମ୍ମୁଖ, ସମୟ: ସକାଳ ୫ଟା।
- ଟେନିସ ଚାମ୍ପିଅନଶିପ ପ୍ରତିଯୋଗିତା, ସ୍ଥାନ: ରୋଟାରୀ କ୍ଲବ ପରିସର, ପୁରୀ, ସମୟ: ସକାଳ ୭ଟା।
- ଲକ୍ଷ୍ମୀଧରଦାସ ସ୍ମୃତି ସମିତି ପକ୍ଷରୁ ସମ୍ବର୍ଦ୍ଧନା ସଭା, ସ୍ଥାନ: ସଂସ୍କୃତି ଭବନପୁରୀ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା
- ବଜରଙ୍ଗ ଦଳ ପକ୍ଷରୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, କଳାପଥର, ଧଳାପଥର, ସମୟ: ଅପରାହ୍ନ ୫ଟା।
- ରଜ ମହୋତ୍ସବ ପାଇଁ ଦିଶାନ୍ତ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଡିଇଓ ଅଫିସ ନିକଟ, ପାଠାଗାର, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ସୁନ୍ଦରପୁର ବ୍ଲକସ୍ତରୀୟ ରଜ ମହୋତ୍ସବର ଉଦ୍‌ଘାଟନୀ, ସ୍ଥାନ: ସୁନ୍ଦରପୁର ହାଇସ୍କୁଲ ପଡ଼ିଆ,ଖଇରା, ସମୟ: ଅପରାହ୍ନ ୫ଟା ।

## ମୟୂରଭଞ୍ଜ
- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ଶିଶୁ ନାଟକ କର୍ମଶାଳା, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ସକାଳ ୭ଟା ୧୫।
- ସାହିତ୍ୟ, ସଂସ୍କୃତି ବିକାଶ ପରିଷଦର ବାର୍ଷିକୋତ୍ସବ, ସ୍ଥାନ: ବିନ୍ଧାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ତିହିଡ଼ି, ସମୟ: ସକାଳ ୯ଟା।
- ପ୍ରଗତିଶୀଳ ସାହିତ୍ୟ ମଞ୍ଚର ବାର୍ଷିକୋତ୍ସବ, ସ୍ଥାନ: ରାମଗଡ଼ ମେଲଣ ପଡ଼ିଆ, ଆଗରପଡ଼ା, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ହନୁମାନ ମନ୍ଦିରରେ ବାର୍ଷିକ ଉତ୍ସବ, ସ୍ଥାନ: ଶାଳନିଆ, ହାଟଡ଼ିହୀ, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ଲୋକକଳା ଉତ୍ସବ ଅବସରରେ ପାଣିବୁହା, ସ୍ଥାନ: ସଦର ବ୍ଲକ୍ ସେଣ୍ଡକାପ, ସମୟ: ସକାଳ ୮ ଟା।
- ମାଣ୍ଡିଆ ଚାଷ ଉପରେ ତାଲିମ ଶିବିର, ସ୍ଥାନ: ପାଟଣା ବ୍ଲକ୍ କୃଷି ସୂଚନା ପରାମର୍ଶ କେନ୍ଦ୍ର, ସମୟ: ସକାଳ ୯ ଟା।
- ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ ଏବଂ ନଗର ପରିକ୍ରମା, ସ୍ଥାନ: ଜଳକଳଙ୍ଗ, ହାଟଡିହୀ, ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର
- ସବୁଜ ରଥ ଉଦଘାଟନ, ସ୍ଥାନ: ଆର୍ଯ୍ୟଭଟ୍ଟ ଅନୁଷ୍ଠାନ, ସମୟ: ସକାଳ ୮ଟା ୩୦।

## କନ୍ଧମାଳ
- ଅପେରା ପରିବେଷଣ, ସ୍ଥାନ: କନ୍ଧମାଳ ଷ୍ଟାଡିୟମ, ଫୁଲବାଣୀ, ସମୟ:ରାତି ୧୧ଟା।

## ନବରଙ୍ଗପୁର
- ଆଇଟିଡିଏ ପକ୍ଷରୁ ଜିଲାସ୍ତରୀୟ ଷ୍ଟିୟରିଂ କମିଟି ବୈଠକ, ସ୍ଥାନ: ମିଶନ ଶକ୍ତି ବୈଠକ ଗୃହ, ସମୟ: ୧୧ଟା।

## ସମ୍ବଲପୁର
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୭ଟା ।
- ଜିଲା କ୍ରୀଡା ସଂଘ ଆୟୋଜିତ ଜିଲାସ୍ତରୀୟ ନକ୍ ଆଉଟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।
- ଶ୍ରୀଶ୍ରୀ ଲୋକନାଥ ବାବାଙ୍କ ସତ୍ୟନାରାୟଣ ପୂଜା, ସ୍ଥାନ: ଝାଡୁଆପଡା, ସମୟ : ସକାଳ ୯ଟା

## ସୁବର୍ଣ୍ଣପୁର
- ଦେବାଦେବୀଙ୍କ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ, ସ୍ଥାନ: ସୋନପୁର ଥନାପତିପଡା ସ୍ଥିତ ଚନ୍ଦ୍ରଶେଖର ମନ୍ଦିର, ସମୟ: ସକାଳ ୭ଟା।
- ଶୀତଳ ଷଷ୍ଠୀ ଅବସରରେ ସୁନାର ନାଗ ଓ ଅଳଙ୍କାର ଜିଲା କୋଷାଗାରକୁ ଫେରସ୍ତ, ସ୍ଥାନ: ସୁବର୍ଣ୍ଣପୁର ଜିଲା କୋଷାଗାର, ସମୟ: ସକାଳ ୯ଟା।
- ରଥଯାତ୍ରା ପାଇଁ ସାଂସ୍କୃତିକ କମିଟି ବୈଠକ, ସ୍ଥାନ: ତରଭା ଏନଏସି ସଭାଗୃହ, ସମୟ: ଅପରାହ୍ନ ୫ଟା।

## ବରଗଡ଼
- ଶୀତଳଷଷ୍ଠୀରେ ଶିବ, ପାର୍ବତୀଙ୍କ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା, ସ୍ଥାନ: ବରପାଲି, ସମୟ: ସକାଳ ୯ଟା ୪୦।
- ସଂଗ୍ରାମୀ ସାଥୀ ଗଙ୍ଗାଧର ବେହେରାଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଜୟ କିଷାନ ପାଠାଗାର, ଦେବାହାଲ, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ରଜ ପାଇଁ ପ୍ରତିଯୋଗିତା, ସ୍ଥାନ: ଛେଣ୍ଡ ମ୍ୟୁଜିକ୍ ସର୍କଲ, ସମୟ: ସକାଳ ୯ଟା।
- ରାଉରକେଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୨୧, କଂଗ୍ରେସ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ବୀରମିତ୍ରପୁର ବିଧାୟକଙ୍କୁ ସମ୍ବର୍ଦ୍ଧନା ସଭା, ସ୍ଥାନ: ସେକ୍ଟର-୧୮, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ଓ ଆଳତୀ, ସ୍ଥାନ: ସହରସ୍ଥିତ ଗାୟତ୍ରୀ ମନ୍ଦିର, ସମୟ: ସକାଳ ୬ଟା।
- ଶ୍ରୀମଦ୍ ଭାଗବତ କଥାମୃତ, ସ୍ଥାନ: ତ୍ରିବ୍ରିୱାଲ ଧର୍ମଶାଳା, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି
- ଟିପିଡବ୍ଲ୍ୟୁଓଡ଼ିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: କେସିଙ୍ଗା ଏସ୍‌ଡିଓ ଅଫିସ, ଜୁନାଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଦୂର ସଞ୍ଚାର ଉପଭୋକ୍ତା ସଚେତନତା କର୍ମଶାଳା, ସ୍ଥାନ: ମଥୁରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ହରଭଙ୍ଗା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଅନୁଗୋଳ
- ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ଶ୍ରାଦ୍ଧଦିବସ ସଭା, ସ୍ଥାନ: କଣିହାଁ ବ୍ଲକ ସ୍ଥିତ ପ୍ରଜାମଣ୍ଡଳ ଭବନ ଓ ପିଏମ୍ ହାଇସ୍କୁଲ, ସମୟ: ସକାଳ ୮ଟା।

## ଜଗତ୍‌ସିଂହପୁର
- ସମୁଦ୍ର ଦେବତା ବରୁଣେଶ୍ୱର ମହାଯଜ୍ଞ, ସ୍ଥାନ: ମାଛଧରା ବନ୍ଦର ପରିସର, ପାରାଦୀପ, ସମୟ: ସକାଳ ୬ଟା।
- ନୂତନ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଜୀରୋ ପଏଣ୍ଟ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ଶୀତଳଷଷ୍ଠୀ ଶିବ ପାର୍ବତୀ ବିବାହ ଉପଲକ୍ଷେ ମହୋତ୍ସବ, ସ୍ଥାନ: ଶାରଳା ମନ୍ଦିର ପରିସରସ୍ଥ ପାରେଶ୍ୱର ମନ୍ଦିର, ବଡ଼ପଡ଼ିଆ, ପାରାଦୀପ, ସମୟ: ରାତି ୮ଟା।

## ନୟାଗଡ଼
- ଓଡ଼ଗାଁ କ୍ରିକେଟ ଲିଗ୍‌ର ତୃତୀୟ ଦିବସ ମ୍ୟାଚ, ସ୍ଥାନ:ଓଡ଼ଗାଁ ମିନି ଷ୍ଟାଡିୟମ, ସମୟ: ସକାଳ ୮ଟା ।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀବିନୋଦବିହାରୀ ମନ୍ଦିର ପରିସର, ଆୟତପୁର, ମାର୍ଶାଘାଇ, ସମୟ: ଅପରାହ୍ନ ୫ଟା।

## ଯାଜପୁର
- ଓଡ଼ିଶା ନାଭାଲ ଟାଟା ହକି,ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତା,ସ୍ଥାନ: ଯାଜପୁର ହକି ପ୍ରଶିକ୍ଷଣ କେନ୍ଦ୍ର,ସମୟ : ଅପରାହ୍ନ ୩ଟା।

# ହୋଇପାରିଲାନି ଏନ୍‌ସିଇଟି, ଫେରିଲେ ପରୀକ୍ଷାର୍ଥୀ

## ଏନ୍‌ଟିଏର ପରୀକ୍ଷା ପରିଚାଳନାକୁ ନେଇ ପୁଣି ଉଠିଲା ପ୍ରଶ୍ନ

**ଭୁବନେଶ୍ୱର, ୧୨।୬(ଅସମାପିକା ସାହୁ)**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ଏନ୍‌ଇଇଟି-ୟୁଜି ଫଳ ପ୍ରକାଶନରେ ବିଭ୍ରାଟକୁ ନେଇ ବିବାଦ ଥମି ନ ଥିବା ବେଳେ ଏବେ ଏନ୍‌ଟିଏ ପରୀକ୍ଷା ପରିଚାଳନାରେ ଗୁରୁତର ତ୍ରୁଟି ସାମ୍ନାକୁ ଆସିଛି। ନ୍ୟାଶନାଲ କମନ ଏଣ୍ଟ୍ରାନ୍ସ ଟେଷ୍ଟ(ଏନ୍‌ସିଇଟି) ହୋଇପାରି ନ ଥିବାବେଳେ ପରୀକ୍ଷାର୍ଥୀମାନେ ନିରାଶରେ ଫେରିଛନ୍ତି। ୪ ବର୍ଷିଆ ଇଣ୍ଟିଗ୍ରେଟେଡ ଟିଚର ଏଜୁକେଶନ ପ୍ରୋଗ୍ରାମ(ଆଇଟିଇପି)ରେ ନାମଲେଖା ପାଇଁ ବୁଧବାର ଏହି ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ହୋଇଥିବା କେନ୍ଦ୍ରରେ ହେବାକୁ ଥିଲା। ଏହାକୁ ଏନ୍‌ଟିଏ ପରିଚାଳନା କରୁଥିଲା। ପରୀକ୍ଷା ହଲ୍‌ରେ ପରୀକ୍ଷାର୍ଥୀ ବସିଥିବା ବେଳେ ବାହାରେ ଅଭିଭାବକମାନେ ବି ଅପେକ୍ଷା କରିଥିଲେ। ପିଲା ଭିତରେ ପରୀକ୍ଷା ଦେଉଛନ୍ତି ବୋଲି ଅଭିଭାବକ ଭାବୁଥିଲେ। କିନ୍ତୁ ସର୍ଭର ଡାଉନ ଯୋଗୁ ପରୀକ୍ଷା ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚି ପାରୁ ନ ଥିବା ସୂଚନା ଦିଆଯାଇଥିଲା। ଫଳରେ ଛାତ୍ରୀଛାତ୍ର ପରୀକ୍ଷା ଦେଇପାରି ନ ଥିଲେ। ପ୍ରଶ୍ନପତ୍ର ଆସି ନ ଥିଲେ ମଧ୍ୟ ପରୀକ୍ଷାର୍ଥୀଙ୍କୁ ବାହାରକୁ ଛଡ଼ାଯାଇ ନ ଥିଲା। ପୂର୍ବ ନିର୍ଦ୍ଧାରିତ ପରୀକ୍ଷା ସମୟର ଶେଷ ପର୍ଯ୍ୟନ୍ତ ସେମାନଙ୍କୁ ପରୀକ୍ଷା ହଲ୍‌ରେ ବସାଇ ରଖାଯାଇଥିଲା। ତେବେ ପିଲାମାନେ ପରୀକ୍ଷା ଦେଇପାରି ନ ଥିବା ଅଭିଭାବକମାନେ ଜାଣିବା ପରେ ବାହାରେ ଅସନ୍ତୋଷ ପ୍ରକାଶ କରିଥିଲେ। ଭୁବନେଶ୍ୱର ସମେତ ରାଜ୍ୟ ତଥା ଦେଶର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଏଭଳି ଅଭିଯୋଗ ସାମ୍ନାକୁ ଆସିଥିଲା। ଭୁବନେଶ୍ୱର ହଂସପାଳରେ ଥିବା ଏକ ପରୀକ୍ଷା କେନ୍ଦ୍ରରେ ଅଭିଭାବକମାନେ ଏହାକୁ ବିରୋଧ କରି ପ୍ରତିବାଦ କରିଥିଲେ। ଏ ନେଇ ଜଣେ ପରୀକ୍ଷାର୍ଥୀ କହିଛନ୍ତି, ଏହି ଏଣ୍ଟ୍ରାନ୍ସ ପରୀକ୍ଷା ପାଇଁ ରିପୋର୍ଟିଂ ଟାଇମ୍ ୧୨ଟା ଥିଲା। ଆମେ ସମୟାନୁସାରେ ପହଞ୍ଚିଥିଲୁ। ପରୀକ୍ଷା ହଲ୍‌ରେ ବି ଆମେ ସମୟାନୁସାରେ ବସିଥିଲୁ। କିନ୍ତୁ ଆମ ପାଖରେ ପ୍ରଶ୍ନପତ୍ର ପହଞ୍ଚିପାରି ନ ଥିଲା। ସର୍ଭର ଡାଉନ ଯୋଗୁ ଆମ ପାଖକୁ ପ୍ରଶ୍ନ ଆସିନଥିବା ଜଣାପଡ଼ିଥିଲା। କିନ୍ତୁ ଆମକୁ ପୂରା ସମୟ ସିଟ୍‌ରେ ବସି ରହିବାକୁ ପଡ଼ିଲା। ପରୀକ୍ଷା ହେବ ନାହିଁ ବୋଲି କୌଣସି ସୂଚନା ଦେଲେ ନାହିଁ। ତେଣୁ ଆମେ ନିରାଶ ହୋଇ ଫେରିଲୁ। ଏନ୍‌ଟିଏର ଏଭଳି ପରୀକ୍ଷା ପରିଚାଳନା ଆମେ ପ୍ରଥମଥର ଦେଖୁଛୁ। ନିକଟରେ ଏନ୍‌ଇଇଟି-ୟୁଜି ପରୀକ୍ଷା କିଛି ସେଣ୍ଟରରେ ବିଳମ୍ବରେ ହୋଇଥିବା କାରଣରୁ ଫଳ ପ୍ରକାଶନକୁ ନେଇ ଅଭିଯୋଗ ଉଠିଥିଲା। ଏବେ ଏନ୍‌ସିଇଟି ପରୀକ୍ଷାରେ ପ୍ରଶ୍ନପତ୍ର ନ ପହଞ୍ଚିବା ଏନ୍‌ଟିଏର କାର୍ଯ୍ୟଶୈଳୀ ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷେ ବୈଷୟିକ ତ୍ରୁଟି ଯୋଗୁ ପରୀକ୍ଷା ହୋଇପାରି ନ ଥିବା ଏବଂ ଏହାକୁ ସ୍ଥଗିତ ରଖାଯାଇଛି ବୋଲି ଏନ୍‌ଟିଏ କହିଛି। ଏ ନେଇ ଏନ୍‌ଟିଏ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ, ଦେଶର ୧୬୦ଟି ସହରରେ ୨୯୨ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଏହି ପରୀକ୍ଷା ପାଇଁ ୪୦,୨୩୩ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିଲେ। ତେବେ ବୁଧବାର ମିଳିଥିବା ବାୟୋମେଟ୍ରିକ ରେଜିଷ୍ଟ୍ରେଶନ ଅନୁସାରେ ପ୍ରାୟ ୨୯ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଆସିଥିଲେ। ତେବେ କିଛି ପରୀକ୍ଷା କେନ୍ଦ୍ରରେ ବୈଷୟିକ ତ୍ରୁଟି ଦେଖାଯାଇଥିଲା। ଫଳରେ ପରୀକ୍ଷା ହୋଇପାରି ନାହିଁ। ଏହାକୁ ଦୃଷ୍ଟିରେ ରଖି ଏବେ ପରୀକ୍ଷାକୁ ସ୍ଥଗିତ କରାଯାଇଛି। ପରୀକ୍ଷା କେବେ ହେବ ତାହା ପରବର୍ତ୍ତୀ ସମୟରେ ଏନ୍‌ସିଟିଇ ପୋର୍ଟାଲ ଜରିଆରେ ଜଣାଇ ଦିଆଯିବ ବୋଲି ଏନ୍‌ଟିଏ ପକ୍ଷରୁ କୁହାଯାଇଛି।

# ଅଗଷ୍ଟ ୩୦ରୁ ଭୁବନେଶ୍ୱରରୁ ଦୁର୍ଗାପୁର ଉଡ଼ିବ ବିମାନ

**ଭୁବନେଶ୍ୱର, ୧୨।୬ (ଅସମାପିକା ସାହୁ)**

ଭୁବନେଶ୍ୱର ଓ ପଶ୍ଚିମବଙ୍ଗର ଦୁର୍ଗାପୁର ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ହେବ। ଇଣ୍ଡିଗୋ ପକ୍ଷରୁ ଅଗଷ୍ଟ ୩୦ରୁ ଏହି ବିମାନ ସେବା ଆରମ୍ଭ କରାଯିବ। ପୂର୍ବାହ୍ନ ୧୧ଟା ୧୫ରେ ୬ଇ ୭୫୧୩ ବିମାନ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରି ଦୁର୍ଗାପୁରର କାଜି ନାଜରୁଲ ଇସ୍‌ଲାମ ବିମାନବନ୍ଦରରେ ଅପରାହ୍ନ ୧୨ଟା ୫୫ରେ ପହଞ୍ଚିବ। ଦୁର୍ଗାପୁରରୁ ଅପରାହ୍ନ ୪ଟା ୩୫ରେ ବାହାରି ଭୁବନେଶ୍ୱରରେ ସନ୍ଧ୍ୟା ୬ଟା ୧୫ରେ ପହଞ୍ଚିବ।

# ରଜରେ ପ୍ରେକ୍ଷାଳୟରେ ରାଜ୍ କରିବ 'ପାବାର' | ୫୦ ସିନେମା ହଲ୍‌ରେ ଶୁଭମୁକ୍ତି

## ୮ବର୍ଷ ପରେ ପରଦାରେ ଏକାଠି ବାବୁଶାନ ଓ ଏଲିନା

**ଭୁବନେଶ୍ୱର,୧୨।୬ (ଶର୍ମିଷ୍ଠା ପାଣିଗ୍ରାହୀ)**

ଅଭିନେତା ବାବୁଶାନ ମହାନ୍ତିଙ୍କ ଅଭିନୀତ ଚଳଚ୍ଚିତ୍ର 'ପାବାର' ବୁଧବାର ରାଜ୍ୟର ୫୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ପ୍ରଥମ ଦିନରେ ପ୍ରାୟ ସବୁ ପ୍ରେକ୍ଷାଳୟରେ ହାଉସ୍‌ଫୁଲ୍ ଥିବା ଦେଖିବାକୁ ମିଳିଛି। ରଜରେ ଏହି ଚଳଚ୍ଚିତ୍ର ରାଜ୍ କରିବା ସହ ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଦେବ। ଏହାର ଡାଇଲଗ୍‌ଗୁଡ଼ିକ ଏତେ ମନଛୁଆଁ ହୋଇଛି ଯେ, ଦର୍ଶକଙ୍କ ତାଳିରେ ପ୍ରେକ୍ଷାଳୟ ଉଚ୍ଛୁଳି ଉଠୁଛି। ତେବେ ପ୍ରଥମ ଦିନରେ ଭଲ ରେସପନ୍ସ ଆଣିଥିବା ଏହି ସିନେମା ରଜରେ ରାଜୁତି କରିବ ବୋଲି ଦର୍ଶକମାନେ ପ୍ରକାଶ କରିଛନ୍ତି। ତୃପ୍ତି ଶତପଥୀଙ୍କ ପ୍ରଯୋଜିତ ଓ ଅଶୋକ ପତିଙ୍କ ନିର୍ଦ୍ଦେଶିତ 'ପାବାର'ର ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି ଓଲିଉଡ୍ ସୁପରଷ୍ଟାର ବାବୁଶାନ ଓ ଅଭିନେତ୍ରୀ ଏଲିନା। ଦୀର୍ଘ ୮ ବର୍ଷ ପରେ ଏହି ଦୁହିଁଙ୍କୁ ବଡ଼ ପରଦାରେ ଏକାଠି ଦେଖିବାକୁ ମିଳିଛି। ଅନ୍ୟ ପ୍ରମୁଖ ଚରିତ୍ରରେ ବରିଷ୍ଠ ଅଭିନେତ୍ରୀ ଅପରାଜିତା ମହାନ୍ତି, ଜୟପ୍ରକାଶ ଦାଶ, କ୍ରିଷ୍ଣା କର, ସୋମୁ, ବବି ମିଶ୍ର, ପପୁ ପମପମ, ରବି ମିଶ୍ର, ଅନୁଗୁଳିଆ ବଣ୍ଟି, ଭକ୍ତି ଓ ବାପି ପ୍ରମୁଖ ଅଭିନୟ କରିଛନ୍ତି। ଏକ ସତ୍ୟ ଘଟଣାକୁ ଆଧାର କରି ଫିଲ୍ମ ନିର୍ମିତ ହୋଇଛି। ଫିଲ୍ମର ଗୀତଗୁଡିକୁ ଶ୍ରୋତାଙ୍କ ମନକୁ ଛୁଇଁଛି।




## ପ୍ରଥମ ପୃଷ୍ଠାରୁ...

### ଓଡ଼ିଶାରେ ଭାଜପା ...

କାର୍ଯ୍ୟକ୍ରମ ଶେଷ ହେବାପରେ ପ୍ରଧାନମନ୍ତ୍ରୀ ମଞ୍ଚର ଏକ କୋଣକୁ ଆସି ଶପଥ ଉତ୍ସବ କାର୍ଯ୍ୟକ୍ରମ ଲାଗି ଆମନ୍ତ୍ରିତ ହୋଇଥିବା ସାଧୁସନ୍ଥମାନଙ୍କୁ ପ୍ରଣାମ କରିଥିଲେ। ଏହାପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀମାନଙ୍କ ସହ କିଛି ସମୟ ଆଲୋଚନାକରି ସେଠାରୁ ଫେରିଯାଇଥିଲେ। ପ୍ରଧାନମନ୍ତ୍ରୀ ଦ୍ୱିପ୍ରହର ସମୟରେ ଭୁବନେଶ୍ୱରଠାରେ ପହଞ୍ଚିବା ପରେ ରାଜଭବନ ଗସ୍ତ କରିଥିଲେ। ରାଜଭବନରୁ ଆସିବା ସମୟରେ ତାଙ୍କୁ ଦେଖିବା ଲାଗି ରାସ୍ତାକଡ଼ରେ ପ୍ରବଳ ଲୋକଙ୍କ ଭିଡ଼ ଜମିଥିଲା। ପ୍ରଧାନମନ୍ତ୍ରୀ ହାତ ହଲାଇ ସମସ୍ତଙ୍କୁ ଅଭିବାଦନ ଜଣାଇଥିଲେ। ଅନ୍ୟପଟେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଭାସ୍ଥଳରେ ପହଞ୍ଚିବା ପରେ ସମସ୍ତ ଭାଜପା ନେତା ତାଙ୍କୁ ପ୍ରଣାମ କରିଥିଲେ। ମୋହନ ମାଝି ମଧ୍ୟ ଯାଇ ନବୀନଙ୍କ ଆଶୀର୍ବାଦ ନେଇଥିଲେ। ମନ୍ତ୍ରିମଣ୍ଡଳର ସଦସ୍ୟମାନେ ମଧ୍ୟ ନବୀନଙ୍କ ଆଶୀର୍ବାଦ ନେଇଥିଲେ। କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ସେହି ସମୟରେ ସଭାସ୍ଥଳରେ ଅନ୍ୟ ଜଣଙ୍କ ସହ କଥା ହେଉଥିଲେ, ମାତ୍ର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କୁ ନବୀନଙ୍କ ଉପସ୍ଥିତି ବିଷୟରେ ଜଣାଇଥିଲେ। ଏହାପରେ ସଙ୍ଗେ ସଙ୍ଗେ ନବୀନଙ୍କୁ ଭେଟିବା ଲାଗି ରାଜନାଥ ଯାଇଥିଲେ। ଶପଥ ପାଠ ଉତ୍ସବ ଚାଲିଥିବା ବେଳେ ଭାରତମାତା କି ଜୟ, ଜୟ ଶ୍ରୀରାମ, ମୋଦି ଜିନ୍ଦାବାଦ ନାରାରେ ସମାରୋହସ୍ଥଳ କମ୍ପି ଉଠୁଥିଲା। ଏହି କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳ ସମ୍ପୂର୍ଣ୍ଣ ପୋଲିସ ଛାଉଣି ହୋଇଯାଇଥିଲା।

### ଆଜି ଖୋଲିବ...

ସରକାରଙ୍କ ଉପସ୍ଥିତିରେ ବନ୍ଦ ଥିବା ସମସ୍ତ ଦ୍ୱାର ଖୋଲାଯିବ। ସେହିପରି ଶ୍ରୀଜଗନ୍ନାଥ ମନ୍ଦିର ରକ୍ଷଣାବେକ୍ଷଣ, ସୌନ୍ଦର୍ଯ୍ୟକରଣ ପାଇଁ ସରକାର ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ବଜେଟରେ ଏଥିପାଇଁ ବ୍ୟୟବରାଦ କରାଯିବ। ଖୁବ୍‌ଶୀଘ୍ର ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶ୍ରୀମନ୍ଦିର ପାଇଁ ଅଚାନକ କୌଣସି ସମସ୍ୟା ଦେଖାଦେଲେ ଏହି ପାଣ୍ଠିରୁ ତୁରନ୍ତ ଅର୍ଥ ଖର୍ଚ୍ଚ ହେବ। ସେହିପରି ଧାନ ସଂଗ୍ରହ ନୀତିରେ ପରିବର୍ତ୍ତନ ଆଣି କୃଷକମାନଙ୍କୁ ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୩୧୦୦ ଟଙ୍କାକୁ ବୃଦ୍ଧି କରିବାକୁ କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯାଇଛି। ନିର୍ବାଚନ ପୂର୍ବରୁ ଭାଜପା ଏନେଇ ଇସ୍ତାହାରରେ ଘୋଷଣା କରିଥିଲା। ସରକାର ଏଥିପାଇଁ 'ସମୃଦ୍ଧ କୃଷକ ନୀତି' କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗକୁ ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମହିଳାମାନଙ୍କୁ ସଶକ୍ତୀକରଣ କରିବାକୁ ଭାଜପା ସରକାର ରାଜ୍ୟରେ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବେ। ନୂଆ ସରକାରଙ୍କ ପ୍ରଥମ କ୍ୟାବିନେଟରେ ଏହି ନିଷ୍ପତ୍ତି ନିଆଯାଇଛି। ମହିଳାମାନଙ୍କୁ ୫୦ ହଜାର ଟଙ୍କାର ଭାଉଚର ଦିଆଯିବ। ଭାଜପା ନିର୍ବାଚନ ପୂର୍ବରୁ ସଙ୍କଳ୍ପପତ୍ରରେ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବାକୁ ଘୋଷଣା କରିଥିଲା। ପ୍ରତିଶ୍ରୁତି ମୁତାବକ ସରକାର ଗଠନ ହେବାର ପ୍ରଥମ ଦିବସରେ ଏହାକୁ କାର୍ଯ୍ୟକାରୀ କରାଯାଇଛି। ଆସନ୍ତା ୧୦୦ ଦିନ ମଧ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ଏ ନେଇ ମାର୍ଗଦର୍ଶିକା ପ୍ରସ୍ତୁତ କରିବେ। ପୂର୍ବ ସରକାର ମହିଳା ସଶକ୍ତୀକରଣ କ୍ଷେତ୍ରରେ ଫେଲ୍ ମାରିଛନ୍ତି। ଏହି ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ମହିଳାମାନେ ଆହୁରି ସଶକ୍ତ ହେବା ସହ ଆତ୍ମନିର୍ଭର ହୋଇପାରିବେ। ଏହି ସମସ୍ତ ନିଷ୍ପତ୍ତି ଆସନ୍ତା ୧୦୦ ଦିନରେ କାର୍ଯ୍ୟକାରୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### କୁଏଟ୍ ବିଲ୍ଡିଂରେ ...

ଭାରତୀୟ ଦୂତାବାସ ସହାୟତା ପାଇଁ ଜରୁରୀ ହେଲ୍ପଲାଇନ୍ ନମ୍ବର +୯୬୫-୬୫୫୦୫୨୪୬ ଜାରି କରିଛି। କୁଏଟ୍‌ରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଆଦର୍ଶ ସ୍ୱାଇକା କହିଛନ୍ତି, ଆହତ ହୋଇଥିବା ୩୦ରୁ ଅଧିକ ଭାରତୀୟ ଶ୍ରମିକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂ କୁଏଟ୍ ଅଗ୍ନିକାଣ୍ଡରେ ଆହତ ଭାରତୀୟମାନଙ୍କୁ ସହାୟତା ପାଇଁ କୁଏଟ୍ ଗସ୍ତରେ ବାହାରିଛନ୍ତି। ପ୍ରଧାନମନ୍ତ୍ରୀ ଓଡ଼ିଶାରୁ ଦିଲ୍ଲୀ ଫେରିବା ପରେ କୁଏଟ୍ ଅଗ୍ନିକାଣ୍ଡ ଉପରେ ବୈଠକ କରିଛନ୍ତି। ପ୍ରତ୍ୟେକ ଭାରତୀୟ ମୃତକଙ୍କ ପରିବାରକୁ ପିଏମ୍ ରିଲିଫ୍ ଫଣ୍ଡ୍‌ରୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୋଦି ଘୋଷଣା କରିଛନ୍ତି। ବୈଠକରେ ବହିର୍ବ୍ୟାପାର ମନ୍ତ୍ରୀ ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କୁଏଟ୍ ଉପପ୍ରଧାନମନ୍ତ୍ରୀ ଶେଖ୍ ଫହାଦ୍ ଅଲ୍-ୟୁସୁଫ୍ ଅଗ୍ନିକାଣ୍ଡ ସ୍ଥଳ ପରିଦର୍ଶନ କରିବା ସହ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ରିଅଲ୍ ଇଷ୍ଟେଟ୍ ମାଲିକମାନଙ୍କ ଲୋଭ ଯୋଗୁ ଏଭଳି ଅଘଟଣ ଘଟୁଥିବା ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ ଜୀବନ ସୁଖ, ସ୍ୱାଚ୍ଛନ୍ଦ୍ୟରେ କଟିବା ସହ ବିଳାସବ୍ୟସନ ପ୍ରତି ରୁଚି ବଳିବ। ସନ୍ତାନଙ୍କ ଶିକ୍ଷା, ଦୂରଯାତ୍ରା ତଥା ପ୍ରିୟଜନଙ୍କ ସକାଶେ ଔଷଧ କ୍ରୟଜନିତ ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଅଶ୍ୱିନୀ ନକ୍ଷତ୍ର ପଡ଼ୋଶୀଙ୍କ କାମରେ ସାମିଲ ହୋଇପାରନ୍ତି।

**ବୃଷ** ଯାହା କଥା ଚିନ୍ତା କରୁଛନ୍ତି ସେହି ଲୋକଟି ଆଜି ହଠାତ୍ ଆସିଯିବ। ଅଟକିଥିବା କାମକୁ ପୂର୍ଣ୍ଣାଙ୍ଗ କରିବାରେ ପଦସ୍ଥ କର୍ମଚାରୀ ଆପଣଙ୍କ ପ୍ରତି ସହାନୁଭୂତି ପ୍ରକାଶ କରିପାରନ୍ତି। ସମସ୍ୟା ବିଜଡିତ ରହିଲେ ମଧ୍ୟ ପରକ୍ଷଣରେ ପ୍ରଶାସନିକ କ୍ଷେତ୍ରରେ ସ୍ଥିରତା ଫେରିପାଇବେ। ରୋହିଣୀ ନକ୍ଷତ୍ର ଆର୍ଥିକ ସ୍ଥିତି ସୁଧାରିବାକୁ ଚେଷ୍ଟା କରିବେ।

**ମିଥୁନ** ନିଜର ଆବଶ୍ୟକତାକୁ ପଛକୁ ପକାଇ ଭାଇ, ବନ୍ଧୁ କିମ୍ବା ପ୍ରିୟଜନଙ୍କ ସକାଶେ ଅର୍ଥବ୍ୟୟ କରିବାକୁ ପଡ଼ିପାରେ। ଗତକାଲିର ନିଷ୍ପତ୍ତି ଅନୁଯାୟୀ ଆଜି କାମ ଆରମ୍ଭ କରିବାକୁ ମନସ୍ଥ କରିବେ। ପ୍ରତୀକ୍ଷା କରିଥିବା ବନ୍ଧୁଟିକୁ ନ ପାଇବାରୁ ବ୍ୟସ୍ତ ହୋଇପାରନ୍ତି। ମୃଗଶିରା ନକ୍ଷତ୍ରର ସାଧାରଣ କଥାରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**କର୍କଟ** ଅନ୍ୟମାନଙ୍କ କଥାରେ ମୁଣ୍ଡ ପୂରାଇ ଟେନ୍‌ସନକୁ ନିମନ୍ତ୍ରଣ କରିପାରନ୍ତି। କର୍ମକ୍ଷେତ୍ରରେ ପ୍ରିୟାପ୍ରୀତି ତୋଷଣକୁ ନେଇ ଅପଦସ୍ଥ ହେବାର ସୂଚନାକୁ ଅଣଦେଖା କରିବା ଠିକ୍ ହେବନାହିଁ। ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ଋଣ କରିବାକୁ ପଡ଼ିପାରେ। ଅଶ୍ଳେଷା ନକ୍ଷତ୍ରର ଯୋଜନାଗୁଡିକ ଠିକ୍ ଭାବେ କାର୍ଯ୍ୟକାରୀ ହେବ ନାହିଁ।

**ସିଂହ** କର୍ମକ୍ଷେତ୍ରରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରି କାର୍ଯ୍ୟ ସାଧନ କରିବେ। ଦିନଭିତରେ ଯାହା ଓ ଯେପରି ଆଶା କରୁଛନ୍ତି ତାହା ପାଇବାରେ ଅସୁବିଧା ହେବନାହିଁ। କୌଣସି ଲୋକକୁ ସାହାଯ୍ୟ କରିବାକୁ ଯାଇ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ମଘା ନକ୍ଷତ୍ର ସକାଶେ ଅସାବଧାନତା ବଶତଃ ଧନ ହାନି ଘଟିପାରେ।

**କନ୍ୟା** ଆଜି ଆପଣଙ୍କ ପ୍ରତ୍ୟେକ କାର୍ଯ୍ୟରେ ସିଦ୍ଧି ଲାଭ ସହ ଆର୍ଥିକ ଅଭିବୃଦ୍ଧି ଘଟିପାରେ। ହସ୍ତା ନକ୍ଷତ୍ରର ସ୍ୱାସ୍ଥ୍ୟ ଠିକ୍ ରହିବ ଓ କର୍ମକ୍ଷେତ୍ରରେ ସୁନାମ ଅର୍ଜନ କରିବେ। ଅନ୍ୟମାନଙ୍କ ଦ୍ୱାରା ପ୍ରତାରିତ ହୋଇ କିମ୍ବା ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିପାରନ୍ତି। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ର ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ତୁଳା** ଆପଣଙ୍କ ସରଳ କର୍ମ ପ୍ରବାହ ସାଙ୍ଗକୁ ସୁନ୍ଦର ପାରିବାରିକ ଜୀବନ ଜୀବନଚର୍ଯ୍ୟାକୁ ରୁଚିପୂର୍ଣ୍ଣ କରାଇବ। ଭଲ ବ୍ୟବହାର ଓ ବିନୟପୂର୍ଣ୍ଣକଥା ବନ୍ଧୁଙ୍କୁ ଆପ୍ୟାୟିତ କରିବ। ଚିତ୍ରା ନକ୍ଷତ୍ର କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିପାରନ୍ତି। କଳା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ଓ ସାମ୍ବାଦିକତା କ୍ଷେତ୍ରରେ ସଫଳତା ମିଳିପାରେ।

**ବିଛା** ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବା ସହ ସମ୍ପର୍କୀୟଙ୍କ ସାହାଯ୍ୟ ସହାନୁଭୂତି ଲାଭ କରିବେ। କର୍ମକ୍ଷେତ୍ରରେ ସବୁ ଦିଗକୁ ଦେଖି କାମ ନ କଲେ ଅସୁବିଧାରେ ପଡ଼ିପାରନ୍ତି। ଜ୍ୟେଷ୍ଠା ନକ୍ଷତ୍ର ସକାଶେ ପଡ଼ୋଶୀଙ୍କ ସହ ମନାନ୍ତରର ସମାଧାନ ହୋଇଯିବ। ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ।

**ଧନୁ** ପ୍ରତ୍ୟେକ କାମ ବିଳମ୍ବରେ ହେଉଥିବାରୁ କ୍ଷୋଭ ପ୍ରକାଶ କରିବେ। ମଧୁର ବ୍ୟବହାର ଦ୍ୱାରା କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିଙ୍କ ସହ ବନ୍ଧୁତା ସୃଷ୍ଟିହେବ। ପୂର୍ବାଷାଢ଼ା ନକ୍ଷତ୍ର ଶିଳ୍ପ, ବାଣିଜ୍ୟ ଓ ପରିବହନରେ ଆଧୁନିକୀକରଣ କରିପାରନ୍ତି। ଋଣ, କଚେରି ମାମଲା, ଜମିଜମା ଆଦି କେତେକ ସମସ୍ୟାର ସମ୍ମୁଖୀନ ହେବେ।

**ମକର** ଆପଣଙ୍କର ଶାନ୍ତ, ସରଳ ବିଚାରଧାରା ପ୍ରତ୍ୟେକ କାମକୁ ନିର୍ବିଘ୍ନରେ ସମାପନ କରାଇବାରେ ସାହାଯ୍ୟ କରିବ। ଶ୍ରବଣା ନକ୍ଷତ୍ର କର୍ମକ୍ଷେତ୍ରରେ ଇଚ୍ଛା ଅନୁସାରେ କାମ କରିବାର ସୁଯୋଗ ପାଇବେ। ଅନ୍ୟମାନଙ୍କ କଥାକୁ ଠିକ୍ ଭାବେ ବୁଝି ନ ପାରି ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି।

**କୁମ୍ଭ** ସାମାଜିକ କ୍ଷେତ୍ରରେ ଜନ ସମର୍ଥନ ପରିବାର ଓ କର୍ମକ୍ଷେତ୍ର ପାଇଁ ସୁବିଧାଜନକ ସ୍ଥିତି ଉତ୍ପନ୍ନ କରିବ। ଶତଭିଷା ନକ୍ଷତ୍ର ସକାଶେ ହାତକୁ ନେଇଥିବା କାମ ନ ହେବାରୁ ମନ ଭଲ ରହିବ ନାହିଁ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଦିଗରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଗୃହ, ଭୂମି ସମ୍ପର୍କିତ ଦୁଶ୍ଚିନ୍ତା ଆସିବ ମାତ୍ର ଅସୁବିଧା ହେବ ନାହିଁ।

**ମୀନ** ଆଜି ଶିକ୍ଷା, ସନ୍ତାନଙ୍କ ସକାଶେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା କ୍ଷେତ୍ରରେ ସୁଫଳ ପ୍ରଦାନ କରିବ। ପ୍ରତ୍ୟେକ କଥାରେ ଉଦାର ଭାବ ପୋଷଣ କରିବା ହେତୁ ପ୍ରଶଂସିତ ହେବେ। କିନ୍ତୁ ନିଜ ପରିବାରରୁ ଆଶାନୁରୂପ ସ୍ନେହ, ଆଦର ଓ ସହାନୁଭୂତି ପାଇବା କମି ଯାଇପାରେ। ଟେନ୍‌ସନ କେତେକାଂଶରେ କମିଗଲେ ମଧ୍ୟ ଅର୍ଥାଭାବ କେତେକ କାମକୁ ମନ୍ଥର କରିବାର ସୂଚନା ରହିଛି।

ଆଜି ଜୁନ୍ ୧୩ ତାରିଖ, ଜ୍ୟେଷ୍ଠ ଶୁକ୍ଳ ସପ୍ତମୀ ଗୁରୁବାର, ରାଶିନକ୍ଷତ୍ର ପୂର୍ବାଫାଲଗୁନୀ/ସିଂହ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୧୧ମି. ଗତେ ଘ.୦୬।୦୩ମି. ମଧ୍ୟେ, ଘ.୦୯।୩୪ମି. ଗତେ ଘ.୧୧।୨୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧।୨୫ମି. ଗତେ ଘ.୦୩।୦୪ମି. ମଧ୍ୟେ ରାହୁ କାଳ ।

छत्तीसगढ़ शासन

**Vishnu Deo Endeavours**
**Chhattisgarh Flourishes**

# Good Governance of 6 months





**Shri Narendra Modi**
Prime Minister



**Shri Vishnu Deo Sai**
Chief Minister, Chhattisgarh

## New Path to Development

- FARMERS prospering with 'Krishak Unnati Yojana', Paddy Procurement at Rs 3100 per quintal
- Disbursement of Pending bonus of Rs 3716 crores to FARMERS
- Over 18 lakh POOR Families now own Pucca houses under PM AWAS YOJNA
- Free grains for welfare of the POOR, over 1 crore families receive free ration for 5 years
- Financial assistance of Rs 12,000 annually through 'MAHTARI VANDAN' for Empowerment of WOMEN
- Increase in honorarium to tendupatta collectors to Rs 5500, TRIBALS now actually reap Green Gold
- Age relaxation of 5 years for YOUTH in Government Vacancies
- Ensuring a Transparent and Corruption free recruitment process, YOUTH assured of impartial recruitment process
- Effective steps for complete solution of Maoist Terrorism problem-
  Niyad Nellanar Campaign: Two-pronged strategy of Development & Effective Policing
- Quick Decisions: Strict Administration- 129 Maoists killed, 488 arrested, 431 surrendered in last 6 months
- DEVOTEES benefit from free visit to Ayodhya through 'RAMLALA DARSHAN YOJNA'

**सबका साथ, सबका विकास, सबका विश्वास और सबका प्रयास**

Visit us : ChhattisgarhCMO ChhattisgarhCMO ChhattisgarhCMO ChhattisgarhCMO DPRChhattisgarh DPRChhattisgarh www.dprcg.gov.in

छत्तीसगढ़ जनसंपर्क

ତୁମେ ଯଦି କେବଳ ସାମାଜିକ ଓ ସାମୂହିକ ନିୟମଗୁଡ଼ିକୁ ମାନିବାକୁ ତତ୍ପର ହେଉଥାଅ– ଜାଣିରଖ ଯେ, ତୁମେ ତତ୍‌କ୍ଷଣାତ୍ ସେହି ସବୁ ନିୟମର କ୍ରୀତଦାସ ହୋଇ ରହିବ। ଏବଂ ତାହା ହିଁ ତୁମ ରୂପାନ୍ତର ପଥରେ କାର୍ଯ୍ୟ କରିବା ଦିଗରେ ଯଥେଷ୍ଟ ବାଧା ସୃଷ୍ଟି କରିବ। **–ଶ୍ରୀମା**



# ଗଛର ଦିବ୍ୟ ଗାଥା



**ଦେବଦତ୍ତ ପଟ୍ଟନାୟକ**

ବିଭିନ୍ନ ଦେବୀଙ୍କୁ ନେଇ ପାଳନ କରାଯାଉଥିବା ପର୍ବରେ ଗଛର ଭୂମିକା ରହିଛି। ବିଶେଷ କରି ନବରାତ୍ରି, ଗୌରୀ ପୂଜା ଓ ତେଜ୍ ଭଳି ପର୍ବରେ ମହିଳାମାନେ ଗଛ ପୂଜା କରୁଥିଲେ। ସେମାନେ ପୁଷ୍ଟିକାରକ ତଥା ଔଷଧୀୟ ଗଛ ଭାବେ ଦେବୀଙ୍କୁ ବିବେଚନା କରିବା ସହ ସେମାନଙ୍କୁ ପୂଜା କରୁଥିଲେ। ଏହି ଗଛଗୁଡ଼ିକ ମଧ୍ୟରେ ରହିଛି କଦଳୀ, ଆମ୍ବ, ନଡ଼ିଆ, ଧାନ, ବେଲ, ଅଶୋକ, ଅପରାଜିତା ଏବଂ ଜୟନ୍ତୀ। ବୁଝିବାକୁ ଗଲେ ଏହିସବୁ ଗଛ ଦେବୀଙ୍କର ନଅ ପ୍ରକାର ସ୍ୱରୂପ (ନବଦୁର୍ଗା ରୂପ)। ଏଗୁଡ଼ିକ ଆମକୁ ଖାଦ୍ୟ ଯୋଗାନ୍ତି ଓ ସୁନ୍ଦର କରି ଗଢ଼ନ୍ତି । କେବଳ ଏତିକି ନୁହେଁ ଏଗୁଡ଼ିକ ମଧ୍ୟ ଆମକୁ ସୁସ୍ଥ ରଖନ୍ତି। କିନ୍ତୁ ଆମେ ଏବେ ପ୍ରକୃତି ଓ ଉଦ୍ଭିଦ ସହିତ ଆମ ସମ୍ପର୍କ ହରାଇଦେଇଛୁ। ଆମେ ଦେବୀଙ୍କ ସ୍ୱରୂପ ଏହି ଗଛକୁ ପୂଜା କିମ୍ବା ରକ୍ଷଣାବେକ୍ଷଣ କରୁନାହୁଁ। ଅନ୍ୟପକ୍ଷରେ ଦେବୀଙ୍କର ପଥର, ଧାତୁ, ପ୍ଲାଷ୍ଟିକ ତଥା ପ୍ଲାଷ୍ଟର ପ୍ୟାରିସ ମୂର୍ତ୍ତିକୁ ଗ୍ରହଣ କରିଛୁ। ଏଥିପାଇଁ ବୃକ୍ଷକୁ ଗୁରୁତ୍ୱ ଦେଉନାହୁଁ। ଆଧୁନିକ ଯୁଗରେ ବିକାଶ ନାମରେ ରାସ୍ତାଘାଟ, କଳ କାରଖାନା ତିଆରି କରିବାକୁ ଅନେକ ହଜାର ଗଛ କାଟିବାରେ ଲାଗିଛୁ। ଏହା ଆମର ଏକ ଅଭ୍ୟାସ ପାଲଟିଗଲାଣି ଓ ତାହାକୁ ସାମାଜିକ ସ୍ତରରେ ମଧ୍ୟ ଗ୍ରହଣ କରିନେଇଛୁ। ମନେରଖିବାକୁ ହେବ, ଅଲଟ୍ରାସୋନିକ ଫ୍ରିକ୍ୱେନ୍ସି ବା ତରଙ୍ଗ ଗଛରୁ ସୃଷ୍ଟି ହୋଇଥାଏ। ଏହା ବୈଜ୍ଞାନିକଙ୍କ ଦ୍ୱାରା ଆବିଷ୍କୃତ ହୋଇଛି। ମଣିଷ ଏହି ତରଙ୍ଗକୁ ଶୁଣିପାରେ ନାହିଁ। ଫଳରେ ମଣିଷ ଅଲଟ୍ରାସୋନିକ ତରଙ୍ଗକୁ ଗୁରୁତ୍ୱ ଦେଉ ନାହିଁ। ଗୋଟିଏ ସମୟ ଥିଲା ଭାରତରେ ସବୁଆଡ଼େ ଗଛ ଥିଲା। ସେହି ସମୟରୁ ଆମେ ଅନେକ ପଥ ଅତିକ୍ରମ କରିଆସିଲୁଣି। ଜଙ୍ଗଲ ସୁରକ୍ଷା ଆମର କର୍ତ୍ତବ୍ୟ ହୋଇ ରହିଥିଲା। ତାହାକୁ ଆମେ ପବିତ୍ର ମନେକରୁଥିଲୁ। ଜଙ୍ଗଲରେ ଗୋରୁ ଚରାଇବା, ଚାଷ କରିବା, ଫଳମୂଳ କିମ୍ବା ଜାଳେଣି କାଠ ସଂଗ୍ରହ ଉପରେ କଟକଣା ଥିଲା। କାହାକୁ ଏଥିପାଇଁ ଅନୁମତି ନ ଥିଲା। ଜଙ୍ଗଲ ଥିଲା ଭାରତର ଆଦ୍ୟ ମନ୍ଦିର। କିନ୍ତୁ ବର୍ତ୍ତମାନ ସମସ୍ତେ ତାହା ପାସୋରିଗଲେଣି। ସେ ସମୟରେ ବୃକ୍ଷପୂଜା ପରମ୍ପରାର ସାକ୍ଷୀ ଭାବେ ରହିଛି ହରପ୍ପା ସଭ୍ୟତା। ଏହି ସଭ୍ୟତାରେ ସେତେବେଳେ ପ୍ରଚଳିତ ମୋହର ଉଦ୍ଭିଦପୂଜନକୁ ଦର୍ଶାଏ। ସଭ୍ୟତାରେ ପ୍ରଚଳିତ ମୁଦ୍ରାଗୁଡ଼ିକରେ ପୁରୁଷ ଏବଂ ମହିଳାମାନେ ଗଛରୁ ଉଦ୍ଭବ ଦେବୀଙ୍କ ଚାରିପାଖରେ ନୃତ୍ୟ କରୁଥିବା ଦେଖାଯାଏ। ତେବେ ସେହି ଉଦ୍ଭିଦ ଦେବୀ ସାକମ୍ଭରୀଙ୍କର



ପ୍ରାରମ୍ଭିକ ରୂପ ଥିଲେ ବୋଲି ଅନୁମାନ କରାଯାଏ।

ନର୍ମଦା ନଦୀର ଦକ୍ଷିଣରେ ଥିବା ଅଞ୍ଚଳରେ ପ୍ରତ୍ନତତ୍ତ୍ୱବିତ୍‌ମାନେ ଏକ ଦେବୀଙ୍କ ଚିତ୍ର ପାଇଛନ୍ତି। ଏହି ଦେବୀ ହାତଗୋଡ଼ ଲମ୍ବାଇ ତଳେ ଶୟନ ମୁଦ୍ରାରେ ରହିଛନ୍ତି ଓ ତାଙ୍କ ନାମ ଅଜଣା। ଦେବୀଙ୍କ ମୁଣ୍ଡ ପଦ୍ମଫୁଲ ଆକାରର। ଏହା ବ୍ୟତୀତ ପ୍ରତ୍ନତତ୍ତ୍ୱବିତ୍‌ମାନେ ଏକ ପ୍ରାକ୍ ବୈଦିକ ଦେବୀଙ୍କୁ ଆବିଷ୍କାର କରିଥିଲେ। ଏହି ମା'ଙ୍କ ସ୍ୱରୂପ ଶାନ୍ତ ଓ ନମ୍ର। ସେମାନେ ମା'ଙ୍କ ନାମ ଲଜ୍ଜାଗୌରୀ ନାମିତ କରିଥିଲେ। ତେବେ ବଙ୍ଗାଳୀ ବିବାହ ଏବଂ ଅମଳ ପର୍ବରେ ଲାଲ ରଙ୍ଗର ବଙ୍ଗଳା ସ୍ୱସ୍ତିକରେ ଜଣେ ନାରୀ ହାତଗୋଡ଼ ଖୋଲା ରଖିଥିବା ଲକ୍ଷ୍ୟ କରାଯାଏ ଓ ତାଙ୍କର ବୈଦିକ ଦେବୀ ଲଜ୍ଜାଗୌରୀଙ୍କ ସହ ସାମଞ୍ଜସ୍ୟ ଥିବା କୁହାଯାଏ। ବୈଦିକ ଶାସ୍ତ୍ରଗୁଡ଼ିକରେ ବିଶେଷକରି ସୋମରସ ପ୍ରସ୍ତୁତି ଏବଂ ଦେବାତାଙ୍କୁ ଅର୍ପଣ ଉଦ୍ଦେଶ୍ୟରେ ପାଳିତ ପର୍ବପର୍ବାଣିର ସ୍ତୋତ୍ରଗୁଡ଼ିକ ବର୍ଣ୍ଣନା କରାଯାଇଛି। ଋଗ୍ ବେଦର ୫୦%ରୁ ଊର୍ଦ୍ଧ୍ୱ ସ୍ତୋତ୍ରରେ ୩ଟି ବିଷୟ ମୁଖ୍ୟତଃ ସୋମ, ଇନ୍ଦ୍ର ଓ ଅଗ୍ନି ବିଷୟ ବର୍ଣ୍ଣନା କରାଯାଇଛି। ଋଗ୍ ବେଦର ୧୦ଟି ଅଧ୍ୟାୟ ମଧ୍ୟରୁ ସମ୍ପୂର୍ଣ୍ଣ ୯ମ ଅଧ୍ୟାୟରେ ଗଛରୁ ସୋମ ରସ ସଂଗ୍ରହ ଓ ତାହାକୁ ଶୁଦ୍ଧ କରିବା ବିଷୟ ବର୍ଣ୍ଣନା କରାଯାଇଛି। ବୈଦିକ ଲୋକମାନେ ପୁରୋହିତ ଥିବାରୁ ସେମାନେ ଦୂବ ଘାସକୁ ଆଦର କରୁଥିଲେ। ଏହାକୁ ଗୋ ଖାଦ୍ୟ ଭାବେ ବ୍ୟବହାର ହେଉଥିଲା। ସେତେବେଳେ ଦେବତା ଏବଂ ପୂର୍ବପୁରୁଷମାନଙ୍କୁ ପ୍ରଥମେ ବାର୍ଲି ପିଠା ଦିଆଯାଉଥିଲା। ଧାନରୁ ଚାଉଳ ମିଳିବା ପରେ ଚାଉଳ ପିଠା ଦିଆଗଲା । ଅଥର୍ବ ବେଦରେ ଘାସ, ବାର୍ଲି ଓ ଧାନ ବିଷୟରେ ବର୍ଣ୍ଣନା କରାଯାଇଛି।

ସନ୍ନ୍ୟାସୀ ପରମ୍ପରାରେ ଗଛଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରତ୍ୟେକ ଜୈନ ତୀର୍ଥଙ୍କର ଏକ ପବିତ୍ର ଗଛ ସହିତ ଜଡ଼ିତ। ମହାବୀରଙ୍କର ଶାଳଗଛ, ଋଷଭନାଥଙ୍କର ବରଗଛ ସହିତ ସମ୍ପର୍କ ଥିବାବେଳେ ଭୀମନାଥ ଜାମୁ ଗଛସହ ସମ୍ବନ୍ଧିତ। ଏହା ସହ ଆମ୍ବ ଗଛ ସହିତ ଅରନାଥ, ଅଶୋକ ଗଛ ସହିତ ମଲ୍ଲିନାଥ, କୋକୁମ ଗଛ ସହିତ ନେମିନାଥ ଜଡ଼ିତ ଥିବା କୁହାଯାଏ। ଏହି ତାଲିକା ବିଭିନ୍ନ ପରମ୍ପରାରେ ଭିନ୍ନ ହେଲେ ମଧ୍ୟ ଅତି କମ୍‌ରେ ଗୋଟିଏ ଉଦ୍ଭିଦ ମହାନ୍ ଜୈନ ଗୁରୁଙ୍କ ଆତ୍ମାକୁ ଧାରଣ କରିଥାଏ ବୋଲି ସମସ୍ତେ ଗ୍ରହଣ କରିଥାନ୍ତି। ବୁଦ୍ଧ ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି। ବୁଦ୍ଧଙ୍କ ମା' ତାଙ୍କୁ ଲୁମ୍ବିନୀରେ ଜନ୍ମ ଦେବା ସମୟରେ ଏକ ଶାଳ ଡାଳକୁ ଜାବୋଡ଼ି ଧରିଥିଲେ। ଏହା ମଧ୍ୟ ସତ୍ୟ ଯେ, ବୁଦ୍ଧ ଦୁଇଟି ଶାଳଗଛ ମଧ୍ୟରେ ଦେହତ୍ୟାଗ କରିଥିଲେ । ବୁଦ୍ଧ ଅଶ୍ୱତ୍ଥ ଗଛ ତଳେ ଜ୍ଞାନ ପ୍ରାପ୍ତି ହୋଇଥିଲେ । ଜ୍ଞାନପ୍ରାପ୍ତି ପରେ ସେ ବାଉଁଶ ବଣରେ ଦିବ୍ୟବଚନ ପ୍ରଦାନ କରିଥିଲେ। କହିବାକୁ ଗଲେ ଗୌତମ ବୁଦ୍ଧଙ୍କ ପୂର୍ବରୁ ଆଉ ଜଣେ ବିପାସୀ ବୁଦ୍ଧ ଥିଲେ। ସେ ମଧ୍ୟ ଅଶ୍ୱତ୍ଥ ଗଛ ତଳେ ଜ୍ଞାନ ଲାଭ କରିଥିଲେ। ସେହି ଅଶ୍ୱତ୍ଥ ଗଛର ଚାରିପାଖରେ ପାଟଳିପୁତ୍ର (ମୌର୍ଯ୍ୟ ସାମ୍ରାଜ୍ୟର ରାଜଧାନୀ) ସହର ଗଢ଼ିଉଠିଥିଲା। ଏହାକୁ ଏବେ ଆମେ ପାଟନା କହୁଛୁ, ଯାହା ବିହାରରେ ଅଛି।

ପ୍ରାଚୀନ କାଳରେ ବିଭିନ୍ନ ବଂଶ ଏବଂ ରାଜ ପରିବାରର ଧର୍ମୀୟ ପ୍ରତୀକ ଥିଲା ଗଛ। ସଙ୍ଗମ କାବ୍ୟରେ ଏହି ରାଜାମାନଙ୍କ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ରାଜାମାନେ ଶତ୍ରୁଙ୍କୁ ଆକ୍ରମଣ କରି ସେମାନଙ୍କ ଧର୍ମୀୟ ପ୍ରତୀକ ଗଛକୁ ନଷ୍ଟ କରି ଦେଉଥିବା ଏହି କାବ୍ୟରେ ଉଲ୍ଲେଖ ରହିଛି। ଚେରା ରାଜବଂଶର ନରମୁଦି ଚେରାଲ ତାଙ୍କ ଶତ୍ରୁ ନାନ୍ନା ରାଜବଂଶକୁ ହରାଇ ତାଙ୍କ ଧର୍ମୀୟ ପ୍ରତୀକ ଶିରୀଷ ଗଛକୁ କାଟି ଦେଇଥିଲେ। ନାରକାସୁରକୁ ପରାସ୍ତ କରିବାରେ ଇନ୍ଦ୍ରଙ୍କୁ କୃଷ୍ଣ ସାହାଯ୍ୟ କରିବା ସହ ସ୍ୱର୍ଗକୁ ମୁକୁଳାଇଥିଲେ। ପରେ କୃଷ୍ଣ ସ୍ୱର୍ଗରୁ ପାରିଜାତ ଗଛ ନେବାକୁ ଚାହିଁଥିଲେ । ତାଙ୍କ ସ୍ତ୍ରୀ ସତ୍ୟଭାମାଙ୍କୁ ଖୁସି କରିବା ପାଇଁ ସେ ଏହା କରିଥିଲେ। ହେଲେ ଇନ୍ଦ୍ର ପାରିଜାତ ଗଛକୁ ପୃଥିବୀକୁ ନେବାକୁ ମନା କରିଦେଇଥିଲେ। କିନ୍ତୁ କୃଷ୍ଣ ସେହି ଗଛକୁ ବଳପୂର୍ବକ ଛଡ଼ାଇ ଆଣିଥିଲେ, ଯାହା ଦେବରାଜ ଇନ୍ଦ୍ରଙ୍କ ଉପରେ କୃଷ୍ଣଙ୍କ ବିଜୟର ସଙ୍କେତ ଦିଏ। କୁହାଯାଏ ହନୁମାନ କଦଳୀ ବଣରେ, ଗଣେଶ ଆଖୁ ଜଙ୍ଗଲରେ, ଦେବୀ ନିମ ଏବଂ ତେନ୍ତୁଳି ଜଙ୍ଗଲରେ ରୁହନ୍ତି। ଦେବତାଙ୍କ ସହ ଗଛର ଏଭଳି ସମ୍ପର୍କ ରହିଥିଲେ ଜାଣି ବି ଆମେ ଜଙ୍ଗଲ ନଷ୍ଟ କରିବାରେ ଲାଗିଛୁ। ଏହି ଧାରା ଜାରି ରହିଲେ ତାହା ଶୀଘ୍ର ଲୋପ ପାଇଯିବ।

–devduttofficial@gmail.com

# ଈଶ୍ୱରୀୟ ଭାବନା



**ଡା. ଉମେଶ ଚନ୍ଦ୍ର ପାତ୍ର**

ଜଗତର ସ୍ରଷ୍ଟା ଈଶ୍ୱର। ସେ ଉପରେ ରୁହନ୍ତି। ତାଙ୍କୁ ଭକ୍ତି କରିବାକୁ ହୁଏ, ଭୟ ମଧ୍ୟ କରିବାକୁ ହୁଏ। କାରଣ ସେ ସର୍ବଶକ୍ତିମାନ୍ ଓ ସର୍ବକ୍ଷମତାସମ୍ପନ୍ନ। ଏହିପରି ଏକ ଧାରଣା ଆମ ସମସ୍ତଙ୍କ ଉପରେ ନିହିତ। ଈଶ୍ୱରଙ୍କ ସମ୍ବନ୍ଧରେ କୌଣସି ସୁସ୍ପଷ୍ଟ ଧାରଣା ବା ଉଦାହରଣ ଆମ୍ଭମାନଙ୍କ ସମ୍ମୁଖରେ ନାହିଁ। ପୁଣି ଭଗବାନ୍ କୃଷ୍ଣ, ଭଗବାନ୍ ରାମ ସର୍ବଶକ୍ତିମାନ୍। କୁହାଯାଏ, ଈଶ୍ୱରଙ୍କ ସହ ଏମାନଙ୍କ କ'ଣ ସମ୍ପର୍କ? ପୁଣି କେହି କେହି ଈଶ୍ୱର ଓ ଭଗବାନ୍‌ଙ୍କୁ ଏକ୍ ବୋଲି କୁହନ୍ତି। ଯିଏ ଭଗବାନ୍ ସେ ହିଁ ଈଶ୍ୱର। ଐଶ୍ୱର୍ଯ୍ୟ, ବୀର୍ଯ୍ୟ, ଯଶ, ଶ୍ରୀ, ଜ୍ଞାନ ଓ ବୈରାଗ୍ୟ ଏହି ଛଅଟି ଗୁଣର ଅଧିକାରୀ ଯିଏ, ଯିଏ ନିତ୍ୟ ଭଗବାନ୍ ଅର୍ଥାତ୍ ସେବାପରାୟଣ ତାଙ୍କୁ ହିଁ ଭଗବାନ୍ କୁହାଯାଏ। ତେଣୁ ଭଗବାନ୍ ବହୁତ ହୋଇପାରନ୍ତି – ଯେପରି ଭଗବାନ୍ ବ୍ୟାସ, ଭଗବାନ୍ ବଶିଷ୍ଠ, ଭଗବାନ୍ ମନୁ ପ୍ରମୁଖ। କିନ୍ତୁ ଈଶ୍ୱର ଏକ, ଅଦ୍ୱିତୀୟ ଓ ଅନନ୍ତ। ସାଧନା ମାଧ୍ୟମରେ ଭଗବାନ୍ ଲାଭହୁଏ, କିନ୍ତୁ ଈଶ୍ୱର ଇଚ୍ଛାମୟ। ଈଶ୍ୱର ସ୍ୱଇଚ୍ଛାରେ ନରବପୁ ଧାରଣକରି ପୃଥିବୀରେ ଅବତରଣ କରନ୍ତି। ଭଗବାନ୍ ଈଶ୍ୱରଙ୍କଠାରେ ସହଜ ଓ ସ୍ୱାଭାବିକ। ପରମପୁରୁଷ, ପରମ ଦୟାଳ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ଆଶ୍ରୟକରି ଜଣାପଡ଼ିଲା ଜ୍ଞାନ, ବିଜ୍ଞାନ, ଭକ୍ତି, ବିଶ୍ୱାସ, ଚୈତନ୍ୟ, ବିବର୍ତ୍ତନ, ଶିକ୍ଷା, ଦୀକ୍ଷା, ଜୀବନ, ସମାଜ, ରାଷ୍ଟ୍ର, ମନୁଷ୍ୟତ୍ୱ, ପ୍ରେମ, ନିରାପାବୋଧ, ଶିଷ୍ଟତା, ଲୋକକଲ୍ୟାଣ ପ୍ରଭୃତିର ପ୍ରକୃତ ଅର୍ଥ ଓ ପରିଚୟ ପ୍ରତିଟି ବିଷୟ ନୀତିଗତ ଓ ବାସ୍ତବ ଭାବରେ ଛାନ୍ଦିକ ବିନ୍ୟାସ ସହକାରେ ମଙ୍ଗଳ ତାତ୍ପର୍ଯ୍ୟରେ ସାମଗ୍ରିକତା ସହକାରେ ତାଙ୍କ ଜୀବନରେ ଓ ଚରିତ୍ରରେ ମୂର୍ତ୍ତ ଥିଲା। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପରି ସଦ୍‌ଗୁରୁ ଲାଭ ମହାଭାଗ୍ୟର କଥା। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଶିକ୍ଷାଦେଲେ ଈଶ୍ୱର ଆକାଶରେ ବା କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ନାହାନ୍ତି। ଈଶ୍ୱର ସବୁକିଛିର ଉତ୍ସ, ସର୍ବବ୍ୟାପୀ, ସେ ବୋଧସ୍ୱରୂପ, ଜ୍ଞାନସ୍ୱରୂପ, ଅନନ୍ତ ହୋଇ ମଧ୍ୟ ଏକ୍, ଖଣ୍ଡିତ ହୋଇ ମଧ୍ୟ ଅଖଣ୍ଡ, ପରିମାପିତ ହୋଇ ମଧ୍ୟ ଅପରିମେୟ, ସେ ପରମ କାରୁଣିକ, ସର୍ବେଶ୍ୱର ଅଥଚ ସମସ୍ତ କାରଣର କାରଣ ଓ ଜୀବନ ଉତ୍ସ।

ଈଶ୍ୱର ଶବ୍ଦର ମୂଳରେ ଅଛି ଈଶ୍ ଧାତୁ, ଯାହାର ଅର୍ଥ ହେଉଛି ପ୍ରଭୁତ୍ୱ ଓ ଆଧିପତ୍ୟ। ଈଶ୍ୱର ସମସ୍ତଙ୍କର ପ୍ରଭୁ ଓ ଅଧିପତି। ପ୍ରଭୁ ଶବ୍ଦରେ ଅଛି ପ୍ର ଓ ଭୁ, ଯାହାର ଅର୍ଥ ପ୍ରକୃଷ୍ଟ ରୂପେ ହେବା। ପ୍ରଭୁ ପ୍ରକୃଷ୍ଟ ରୂପରେ ସବୁ କିଛି ହୋଇଉଠିଛନ୍ତି। ପୃଥିବୀର ସବୁକିଛି ଈଶ୍ୱରଙ୍କଠାରୁ ଜାତ। ବିବର୍ତ୍ତନର ବହୁ ପାହାଚ ଅତିକ୍ରମକରି ବର୍ତ୍ତମାନ ଏହି ଅବସ୍ଥାରେ ପହଞ୍ଚିଛି। ଏକ ଐଶ୍ୱରୀୟ ଶକ୍ତି ନାନାଭାବରେ ବିକଶିତ ହୋଇଉଠିଛି। ଏହି ହୋଇଉଠିବାର ସମ୍ବେଗ ତାଙ୍କ ମଧ୍ୟରେ ଅନୁସୃତ ଥିଲା ଓ ବିହିତ ପ୍ରକ୍ରିୟା ଏବଂ ଆବର୍ତ୍ତନ ମଧ୍ୟ ଦେଇ ତାହା ବର୍ତ୍ତମାନ ଏହି ରୂପ ପରିଗ୍ରହ କରିଛି। ଏହି ପ୍ରତିଟି ବସ୍ତୁ ମଧ୍ୟରେ ଏକ ଛାନ୍ଦିକ ବିନ୍ୟାସ ରହିଛି। ଏହାବାଦ୍ ସବୁ ପଦାର୍ଥର ଏକ ବୈଶିଷ୍ଟ୍ୟ ବା ବିଶେଷ ଗୁଣ ରହିଛି। ଏହି ହୋଇଉଠିବା ସଙ୍ଗେସଙ୍ଗେ ବଜାୟ ରହିବାର ସମ୍ବେଗ ବା ସ୍ଥିତିତ୍ୱର ସମ୍ବେଗ ମଧ୍ୟ ଈଶ୍ୱରଙ୍କ ପାଖରେ ବିଦ୍ୟମାନ୍।

ଜୀବନ ଯେପରି ଅସ୍ତିତ୍ୱ ବଜାୟ ରହିବ ଓ ବୃଦ୍ଧି ବଜାୟ ରହିବ – ଏହି ଦୁଇଟି ଈଶ୍ୱରୀୟ ବିଧାନ। ତେଣୁ ଈଶ୍ୱର ଯେପରି ସଚ୍ଚିଦାନନ୍ଦମୟ, ସେହିପରି ଅସତ୍ ନିରୋଧୀ। ଅସତ୍ ଅର୍ଥାତ୍ ସା ବିରୋଧୀ ମୃତ୍ୟୁପନ୍ଥୀ, ଯାହା ଜୀବନକୁ ଅବସନ୍ନ କରି ମୃତ୍ୟୁଆଡ଼କୁ ନେଇଯାଏ। ଈଶ୍ୱରୀୟ ବିଧାନ ତାକୁ ଚୂର୍ଣ୍ଣ କରିଦିଏ, ଜୀର୍ଣ୍ଣ କରିଦିଏ ଓ ମୃତ୍ୟୁକୁ ଜୟ କରେ। ସେଥିପାଇଁ କେହି ଯଦି ଈଶ୍ୱରଙ୍କର ଦୁହାଇ ଦେଇ ସା ବିରୋଧୀ ବା ଅକଲ୍ୟାଣ ପଥରେ ଚାଲେ, ନାନା ଯୁକ୍ତିଜାଲ ବିଛାଇ ସେ ହି ଚାଲିବାକୁ ସମର୍ଥନ କରେ, ସେ ନିଶ୍ଚିତ ହିଁ ଈଶ୍ୱରଙ୍କର କରୁଣାରୁ ବଞ୍ଚିତ ହୁଏ। ଈଶ୍ୱର ହେଉଛନ୍ତି ସ୍ୱସ୍ତି ନିଦାନ। ଈଶ୍ୱର ହେଉଛନ୍ତି ମଙ୍ଗଳମୟ। ଈଶ୍ୱର ତାଙ୍କର ପ୍ରତିରୂପ କରି ମନୁଷ୍ୟକୁ ସୃଷ୍ଟି କରନ୍ତି। ଏହି ମନୁଷ୍ୟର ସୃଷ୍ଟି ସମୟରେ ଈଶ୍ୱର ତାଙ୍କର ଶକ୍ତି ମଧ୍ୟ ମନୁଷ୍ୟକୁ ଦାନ କରିଛନ୍ତି। ଈଶ୍ୱରଙ୍କ ଗୁଣାବଳୀ ସ୍ଫୁଲିଙ୍ଗ ଆକାରରେ ମନୁଷ୍ୟ ମଧ୍ୟରେ ଅଛି। ଈଶ୍ୱର ପୂର୍ଣ୍ଣ ଓ ତାଙ୍କ ସୃଷ୍ଟିର ସମସ୍ତ କିଛି ପୂର୍ଣ୍ଣ। ପ୍ରତିଟି ମନୁଷ୍ୟ ଜଣେ ଜଣେ କ୍ଷୁଦ୍ର ଈଶ୍ୱର। ଈଶ୍ୱରଙ୍କୁ ଏହିପରି ଭାବେ ଉପଲବ୍ଧି ଭିତର ଦେଇ ଜୀବନଯାପନ କରିତୋଳିବା ହିଁ ଈଶ୍ୱର ଦର୍ଶନ। ଦର୍ଶନ ମାନେ ଦେଖିବା ଓ ଜ୍ଞାନଲାଭ। ଜଗତରେ ଦୁଇଟି ପଥ ଗୋଟିଏ ସା ପଥ ଓ ଅନ୍ୟଟି ହେଉଛି ବୃତ୍ତିପଥ।

**ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ,**
**କଟକ, ମୋ–୯୪୩୭୦୫୧୯୫୭**

## ଏଇ ଭାରତରେ

ସମାଜବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ଏକ ଏନ୍‌ଜିଓରେ ଭଲ ଦରମାରେ ଚାକିରି କରିଥିଲେ କେରଳ ଏର୍ନାକୁଲମ ନିବାସୀ ଜିତୁ ଥୋମାସ। ତାହାକୁ ଛାଡ଼ି ଏବେ ସେ ଛତୁଚାଷ କରି ଦିନକୁ ୪୦,୦୦୦ ଟଙ୍କା ଅର୍ଥାତ୍ ମାସକୁ ପ୍ରାୟ ୧୨ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏହି କାର୍ଯ୍ୟରେ ତାଙ୍କ ମା' ଲିନା ତାଙ୍କୁ ସହଯୋଗ କରୁଛନ୍ତି। ଜିତୁ କୁମାରକୋମ୍ କୃଷି ବିଜ୍ଞାନ କେନ୍ଦ୍ରରୁ ଛତୁ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେବା ପରେ ଏହି ଚାଷ ଆରମ୍ଭ କରିଥିଲେ। ପ୍ରଥମେ ଘରର ଏକ କୋଣରେ ଅଳ୍ପ ଜାଗାରେ ଓ ଏବେ ୫,୦୦୦ ବର୍ଗଫୁଟ ପରିମିତ ଜାଗାରେ ଚାଷ କରିବା ସହ 'ଲିନା ମସ୍‌ରୁମ୍ ଫାର୍ମ' ପ୍ରତିଷ୍ଠା କରିଛନ୍ତି। ଦିନକୁ ୧୦୦ କେଜି ଛତୁ ଉତ୍ପାଦନ କରୁଛନ୍ତି। ଏହା ସହ ତାଙ୍କ ନିଜ ଲାବ୍‌ରେ ଛତୁ ମଞ୍ଜି ମଧ୍ୟ ପ୍ରସ୍ତୁତ କରି ସେଥିରୁ ଲାଭ ପାଉଛନ୍ତି। ଏହି ଚାଷ ସମ୍ପୂର୍ଣ୍ଣ ବୈଜ୍ଞାନିକ ପଦ୍ଧତିରେ କରାଯାଉଛି। ଯେତିକି ଜାଗାରେ ୫ ହଜାର ବେଡ୍ ରହିବା କଥା, ସେତିକି ଜାଗାରେ ୨୦,୦୦୦ ବେଡ୍ ରଖିଛନ୍ତି। ଏଣୁ କମ୍ ଖର୍ଚ୍ଚରେ ଅଧିକ ଲାଭ ମିଳୁଛି। ଛତୁକୁ ପ୍ୟାକେଟ କରି ତାହାକୁ ୩୦ କିମି ଭିତରେ ଥିବା ମାର୍କେଟ୍‌ଗୁଡ଼ିକରେ ବିକ୍ରିର ବ୍ୟବସ୍ଥା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧୩ ଜୁନ୍ ୧୯୭୫**

- କଂଗ୍ରେସ ଦଳର ପ୍ରାଥମିକ ତଥା ସକ୍ରିୟ ସଭ୍ୟ ପଦରୁ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ହିତେନ୍ଦ୍ର ଦେଶାଇଙ୍କ ଇସ୍ତଫା ପ୍ରଦାନ।
- ଭାରତର ଜନୈକ ବିଶିଷ୍ଟ ଓ ପ୍ରବୀଣ କୂଟନୀତିଜ୍ଞ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦୁର୍ଗା ପ୍ରସାଦ ଧରଙ୍କ ୫୭ ବର୍ଷ ବୟସରେ ପରଲୋକ।
- ଆହ୍ଲାବାଦ ହାଇକୋର୍ଟ ରାୟରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଇ ଏହି ରାୟର କାର୍ଯ୍ୟକାରିତା ପାଇଁ ୨୦ ଦିନ ଅନ୍ତଃବର୍ତ୍ତିକାଳୀନ ସ୍ଥଗିତାଦେଶ ଦିଆଯାଇଛି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | 1 | | | | | 3 |
| | | | | | | 7 | 1 | |
| 7 | 8 | | | | | | | |
| | | | | 1 | | | | |
| 8 | | | | 5 | 2 | | 6 | |
| | | | | | | 4 | 5 | 2 |
| | | 3 | | 8 | | 2 | 4 | |
| | | | | 4 | | 9 | | 5 |
| | 4 | | 7 | 3 | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 1 | 2 | 7 | 9 | 4 | 8 | 6 |
| 6 | 7 | 4 | 5 | 1 | 8 | 2 | 3 | 9 |
| 8 | 9 | 2 | 3 | 6 | 4 | 7 | 1 | 5 |
| 1 | 5 | 7 | 9 | 8 | 6 | 3 | 4 | 2 |
| 2 | 8 | 3 | 4 | 5 | 7 | 6 | 9 | 1 |
| 4 | 6 | 9 | 1 | 3 | 2 | 8 | 5 | 7 |
| 3 | 2 | 5 | 7 | 4 | 1 | 9 | 6 | 8 |
| 9 | 1 | 6 | 8 | 2 | 3 | 5 | 7 | 4 |
| 7 | 4 | 8 | 6 | 9 | 5 | 1 | 2 | 3 |

ଗତକାଲିର ଉତ୍ତର

# ଆସ ଛେଳିଫାର୍ମ କରିବା



**ଡ. ପ୍ରମୋଦ କୁମାର ପଣ୍ଡା**

ପାଠକ ବନ୍ଧୁ! ପ୍ରସଙ୍ଗଟି ନିଶ୍ଚୟ ଆପଣମାନଙ୍କୁ ଚକିତ କରୁଥିବ। ଆମ ଓଡ଼ିଆଙ୍କର ଯେତେପ୍ରକାର ଆମିଷ ଖାଦ୍ୟ ଅଛି, ସେଥିମଧ୍ୟରୁ ରାଜା ହେଉଛି ମାଂସ ତରକାରି ବା ଛେଳି ମାଂସ ତରକାରି। ଜନ୍ମଦିନ, ନିର୍ବନ୍ଧ, ବାହାଘର ଇତ୍ୟାଦି ଭୋଜି ଛେଳି ମାଂସ ବିନା ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନାହିଁ। ଛେଳି ମାଂସ ଅଭାବରେ ବିଭିନ୍ନ ସ୍ଥାନରେ ବିବାହ ଭୋଜିରେ ଗଣ୍ଡଗୋଳ ହେବା ଓ ବିବାହ ଭାଙ୍ଗିଯିବାର ଅନେକ ନଜିର ମଧ୍ୟ ରହିଛି। ଛେଳି ମାଂସ ଆଳୁ ଝୋଳ ସହିତ ଦେଶୀ ଉଷୁନା ଚାଉଳର ଭାତ ଓଡ଼ିଆ ଭାଇ ଭଉଣୀଙ୍କୁ ମନେ ନ ପକାଇଲେ ଭଲ। ରାଜ୍ୟ ସାରା ଛେଳି ମାଂସର ଏତେ ଡିମାଣ୍ଡ ଅଛି ଯେ ବର୍ଷର ଯେ କୌଣସି ସମୟରେ ବି ଏହାର ଦାମ କିଲୋପିଛା ୭୫୦ – ୮୦୦ ଟଙ୍କାରୁ କମି ନ ଥାଏ। ସ୍ଥିତି ଏମିତି ଅବସ୍ଥାରେ ପହଞ୍ଚିଲାଣି ଯେ ଗରିବଗୁରୁବା ଆଜିକାଲି ଛେଳି ମାଂସ ଟିକିଏ ଖାଇବା ସ୍ୱପ୍ନ ବୋଲି ଭାବୁଛନ୍ତି। ଥରେ ଜଣେ କ୍ଷୁଦ୍ର ଚାଷୀ ଏହି ଲେଖକଙ୍କୁ ଏକ ଦୁଃଖଭରା କଥା କହିଲେ ଯାହାକି ମୋ ହୃଦୟକୁ ପ୍ରଭାବିତ କଲା। ସେ କହିଲେ, ଆମେ ଛେଳି ମାଂସ ତରକାରି ଖାଇବାକୁ ଆଉ ସାହସ କରିପାରୁନାହୁଁ। ମୁଁ ତତ୍‌କ୍ଷଣାତ ପଚାରିଲି କାହିଁକି ? ସେ ଉତ୍ତରରେ କହିଲେ ସାର୍! ମୋ ପରିବାର ପାଇଁ ଦେଢ କିଲୋ ମାଂସ ଦରକାର, ଯାହାର ବର୍ତ୍ତମାନ ଦାମ ୧୨୦୦ ଟଙ୍କା। ମୋର କୁଇଣ୍ଟାଲ ଧାନର ଦାମ୍ ମଧ୍ୟ ୧୨୦୦ ଟଙ୍କା। ଆପଣ କୁହନ୍ତୁ ମୁଁ ଓ ମୋ ପରିବାର କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ କେତେ ପରିଶ୍ରମ କରୁଛୁ। ଗୋଟେ ବକ୍ତ ମାଂସର ଦାମ ଗୋଟେ କୁଇଣ୍ଟାଲ ଧାନ? କଥାଟି ଛୋଟ ହେଲେ ମଧ୍ୟ ମୋ ମନରେ ଗଭୀର ରେଖାପାତ କଲା ଓ ଛେଳି ମାଂସର ଅହେତୁକ ଦର ବୃଦ୍ଧି କାହାପାଇଁ ହେଉଛି ଖୋଜିବାକୁ ଲାଗିଲି।

ସାଧାରଣତଃ କୌଣସି ପଦାର୍ଥର ଦର ବୃଦ୍ଧି ସେତେବେଳେ ହୋଇଥାଏ, ଯେତେବେଳେ ଚାହିଦା ଅଧିକ ଥାଏ ଏବଂ ଆପୂର୍ତ୍ତି କମ୍ ଥାଏ। ସେହି ଅନୁସାରେ କହିବାକୁ ଗଲେ ଓଡ଼ିଶାରେ ଛେଳି ମାଂସ ଚାହିଦା ମୁତାବକ ସପ୍ଲାଇ ହୋଇପାରୁନାହିଁ। ଏହି ଡିମାଣ୍ଡ, ସପ୍ଲାଇ ଗ୍ୟାପ ବା ନିଅଣ୍ଟକୁ ଭରଣା କରିବା ପାଇଁ ଆମକୁ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବିହାର ଓ ଆନ୍ଧ୍ର ପ୍ରଦେଶରୁ ଛେଳି ଆମଦାନୀ କରିବାକୁ ପଡୁଛି। ଆସନ୍ତୁ ପରିସଂଖ୍ୟାନ ଦ୍ୱାରା ଏହି ଉକ୍ତିର ଯଥାର୍ଥତା ପ୍ରତିପାଦନ କରିବା। ଆମ ରାଜ୍ୟରେ ୨୦୧୨ ରେ ମୋଟ ଛେଳିଙ୍କ ସଂଖ୍ୟା ଥିଲା ୬୫.୧ ଲକ୍ଷ। ଯାହାକି ୨୦୧୯ ବେଳକୁ ହ୍ରାସ ପାଇ ୬୩.୯ ଲକ୍ଷରେ ପହଞ୍ଚିଛି। ଗୋଟେ ପଟେ ଖାସି ମାଂସର ଚାହିଦା ବଢୁଥିବାବେଳେ ଓଡ଼ିଶାରେ ଛେଳି ସଂଖ୍ୟା ହ୍ରାସ, ଚିନ୍ତାଜନକ। ଆସନ୍ତୁ ଦେଖିବା ସେହି ସମୟ ମଧ୍ୟରେ ଆମ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର କ'ଣ ସ୍ଥିତି ଅଛି। ଝାଡ଼ଖଣ୍ଡରେ ୨୦୧୨ ମସିହାରେ ୬୫.୮ ଲକ୍ଷ ଛେଳି ଥିବାବେଳେ ତାହା ୨୦୧୯ ବେଳକୁ ବୃଦ୍ଧିପାଇ ୯୧.୨ ଲକ୍ଷରେ ପହଞ୍ଚିଛି। ସେହିପରି ପଶ୍ଚିମବଙ୍ଗରେ ଉକ୍ତ ସମୟ ମଧ୍ୟରେ ଛେଳି ସଂଖ୍ୟା ୧୧୫.୧ ଲକ୍ଷରୁ ବଢି ୧୬୨.୮ ଲକ୍ଷରେ ପହଞ୍ଚିଛି। ସର୍ବଭାରତୀୟ ସ୍ତରରେ ଛେଳି ସଂଖ୍ୟା ଦେଖିଲେ



ଜଣାଯାଏ ଯେ ଉକ୍ତ ସମୟ ମଧ୍ୟରେ ମୋଟ ଛେଳି ସଂଖ୍ୟା ୧୩୫୧.୭ ଲକ୍ଷରୁ ବୃଦ୍ଧି ପାଇ ୧୪୮୮.୮ ଲକ୍ଷରେ ପହଞ୍ଚିଛି। ଅର୍ଥାତ୍ ସର୍ବଭାରତୀୟ ସ୍ତର ଓ ଆମ ପଡୋଶୀ ଯଥା ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ଛେଳି ସଂଖ୍ୟା ବୃଦ୍ଧି ହେଉଥିବା ସ୍ଥଳେ ଆମର ଛେଳି ସଂଖ୍ୟା ହ୍ରାସ ଚିନ୍ତାର କାରଣ ?

ଖାଇବୁ ଛେଳି ମାଂସ, ମାତ୍ର ପାଳିବୁନି ଛେଳି। ଏପରି ସ୍ଥଳେ ପଡୋଶୀ ରାଜ୍ୟରୁ ଆସିବା ତ ସ୍ୱାଭାବିକ କଥା। ଏହାର ମୁଖ୍ୟ କାରଣ ହେଲା ଯେ ଛେଳି ପାଳନ କଲେ ପ୍ରେଷ୍ଟିଜ ଚାଲିଯିବ, ଏହା ସାମାଜିକ ଧାରଣା। ଓଡ଼ିଶାରେ ଆମେ ଏପରି ଭାବିଥାଉ। ସେଥିପାଇଁ ଶିକ୍ଷିତ ଯୁବତୀଯୁବକ କିମ୍ବା ଧନୀ ଶ୍ରେଣୀର ଲୋକ ଛେଳି ପାଳନ କରନ୍ତି ନାହିଁ। ସମାଜରେ ଏହି ଧାରଣାକୁ ଜନମାନସ ମନରୁ ପୋଛିବାକୁ ପଡିବ। ଆମ ପାଖରେ ୨୯ ଲକ୍ଷ ହେକ୍ଟର ଡିପ ଜମି ଅଛି, ଯେଉଁଠି ପ୍ରଚୁର ଘାସ ବଢିଥାଏ। ଆମ ପାଖରେ ଜଙ୍ଗଲ ଜମି ମଧ୍ୟ ଅଛି। ପ୍ରଚୁର ବର୍ଷା (୧୫୦୦ ମିଲିମିଟର) ଓ ଉର୍ବର ମୃତ୍ତିକା ବର୍ଷ ତମାମ ଘାସ ଉତ୍ପାଦନରେ ସହାୟକ ହୋଇଥାଏ। କୁକୁଡା ପାଳନରେ ଥିବା ରିସ୍କ ମଧ୍ୟ ଛେଳି ପାଳନରେ ନ ଥାଏ। ଛେଳିକୁ କମ ଖାଦ୍ୟର ଆବଶ୍ୟକତା ପଡିଥାଏ। ତା' ଛଡା ତାକୁ ବେଶି ରୋଗ ଆକ୍ରାନ୍ତ କରି ନ ଥାଏ। ଛେଳି ଛୋଟ ପ୍ରାଣୀ ହୋଇଥିବାରୁ ଆରାମରେ ବିକ୍ରିବଟା ହୋଇଥାଏ, ସେଥିପାଇଁ ତ ଛେଳିକୁ ଏଟିଏମ୍ ମେସିନ ମଧ୍ୟ କୁହାଯାଏ। ଅର୍ଥାତ୍ Any Time Money। ଛେଳିକ୍ଷୀର ସବୁଠାରୁ ମୂଲ୍ୟବାନ ଓ ଉପାଦେୟ ଖାଦ୍ୟ।

ଜାତିର ପିତା ମହାତ୍ମା ଗାନ୍ଧୀ ପ୍ରତ୍ୟେକ ଦିନ ଛେଳି କ୍ଷୀର ପିଉଥିଲେ। ଗୁଜରାଟ, ମହାରାଷ୍ଟ୍ର, ରାଜସ୍ଥାନ, ଉତ୍ତର ପ୍ରଦେଶ ଓ ମଧ୍ୟପ୍ରଦେଶରେ ଲୋକେ ଛେଳି କ୍ଷୀରକୁ ପସନ୍ଦ କରନ୍ତି। ଛେଳି କ୍ଷୀର ଶିଶୁ, ବୃଦ୍ଧାବୃଦ୍ଧ ଓ ରୋଗୀମାନଙ୍କ ପାଇଁ ଅତି ଉପାଦେୟ। ତେଣୁ ଶିକ୍ଷିତ ସମାଜକୁ ଛେଳି କ୍ଷୀର ଉପାଦେୟତା ବିଷୟରେ ସଚେତନ କରିବାକୁ ପଡିବ। ଓଡ଼ିଶାରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକ ଓ ପ୍ରାଣୀ ସ୍ୱାସ୍ଥ୍ୟକର୍ମୀ ଏହି ସମସ୍ୟାକୁ ଏକ ଚ୍ୟାଲେଞ୍ଜ ଭାବରେ ଗ୍ରହଣ କରି ବେକାର ଯୁବତୀଯୁବକମାନଙ୍କୁ କିପରି ଛେଳି ପାଳନ ପ୍ରତି ଆକୃଷ୍ଟ କରାଯାଇପାରିବ, ସେ ଦିଗରେ ଅଧିକ ଯତ୍ନବାନ ହେଲେ ଆଗାମୀ ଦିନରେ ନିଶ୍ଚିତ ରୂପେ ଏ ଦିଗରେ ସଫଳତା ପାଇପାରିବା। ସେହିପରି ରାଜ୍ୟରେ ଶିକ୍ଷିତ ବେକାର ଯୁବତୀଯୁବକମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଛେଳି ଫାର୍ମ ସୃଷ୍ଟି କରାଯାଇପାରିବ, ଯଦ୍ୱାରା ଓଡ଼ିଶାର ଛେଳି ଆବଶ୍ୟକତା ପୂରଣ ହୋଇପାରିବ ଓ ଛେଳି ମାଂସରେ ସ୍ୱାବଲମ୍ବୀ କରାଯାଇପାରିବ ଏବଂ ଆମେ ରପ୍ତାନି ମଧ୍ୟ କରିପାରିବା। ଛେଳି ପାଳନ କଲେ ସମ୍ମାନ ହାନି ହେବ ଓ ଏହା ଗରିବ କିମ୍ବା ନୀଚ ଜାତିର କାର୍ଯ୍ୟ ବୋଲି ସମାଜର ଧାରଣାକୁ ଗଣମାଧ୍ୟମ ଚାହିଁଲେ ବଦଳାଇ ଦେଇ ପାରିବ। ଆମ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟରେ ନିଯୁକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କର ମଧ୍ୟ ଏ ଦିଗରେ ଗୁରୁଦାୟିତ୍ୱ ରହିଛି। ଆସନ୍ତୁ ସମସ୍ତେ ମିଶି ଓଡ଼ିଶାରେ ଛେଳି ପାଳନକୁ ପ୍ରୋତ୍ସାହିତ କରିବା ଓ ଛେଳି ମାଂସ ଉତ୍ପାଦନରେ ସ୍ୱାବଲମ୍ବୀ କରାଇ ରପ୍ତାନି ବୃଦ୍ଧି କରିବା।

**ଶ୍ୟାମଚାନ୍ଦ ପାଟଣା, ଭଦ୍ରକ**
**ମୋ : ୮୯୧୭୪୨୬୪୪୦**

## ପାଠକ ଶ୍ରେଷ୍ଠ ବିଚାରକ

### ଜନସାଧାରଣ ହୀନ ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠନ୍ତୁ

ମହାଶୟ,

ଆମ ଦେଶ ଓ ରାଜ୍ୟର ସାଧାରଣ ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ରାଜ୍ୟର ୧୪୭ ବିଧାୟକ ଓ ୨୧ ସାଂସଦ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ,ଏମାନଙ୍କ ମଧ୍ୟରେ ଥିବା ଅନେକ ଦୁର୍ନୀତିଖୋର ଗଣତନ୍ତ୍ରର ପବିତ୍ର ମନ୍ଦିର ସଂସଦ ଓ ବିଧାନସଭାରେ ପୁନଃ ୫ବର୍ଷ ପାଇଁ ପ୍ରବେଶ କରିବେ । ପୁଣି ଏମାନଙ୍କୁ ଦୁର୍ନୀତି କରିବାର ଲାଇସେନ୍ସ ମିଳିଯିବ। ଦେଶରେ ପ୍ରଚଳିତ ସାମ୍ବିଧାନିକ ବିଧି ବ୍ୟବସ୍ଥା ହେତୁରୁ ଏମାନେ ଦୋଷୀ ସାବ୍ୟସ୍ତ ହୋଇ ଜେଲ ନ ଯିବା ପର୍ଯ୍ୟନ୍ତ ଏପରି ଦୁର୍ନୀତି ବଢ଼ିଚାଲୁଥିବ। ଅନ୍ଧାକାନୁନ ଏମାନଙ୍କର କିଛି କରିପାରିବ ନାହିଁ। କଣ୍ଟ୍ରାକ୍ଟର, ଖଣିଚୋର, କମ୍ପାନୀ ମାଲିକ ଓ ଉଚ୍ଚ ପଦସ୍ଥ ଅମଲା ପ୍ରମୁଖ ମାଲାମାଲ ହେବେ। ଦରଦାମ ଅହେତୁକ ବୃଦ୍ଧିପାଇବ। ମେଣ୍ଢାଙ୍କଠାରୁ ଲୋମ ନେଇ ସେମାନଙ୍କ ମଧ୍ୟରେ ମାଗଣା କମ୍ବଳ ବଣ୍ଟାଯିବା ଘଟଣା ପରି ଗରିବ ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ମାଗଣା ଯୋଜନା ୧୪୫ କୋଟି ଜନତାଙ୍କ ପ୍ରଦତ୍ତ ଟିକସ ଅର୍ଥରେ ହିଁ କାର୍ଯ୍ୟକାରୀ ହେବ। ଗରିବ ଲୋକେ ଶୋଷିତ ଓ ନିର୍ଯାତିତ ହୋଇ ଅରଣ୍ୟ ରୋଦନ ଓ ବିଳାପ କରିବେ। ମୁଣ୍ଡ ପିଛା ଋଣ ଭାର ୨ଲକ୍ଷ ଟଙ୍କାରୁ ଅଧିକ ହେବ। ଖଣିଜ ଓ ପ୍ରାକୃତିକ ସମ୍ପଦର ଲୁଣ୍ଠନ ଅଧିକ ହେବ। ପରିବେଶ ଓ ଜଳବାୟୁ ଆହୁରି ଅଧିକ ବିଷାକ୍ତ ହେବ। ଜନସାଧାରଣ ହୀନ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠି ଏସବୁ ଦୁର୍ନୀତିଖୋର ଙ୍କୁ ବିନାଶ କରନ୍ତୁ।

**–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପିରହାଟ, ଭଦ୍ରକ**

### ଚିରନ୍ତନୀ

ମୋ ମରମ କିପାଁ ସଚକିତ ଯେ
ଫଗୁଣ–ଜୋଛନା ତଳେ ମିତ ହେ!
ଯୌବନ ଛଳ ଛଳ ଧରଣୀ
ନୀଳ ଜଳେ ଭାସିଯାଏ ତରଣୀ
ଉନ୍ମନା ଆଜି ମୋର କରଣୀ
ନ ମାନଇ ଭାଷା ବନ୍ଧର ଗୀତ ସେ!

–(ଫଗୁଣ ଜ୍ୟୋତ୍ସ୍ନା)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୭୬ ମେଟ୍ରିକ ଟନ୍ ଲୁହାପଥର ଜବତ**

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ପିଡ଼ପୋଖରୀ ଦୁବୁନା ବନାଞ୍ଚଳରୁ ପ୍ରାୟ ୭୬ ମେଟ୍ରିକ୍ ଟନ୍ ଉନ୍ନତମାନର ଲୁହାପଥରକୁ ଯୋଡ଼ା ଖଣି ବିଭାଗ ଜବତ କରିଛି। ପିଡ଼ପୋଖରୀ ବନାଞ୍ଚଳର ଖେସରା କିସମ ଜଙ୍ଗଲ ଅଞ୍ଚଳରେ ଏହି ଖଣିଜ ଖନନ ହେଉଥିଲା। ଚୋରା ଖଣିଜ ଖନନ ହେଉଥିବା ଆଖପାଖ ଅଞ୍ଚଳରେ ୨ଗୁଟି ଖଣି ସମେତ ଓଡ଼ିଶା ଖଣି ନିଗମର ଖଣି ରହିଛି। ଚୋରା ଖଣିଜ କିଏ ଖନନ କରିଥିଲା, କେଉଁଠିକୁ ପରିବହନ ହେଉଥିଲା, ଏହାର ଯାଞ୍ଚ ଯୋଡ଼ା ଖଣି ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ସୂଚନା ମିଳିଛି।

# ଶୁଖିଲା ପଡ଼ିଛି ବଡ଼ ଘାଗରା ଡ୍ୟାମ୍

■ ଫାଟି ଗରଗର ହୋଇଯାଇଛି
■ ଜଳକଷ୍ଟରେ କେନ୍ଦୁଝର ସହରବାସୀ

କେନ୍ଦୁଝର,୧୨।୬(ଦୀପକ ମିଶ୍ର)

ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବୃଦ୍ଧି ପାଉଛି। ଗ୍ରୀଷ୍ମ ପ୍ରବାହ ବୃଦ୍ଧି ସହ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ଗ୍ରୀଷ୍ମ ପ୍ରବାହ ବୃଦ୍ଧିଠାରୁ ଅଧିକ ଦାଉ ସାଧୁଛି ଜଳକଷ୍ଟ। ଜିଲାରେ ଅନେକ ସ୍ଥାନରେ କୂଅ, ପୋଖରୀ ଶୁଖିଗଲାଣି। ଏପରି ମାଛକାନ୍ଦଣା ନଦୀରେ ହୋଇଥିବା ବଡ ଘାଗରା ଡ୍ୟାମ୍ ଶୁଖି ଗରଗର ହୋଇଯାଇଛି। ଫଳରେ ଡ୍ୟାମ୍ ଉପରେ ନିର୍ଭର କରୁଥିବା ସହରବାସୀ ପାଣି ପାଇଁ ଯନ୍ତ୍ରଣା ଭୋଗୁଛନ୍ତି। ଆଗକୁ ଗ୍ରୀଷ୍ମ ଲହର ନ କମିଲେ ସମସ୍ୟା ଜଟିଳ ହୋଇଯିବ ବୋଲି କେନ୍ଦୁଝର ସହରବାସୀ କହିଛନ୍ତି।

ସୂଚନା ଅନୁଯାୟୀ, ମାଛକାନ୍ଦଣା ନଦୀ ଉପରେ ରାଜାରାଜୁଡ଼ା ଅମଳରୁ ଏକ ନଦୀ ବନ୍ଧ (ବଡ଼ ଘାଗରା ଡ୍ୟାମ୍) କରାଯାଇଥିଲା। ଡ୍ୟାମ୍‌ରୁ ସହରବାସୀଙ୍କ ପାଇଁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇଥିଲା। ସେବେଠାରୁ କେନ୍ଦୁଝର ସହରକୁ ଦୀର୍ଘ ଦିନ ଧରି ସାନମାଛକାନ୍ଦଣା ନଦୀରୁ ପାନୀୟ ଜଳ ଯୋଗାଣ ହୋଇଆସୁଛି। କିନ୍ତୁ ନଦୀବନ୍ଧରେ ଜଳ ଧାରଣ କ୍ଷମତା କମି କମି ଯାଉଥିବା ବେଳେ ଚଳିତ ବର୍ଷ ଏହା ସମ୍ପୂର୍ଣ୍ଣ ଶୁଖିଯାଇଛି। ଫଳରେ ସହରରେ ପାନୀୟ ଜଳ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅଳ୍ପ ପାଣିରୁ ସହରବାସୀଙ୍କ ସ୍ୱଳ୍ପ ତୃଷା ମେଣ୍ଟାଉଛି ସହର ଜଳ ଯୋଗାଣ ବିଭାଗ। ଅନେକ ଦିନ ଧରି ସହରର ବିଭିନ୍ନ ୱାର୍ଡକୁ ଜଳ ଯୋଗାଣ ବାଧାପ୍ରାପ୍ତ ହେଉଛି। ବିଶେଷକରି ୧ ନମ୍ବର ୱାର୍ଡରୁ ୭ ନମ୍ବର ୱାର୍ଡ ପର୍ଯ୍ୟନ୍ତ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପିଇବା ପାଣି ପାଇଁ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଏବେ କେବଳ ନଳକୂପ ହିଁ ସାହାରା ପାଲଟିଛି। ଅନେକ ସ୍ଥାନରେ ନଳକୂପ ମଧ ଖରାପ ହୋଇ ପାଣି ବାହାରୁ ନ ଥିବା ଅଭିଯୋଗ ହେଉଛି। ଫଳରେ ଗାଧୋଇବା ଓ ଶୌଚ ପାଇଁ ମଧ ଲୋକେ ହଇରାଣ ହେଉଛନ୍ତି। ବିଭିନ୍ନ ୱାର୍ଡରେ ଥିବା ପୋଖରୀଗୁଡ଼ିକ ମଧ୍ୟରୁ କିଛି ରୂପାନ୍ତରିତ କାର୍ଯ୍ୟ ନେଇ ବନ୍ଦ ହୋଇ ପଡ଼ିଥିବା ବେଳେ କିଛି ଶୁଖିଲା ପଡ଼ିଛି। ଫଳରେ ମହିଳାମାନେ ସ୍ନାନ ଆଦି କାର୍ଯ୍ୟ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୌରପାଳିକା, ସହର ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ହେଉଥିଲେ ବି ତାହା ଯଥେଷ୍ଟ ହେଉନାହିଁ। ଟ୍ୟାଙ୍କରରୁ ପାନୀୟ ଜଳ ନେବା ପାଇଁ ଲାଇନ ଲଗାଇ ବହୁ ସମୟ ଅପେକ୍ଷା କରିବାକୁ ପଡୁଛି। ବହୁ ସମୟରେ ପାଣି ନ ପାଇ ସହରବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସ୍ଥାନୀୟ ୭ ନମ୍ବର ୱାର୍ଡର ଅଧିବାସୀ ଦୁର୍ଯ୍ୟୋଧନ ନାଏକ କହିଛନ୍ତି, ତାଙ୍କ ଜୀବନ କାଳ ମଧ୍ୟରେ କେବେହେଲେ ଏ ଡ୍ୟାମ୍‌ରେ ପାଣି ଶୁଖିବା ସେ ଦେଖି ନ ଥିଲେ। ଏବେ ପାଣି ଶୁଖିଯାଇଥିବାରୁ ସ୍ଥାନୀୟ ଲୋକେ ଅଳ୍ପ ପାଣିରୁ ମାଛ ମଧ ଧରୁଛନ୍ତି। ସହର ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ନାରଦ ରଥ କହିଛନ୍ତି, ଦୀର୍ଘ ଦେଢ଼ ମାସ ହେବ ବର୍ଷା ହେଉ ନ ଥିବାରୁ ବଡ଼ଘାଗରା ଡ୍ୟାମ୍‌ରେ ଜଳ ଯୋଗାଣ ବିଭାଗ ଡିଜେଲ ପମ୍ପ ଦ୍ୱାରା ପାଣି ଉଠାଇ ଯୋଗାଣ କରୁଛନ୍ତି। ବର୍ଷା ନ ହେଲେ ପାଣି ଆଉ ସହରବାସୀଙ୍କୁ ଯୋଗାଇବା ସମ୍ଭବ ନୁହେଁ ବୋଲି ସେ କହିଥିଲେ।



ଡ୍ୟାମ୍ ମଧ୍ୟସ୍ଥଳ ଫାଟି ଗରଗର ହୋଇଯାଇଛି।



ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଗୌଡ଼ଗୁଡ଼ା ଗାଁରେ ପାଇପ ଫାଟି ରାସ୍ତାରେ ପାଣି ଭାସୁଛି।

# ଆଉ ୫ ଦିନ ଖରା, ଗୁଳୁଗୁଳି ସହ ଝଡ଼ବର୍ଷା

ଭୁବନେଶ୍ୱର,୧୨।୬
(ଅନୁରାଧା ମହାରଣା)

ରାଜ୍ୟରେ ଖରା ଓ ଗୁଳୁଗୁଳି ଜାରି ରହିଥିବାବେଳେ ବୁଧବାର କେତେକ ସ୍ଥାନରେ ବର୍ଷା ହୋଇଛି। ବୁଧବାର ଫୁଲବାଣୀରେ ସର୍ବାଧିକ ୪୯.୬ ମିମି ବର୍ଷା ହୋଇଥିବାବେଳେ କୋରାପୁଟ, ଟିଟିଲାଗଡ଼, ମାଲକାନଗିରି, ଦାରିଙ୍ଗବାଡ଼ି ଓ ନବରଙ୍ଗପୁରର ବିଭିନ୍ନ ସ୍ଥାନରେ ବର୍ଷା ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ ୪୨ ଡିଗ୍ରୀ ସେଲସିୟସ ତାପମାତ୍ରା ସହ ନୂଆପଡ଼ା ସବୁଠାରୁ ଉତ୍ତପ୍ତ ସହର ପାଲଟିଥିବାବେଳେ ୧୪ରୁ ଅଧିକ ସ୍ଥାନରେ ପାରଦ ୪୦ ଡିଗ୍ରୀ ଉପରେ ରହିଥିଲା। ତେବେ

ଆସନ୍ତା ୫ ଦିନ ଯାଏ ଗ୍ରୀଷ୍ମପ୍ରବାହ ସହ କାଳବୈଶାଖୀ ବା ଝଡ଼ବର୍ଷା ଲାଗି ରହିବ। ୩ ଦିନ ମଧ୍ୟରେ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ଆଶଙ୍କା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ଗୁରୁବାର ଦକ୍ଷିଣ ଓଡ଼ିଶା, ଉତ୍ତର ଉପକୂଳବର୍ତ୍ତୀ ଅଞ୍ଚଳ ସହ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ଝଡ଼ବର୍ଷାର ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ନୂଆପଡ଼ା, ବଲାଙ୍ଗୀର, ସୋନପୁର, ବୌଦ୍ଧ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଆଦି ଜିଲାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପବନର ବେଗ ଘଣ୍ଟା ପ୍ରତି ୩୪ରୁ ୪୦ କି.ମି. ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଏଥିପାଇଁ ସଂପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ବଲାଙ୍ଗୀର, ନୂଆପଡ଼ା, ବୌଦ୍ଧ, ସୋନପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲାରେ ହିଟ୍ ୱେଭ୍ ନେଇ ସତର୍କ କରାଯାଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ଜିଲାରେ ପ୍ରବଳ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିବ। ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟ ପାଣିପାଗରେ ବିଶେଷ ପରିବର୍ତ୍ତନ ହୋଇ ନ ପାରେ। ଗ୍ରୀଷ୍ମପ୍ରବାହ ଓ କାଳବୈଶାଖୀ ନେଇ ଭିନ୍ନ ଭିନ୍ନ ଦିନରେ ବିଭିନ୍ନ ଜିଲାକୁ ସତର୍କ ସୂଚନା ଦେଇଛି ପାଣିପାଗ ବିଭାଗ।

# ସରକାରୀ ଅଧିକାରୀଙ୍କ ଛୁଟି ନିର୍ଦ୍ଦେଶନାମାରେ ପରିବର୍ତ୍ତନ

ଭୁବନେଶ୍ୱର,୧୨।୬
(ଅସମାପିକା ସାହୁ)

ସରକାରୀ ଅଧିକାରୀଙ୍କ ଛୁଟି ନିର୍ଦ୍ଦେଶନାମାରେ ପରିବର୍ତ୍ତନ ହୋଇଛି। ଆସନ୍ତା ୩୦ ତାରିଖ ମଧ୍ୟରେ ସରକାରୀ ଅଧିକାରୀ ଛୁଟି ନେଇପାରିବେ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବୁଧବାର ସାନି ନିର୍ଦ୍ଦେଶନାମା ଜାରି କରାଯାଇଛି। ଆବଶ୍ୟକ ପଡ଼ିଲେ ତତ୍କାଳ କାର୍ଯ୍ୟରେ ଯୋଗଦେବାକୁ ମଧ କୁହାଯାଇଛି। ଜରୁରିକାଳୀନ ସ୍ଥିତିରେ ମୋବାଇଲରେ ବା ଡିଜିଟାଲ ଯୋଗେ ଉପଲବ୍ଧ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ଜୁନ୍ ୩୦ ତାରିଖ ଯାଏ ସରକାରୀ କର୍ମଚାରୀମାନେ ଛୁଟି ନେଇପାରିବେ ନାହିଁ ଏବଂ ଛୁଟିଦିନରେ ବି କାର୍ଯ୍ୟ ଜାରି ରହିବ ବୋଲି ମଙ୍ଗଳବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଭିନ୍ନ ବିଭାଗ ସଚିବ ଓ ଜିଲାପାଳମାନଙ୍କୁ ଚିଠି ଲେଖି ସୂଚନା ଦିଆଯାଇଥିଲା। ନୂଆ ସରକାର ଗଠନ ହେଉଥିବାରୁ ବିଭିନ୍ନ ସ୍ତରରେ କାର୍ଯ୍ୟକ୍ରମ ଚାଲିବ। ବିଭାଗ ବଣ୍ଟନଠାରୁ ଆରମ୍ଭ କରି ପ୍ରଶାସନିକ କ୍ଷେତ୍ରରେ ବିଭିନ୍ନ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ୩୦ ପର୍ଯ୍ୟନ୍ତ କାହାରିକୁ ଛୁଟି ନ ଦେବାକୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା।

# ଇଞ୍ଜିନିୟରିଂ ଚାକିରି ଛାଡ଼ିଥିଲେ ଗଣେଶ ରାମ

ବାରିପଦା,୧୨।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଯଶିପୁର ବିଧାନସଭା ନିର୍ବାଚନମଣ୍ଡଳୀ ବିଧାୟକ ଗଣେଶ ରାମ ସିଂ ଖୁଣ୍ଟିଆ ନବଗଠିତ ରାଜ୍ୟ ଭାଜପା ମନ୍ତ୍ରିମଣ୍ଡଳରେ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ଭାବେ ସ୍ଥାନ ପାଇଛନ୍ତି। ଏନେଇ ନିର୍ବାଚନମଣ୍ଡଳୀରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ଯଶିପୁର ବ୍ଲକ ଅଧୀନ ଅସ୍ତକୁଅଁର ପଞ୍ଚାୟତର ବଳରାମପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଗଣେଶ ରାମଙ୍କ ପିତା ହେଉଛନ୍ତି ସ୍ୱର୍ଗତ ଲକ୍ଷ୍ମଣ ସିଂ ଖୁଣ୍ଟିଆ। ବଳରାମପୁର ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷା ଆରମ୍ଭ କରିଥିବା ଗଣେଶରାମ ୧୯୯୦ରେ ମାଟ୍ରିକ ପାସ୍ କରିଥିଲେ। ପରେ କଟକ ସ୍ଥିତ ଭୁବନାନନ୍ଦ ଇଞ୍ଜିନିୟରିଂ କଲେଜରୁ ୧୯୯୪ରେ ଡିପ୍ଲୋମା ପାସ୍ କରିଥିଲେ। ୧୯୯୯ରେ ଗଣେଶ ଇଞ୍ଜିନିୟର ଭାବେ ଭୁବନେଶ୍ୱର ପୂର୍ତ୍ତ ବିଭାଗରେ ଚାକିରି ପାଇଥିଲେ। ସେହିବର୍ଷ ସେ ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକକୁ ବଦଳି ହୋଇ ୧୨ବର୍ଷ ଧରି କାର୍ଯ୍ୟ କରିଥିଲେ। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଇଞ୍ଜିନିୟରିଂ ଚାକିରି ଛାଡ଼ି ରାଜନୈତିକ କ୍ଷେତ୍ରରେ ପାଦ ଥାପିଥିଲେ। ୨୦୧୯ରେ ଭାଜପା ଟିକେଟରେ ଯଶିପୁର ବିଧାନସଭା କ୍ଷେତ୍ରରୁ ନିର୍ବାଚନ ଲଢ଼ି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଚକ୍ରଧର ହେମ୍ବ୍ରମଙ୍କୁ ପରାଜିତକରି ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଜଣେ ଦକ୍ଷ ରାଜନେତା ଭାବେ ସେ ଅଞ୍ଚଳରେ ବେଶ୍ ପରିଚିତ। ଲୋକଙ୍କ ସମସ୍ୟାକୁ ନେଇ ପଞ୍ଚାୟତସ୍ତରରୁ ଜିଲା ତଥା ରାଜ୍ୟସ୍ତରରେ ପହଞ୍ଚାଇ ସେ ଅଞ୍ଚଳବାସୀଙ୍କ ପ୍ରିୟପାତ୍ର ହୋଇପାରିଛନ୍ତି। ଶିମିଳିପାଳ ବନାଞ୍ଚଳ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକରେ ଗମନାଗମନ, ବିଦ୍ୟୁତ୍ ସେବା ଏବଂ ପାନୀୟ ଜଳ ଯୋଗାଣକୁ ନେଇ ସେ ଅନେକ ଜନହିତକର କାର୍ଯ୍ୟ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଶାଶୁଘର ଓ ପୈତୃକ ଘର ଯଶିପୁର ନିର୍ବାଚନମଣ୍ଡଳୀ ଅଧୀନରେ ରହୁଥିବାରୁ ଅଞ୍ଚଳର ବିକାଶ ନିମନ୍ତେ ତାଙ୍କୁ ମନ୍ତ୍ରୀ ମଣ୍ଡଳରେ ସ୍ଥାନିତ କରାଯାଇଥିବା ଆଲୋଚନା ହେଉଛି।



ଗଣେଶ ରାମ ସିଂ ଖୁଣ୍ଟିଆ

# ଟ୍ୟାଙ୍କର ଚାପାରେ ୨ ବାଇକ୍ ଆରୋହୀ ମୃତ

ବିଷମକଟକ,୧୨।୬
(ପ୍ରସନ୍ନ କୁମାର ପଣ୍ଡା)

ଟ୍ୟାଙ୍କର ଏବଂ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କାହେବାରୁ ଘଟଣାସ୍ଥଳରେ ୨ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଅନ୍ୟ ବାଇକ୍ ଆରୋହୀ ଗୁରୁତର ହୋଇଥିବା ଜଣାପଡ଼ିଛି। ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଭାତପୁର ନିକଟସ୍ଥ ବୃନ୍ଦାବାଡ଼ି ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତ ଯୁବତୀଯୁବକ ହେଲେ ମୁନିଗୁଡ଼ା ଥାନା ଅନ୍ତର୍ଗତ ଡାଙ୍ଗସୋରଡ଼ା ଫାଣ୍ଡି ଅନ୍ତର୍ଗତ କୁର୍ମାଯୋଡି ଗ୍ରାମର ନେପାଳ ବ୍ରେଡ଼େକା ଓ ତେଲେଙ୍ଗାପଦର ପଞ୍ଚାୟତ ପଟାଙ୍ଗପଦର ଗ୍ରାମର ଚୁମୁକି ସିକକା।

ପୋଲିସ ସୂଚନା ଅନୁଯାୟୀ, ଝାରସୁଗୁଡ଼ାରୁ ବିଶାଖାପାଟଣା ଅଭିମୁଖେ ଯାଉଥିବା ଏକ ଟ୍ୟାଙ୍କର ଭାରସାମ୍ୟ ହରାଇ ସାମ୍ନା ପଟୁ ଆସୁଥିବା ୨ ବାଇକ୍ ଉପରେ ଚଢ଼ି ରାସ୍ତା କଡ଼କୁ ଚାଲିଯାଇଥିଲା। ଟ୍ୟାଙ୍କର ଚାପାରେ ଘଟଣାସ୍ଥଳରେ ନେପାଳ ଓ ଚୁମୁକିଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଏକ ବାଇକ୍‌ରେ ଥିବା ଆମ୍ବାଦଳା ଥାନା ଅନ୍ତର୍ଗତ ଶିବପଦର ଗ୍ରାମର କାଳିଆ ସାହୁ ଗୁରୁତର ଆହତ ହୋଇଛନ୍ତି। ଉଭୟ ବାଇକ୍ ଆରୋହୀ ରାୟଗଡ଼ାରୁ କାର୍ଯ୍ୟ ସାରି ନିଜ ଘର ଅଭିମୁଖେ ଆସୁଥିବା ବେଳେ ଟ୍ୟାଙ୍କର ସେମାନଙ୍କୁ ଧକ୍କା ଦେଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଥିବା କାଳିଆଙ୍କୁ ଉଦ୍ଧାରକରି ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ୟାଙ୍କର ନମ୍ବର (ଓଡି ୧୭ଏନ୍୫୨୯୨)କୁ ପୋଲିସ ଜବତ କରିବା ସହ ଡ୍ରାଇଭର ଇମ୍ରାନ ଖାଁଙ୍କୁ ଗିରଫ କରିଛି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ୧୦୫/୨୪ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିବା ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି।



ଦୁର୍ଘଟଣାରେ କ୍ଷତିଗ୍ରସ୍ତ ବାଇକ୍।

# ମେଳାପୀ କୃଷ୍ଣଚନ୍ଦ୍ରଙ୍କୁ ମନ୍ତ୍ରୀପଦ

ବାରିପଦା,୧୨।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ମୋରଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ନୂଆ ସରକାରରେ କ୍ୟାବିନେଟ ମନ୍ତ୍ରୀ ପଦ ମିଳିଛି। ମେଳାପୀ ଓ ପରୋପକାରୀ ବ୍ୟକ୍ତିତ୍ୱ ଭାବେ ଜଣାଶୁଣା କୃଷ୍ଣଚନ୍ଦ୍ର ବୁଧବାର ଭୁବନେଶ୍ୱର ଜନତା ମଇଦାନରେ ଶପଥ ଗ୍ରହଣ କରିବା ପରେ ସମଗ୍ର ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି। ଦଳୀୟ କର୍ମୀ ମିଠା ବାଣ୍ଟି ପରସ୍ପରକୁ ଅଭିନନ୍ଦନ ଜଣାଇଛନ୍ତି। ୨୦୧୯ ନିର୍ବାଚନରେ କୃଷ୍ଣଚନ୍ଦ୍ର ମାତ୍ର ଅଳ୍ପ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ୨୦୨୪ ନିର୍ବାଚନରେ ସେ ବିଜେଡି ପ୍ରାର୍ଥିନୀ ପ୍ରୀତିନନ୍ଦା କାନୁନ୍‌ଗୋଙ୍କୁ ୩୩,୨୭୦ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରି ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି।

୧୯୭୦ ଅକ୍ଟୋବର ୬ରେ ଖୁଣ୍ଟା ବ୍ଲକ ଶିମିଳାବନ୍ଧ ଅଞ୍ଚଳରେ କୃଷ୍ଣଚନ୍ଦ୍ର ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତା ସ୍ୱର୍ଗତ ରାମଚନ୍ଦ୍ର ମହାପାତ୍ର ଶିକ୍ଷକତା କରୁଥିଲେ। କୃଷ୍ଣଚନ୍ଦ୍ର ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ଓ କୁଶଳଦା ଉଚ୍ଚ ବିଦ୍ୟାଳୟରେ ହାଇସ୍କୁଲ ଶିକ୍ଷା ଲାଭ କରିଥିଲେ। ବାରିପଦାସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟରେ ସ୍ନାତକ, ମୟୂରଭଞ୍ଜ ଆଇନ କଲେଜରେ ଏଲ୍‌ଏଲ୍‌ବି ଓ ମୟୂରଭଞ୍ଜ ଆୟୁର୍ବେଦ ମହାବିଦ୍ୟାଳୟରେ ବିଏଚ୍‌ଏମ୍‌ଏସ୍ ଶିକ୍ଷା ଲାଭ କରିଛନ୍ତି। କଲେଜ ସମୟରେ ଏବିଭିପି ଛାତ୍ର ନେତା, ୧୯୯୨ରେ ବିଶ୍ୱହିନ୍ଦୁ ପରିଷଦରେ ଯୋଗଦାନ ଏବଂ ୧୯୯୫ରେ ଭାଜପାରେ ଯୋଗ ଦେଇଥିଲେ। ସେ ୨ ଥର ଭାଜପା ସାଧାରଣ ସମ୍ପାଦକ, ୨ ଥର ଜିଲା ଭାଜପା ସଭାପତି, ରାଜ୍ୟ ସହରାଞ୍ଚଳ କମିଟିରେ ସଂଯୋଜକ ଦାୟିତ୍ୱ ନିର୍ବାହ କରିଛନ୍ତି। ଦଳର ସଙ୍ଗଠନକୁ ମଜଭୁତ କରିବା ସହ ଜିଲାବାସୀଙ୍କ ଦୁଃଖ ସୁଖରେ ସାମିଲ ହୋଇଥିଲେ। ଜିଲା ସଭାପତି ଥିବା ସମୟରେ ୨୦୧୭ ପଞ୍ଚାୟତିରାଜ ନିର୍ବାଚନରେ ତାଙ୍କ ନେତୃତ୍ୱରେ ଭାଜପା ଅଭୂତପୂର୍ବ ସଫଳତା ହାସଲ କରିଥିଲା। ବିଜେଡି ଗଡ଼ରେ ପଦ୍ମ ଫୁଟାଇ ୫୬ ଜିଲା ପରିଷଦ ଆସନରୁ ୪୯ ଜଣଙ୍କୁ ଜିତାଇ ଚର୍ଚ୍ଚାକୁ ଆସିଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ମଧ ଭାଜପା ଜିଲାର ମୋଟ ୯ ଆସନ ମଧ୍ୟରୁ ୬ ବିଧାୟକ ଓ ଏମ୍‌ପି ପଦ ଅକ୍ତିଆର କରିପାରିଥିଲା। ଜଣେ ଦକ୍ଷ ସଙ୍ଗଠକ ଭାବେ ଦଳକୁ ଆଗକୁ ନେବାର ପାରଦର୍ଶିତା ଥିବାରୁ ତାଙ୍କୁ କ୍ୟାବିନେଟ ମନ୍ତ୍ରୀ ଭାବେ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଥିବା କୁହାଯାଉଛି।



ଡ.କୃଷ୍ଣଚନ୍ଦ୍ର ମହାପାତ୍ର

# ହଦଗଡ଼ ଡ୍ୟାମ୍‌ରେ ବୁଡ଼ି ୨ ଛାତ୍ରଙ୍କ ମୃତ୍ୟୁ

ହାଟଡ଼ିହୀ(ଶୁଭକାନ୍ତ ନାୟକ)/
ଆନନ୍ଦପୁର(ଉମେଶ ଚନ୍ଦ୍ର ପାଢ଼ୀ)/
ତିହିଡ଼ି, (ସଞ୍ଜିତ ବଳ),୧୨।୬

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ ବ୍ଲକ୍ ହଦଗଡ଼ ଡ୍ୟାମ୍‌ରେ ବୁଡ଼ି ବୁଧବାର ୨ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଦ୍ରକ ଜିଲା ବରପଦା ପଞ୍ଚୁଗୋଛିଆ ଗ୍ରାମର ସ୍ୱର୍ଗତ ମଦନ ଦାସଙ୍କ ପୁଅ ଈଶ୍ୱର ଦାସ(୨୩) ଓ ତିହିଡ଼ି ଥାନା ଅଧୀନ ମିର୍ଜାପୁର ଗ୍ରାମର ତଥା ବାସୁଦେବପୁରର ପୂର୍ବତନ ବିଧାୟକ ପ୍ରତିନିଧି ବାପୁଜୀ ନାୟକଙ୍କ ପୁଅ ସମାହିତ ନାୟକ(୨୧)। ଈଶ୍ୱର ପଞ୍ଜାବରେ ଏମ୍‌ସିଏ ଏବଂ ସମାହିତ ଭୁବନେଶ୍ୱରର ଏକ ଘରୋଇ ଶିକ୍ଷାନୁଷ୍ଠାନରେ କମ୍ପ୍ୟୁଟର ସାଇନ୍ସରେ ବିସିଏ ପାଠ ପଢୁଥିଲେ।

ସୂଚନା ଅନୁଯାୟୀ, ତିହିଡି ଅଞ୍ଚଳର ଆୟୁଷ୍ମାନ ପାଣିଗ୍ରାହୀ, ସୌମ୍ୟରଞ୍ଜନ ସାହୁ, ଅମିୟ ନାୟକ, ଶୁଭମ ପରିଡ଼ା, ବେଦ ପ୍ରକାଶ ଏବଂ ସମାହିତ ନାୟକ, ବରପଦାରୁ ଈଶ୍ୱର ଦାସ ୭ ସାଙ୍ଗ ହଦଗଡ଼ ଡ୍ୟାମ୍ ବୁଲିବାକୁ ଆସିଥିଲେ। ସମାହିତ ନଦୀରେ ଗାଧୋଉଥିବା ବେଳେ ଗୋଡ଼ ଖସିଯାଇଥିଲା। ସମାହିତ ବୁଡ଼ିଯାଉଥିବା ଦେଖି ଈଶ୍ୱର ଉଦ୍ଧାର କରିବାକୁ ଯାଇ ବୁଡ଼ିଯାଇଥିଲେ। ହାଟଡ଼ିହୀ ଅଗ୍ନିଶମ ବିଭାଗ କର୍ମଚାରୀ ଏବଂ ସୋସୋ ପୋଲିସ ପହଞ୍ଚି ଖୋଜାଖୋଜି କରିଥିଲେ। ଦୀର୍ଘ ସମୟ ନଦୀ ଭିତରେ ଖୋଜିବା ପରେ ଦୁହିଁଙ୍କୁ ଉଦ୍ଧାରକରି ଆନନ୍ଦପୁର ଉପଖଣ୍ଡ ମେଡିକାଲ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ୨ ଅପମୃତ୍ୟୁ ମାମଲା (ନଂ.୧୪/୨୦୨୪ ଏବଂ ୧୫/୨୦୨୪)ରୁଜୁ କରିଛି। ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ତଦନ୍ତ ଚାଲିଥିବା ସୋସୋ ଥାନା ଅଧିକାରୀ ବିଜୟ ବିହାରୀ ସୂଚନା ଦେଇଛନ୍ତି।

# ଦନ୍ତା ଆକ୍ରମଣରେ ପରିବେଶବିତ୍ ମୃତ

ସାତମାଇଲ,୧୨।୬
(ସୁଶାନ୍ତ କୁମାର ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା କୁମୁରିସିଙ୍ଗା ଗ୍ରାମର ପରିବେଶବିତ୍ ଧୂଳିଆ ଦଳେଇ (୬୦) ବୁଧବାର ସକାଳେ ଏକ ଦନ୍ତାହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଘଟଣାରୁ ଜଣାପଡିଛି, ଧୂଳିଆ ସାଇକେଲରେ ଖଜୁରିଆକଟା ସାପ୍ତାହିକ ହାଟକୁ ସଉଦା ଆଣିବାକୁ ଯାଇଥିଲେ। ସଉଦା ଆଣି ଘରକୁ ଫେରିବାବେଳେ ଗ୍ରାମ ମୁଣ୍ଡରେ ଥିବା ଜଙ୍ଗଲ ପାଖରେ ଏକ ଦନ୍ତା ତାଙ୍କୁ ଶୁଣ୍ଢରେ ଟେକି କଚାଡି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ବନବିଭାଗ କର୍ମଚାରୀ, ବାଲିମି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଡାକ୍ତରଖାନା ପଠାଇଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।


GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER, KHURDA IRRIGATION DIVISION, KHURDA
Dist : Khurda, Odisha - 752056, Tel/Fax : 06755-296075, Mail id :- eekhurdairrigationdivision@gmail.com

No.A-33

'e'-Procurement Notice No.KHD-01 OF 2024-25, Dtd. 11.06.2024

1. Name of the work : 05 (five) Nos. of Civil Work
2. Tender Cost : Varies from Rs. 6.31 Lakhs to Rs. 13.88 Lakhs
3. Bid Document Cost : Rs. 4000/- to Rs. 6,000/-
4. Bid Security : Varies from Rs. 6,400/- to Rs. 13,900/-
5. Class of Contractor : D & C
6. Period of Completion : 03 to 05 calender months
7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Khurda Irrigation Division, Khurda | KHD 01-01 of 2024-25 to KHD 01-05 of 2024-25 | 13.06.2024 at 11.00 A.M. | 24.06.2024 up to 5.00 P.M. | 25.06.2024 at 11.00 A.M. |

8. e-mail Id eekhurdairrigationdivision@gmail.com
9. If required lottery may be held on 28.06.2024 at 11.00 AM
Further detail conditions can be seen from the Govt. website www.tendersodisha.gov.in

Sd./- Superintending Engineer
Khurda Irrigation Division, Khurda

OIPR-32078/11/0001/2425



AUCTION SALE NOTIFICATION

This is for information to all concerned that inspite of our repeated Legal Notice reminders of the Registered Owners.
1) Nerbheram Power and Steel, Vehicle- Passat, Regn. No.- OR 22 E 0005, VIN No.-WVWH083C09A000045. 2) Kaushik Chandra Ray, Vehicle- Vento, Regn. No.- OR 02 BN 9909, VIN NO.- WVWA11607BT025347. 3) Abhijit Das Mohapatra, Vehicle- Vento, Regn. No.- OD 02 J 6699, VIN No.- WVWG13609DT074056, 4) Chinmoy Sourav Gayan, Vehicle- Jeep Compass, Regn. No.- OD 02 BA 9200, VIN No.- MCANJRCY2JFA16044*CH 5) Kapila Charan Sahoo, Vehicle- Linea, Regn. No.- OR 11 K 0111, VIN No.- MCA11071B09028351JMZ are not come to take delivery.
The vehicles are ready for Auction Sale to be hold on Dated - 19.06.2024. between 10 AM to 4 PM at M/S. **Bharat Motors Ltd.**, NH-5, Pahal,Bhubaneswar- 752101.



HDFC BANK
We understand your world

ପଞ୍ଜୀକୃତ କାର୍ଯ୍ୟାଳୟ : ଏଚ୍‌ଡିଏଫ୍‌ସି ବ୍ୟାଙ୍କ ହାଉସ୍, ସେନାପତି ବାପଟ୍ ମାର୍ଗ, ଲୋୟର ପାରେଲ୍, ମୁମ୍ବାଇ - ୪୦୦୦୧୩
ଶାଖା କାର୍ଯ୍ୟାଳୟ : ସତନ୍ତ୍ର ପରିଚାଳନା ବିଭାଗ, ଜାରଡ଼ାଇନ୍ ହାଉସ୍, ପ୍ରଥମ ମହଲା, ୪, କ୍ଲାଇଭ୍ ରୋ, କୋଲକାତା-୭୦୦୦୦୧

ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଏଣ୍ଡ ରିକନ୍‌ଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଏଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ ୨୦୦୨ (ସରଫେଇସି ଅଧିନିୟମ ୨୦୦୨) ର ଧାରା ୧୩ (୨) ଅଧିନରେ

ଆମେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍, କୋଲକାତା ସିକ୍ୟୁରିଟାଇଜେସନ ଏଣ୍ଡ ରିକନ୍‌ଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଏଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ ୨୦୦୨ (ସରଫେଇସି ଅଧିନିୟମ ୨୦୦୨) ର ଧାରା ୧୩ (୨) ଅଧିନରେ ଏକ ଡିମାଣ୍ଡ ନୋଟିସ୍ ଜାରି କରିଥିଲୁ । ଏତଦ୍ୱାରା ଆପଣଙ୍କୁ ଏହି ନୋଟିସ୍ ଦିଆଯାଉଛି ଯେ ଏହି ଏନ୍‌ଭଲପରେ ଭାରପ୍ରାପ୍ତ ଅଧିକାରୀ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିଃ ଙ୍କ ଦ୍ୱାରା ଜାରି ହୋଇଥିବା ନୋଟିସ୍ ରହିଛି ଓ ଏହାକୁ ଆମେ ସ୍ପିଡ୍ ପୋଷ୍ଟ ଏ/ଡି / ରେଜିଷ୍ଟରଡ୍ ଡାକ ଯୋଗେ ସାଧାରଣ ଉପାୟରେ ଆପଣଙ୍କୁ ପ୍ରଦାନ କରିବାରେ ଅସମର୍ଥ ହୋଇଛୁ । ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍‌ସ ୨୦୦୨ ର ରୁଲ୍ ୩ ଅଧିନରେ ଆପଣଙ୍କୁ ଏହି ନୋଟିସ୍ ଦିଆଯାଉଛି । ଏହି ନୋଟିସ୍‌ରେ ଥିବା ସମାନ ବିଷୟ ଯାହା ଆପଣଙ୍କ ଦ୍ୱାରା ପ୍ରିନ୍‌ସିପାଲ୍, ଇଣ୍ଟରେଷ୍ଟ ଇତ୍ୟାଦିର ପେମେଣ୍ଟ ଯାହାକୁ ଆପଣ ପ୍ରତିଶ୍ରୁତି ଦେଇଥିଲେ ତାହାର ଖିଲାପ ବିଷୟ ରହିଛି । ବକେୟା ଦେୟର ବିବରଣୀ ନିମ୍ନ ପ୍ରକାରେ ।

| କ୍ର. ନଂ | ପଠାଯାଇଥିବା ୧୩(୨) ନୋଟିସ୍ ତାରିଖ/ଏନ୍‌ପିଏ ତାରିଖ | ଋଣ ଗ୍ରହୀତା/ ଗ୍ୟାରେଣ୍ଟରମାନଙ୍କ ନାମ ଓ ଠିକଣା | ସୁବିଧାର ପ୍ରକୃତି | ଟଙ୍କା ପରିମାଣର ସୀମା (ଲକ୍ଷରେ) | ତା.୩୦.୦୪.୨୦୨୪ ସୁଦ୍ଧା ମୂଳ ବକେୟା ରାଶି (ଟ.) | ତା.୩୦.୦୪.୨୪ ସୁଦ୍ଧା ସୁଧ, ପେନାଲ ସୁଧ ଓ ଚାର୍ଜ ସହିତ ବକେୟା ରାଶି (ଟ.) | ତା.୩୦.୦୪.୨୦୨୪ ସୁଧା ସମୁଦାୟ ବକେୟା ପରିମାଣ (ଟ.) | ସମ୍ପତ୍ତିର ବିବରଣୀ |
|---|---|---|---|---|---|---|---|---|
| ୧ | ୧୫.୦୫.୨୦୨୪ / ୨୫.୦୯.୨୦୨୩ | ୧. ସମର୍ଥ ଏଣ୍ଟରପ୍ରାଇଜେସ୍ (ଋଣଗ୍ରହୀତା), ଠିକଣା: ପ୍ଲଟ୍ ନଂ. ୩୪, ବୁଦ୍ଧ ନଗର, ୱାର୍ଡ ନଂ-ବିଏଚ୍-ସିଆଇ, ଭୁବନେଶ୍ୱର, ପୋ: ବୁଦ୍ଧେଶ୍ୱରୀ, ଥାନା: ଲକ୍ଷ୍ମୀସାଗର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଭୁବନେଶ୍ୱର ଜିପିଓ, ପିନ୍-୭୫୧୦୦୬, ରାଜ୍ୟ-ଓଡ଼ିଶା । ୨. ଶ୍ରୀ ଆଶିଷ କୁମାର ସାହୁ (ପାର୍ଟନର, ବନ୍ଧକଦାତା ଓ ଜାମିନଦାର), ଠିକଣା: ପ୍ଲଟ୍ ନଂ. ୩୪, ବୁଦ୍ଧ ନଗର, ୱାର୍ଡ ନଂ.: ବିଏଚ୍-ସିଆଇ, ଭୁବନେଶ୍ୱର, ପୋ: ବୁଦ୍ଧେଶ୍ୱରୀ, ଥାନା: ଲକ୍ଷ୍ମୀସାଗର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଭୁବନେଶ୍ୱର ଜିପିଓ, ପିନ୍-୭୫୧୦୦୬, ରାଜ୍ୟ-ଓଡ଼ିଶା । ଅନ୍ୟ ଠିକଣା: **ଶ୍ରୀ ଆଶିଷ କୁମାର ସାହୁ**, କନିକାପଡ଼ା, ମଧୁରପୁର, କନିକାପଡ଼ା, ମଙ୍ଗଳପୁର, ଯାଜପୁର, ଓଡ଼ିଶା, ପିନ୍-୭୫୫୦୧୧ । ୩. **ଶ୍ରୀ ରାମ ଚନ୍ଦ୍ର ସାହୁ (ପାର୍ଟନର ଓ ଜାମିନଦାର)**, ଠିକଣା: ପ୍ଲଟ୍ ନଂ. ୩୪, ବୁଦ୍ଧ ନଗର, ୱାର୍ଡ ନଂ-ବିଏଚ୍-ସିଆଇ, ଭୁବନେଶ୍ୱର, ପୋ: ବୁଦ୍ଧେଶ୍ୱରୀ, ଥାନା: ଲକ୍ଷ୍ମୀସାଗର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଭୁବନେଶ୍ୱର ଜିପିଓ, ପିନ୍-୭୫୧୦୦୬, ରାଜ୍ୟ-ଓଡ଼ିଶା । ଅନ୍ୟ ଠିକଣା: **ଶ୍ରୀ ରାମ ଚନ୍ଦ୍ର ସାହୁ**, କନିକାପଡ଼ା, ମଧୁପୁର, ଯାଜପୁର, କନିକାପଡ଼ା, ଓଡ଼ିଶା, ପିନ୍-୭୫୫୦୧୧ । | କ୍ୟାସ୍ କ୍ରେଡିଟ୍ | ୨,୦୦,୦୦,୦୦୦.୦୦ | ୨,୦୦,୦୩,୪୭୨.୧୭ | ୫,୪୬,୬୨୬.୦୦ | ୨,୦୫,୫୦,୦୯୮.୧୭ | ଆର୍ଯ୍ୟନିଳୟ ଆପାର୍ଟମେଣ୍ଟ ର ବ୍ଲକ୍-ଏ ରେ ଥିବା ତିନିଗୋଟି ବେଡ୍‌ରୁମ୍ ବିଶିଷ୍ଟ ଫ୍ଲାଟ୍ ନଂ. ୧୦୮ (ପ୍ରଥମ ମହଲା) ଯାହାର ସୁପର ବିଲ୍ଟ ଅପ୍ ଏରିଆ : ୧୩୨୬.୬୩ ବର୍ଗଫୁଟ, ବିକ୍ରିତ ଏରିଆ: ଏକର ୦.୦୦୮.୧ ଡ଼ି., କିସମ : ଘରବାରି, ମୌଜା: କଳାରାହାଙ୍ଗ, ଖାତା ନଂ.: ୭୨୫/୨୫୪୪, ଅନୁରୂପ ଖାତା ନଂ.: ୭୦୨, ପ୍ଲଟ୍ ନଂ.: ୧୮୮୫/୫୨୧୩, ଅନୁରୂପ ପ୍ଲଟ୍ ନଂ.: ୧୮୮୫, ଏକର ୧.୪୫୦ ଡ଼ି., ଭୁବନେଶ୍ୱର, ଥାନା: ନୂଆ କ୍ୟାପିଟାଲ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା । |
| | | | ବ୍ୟାଙ୍କ ଗ୍ୟାରେଣ୍ଟି | ୧,୦୦,୦୦୦.୦୦ | ନାହିଁ | ନାହିଁ | ନାହିଁ | |
| | | | ବ୍ୟାଙ୍କ ଗ୍ୟାରେଣ୍ଟି | ୫,୦୦,୦୦୦.୦୦ | ନାହିଁ | ନାହିଁ | ନାହିଁ | |
| | | | ବ୍ୟାଙ୍କ ଗ୍ୟାରେଣ୍ଟି | ୭,୦୦,୦୦୦.୦୦ | ନାହିଁ | ନାହିଁ | ନାହିଁ | |
| | | | BBG-WCTL-GECL | ୩୬,୫୦,୦୦୦.୦୦ | ୩,୬୭,୧୩୯.୫୦ | ୪୩୧୦.୯୩ | ୩,୭୧,୪୫୦.୪୩ | |
| | | | ପରଚେଜ୍ କାର୍ଡ | ୧୦,୦୦,୦୦୦.୦୦ | ନାହିଁ | ନାହିଁ | ନାହିଁ | |
| | | | କର୍ପୋରେଟ୍ କାର୍ଡ | ୫,୦୦,୦୦୦.୦୦ | ନାହିଁ | ନାହିଁ | ନାହିଁ | |
| | | | ସମୁଦାୟ | ୨,୬୪,୫୦,୦୦୦.୦୦ | ୨,୦୩,୭୦,୬୧୧.୬୭ | ୫,୫୦,୯୩୬.୯୩ | ୨,୦୯,୨୧,୫୪୮.୬୦ | |

ପୁନଶ୍ଚ କାରଣ ସହିତ ଆମେ ବିଶ୍ୱାସ କରୁ ଯେ ଆପଣ ଏହି ଡିମାଣ୍ଡ ନୋଟିସ୍‌କୁ ଏଡ଼ାଉଛନ୍ତି ତେଣୁ ଏହି ଡିମାଣ୍ଡ ନୋଟିସର ପ୍ରକାଶନ ଯାହା ମଧ କଥିତ ଅଧିନିୟମର ଧାରା ୧୩ (୨) ପାଇଁ ଆବଶ୍ୟକ ରହିଛି । ଆପଣଙ୍କୁ ଏତଦ୍ୱାରା ଏହି ଉପରୋକ୍ତ ଡିମାଣ୍ଡ ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲି ପାଇଁ ରହିଥିବା ଉପରୋକ୍ତ ପରିମାଣ ସହିତ ପରବର୍ତ୍ତି ସୁଧ, ମୂଲ୍ୟ, ଆନୁସଙ୍ଗିକ ଖର୍ଚ୍ଚ, ଚାର୍ଜ ଇତ୍ୟାଦିକୁ ପ୍ରଦାନ କରନ୍ତୁ ନଚେତ୍ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ କଥିତ ଅଧିନିୟମର ଧାରା ୧୩ (୪) ର ବ୍ୟବସ୍ଥା ଅନୁସାରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ କିମ୍ବା ଋଣଗ୍ରହୀତାଙ୍କ ଏବଂ ଗ୍ୟାରେଣ୍ଟରଙ୍କର ଏହି ପୋଜେସନରେ ଥିବା ସିକିଓରଡ୍ ସମ୍ପତ୍ତିର ଗୋଟିଏ କିମ୍ବା ଏକାଧିକ ଅଧିଗ୍ରହଣ କରିପାରିବେ । ପୁନଶ୍ଚ ଆପଣଙ୍କୁ କଥିତ ଅଧିନିୟମର ଧାରା ୧୩ (୧୩) ଅଧିନରେ ଉପରୋକ୍ତ ସିକିଓରଡ୍ ସମ୍ପତ୍ତିକୁ କୌଣସି ଉପାୟରେ ପ୍ରଦାନ କିମ୍ବା ଲିଜ୍ / ବିକ୍ରୟ କରିବାକୁ ନିଷେଧ କରାଯାଉଛି । ଏତଦ୍ୱାରା ଋଣଗ୍ରହୀତାଙ୍କ ଧ୍ୟାନ ପ୍ରଦାନ ପାଇଁ କଥିତ ଅଧିନିୟମର ଧାରା ୧୩ର ଉପଧାରା ୮ ଅନୁସାରେ ଉପଲବ୍ଧ ସମୟରେ ସିକିଓରଡ୍ ଆସେଟ୍‌ର ବିମୋଚନ କରାଯାଇପାରିବ । ଦୟାକରି ଧ୍ୟାନ ଦେବା ଆବଶ୍ୟକ ଯେ ଏହାପରେ ଆଉ କୌଣସି ଡିମାଣ୍ଡ ନୋଟିସ୍ ଜାରି କରାଯିବ ନାହିଁ ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୩.୦୬.୨୦୨୪

ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିଃ ପକ୍ଷରୁ ସ୍ୱା/- ଭାରପ୍ରାପ୍ତ ଅଧିକାରୀ

# ମୌସୁମୀ ଭରସାରେ ଚାଷୀ

## ବିଳମ୍ବିତ ହେଉଛି ଖରିଫ ଧାନଚାଷ

**ରସୁଲପୁର,୧୨।୬(ରଞ୍ଜିତ ରାଉତ):**



ରସୁଲପୁର ବ୍ଲକ ଅନ୍ତର୍ଗତ ୨୮ ପଞ୍ଚାୟତରେ ୧୨ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଚାଷ ଜମି ରହିଛି। ଉକ୍ତ ଚାଷ ଜମି ମଧ୍ୟରୁ ଖରିଫ ଋତୁରେ ଅନ୍ୟୁନ ୮ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ଧାନଚାଷ କରାଯାଉଛି। ୨ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଚାଷ ଜମିରେ ଖରାଦିନିଆ ପନିପରିବା, ଡାଲି ଜାତୀୟ ଓ ଆଖୁ ଆଦି ଫସଲ ଚାଷ କରାଯାଉଛି। ଚଳିତବର୍ଷ ଖରିଫ ଋତୁ ଧାନଚାଷ ପାଇଁ କ୍ଷେତ୍ର ପ୍ରସ୍ତୁତ ଥାଇ ସୁଦ୍ଧା ବିହନ ବୁଣା କାର୍ଯ୍ୟ ଆଗେଇ ପାରୁନାହିଁ। ଏଥିପାଇଁ ବିଳମ୍ବିତ ମୌସୁମୀକୁ ଦାୟୀ କରାଯାଉଛି। ପାଣିପାଗ ବିଭାଗର ପୂର୍ବ ଅନୁମାନ ତୁଳନାରେ ଓଡ଼ିଶାରେ ମୌସୁମୀ ବର୍ଷା ବିଳମ୍ବରେ ବର୍ଷିବ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ବିହନ ବୁଣିଦେଲେ କ୍ଷେତ ଉଧେଇପାରିବ ନାହିଁ। ତତ୍‌ସହିତ ତାତିର ପ୍ରକୋପ ପ୍ରଚଣ୍ଡ ରହୁଥିବାରୁ ବୁଣାବୁଣି ଆଗୁଆ ଆରମ୍ଭ କରିଦେଲେ ଗଜାମରୁଡ଼ି ଭୟ ଘାରୁଛି ଚାଷୀକୁଳକୁ। ପରିବର୍ତ୍ତିତ ପାଣିପାଗ ଚାଷୀକୁଳକୁ ଚିନ୍ତାରେ ପକାଇ ଦେଉଥିବାବେଳେ ବିଳମ୍ବରେ ଧାନଚାଷ ଆରମ୍ଭ ହେଲେ ଅମଳ ପ୍ରଭାବିତ ହେବ ବୋଲି ଚାଷୀକୁଳ ଆକଳନ କରୁଛି। ତେଣେ ରବି ଫସଲ ପାଇଁ କ୍ଷେତ ପ୍ରସ୍ତୁତ ହେବା ବିଳମ୍ବ ହୋଇଯିବ। ଏପରି କି ଚଳିତ ବର୍ଷର ପାଣିପାଗ କୃଷି ଉପଯୋଗୀ ଥିଲା ଭଳି ମନେ ହେଉନାହିଁ ବୋଲି ଅଗ୍ରଣୀ ଚାଷୀମାନେ ମତବ୍ୟକ୍ତ କରିଛନ୍ତି।

ଏଥର ବ୍ଲକ ଅଞ୍ଚଳରେ କାଳବୈଶାଖୀ ବର୍ଷା ଆଶାନୁରୂପକ ହୋଇନାହିଁ। ତଥାପି ଖରିଫ ଧାନଚାଷ ପାଇଁ ଚାଷୀ ଖରାଟିଆ ଜମି ଚାଷକରି ବିହନ ବୁଣିବା ଉପଯୋଗୀ କରିସାରିଛନ୍ତି। ବର୍ଷାର ସ୍ୱଳ୍ପତା ଯୋଗୁ ମାଟି ତଳେ ଲୁଚି ରହିଥିବା ଧାନ ଫସଲର ହାନିକାରୀ ଘାସଗଛ ଉଠିପାରି ନାହିଁ। ଲଗାତର ଭଲ ବର୍ଷା ହେବା ସହ ମାଟି ଭିତର ଓଦା ହେଲେ ଘାସ, ଗୁଳ୍ମ ଜାତୀୟ ହାନିକାରୀ ଉଦ୍ଭିଦ ଉଠିପାରିବ। ଧାନ ବୁଣିବା ପୂର୍ବରୁ କ୍ଷେତକୁ ଚାଷ କରିବାବେଳେ ହାନୀକାରୀ ଗଛଲତା ମରିଯିବ। ଉନ୍ନତ ଧାନ ଫସଲ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇପାରିବ। ଏଥର ଧାନକ୍ଷେତରେ ସେଭଳି ସ୍ଥିତି ଉପୁଜିବା ସୁଯୋଗ ସୃଷ୍ଟି ହୋଇ ପାରିନାହିଁ। ତରବରିଆ ଭାବରେ ବିହନ ବୁଣିଦେଲେ ଧାନ କ୍ଷେତ ଘାସ କିଆରି ପାଲଟିଯିବ। ବେଉଷଣରେ ଅଧିକ ଖର୍ଚ୍ଚାନ୍ତ ହୋଇ ଚାଷୀକୁଳ କ୍ଷତି ସହିବ। ଏସବୁ ପରେ ମୌସୁମୀ ଗତି ସ୍ଥିର ରହିଥିବା ଯୋଗୁ ଧାନ ବୁଣିବାକୁ ପଛଘୁଞ୍ଚା ଦେଉଛନ୍ତି ଚାଷୀ। ସେମାନଙ୍କ ମତରେ ବିହନ ବୁଣିବାର ୨ ରୁ ୩ଦିନ ଭିତରେ ଧାନଗଜା ବାହାରିବ ଏବଂ ବଡ଼ ଖରାରେ ଗଜା ମରୁଡି ହୋଇଯିବାର ଆଶଙ୍କା ଉପୁଜୁଛି। ଏହିଭଳି ଦୋଛକିରେ ରହି ଚାଷୀ ବିହନ ନ ବୁଣି ଆଗାମୀ ପାଣିପାଗ ସ୍ଥିତିକୁ ଅପେକ୍ଷା କରିଛନ୍ତି। ଏବେ ବି ଅର୍ଦ୍ଧାଧିକ ଚାଷୀ ଜମିକୁ ବିହନ ଯାଇ ପାରିନାହିଁ। ପ୍ରାୟତଃ ରଜ ପରେ ବୁଣାବୁଣି ଆରମ୍ଭ ହେବ ବୋଲି କୁହାଯାଉଛି। କେତେକ ସ୍ଥାନରେ ଚାଷୀ ଧାନତଳି ପକାଇ ବର୍ଷା ହେଲେ ରୁଆପୋତା କରିବାକୁ ସଜବାଜ ହେଉଥିବା ଦେଖାଗଲାଣି। ବିହନ ବୁଣିବାରେ ବିଳମ୍ବ ହେଉଥିବାରୁ ଗଡ଼ିଆ, ପୋଖରୀ, ନଦୀପଠା, ସନ୍ତସନ୍ତିଆ ଜମି, ଖାଲୁଆ ସ୍ଥାନରେ ତଳି ପକାଇ ଚାରା ପ୍ରସ୍ତୁତ କରିଦେଲେ ବିଳମ୍ବରେ କ୍ଷେତ ଆରମ୍ଭ ସମସ୍ୟା କେତେକାଂଶରେ ଦୂର ହୋଇପାରିବ ବୋଲି ଚାଷୀମାନେ ମନେ କରି ଏଭଳି କରୁଛନ୍ତି। ଏହାଛଡା ଚଳିତବର୍ଷର ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ବ୍ଲକ ଅଞ୍ଚଳର ପନିପରିବା ଫସଲ ଅଧିକ ପ୍ରଭାବିତ ହୋଇଛି। ପରିବା କ୍ଷେତ ବାଇଗଣ, ଭେଣ୍ଡି, ଜହ୍ନି, କାକୁଡ଼ି ଓ ପୋଟଳ ଭଳି ନାନାଦି ଫସଲ ଉଧେଇ ପାରୁନାହିଁ। ଅତ୍ୟଧିକ ଖରା ସାଙ୍ଗକୁ କ୍ଷେତରେ ଜଳ ସେଚନର ସୁବିଧା ନ ଥିବାରୁ ଚାଷୀ ପରିବା ଅମଳ ଅପେକ୍ଷାକୃତ କମ୍ ରହିଛି। ଯାହାର ପ୍ରଭାବ ସ୍ଥାନୀୟ ପରିବା ବଜାରରେ ଦେଖିବାକୁ ମିଳୁଛି। ପୂର୍ବବର୍ଷ ତୁଳନାରେ ଏଥର ଜୁନରେ ପରିବା ଦର ଦୁଇଗୁଣା ରହିଛି। ପରିବର୍ତ୍ତିତ ପାଣିପାଗ ସ୍ଥିତି ଯୋଗୁ ଏଭଳି ସ୍ଥିତି ଉପୁଜୁଛି ବୋଲି କୁହାଯାଉଛି। ଏଭଳି ଅବସ୍ଥା ଆଗକୁ ଜାରି ରହିଲେ ଚାଷୀଙ୍କ ପ୍ରତି ବିପଦ ବଢ଼ିଯିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

# ଟାଟା ଷ୍ଟିଲ୍ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମିକ ନିରୋଧୀ ଦିବସ



ବିଶ୍ୱ ଶିଶୁ ଶ୍ରମିକ ନିରୋଧୀ ଦିବସ ପାଳନ କାର୍ଯ୍ୟକ୍ରମରେ ସରକାରୀ ଅଧିକାରୀ, ଗ୍ରାମାଞ୍ଚଳରୁ ଆସିଥିବା ଅଭିଭାବକ ଓ ଅନ୍ୟମାନେ।

**ଯାଜପୁର,୧୨।୬ (ହର୍ଷବର୍ଦ୍ଧନ ବେହେରା) :**

ଟାଟା ଷ୍ଟିଲ ଫାଉଣ୍ଡେଶନର ରିସ୍ତା ପ୍ରୋଜେକ୍ଟ ପକ୍ଷରୁ ଯାଜପୁର ଜିଲା ଶିଶୁ ସୁରକ୍ଷା ୟୁନିଟ (ଡିସିପିୟୁ), ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ଓ ଜିଲା ଶ୍ରମ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଦୁବୁରିସ୍ଥିତ କପିଳେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ବିଶ୍ୱ ଶିଶୁ ଶ୍ରମିକ ନିରୋଧୀ ଦିବସ ପାଳିତ ହୋଇଯାଇଛି । ଡିଏଲ୍‌ଏସ୍‌ଏର ସମ୍ପାଦିକା ଜ୍ୟୋତିର୍ମୟୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସରକାରୀ ଅଧିକାରୀ, ଗ୍ରାମାଞ୍ଚଳରୁ ଆସିଥିବା ଅଭିଭାବକ ଏବଂ 'ସାଥିଆ', ସମ୍ପ୍ରଦାୟର ସହକର୍ମୀ ଶିକ୍ଷୟିତ୍ରୀଙ୍କ ସମେତ ୧୦୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏଥିରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ନିରଞ୍ଜନ କର ସ୍ୱାଗତ ଭାଷଣ ଦେଇ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜ୍ୟୋତିର୍ମୟୀ ଦାସ 'ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ, ୧୯୮୬' ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ଅବଗତ କରାଇବା ସହ ଶିଶୁ ଶୋଷଣକୁ ନିନ୍ଦା କରି ପ୍ରତ୍ୟେକ ଶିଶୁଙ୍କ ପାଇଁ ପୋଷଣର ଆବଶ୍ୟକତା ବିଷୟରେ ପରାମର୍ଶ ଦେଇଥିଲେ । ଫାଉଣ୍ଡେଶନ ଦ୍ୱାରା ପରିଚାଳିତ 'ଏଜୁକେସନ ସିଗ୍ନେଚର୍ ପ୍ରୋଗ୍ରାମ' ବର୍ତ୍ତମାନ ଓ ୪ଟି ଜିଲାର ୧୯ଟି ବ୍ଲକରେ ସକ୍ରିୟ ରହିଛି ।

ଉଲ୍ଲେଖଯୋଗ୍ୟ, ଯାଜପୁର ଜିଲାର ଦାନଗଦୀ ଓ ସୁକିନ୍ଦା ବ୍ଲକ ଶିଶୁ ଶ୍ରମିକ ମୁକ୍ତ ଜୋନ (ସିଏଲଏଫଜେଡ) ମାନ୍ୟତା ହାସଲ କରିବାରେ ସକ୍ଷମ ହୋଇଛି। ଅର୍ଥାତ୍ ଏହି ଦୁଇଟି ବ୍ଲକର ୬ ରୁ ୧୪ ବର୍ଷ ବୟସର ସମସ୍ତ ପିଲା ସ୍କୁଲରେ ନାମ ଲେଖାଇଛନ୍ତି କିମ୍ବା 'ବ୍ରିଜ କୋର୍ସ ସେଣ୍ଟର'ରେ ପଞ୍ଜୀକୃତ ହୋଇଛନ୍ତି ଏବଂ ଶିଶୁ ଶ୍ରମିକ କାର୍ଯ୍ୟରେ ଅଂଶ ଗ୍ରହଣ କରିବାରୁ ସଫଳ ଭାବେ ନିବୃତ୍ତ କରାଯାଇଛି ବୋଲି ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ ୫,୮୮୯ ଜଣ ଶିଶୁଙ୍କୁ ସଫଳତାର ସହ ବିଦ୍ୟାଳୟକୁ ଫେରାଇ ଅଣାଯାଇଛି, ଯାହା କି ଶିଶୁ ଶ୍ରମିକ ସମସ୍ୟାର ମୁକାବିଲା କରିବା ଦିଗରେ ଟାଟା ଷ୍ଟିଲ ଫାଉଣ୍ଡେଶନ (ଟିଏସଏଫ) ଏବଂ ସ୍ଥାନୀୟ ପ୍ରଶାସନର ମିଳିତ ପ୍ରୟାସର ଏକ ସଫଳତା ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜାତୀୟ ଆଇନ ସେବା ପ୍ରାଧିକରଣ (ଏନଏଏଲଏସଏ) ଯୋଜନା 'ଶିଶୁମାନଙ୍କ ପାଇଁ ଶିଶୁ ଅନୁକୂଳ ଆଇନ ସେବା ଏବଂ ସେମାନଙ୍କ ସୁରକ୍ଷା, ୨୦୧୫' ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ଆଲୋଚନା ମାଧ୍ୟମରେ ଶିଶୁମାନଙ୍କ ଅଧିକାର ସୁନିଶ୍ଚିତ କରିବା ଏବଂ ସେମାନଙ୍କୁ ଶ୍ରମିକ ଶୋଷଣରୁ ରକ୍ଷା କରିବାରେ ସମାଜ ଏବଂ ସରକାରୀ ସଂସ୍ଥାର ସାମୂହିକ ଦାୟିତ୍ୱ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

# ରାଜପଥରେ ଲୁଟ୍ ରୋକିବାକୁ ପ୍ରୟାସ

## ଦ୍ରୁତ ବାଇକ୍ ଉପରେ ପୋଲିସର ନଜର

**ରସୁଲପୁର,୧୨।୬(ରଞ୍ଜିତ ରାଉତ):**

୧୬ ଓ ୨୦ ନମ୍ବର ଜାତୀୟ ରାଜପଥରେ ବାରମ୍ବାର ଘଟୁଥିବା ଲୁଟ୍‌କୁ ରୋକିବାକୁ କୁଆଖିଆ ପୋଲିସ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ରାଜପଥ ଲୁଟେରା ଦ୍ରୁତ ବାଇକ୍‌ଗୁଡିକୁ ଲୁଟ୍‌ରେ ବ୍ୟବହାର କରୁଛନ୍ତି। ତେଣୁ ଲୁଟ୍‌ରେ ବ୍ୟବହାର ହେଉଥିବା ଦ୍ରୁତ ବାଇକ୍‌ଗୁଡିକୁ ପୋଲିସ ନିଶାନା କରି ଏଭଳି ପ୍ରୟାସ ଆରମ୍ଭ କରିଛି। ମୋବାଇଲ ଭ୍ୟାନରେ ସାଦା ପୋଷାକଧାରୀ ପୋଲିସ ଅଧିକାରୀମାନେ ରାଜପଥ ଉପରେ ଜଗି ରହୁଛନ୍ତି। ବ୍ୟାରିକେଡ୍ ଲଗାଇ ରାଜପଥ ଉପରେ ଯାତାୟାତ କରୁଥିବା ଦ୍ରୁତ ବାଇକ୍‌ଗୁଡ଼ିକୁ ଅଟକାଇ ଯାଞ୍ଚ କରୁଛନ୍ତି। ଉଭୟ ରାଜପଥରେ ଯାତାୟାତ କରୁଥିବା ଦ୍ରୁତ ବାଇକ୍‌ଗୁଡିକୁ ଅଟକାଇ ପୋଲିସ ଯାଞ୍ଚ କରୁଛି। କାଗଜପତ୍ର ଦର୍ଶାଇ ପାରୁ ନ ଥିବା ବାଇକ୍‌ଗୁଡିକୁ ଥାନାରେ ଅଟକ ରଖାଯାଉଛି। ୨ଦିନ ବ୍ୟବଧାନରେ ପୋଲିସ ପକ୍ଷରୁ ୨୦ରୁ ଊର୍ଦ୍ଧ୍ୱ ବାଇକ୍ ଯାଞ୍ଚ କରାଯାଇଛି। ଯାଞ୍ଚବେଳେ ବାଇକ୍ ଚାଳକମାନଙ୍କୁ ଗାଡ଼ିର ବେଗକୁ କମ୍ କରିବାକୁ ପରାମର୍ଶ ଦିଆଯାଉଛି।

ପ୍ରକାଶଥାଉ କି, ରାଜପଥରେ ଲୁଟ୍‌ର ବଢ଼ିବାରେ ଲାଗିଛି। ବାଇକ୍‌ରେ ଯାତାୟାତ କରୁଥିବାଲୋକେ ଲୁଟେରାଙ୍କ ଶିକାର ହେଉଛନ୍ତି। ଅଧିକାଂଶ ବାଇକ୍ ଆରୋହୀ ମୋବାଇଲ ଓ ସୁନାଗହଣା ଲୁଟ୍‌ର ଶିକାର ହେଉଥିବା ଅଭିଯୋଗ ହେଉଛି। ଲୁଟ୍‌ବେଳେ ଲୁଟେରା ଦ୍ରୁତଗତିର ବାଇକ୍ ବ୍ୟବହାର କରୁଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା ଲୁଟ୍ ରୋକିବା ସହ ବେନାମୀ ଦ୍ରୁତ ବାଇକ୍‌ଗୁଡ଼ିକୁ ଠାବ କରାଯାଇପାରିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି।

# ୧୮ରେ ଜିଲା, ୧୯ରେ ବ୍ଲକ୍‌ସ୍ତରରେ ହେବ ମକ୍‌ଡ୍ରିଲ୍



ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ମକ୍‌ଡ୍ରିଲ୍ ପ୍ରସ୍ତୁତି ବୈଠକରେ ଉପଜିଲାପାଳ ନବକ୍ରିଷ୍ଣ ଜେନା ଏବଂ ଅନ୍ୟ ଅଧିକାରୀମାନେ।

**ଯାଜପୁର ଟାଉନ,୧୨।୬ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ୍ ପ୍ରସ୍ତୁତି ବୈଠକ

ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ୍ (ଅଭ୍ୟାସ କୌଶଳ) ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଜରୁରୀ ଅଧିକାରୀ ଅଶୋକ କୁମାର ବେହେରା ଯୋଗଦେଇ ବନ୍ୟା, ବାତ୍ୟା ଭଳି ବିପର୍ଯ୍ୟୟକୁ ପ୍ରତିରୋଧ କରିବା ପାଇଁ ଆସନ୍ତା ୧୮ତାରିଖରେ ଜିଲାସ୍ତରୀୟ ଏବଂ ୧୯ରେ ବ୍ଲକ୍‌ସ୍ତରୀୟ ମକ୍‌ଡ୍ରିଲ୍ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ ଯୋଗଦେଇ ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ଅନେକ ଜ୍ଞାନକୌଶଳ ହାସଲ କରିବା ସହ ଏହାକୁ ପ୍ରୟୋଗ କରି ଶୂନ୍ୟ ମୃତ୍ୟୁହାର ବଜାୟ ରଖିପାରିଛି ବୋଲି କହିଛନ୍ତି। ଏଥିସହିତ ବିଡିଓମାନେ ତୃଣମୂଳସ୍ତରରେ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ କରିବା ସହ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଓ କ୍ଷେତ୍ର କର୍ମଚାରୀଙ୍କ ମୋବାଇଲ ନମ୍ବର ତାଲିକା ପ୍ରସ୍ତୁତ କରି ବ୍ଲକରେ ରଖିବା ସହ ଜିଲା କଣ୍ଟ୍ରୋଲ ରୁମ୍‌କୁ ପଠାଇବେ। ବନ୍ୟା ସମୟରେ ରବର ବୋଟ୍‌କୁ ଉଦ୍ଧାର କାର୍ଯ୍ୟ ନିମନ୍ତେ ବ୍ୟବହାର ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଅଗ୍ନିଶମ ସେବା, ବିଜୁଳି, ଭାରତ ସଞ୍ଚାର ନିଗମ ସେବା ସହ ଉଦ୍ଧାରକାରୀ ଦଳ, ସ୍ୱେଚ୍ଛାସେବୀ ଓ ଜନ ପ୍ରତିନିଧିମାନଙ୍କ ସହ ଯୋଗାଯୋଗ ରଖି ବିପର୍ଯ୍ୟୟ ସମୟରେ ସମସ୍ତ ସେବାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଫ୍ଲାସ୍‌ଫ୍ଲଡ୍ ବା ଯେଉଁ ସ୍ଥାନରେ ବନ୍ୟାଜଳ ପଶିବ ସେ ସ୍ଥାନରେ ଫ୍ଲେକ୍ସ ବ୍ୟାନର ଲଗାଇ ସୂଚନା ଦେବାକୁ ପରାମର୍ଶ ଦେଇଛନ୍ତି। ସେହିପରି ରିଲିଫ ସାମଗ୍ରୀ ମହଜୁଦ ରଖିବା, ରିଲିଫ କାର୍ଯ୍ୟରେ ଅଭିଜ୍ଞ କର୍ମଚାରୀଙ୍କୁ ନିୟୋଜିତ କରିବା, ଲାଇଫ ଜ୍ୟାକେଟ୍ ବ୍ୟବହାର କରିବା, ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟି ଗଠନ କରିବା ସମ୍ବନ୍ଧରେ ସୂଚନା ପ୍ରଦାନ କରିଛନ୍ତି। ୧୮ତାରିଖ ପୂର୍ବାହ୍ନ ୧୧ଟାରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବିପର୍ଯ୍ୟୟ ସୁରକ୍ଷା ଅଭ୍ୟାସ କୌଶଳ ପ୍ରଦର୍ଶନ କରାଯିବ। ୧୯ ତାରିଖରେ ଜିଲାର ବନ୍ୟା, ବାତ୍ୟା ଆଶ୍ରୟ ସ୍ଥଳଗୁଡ଼ିକରେ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ସହଯୋଗରେ ବନ୍ୟା, ବାତ୍ୟା ଡମି ବାର୍ତ୍ତା ଅନୁଯାୟୀ ବିପର୍ଯ୍ୟୟ ମୁକାବିଲା ଅଭ୍ୟାସ କୌଶଳ ପ୍ରଦର୍ଶନ କରାଯାଇ ଜନସାଧାରଣଙ୍କୁ ସଚେତନ କରାଯିବ ବୋଲି ସେ କହିଛନ୍ତି। ଏହି ବୈଠକରେ ସମସ୍ତ ବିଡିଓ, ତହସିଲଦାର ଏବଂ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# ବିଭିନ୍ନ ଶିବ ମନ୍ଦିରରେ ଶୀତଳ ଷଷ୍ଠୀ ଉତ୍ସବ

**ଯାଜପୁରରୋଡ୍,୧୨।୬(ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗରର ବିଭିନ୍ନ ଶିବ ମନ୍ଦିରରେ ଶୀତଳ ଷଷ୍ଠୀ ଉତ୍ସବ ପାଳିତ ହୋଇଯାଇଛି। ସହରର କନ୍ହେଇପୁର ଚନ୍ଦ୍ରଶେଖର, ଚୋରଦା ଶ୍ୟାମେଶ୍ୱର, ଧବାଳଗିରି ଧବଳେଶ୍ୱର, ବୀରମଣିପୁର ସପ୍ତେଶ୍ୱର ଶିବ ମନ୍ଦିରରେ ଶିବ ବିବାହ ଓ ଶୀତଳ ଷଷ୍ଠୀ ଉତ୍ସବ ଧୁମଧାମ୍‌ରେ ଅନୁଷ୍ଠିତ ହୋଇଛି। ପହଙ୍ଗା ପଞ୍ଚାୟତର ରାଉତରାପୁର ଗ୍ରାମରେ ଥିବା ଲୋକନାଥ ମନ୍ଦିରରେ ଶୀତଳ ଷଷ୍ଠୀ ଯାତ୍ରା ପାଳିତ ହୋଇଛି। ଚଳିତ ବର୍ଷ ୧୮ବର୍ଷରେ ପହଞ୍ଚିଥିବା ଏହି ଯାତ୍ରା ଅବସରରେ ସକାଳୁ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବା ସହ ଶିବବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। କନ୍ୟାପିତା ଭାବେ ଗିରିଧାରୀ ପ୍ରଧାନ ଯୋଗ ଦେଇଥିବାବେଳେ ରଙ୍ଗାଧର ବ୍ରହ୍ମ ବର ପିତା ଭାବେ ଯୋଗଦେଇ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ମନ୍ଦିର କମିଟି ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସଭ୍ୟ ପ୍ରମୋଦ ସାହୁ, କୁନ ସାହୁ, ଭାସ୍କର ଘଡ଼ାଇ, ଗଣେଶ୍ୱର ସାହୁ, ଆଶିଷ ରାଉତ ଓ ବାଦଲ ସାହୁ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ।

# ବିଶ୍ୱାସ ପରିବାରର ରଜ ପ୍ରସ୍ତୁତି

**ପାଣିକୋଇଲି,୧୨।୬(ବିକାଶ ମଲ୍ଲିକ):**

ରଜ ପର୍ବ ତିନି ଦିନ ପାଳନ ପରେ କୃଷି କାର୍ଯ୍ୟକୁ ବାହାରିଯାଆନ୍ତି ଚାଷୀ। ଏବେ ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ଜଳବାୟୁ ପରିବର୍ତ୍ତନ। ମୌସୁମୀ ଉପରେ ଭରସା କରି ଚାଷ ହେଉ ନ ଥିବା ବେଳେ ଲଘୁଚାପ ଭରସାରେ ଚାଷୀ ଚାଷ କରୁଛନ୍ତି। ପ୍ରଶ୍ନ ଉଠୁଛି କାହିଁକି ବଦଳିଯାଇଛି ଋତୁଚକ୍ର। ପରିବେଶ ପ୍ରଦୂଷିତ ଏହାର ମୂଳକାରଣ ବୋଲି କୁହାଯାଉଛି। ତେଣୁ ପରିବେଶର ସୁରକ୍ଷା ପାଇଁ ଆଗେଇ ଆସିଛି ସାମାଜିକ ଅନୁଷ୍ଠାନ ବିଶ୍ୱାସ ପରିବାର ବା ବିଶ୍ୱାସ ଫାଉଣ୍ଡେଶନ। ବିଭିନ୍ନ ସାମାଜିକ କାର୍ଯ୍ୟରେ ଲିପ୍ତ ଥିବା ବିଶ୍ୱାସ ପରିବାର ରଜ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତି କରିଛି। ପରିବେଶର ସୁରକ୍ଷା ପାଇଁ ରଜରେ ଚାରାରୋପଣ ସହ ସାମାଜିକ ସଚେତନତା କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଛି। ରଜ ତିନି ଦିନ ବିଭିନ୍ନ ଗ୍ରାମରେ ସଚେତନତା ସୃଷ୍ଟି କରିବାକୁ ଅଣ୍ଟା ଭିଡ଼ିଛି ଏହି ପରିବାର।


**VSS INSTITUTE OF MEDICAL SCIENCES & RESEARCH (VIMSAR)**
Ayur Vihar, Burla, Sambalpur, Odisha - 768017

**Walk-in-Interview for Selection of Assistant Professor, Associate Professors and Professors in various Departments of VIMSAR on Contractual/Deputation Basis**

Advt. No. 854/Director, VIMSAR/Dt.10.06.2024 (For Assoc. Prof./Professor)
Advt. No. 855/Director, VIMSAR/Dt.10.06.2024 (For Asst. Prof.)

No. E-32: Walk-in-Interview will be conducted as per the details mentioned below for engagement of Asst. Prof./Assoc. Prof./Professor on contractual/deputation basis. TA/DA will not be provided for attending the Interview. For details, the interested candidates are requested to visit our website **www.vimsar.ac.in**.

**Date of Walk-in-Interview:**
**Assoc. Prof. & Professor: Dt.21.06.2024 (METU Hall, VIMSAR)**
**Asst. Professor: Dt.25.06.2024 (New Auditorium)**

OIPR-11056/11/0008/2425 Sd./- Director, VIMSAR, Burla

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar - 751007
Tel.: 2545586/2545852, email: serifedodisha@gmail.com
Website: www.serifedodisha.in

**TENDER CALL NOTICE**
Bid Identification No.: VI-04(04)/SERIFED/2024-25/657/Dt.10.06.2024

No. CAD-218: The Managing Director (SERIFED), Odisha, Bhubaneswar invites sealed tenders in single cover bids from the registered contractors for 02 Nos. of works at different places of Odisha. The bid documents such as DTCN/BOQ etc. can be seen/downloaded from the website: **www.serifedodisha.in** during the period Dt.13.06.2024 to 5.00 P.M. upto 19.06.2024. Tender shall be received till 5.00 P.M. on 19.06.2024 & shall be opened at 11.30 A.M. on 20.06.2024. Any addendum/corrigendum/cancellation of tender can also be seen in the said website.

OIPR-39036/11/0002/2425 Sd./- Managing Director

**OFFICE OF THE SUPERINTENDING ENGINEER HARABHANGI IRRIGATION DIVISION, ADAVA, GAJAPATI**
PIN - 761217 (EMAIL ID: eeharabhangi@gmail.com)

**1st Corrigendum to e-Procurement Notice No. SE-HID-ADV-01/2024-25**

No. A-20: The following modifications are made to DTCN of the above tender having Bid Identification No. HID-01/2024-25 to HID-18/2024-25:
1. Availability of Bid for online bidding of tender may be read as 12.06.2024 (10.00 Hours) to 24.06.2024 (17.30 hours).
2. Date and time of opening of Bid may be read as 25.06.2024 (11.00 Hour).

All other terms and conditions of the tender remain unaltered.

Sd./- Superintending Engineer
Harabhangi Irrigation Division, Adava, Gajapati
OIPR-32474/11/0002/2425

**OFFICE OF THE EXECUTIVE ENGINEER, P.H. DIVISION,ANGUL**
Ph.(06764) 296431, Email:eephangul@yahoo.in
No.C: GOVERNMENT OF ODISHA
Bid Identification No.SE_PH Division Angul-01/2024-25, dt.10.06.2024

| | | | |
|---|---|---|---|
| 1. | Name of the work | : | 03 (Three) Nos. |
| 2. | Type of Bid | : | Three Nos. double bid system |
| 3. | Estimated Cost | : | Rs.58.65 Lakhs to 183.22 lakhs |
| 4. | Period of Completion | : | 03 (Three) to 11 (Eleven) months |
| 5. | Date & Time of availability of bid document in the portal | : | From 11.00 AM of 19.06.2024 to 5.00 PM of 05.07.2024 |
| 6. | Last date/time of receipt of bids in the portal | : | 5.00 PM of 05.07.2024 |
| 7. | Date & Time of opening of technical bids | : | At 11.00 AM of 06.07.2024 |
| 8. | Name & address of the Officer Inviting Bid | : | Superintending Engineer, P.H. Division, Angul |
| 9. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

OIPR-13056/11/0002/2425 Sd./ (Er. Prasanta Behera) Superintending Engineer, P.H. Division, Angul

GOVERNMENT OF ODISHA E-mail ID: pwd_sng@yahoo.co.in
**OFFICE OF THE SUPERINTENDING ENGINEER SUNDARGARH (R&B) DIVISION, SUNDARGARH**
No. B-10
**"e"-Procurement Notice**
Letter No. 2984 Bid Identification No. SE-R&B-SNG-02 of 2024-25 Date: 07.06.2024

| | | | |
|---|---|---|---|
| 1 | The Superintending Engineer, Sundargarh (R&B) Division on behalf of Governor of Odisha inviting percentage rate bid in Double Cover System on ONLINE mode from eligible contractors with valid licences for execution of Building work (including EI & PH) as detailed in DTCN. | | |
| 2 | Nature of Work | : | Building works (including EI & PH) |
| 3 | No. of Works | : | 02 (Two) Nos. |
| 4 | Tender Cost | : | Rs.10,000/- |
| 5 | Class of Contractor | : | B |
| 6 | Availability of bid document in the website | : | From 10.00 A.M. Date: 19.06.2024 to 05.00 P.M. Date: 02.07.2024 |
| 7 | Date of Opening of Bid | : | 11.00 A.M. on Dt.03.07.2024 |
| 8 | The bidders have to participate in ONLINE bidding only. Further details can be seen from the website (https://tendersodisha.gov.in). Any addendum/corrigendum/cancellation of tender can also be seen in the said website only. | | |

OIPR-34043/11/0002/2425 Sd./- Additional Chief Engineer, Sundargarh (R&B) Division

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar - 751007
Tel.: 2545586/2545852, email: serifedodisha@gmail.com
Website: www.serifedodisha.in

**TENDER CALL NOTICE**
Bid Identification No.: VI-05(03)/SERIFED/2024-25/649/Dt.10.06.2024

No. CAD-195: The Managing Director (SERIFED), Odisha, Bhubaneswar invites sealed tenders in single cover bids from the registered contractors for 02 Nos. of works at different places of Odisha. The bid documents such as DTCN/BOQ etc. can be seen/downloaded from the website: **www.serifedodisha.in** during the period Dt.12.06.2024 to 5.00 P.M. upto 20.06.2024. Tender shall be received till 5.00 P.M. on 20.06.2024 & shall be opened at 11.30 A.M. on 21.06.2024. Any addendum/corrigendum/cancellation of tender can also be seen in the said website.

OIPR-39036/11/0001/2425 Sd./- Managing Director

**ODISHA PUBLIC SERVICE COMMISSION CUTTACK**
**NOTICE**
No. 3071/P.S.C. Dt.11.06.24
(DR-IV) (2PH-04-2024-25)

No. D-71: It is for information of all concerned that written examination for recruitment to the post of **Lecturer in different disciplines of Government Homoeopathic Medical Colleges**, pursuant to Advertisement No. **06 of 2023-24** will be held on **14.07.2024 (Sunday)** commencing from 09.00 A.M. to 10.30 A.M. (09.00 A.M. to 11.00 A.M. for PWD candidates) for Paper-I and 12.00 P.M. to 01.30 P.M. (12.00 P.M. to 02.00 P.M. for PWD Candidates) for Paper-II at Cuttack zone.
The detailed programme of examination along with venue of examination centre will be notified shortly. The candidates are advised to visit **(www.opsc.gov.in)** the website of the Commission regularly for further information on examination related Notice(s).

OIPR-12002/11/0032/2425 Sd./- Secretary (I/C)

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, ANGUL**
E-Mail: sencrwangul@yahoo.co.in, Ph.: 06764-236404
No. 1533 Dt.: 10.06.24

**Cancellation of Tender for Road Work**

No. O-18: The tender for the work "Construction of flood resilient road from Pingua to Dasmanpatna Via- Manjuripada road in Gondia Block in the District of Dhenkanal for the year 2023-24 invited vide this office Tender Call Notice No. 619 Dt.21.02.2024 (Bid Identification No. Road Online-AGL-50) by the Procurement Officer, Chief Construction Engineer, Rural Works Circle, Angul is hereby cancelled vide letter No. 19290 Dt.07.06.2024 of Chief Engineer, Roads, R.W.(O), Bhubaneswar due to first time single responsive tender as per the Tender Evaluation Committee under the Chairmanship of Engineer-in-Chief-I, R.W. (O), Bhubaneswar on 05.06.2024 at 11.30 A.M.

Sd./- Chief Construction Engineer
OIPR-25180/11/0003/2425 Rural Works Circle, Angul

**OFFICE OF THE DIVISIONAL FOREST OFFICER, DHENKANAL FOREST DIVISION**
Tele Fax No.: 06762-226717, e-mail Id: dfo.dhenkanal@odisha.gov.in

**SHORT TENDER NOTICE**
Bid. Identification No. 01/2024-25 Date: 11.06.2024

No. MM-24: Sealed tenders are invited from interested reputed Travel Agencies/Tour Operators or private individuals for providing 30 (Thirty) Nos. (Approx.) of Non-AC/AC Diesel drive BS-IV/BS-VI compliant Bolero vehicles having sitting capacity not more than ten including driver, which shall conform to the Terms and Conditions (Annexure-I) for official use at different Govt. offices under the establishment of Dhenkanal Forest Division on monthly rent basis so as to reach in the O/o. the DFO, Dhenkanal on or before 21.06.2024 upto 12 Noon through Registered/Speed Post/Courier service and can also be dropped in the Tender Box placed in the Office of the Divisional Forest Officer, Dhenkanal Forest Division. The tenders will be opened in the same office on the same day at 4.30 P.M. The standard bidding document and terms and conditions can be downloaded from **https://dhenkanal.odisha.gov.in, https://odishaforest.in** and also can be obtained from the office of the Divisional Forest Officer, Dhenkanal Division from 12.06.2024 to 20.06.2024 during office hours.

Sd./- Divisional Forest Officer
OIPR-08037/11/0001/2425 Dhenkanal Division

# ଧାନ ଚାଷୀଙ୍କ ଲାଭ କୁଇଣ୍ଟାଲ ପିଛା ୭୨୮ ଟଙ୍କା

**ଯାଜପୁର,୧୨।୬(ହର୍ଷବର୍ଦ୍ଧନ ବେହେରା) :**

ଗତ ୫ ବର୍ଷର ଧାନ ଚାଷକୁ ଅବଲୋକନ କଲେ ରାଜ୍ୟର ଚାଷୀମାନଙ୍କ ଲାଭ ଅତି ନୈରାଶ୍ୟଜନକ ରହିଛି। ଖରା, ବର୍ଷା, ଶୀତରେ ଚାଷୀମାନେ କଠିନ ପରିଶ୍ରମ କରି ଲାଭ ଠିକ୍ ଭାବେ ପାଉ ନାହାନ୍ତି। କୁଇଣ୍ଟାଲ ପିଛା ଧାନର ଲାଭ ମାତ୍ର ୬୦୭ ରୁ ୭୨୮ ଟଙ୍କା ମିଳୁଛି। ଫଳରେ ଅଧିକାଂଶ ଚାଷୀ ଚାଷ କାର୍ଯ୍ୟରୁ ବିମୁଖ ହୋଇ ପଡୁଛନ୍ତି। ଏଥିରେ ଖାଦ୍ୟ ମୁଦ୍ରାସ୍ଫିତି ପ୍ରଭାବିତ ହୋଇ ଆଗାମୀ ଦିନରେ ଦର ଆକାଶଛୁଆଁ ହେବାର ସମ୍ଭାବନା ସୃଷ୍ଟି କରିଛି। ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଥିବା ଚାଷୀକୁଳର ଆର୍ଥିକ ମାନଦଣ୍ଡ ଭାଙ୍ଗି ପଡୁଥିବାବେଳେ ପ୍ରଶାସନିକ ଅବହେଳା ଏହି କ୍ଷେତ୍ରରେ ଅଧିକ ବାଧକ ସାଜିଛି ବୋଲି ମତପ୍ରକାଶ ପାଉଛି। କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ଅନୁସାରେ ଧାନ କୁଇଣ୍ଟାଲ ପିଛା ଦର ୩୧୦୦ ଟଙ୍କା ନ ହେଲେ ଚାଷୀଙ୍କ ଲାଭ ପାଇବାର ଆଶା ମଉଳି ଯିବ ବୋଲି ଚାଷୀ ମହଲରେ ଚର୍ଚ୍ଚା ହେଉଛି।

ଗରିବ ଓ ନାମମାତ୍ର ଚାଷୀମାନେ ଧାନ ଉତ୍ପାଦନରେ ଉପଯୁକ୍ତ ଭାବେ ଲାଭ ନ ମିଳବା କାରଣରୁ ହତୋତ୍ସାହିତ ହୋଇ ଶେଷରେ ଜୀବନ ଜୀବିକା ପାଇଁ ନିଜ

## ଚାଷୀକୁଳର ଆର୍ଥିକ ମାନଦଣ୍ଡ ନୈରାଶ୍ୟଜନକ

ଭିଟାମାଟି ଛାଡିବାକୁ ବାଧ ହେଉଛନ୍ତି। ଅନ୍ୟପକ୍ଷେ ଦ୍ରୁତ ଶିଳ୍ପାୟନ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଗ୍ରାମୀଣ ଜୀବନ ଓ କୃଷି କ୍ଷେତ୍ରକୁ ଯଥେଷ୍ଟ ପ୍ରଭାବିତ କରିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଅଧିକାଂଶ ବର୍ଷ ଉଭୟ ମରୁଡ଼ି ଓ ବନ୍ୟା କୃଷିକୁ ବିପର୍ଯ୍ୟସ୍ତ କରି ଆସୁଛି। ରାଜ୍ୟରେ ପ୍ରାୟ ୭୦ ଭାଗ ଲୋକେ କୃଷି ଉପରେ ନିର୍ଭରଶୀଳ ହୋଇ ନିଜ ଜୀବିକା ନିର୍ବାହ କରୁଥିବାବେଳେ କୃଷି କ୍ଷେତ୍ରକୁ ଏପରି ଦୈବିଦୁର୍ବିପାକ ଚାଷୀକୁଳଙ୍କୁ ହତାଶ କରିଛି। ଏହାବାଦ୍ ରାଜ୍ୟରେ କୃଷି କ୍ଷେତ୍ର ତୁଳନାରେ ଆବଶ୍ୟକ ଜଳସେଚନ ଅଭାବରୁ ଚାଷୀକୂଳ କ୍ଷତିଗ୍ରସ୍ତ ହେଉଛନ୍ତି। ଅନ୍ୟପକ୍ଷେ ଧାନ ଓ ଚାଉଳ ସଂଗ୍ରହରେ ବ୍ୟାପକ ଦୁର୍ନୀତି ଓ ଅସହଯୋଗ କାରଣରୁ ଚାଷୀ ମଧ୍ୟସ୍ଥିଙ୍କ ଫାଶରେ ପଡି ଆହୁରି ଅଭାବି ବିକ୍ରୀର ଶିକାର ହେଉଛନ୍ତି।

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୯–୨୦ ବର୍ଷରେ ଚାଷୀ ଧାନ ଚାଷ ପାଇଁ କୁଇଣ୍ଟାଲ ପିଛା ୧୨୦୮ ଟଙ୍କା ଖର୍ଚ୍ଚ

ବିଗତ ୫ ବର୍ଷରେ ଚାଷ କରାଯାଇଥିବା ବିଭିନ୍ନ ଫସଲର ଆୟତନ ,ଉତ୍ପାଦକତା ଏବଂ ଉତ୍ପାଦନ ସମ୍ବନ୍ଧୀୟ ତଥ୍ୟ

| Name of the Crop | 2019-20 production cost in (Rs./Qtl) (A2+FL) | 2019-20 MSP for KMS in Rs./Qtl | 2020-21 production cost in (Rs./Qtl) (A2+FL) | 2020-21 MSP for KMS in Rs./Qtl | 2021-22 production cost in (Rs./Qtl) (A2+FL) | 2021-22 MSP for KMS in Rs./Qtl | 2022-23 production cost in (Rs./Qtl) (A2+FL) | 2022-23 MSP for KMS in Rs./Qtl | 2023-24 production cost in (Rs./Qtl) (A2+FL) | 2023-24 MSP for KMS in Rs./Qtl |
|---|---|---|---|---|---|---|---|---|---|---|
| Paddy- common | 1208 | 1815 | 1245 | 1868 | 1293 | 1940 | 1360 | 2040 | 1455 | 2183 |
| Paddy- Grade-A | | 1835 | | 1888 | | 1960 | | 2060 | | 2203 |
| Jowar-Hybrid | 1698 | 2550 | 1746 | 2620 | 1825 | 2738 | 1977 | 2970 | 2120 | 3180 |
| Jowar-Maldandi | | 2570 | | 2640 | | 2758 | | 2990 | | 3225 |
| Bajra | 1083 | 2000 | 1175 | 2150 | 1213 | 2250 | 1268 | 2350 | 1371 | 2500 |
| Maize | 1171 | 1760 | 1213 | 1850 | 1246 | 1870 | 1308 | 1962 | 1394 | 2090 |
| Ragi | 2100 | 3150 | 2194 | 3295 | 2251 | 3377 | 2385 | 3578 | 2564 | 3846 |
| Moong | 4699 | 7050 | 4797 | 7196 | 4850 | 7275 | 5167 | 7755 | 5705 | 8558 |
| Urad | 3477 | 5700 | 3660 | 6000 | 3816 | 6300 | 4155 | 6600 | 4592 | 6950 |
| Tur | 3636 | 5800 | 3796 | 6000 | 3886 | 6300 | 4131 | 6600 | 4444 | 7000 |
| Groundnut-in-shell | 3394 | 5090 | 3515 | 5275 | 3699 | 5550 | 3873 | 5850 | 4251 | 6377 |
| Sesamum | 4322 | 6485 | 4570 | 6855 | 4871 | 7307 | 5220 | 7830 | 5755 | 8635 |
| Soyabean | 2473 | 3710 | 2587 | 3880 | 2633 | 3950 | 2805 | 4300 | 3029 | 4600 |
| Sunflower seed | 3767 | 5650 | 3921 | 5885 | 4010 | 6015 | 4113 | 6400 | 4505 | 6760 |
| Nigerseed | 3960 | 5940 | 4462 | 6695 | 4620 | 6930 | 4858 | 7287 | 5156 | 7734 |
| Cotton(Medium Staple) | 3501 | 5255 | 3676 | 5515 | 3817 | 5726 | 4053 | 6080 | 4411 | 6620 |
| Cotton( Long Staple) | | 5550 | | 5825 | | 6025 | | 6380 | | 7020 |

କରିଥିବାବେଳେ ୧୮୧୫ ଟଙ୍କାରେ ବିକ୍ରୀ କରୁଥିଲା। ସେହିପରି ୨୦୨୦–୨୧ରେ ୧୨୪୫ ଟଙ୍କା ଖର୍ଚ୍ଚ କରି ୧୮୬୮ ଟଙ୍କା, ୨୦୨୧–୨୨ ବର୍ଷରେ ୧୨୯୩ ଟଙ୍କା ଖର୍ଚ୍ଚ କରି ୧୯୪୦ ଟଙ୍କା, ୨୦୨୨–୨୩ରେ ୧୩୬୦ ଟଙ୍କା ଖର୍ଚ୍ଚ କରି ୨୦୪୦ ଟଙ୍କା ଏବଂ ୨୦୨୩–୨୪ରେ ଧାନ ଚାଷରେ କୁଇଣ୍ଟାଲ ପିଛା ୧୪୫୫ ଟଙ୍କା ଖର୍ଚ୍ଚ କରି ୨୧୮୩ ଟଙ୍କାରେ ବିକ୍ରି କରୁଛି। ଧାନ ସଂଗ୍ରହ ସମୟରେ ଯେପରି ଚାଷୀ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଏ, ଠିକ ସମୟରେ ମଣ୍ଡିରେ ଧାନ ଦେବା, ସହଜ ଭାବେ ପ୍ରାପ୍ୟ ପାଇବା ଉପରେ ପଦକ୍ଷେପ ନେବାକୁ ଜିଲାପ୍ରଶାସନ ପକ୍ଷରୁ ପରାମର୍ଶ ଦେଇଥାନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ଧାନ କିଣା ହେଲା କି ନାହିଁ, ପାକ୍ସ କେତେ ଖୋଲିଲା, ଚାଷୀ ଉପଯୁକ୍ତ ଭାବେ ପାଉଣା ପାଉଛନ୍ତି କି ନାହିଁ ଆଦି ବୁଝିବାକୁ ତାଙ୍କ ପାଖରେ ସମୟ ନ ଥାଏ। ଏପରି କି ନିର୍ବାଚିତ ଜନ ପ୍ରତିନିଧିମାନେ ମଧ ଚାଷୀଙ୍କ ମନର କଥା ଜାଣିବାକୁ ସମୟ ଦେଇ ନ ଥାନ୍ତି। ଏଭଳି ଅବହେଳା ଓ ମଧ୍ୟସ୍ଥିମାନଙ୍କ ସହିତ ମଧୁଚନ୍ଦ୍ରିକା ଯୋଗୁ ଜିଲାର ଧାନ ସଂଗ୍ରହ ପ୍ରକ୍ରିୟା ଭଣ୍ଡୁର ହୋଇ ଆସୁଛି। ବରଂ ମଧ୍ୟସ୍ଥିମାନଙ୍କୁ ଅଧିକ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ପ୍ରତିବର୍ଷ ବିଳମ୍ବରେ ଧାନ ସଂଗ୍ରହ କରାଯାଇଥାଏ। ଏଭଳି ବିଳମ୍ବ ଯୋଗୁ ଅଧିକାଂଶ ଚାଷୀ ନିର୍ଦ୍ଧାରିତ ମୂଲ୍ୟଠାରୁ ୫୦୦ରୁ ୬୦୦ ଟଙ୍କା କମ୍‌ରେ ଧାନକୁ ମଧ୍ୟସ୍ଥିଙ୍କ ହାତରେ ବିକ୍ରୀ କରିଥାନ୍ତି। ପୂର୍ବରୁ ଧାନ ସଂଗ୍ରହ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ମିଲର୍ସଙ୍କ ଉପରେ ନିର୍ଭର କରୁଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହେଉଥିଲେ। ଚାଷୀଙ୍କୁ ଏହି କ୍ଷତିରୁ ରକ୍ଷା କରିବାକୁ ରାଜ୍ୟ ସରକାର ସରକାରୀ ଓ ସରକାରଙ୍କ ଅଧିକୃତ ପାକ୍ସ ଜରିଆରେ ଧାନ ସଂଗ୍ରହ କରୁଛନ୍ତି। କିନ୍ତୁ ପକ୍ସ କର୍ମଚାରୀମାନେ ନିଜର ଫାଇଦା ଦେଖି ବିଳମ୍ବରେ ଅବା ଆଦୌ ମଣ୍ଡି ଖୋଲି ନ ଥିବାରୁ ପୂବଭଳି ଚାଷୀ ଆହୁରି କ୍ଷତିଗ୍ରସ୍ତ ହେଉଛନ୍ତି। ଏପରି କି ଚାଷୀ ପଞ୍ଜୀକରଣ, ଟୋକନ ଆଦି କ୍ଷେତ୍ରରେ ଚଞ୍ଚକତା କରି ପାକ୍ସ କର୍ମଚାରୀମାନେ ଚାଷୀଙ୍କ ଲାଭ ପାଇବାରେ ପ୍ରତିବନ୍ଧକ ସାଜି ଆସୁଛନ୍ତି ବୋଲି ଅଭିଯୋଗ ହେଉଛି। ଆଗାମୀ ଦିନରେ କୃଷି ଓ କୃଷକଙ୍କୁ ଅଧିକ ଗୁରୁତ୍ୱ ନ ଦେଲେ ଖାଦ୍ୟସଙ୍କଟ ଦେଶ ପାଇଁ ପୁଣି ଆଉ ଏକ ବିରାଟ ସମସ୍ୟା ହୋଇ ଠିଆ ହେବ ଏଥିରେ ଦ୍ୱିମତ ନାହିଁ। ଶସ୍ୟ ସଂଗ୍ରହ ଯେଉଁ ପରିମାଣରେ ହ୍ରାସ ପାଇବାରେ ଲାଗିଛି, ସେଥିରେ ଖାଦ୍ୟ ମୁଦ୍ରାସ୍ଫିତି ବହୁଳ ଭାବେ ପ୍ରବାହିତ ହେବାକୁ ଯାଉଥିବାବେଳେ ଖାଦ୍ୟସାମଗ୍ରୀ ଦର ଅସମ୍ଭାଳ ହେବ। ଏଥିରେ ଗରିବ ଓ ମଧବିତ୍ତ ଶ୍ରେଣୀର ଲୋକଙ୍କ ପକ୍ଷେ ପରିବାର ଚଳାଇବା କଷ୍ଟକର ବ୍ୟାପାର ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ବୋଲି ମତପ୍ରକାଶ ପାଉଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବିବେକାନନ୍ଦ


@ ପରମାନନ୍ଦ


@ ରିଙ୍କୁ


@ ସେହେନ୍ସା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ଯାଞ୍ଚ ଜରୁରୀ: ଜିଲାପାଳ



ବିଶ୍ୱ ଶିଶୁ ଶ୍ରମିକ ନିରାକରଣ ଦିବସରେ ଅଧିକାରୀମାନେ ଶପଥ ଗ୍ରହଣ କରୁଛନ୍ତି।

**ଯାଜପୁର ଟାଉନ,୧୨।୬ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

୧୪ ବର୍ଷରୁ କମ୍ ଏବଂ ୧୪ରୁ ୧୮ ବର୍ଷ ମଧ୍ୟରେ ଶିଶୁମାନଙ୍କୁ ଶ୍ରମ କାର୍ଯ୍ୟରେ ନିୟୋଜିତ କରିବା ଦଣ୍ଡନୀୟ। ଏଥିପାଇଁ ସରକାର ଦଣ୍ଡବିଧି ପ୍ରଣୟନ କରିଛନ୍ତି। ତଦନୁଯାୟୀ ୧୪ ବର୍ଷରୁ କମ୍ ଶିଶୁ ଏବଂ ୧୪ରୁ ୧୮ ବର୍ଷର କିଶୋରମାନଙ୍କୁ କୌଣସି ଶ୍ରମ କାର୍ଯ୍ୟରେ ବା ବିପଦଶଙ୍କୁଳ କାର୍ଯ୍ୟରେ ନିୟୋଜିତ କରାଯାଇପାରିବ ନାହିଁ। ଶିଶୁମାନେ ରାଷ୍ଟ୍ରର ଆଗାମୀ କାଲିର ଭବିଷ୍ୟତ। ତେଣୁ ଯାଜପୁର ଜିଲାରୁ ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ନିରନ୍ତର ଭାବେ ଯାଞ୍ଚ ଜରୁରୀ। ଏଦିଗରେ ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ସଂଗଠନ ଯତ୍ନବାନ ହେବାକୁ ଜିଲାପାଳ ନିଖିଲ ପବନ କଲ୍ୟାଣ ବିଶ୍ୱ ଶିଶୁ ଶ୍ରମିକ ନିରାକରଣ

## ବିଶ୍ୱ ଶିଶୁ ଶ୍ରମିକ ନିରାକରଣ ଦିବସ

ଦିବସ ବୈଠକରେ ଅଧ୍ୟକ୍ଷତା କରି ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଅତିରିକ୍ତ ଜିଲାପାଳ(ପ୍ରଶାସନ) ନବକ୍ରିଷ୍ଣ ଜେନା, ଜିଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି, ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, ଜିଲା ସାମାଜ ମଙ୍ଗଳ ଅଧିକାରୀ ସବିତା ଚ୍ୟାଉପଟ୍ଟନାୟକ, ଜିଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଶିଶୁ ସୁରକ୍ଷା ସମିତି ଅଧ୍ୟକ୍ଷା ରେକ୍ସୋନା ଜେନା, ଶିଶୁ ମଙ୍ଗଳ ସମତି ସଦସ୍ୟ ଜୟନ୍ତ ଗୋସ୍ୱାମୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।।

ପ୍ରାରମ୍ଭରେ ଜିଲା ଶ୍ରମ ଅଧିକାରୀ ମହାନ୍ତି ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଅଧିକାରୀମାନେ ଜିଲାପାଳଙ୍କ ନିର୍ଦ୍ଦେଶରେ ଶିଶୁ ଶ୍ରମ ମୁକ୍ତ ଓଡ଼ିଶା ପାଇଁ ସଂକଳ୍ପ ଶପଥ ପାଠ କରିଥିଲେ। ବୈଠକରେ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ (ନିଯୁକ୍ତି ନିୟନ୍ତ୍ରଣ ଓ ସେବା ସର୍ତ୍ତ) ଆଇନ, ୧୯୭୯ରେ ଥିବା ସୁବିଧା, ସୁଯୋଗ, ଅଧିକାର ଓ ସଚେତନତା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ପୋଲିସ ଅଧିକାରୀ ସତ୍ୟବ୍ରତ ଲେଙ୍କା, ଜିଲା ଦକ୍ଷତା ବିକାଶ ଓ କର୍ମ ନିୟୋଜନ ଅଧିକାରୀ ସୁଶାନ୍ତ କୁମାର ନାୟକ, ସହକାରୀ ଶ୍ରମ ଅଧିକାରୀ ସୁନନ୍ଦା ବିଶ୍ୱାଳ ଯୋଗ ଦେଇଥିଲେ। ସହକାରୀ ଶ୍ରମ ଅଧିକାରୀ ସଞ୍ଜିତ୍ କୁମାର ଦେଓ ଧନ୍ୟବାଦ ଦେଇଥିଲେ।

# ପ୍ରଥମ ବିଜୟରେ ପ୍ରଦୀପଙ୍କୁ ମନ୍ତ୍ରୀପଦ

**ଯାଜପୁର,୧୨।୬(ହର୍ଷବର୍ଦ୍ଧନ ବେହେରା):**

ମୋହନ ମାଝିଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି ଯାଜପୁର ଜିଲା ସୁକିନ୍ଦା ବିଧାୟକ ପ୍ରଦୀପ ବଳସାମନ୍ତ(ଟୁଟୁ)। ସେ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ ପାହ୍ୟା) ଭାବେ ଶପଥ ଗ୍ରହଣ କରିଛନ୍ତି। ପୂର୍ବରୁ ଉକ୍ତ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିବା ଶରତ ରାଉତ, ପ୍ରଫୁଲ୍ଲ ଘଡ଼େଇ ଓ ପ୍ରୀତିରଞ୍ଜନ ଘଡ଼େଇ ମନ୍ତ୍ରୀପଦ ପାଇଥିଲେ। ପ୍ରଦୀପ ପ୍ରଥମ ବିଜୟରେ ମନ୍ତ୍ରୀପଦ ପାଇଥିବାରୁ ସୁକିନ୍ଦା ନିର୍ବାଚନମଣ୍ଡଳୀରେ ଖୁସିର ଲହରି ଖେଳିଯାଇଛି।

ଅନ୍ୟପକ୍ଷେ ଖଣି ଓ ଶିଳ୍ପ ସମୃଦ୍ଧ



ପ୍ରଦୀପ ବଳସାମନ୍ତ

ସୁକିନ୍ଦା ବିଧାନସଭା କ୍ଷେତ୍ରରେ ଏବେ ବି ସ୍ଥାନୀୟ ନିଯୁକ୍ତିକୁ ନେଇ ବିଭିନ୍ନ ସମୟରେ ଦାବି, ଆନ୍ଦୋଳନ, ଅନଶନ ହୋଇ ଆସୁଛି। ଏହାବାଦ ବହୁ ଗ୍ରାମ ଏମିତି ଅଛି, ଯେଉଁସ୍ଥାନକୁ ବିକାଶ ପହଞ୍ଚି ପାରିନାହିଁ। ଗମନାଗମନ, ଶିକ୍ଷା, ବିଦ୍ୟୁତ୍ ଆଦି କ୍ଷେତ୍ରରେ ଏହି ଅଞ୍ଚଳ ବହୁ ପଛରେ ପଡ଼ିଛି। ଏଠାରୁ ଅନ୍ୟ ରାଜ୍ୟକୁ ଲୋକେ ଦାଦନ ଖଟିବାକୁ ଯାଉଛନ୍ତି। ଏଭଳି ଚ୍ୟାଲେଞ୍ଜ ଓ ଜଟିଳ ସ୍ଥିତିକୁ ନୂଆ ମନ୍ତ୍ରୀ ବଳସାମନ୍ତ କିଭଳି ସାମ୍ନା କରିବେ ତାହା ଆଲୋଚନାର ବିଷୟ ହୋଇଛି।

ସୁକିନ୍ଦାରେ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି, ଯାହାକି ଅଞ୍ଚଳବାସୀ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏବେ ବି ନଗଡ଼ାର ଉଭୟ ପାର୍ଶ୍ୱ ଅଞ୍ଚଳକୁ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ଏଭଳି ଅନେକ ସମସ୍ୟାର ସମାଧାନ କରିବା ନୂଆ ମନ୍ତ୍ରୀଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି।

ବଳସାମନ୍ତ ୯୦ ଦଶକରେ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ସେ ପ୍ରଥମେ ପ୍ରଫୁଲ୍ଲ ଘଡ଼େଇଙ୍କ ସହ ମିଶି କାମ କରିଥିଲେ। ୨୦୧୪ରେ ସୁକିନ୍ଦା ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ଭାବେ ଲଢ଼ି ସେ ପ୍ରାୟ ୧୮,୦୦୦ ଭୋଟ ପାଇଥିଲେ। ଏହାପରେ ୨୦୧୮ରେ ଭାଜପାରେ ଯୋଗଦେଇ ୨୦୧୯ରେ ପ୍ରାର୍ଥୀ ହୋଇଥିଲେ। ସେଥିରେ ସେ ପ୍ରାୟ ୧୬ ହଜାର ଭୋଟ ବ୍ୟବଧାନରେ ବିଜେଡି ପ୍ରାର୍ଥୀଙ୍କଠାରୁ ପରାସ୍ତ ହୋଇଥିଲେ। କିନ୍ତୁ ଏଥର ସମୀକରଣ ବଦଳିଥିଲା। ଟୁଟୁ ୯,୫୭୭ ଭୋଟ ବ୍ୟବଧାନରେ ବିଜେଡିର ପ୍ରୀତିରଞ୍ଜନଙ୍କୁ ପରାଜିତ କରିଥିଲେ। ଉଲ୍ଲେଖଯୋଗ୍ୟ, ପ୍ରଫୁଲ୍ଲ ଅର୍ଥ , ଶିକ୍ଷା, ସ୍ୱାସ୍ଥ୍ୟ ଓ ଅବକାରୀ ମନ୍ତ୍ରୀ ରହିଥିଲେ। ଏହାପୂର୍ବରୁ ଶରତ ରାଉତ ମନ୍ତ୍ରୀ ହୋଇଥିବାବେଳେ ପ୍ରୀତିରଞ୍ଜନ ଗତ ପାଳିର ଦ୍ୱିତୀୟ ପର୍ଯ୍ୟାୟରେ ମନ୍ତ୍ରୀପଦ ପାଇଥିଲେ।

# ଚଳିତ ମାସର ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ

**ଯାଜପୁର ଟାଉନ,୧୨।୬ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ନିଖିଲ ପବନ କଲ୍ୟାଣ ଏବଂ ଆରକ୍ଷୀ ଅଧୀକ୍ଷକ ଭିନୀତ ଅଗ୍ରୱାଲଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ଜିଲା ସଦର ମହକୁମା ସମେତ ବିଭିନ୍ନ ବ୍ଲକରେ ଅନୁଷ୍ଠିତ ହେବାପାଇଁ ସ୍ଥିରୀକୃତ ହୋଇଛି। ଜୁନ୍ ୧୮ତାରିଖ ମଙ୍ଗଳବାର କେଏନ୍‌ଡିଏ ସମ୍ମିଳନୀ ଗୃହ କଳିଙ୍ଗନଗର ଓ ୨୪ତାରିଖ ସୋମବାର ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ପୂର୍ବାହ୍ନ ୧୦ଟାଠାରୁ ଅପରାହ୍ନ ୨ଘଟିକା ପର୍ଯ୍ୟନ୍ତ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଉକ୍ତ ଶିବିରଗୁଡ଼ିକରେ ବିଡିଓ, ତହସିଲଦାର, ଜିଲାସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀମାନେ ଯୋଗ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତା ଉଦ୍‌ଘାଟିତ



ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

**ଯାଜପୁର ସଦର,୧୨।୬ (ସମର ବିଜୟ ଶରଣ):**

ଯାଜପୁର ଜିଲା ସଦର ମହକୁମା ହକି ପ୍ରଶିକ୍ଷଣ କେନ୍ଦ୍ରଠାରେ ରାଜ୍ୟସ୍ତରୀୟ (୧୬ ବର୍ଷରୁ କମ) ବାଳିକା ଓ ବାଳକ ହକି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରାଜ୍ୟର ୧୫ ବାଳକ ହକିଦଳ ଓ ୧୫ ବାଳିକା ହକି ଦଳ ଭାଗନେଇଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବାଶିଷ ମହାରଣା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଉଦ୍‌ଘାଟନୀ ଉତ୍ସବ ପ୍ରାରମ୍ଭରେ ନାଭାଲ ଟାଟା ଓଡ଼ିଶାର ରାଜୀବ ସେଠ ସମସ୍ତ ଅତିଥି ଓ ଖେଳାଳିଙ୍କ ପରିଚୟ ପ୍ରଦାନ କରିବାସହ ପ୍ରତିଯୋଗିତାର ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ ସମନ୍ଧରେ ପ୍ରକାଶ କରିଥିଲେ। ଏହି ହକି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ରାଜ୍ୟସ୍ତରରେ ହକି ଖେଳିବାର ସୁଯୋଗ ପାଇବେ। ଉତ୍ସବରେ ଯାଜପୁର ହକି ପ୍ରଶିକ୍ଷଣ କେନ୍ଦ୍ରର ହକି ଖେଳାଳିମାନଙ୍କ ଦ୍ୱାରା ବିଭିନ୍ନ ସମ୍ବଲପୁରୀ ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ହକି ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷକ ଅମୂଲ୍ୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ସୁକିନ୍ଦା ସିଏଚ୍‌ସି ପାଇଁ ୧୯.୯୩ କୋଟି ମଞ୍ଜୁର

**ଯାଜପୁର,୧୨।୬(ହର୍ଷବର୍ଦ୍ଧନ ବେହେରା):**

- ଓବିଏମ୍‌ଡିଏସିରୁ ବିନିଯୋଗ ହେବ ୧୪.୨୬ କୋଟି ଟଙ୍କା
- ମୋଡ୍ୟୁଲାର ଆଇସିୟୁ, ଓଟି ନିର୍ମାଣ ହେବ

ରାଜ୍ୟରେ ନୂତନ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା ହେବା ଦିନ ଯାଜପୁର ଜିଲା ସୁକିନ୍ଦା ନିର୍ବାଚନମଣ୍ଡଳୀର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି) ପରିସରରେ ମୋଡ୍ୟୁଲାର ଆଇସିୟୁ ଓ ଅପରେଶନ ଥିଏଟର(ଓଟି), ସିଏସ୍‌ଏସ୍‌ଡି ଓ ଏକ ଭିଜନ ସେଣ୍ଟର ନିର୍ମାଣ ପାଇଁ ୧୯ କୋଟି ୯୩ ଲକ୍ଷ ୬୩ ହଜାର ୫୭୪ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏଥିରେ ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପ୍‌ମେଣ୍ଟ କର୍ପୋରେଶନ(ଓଏମ୍‌ବିଏଡିସି) ପାଣ୍ଠିରୁ ୧୪ କୋଟି ୨୬ ଲକ୍ଷ ୨୦ ହଜାର ୮ ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଅନ୍ୟାନ୍ୟ ପାଣ୍ଠିରୁ ୫ କୋଟି ୬୭ ଲକ୍ଷ ୪୩ ହଜାର ୫୬୬ ଟଙ୍କା ବିନିଯୋଗ ହେବ। ଖଣି ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟ କ୍ଷେତ୍ରର ବିକାଶ ଉପରେ ସରକାର ଉପଯୁକ୍ତ ଭାବେ ଧ୍ୟାନ ଦେଉ ନ ଥିବା ଅଭିଯୋଗ ଏବଂ ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ସରକାର ତତ୍ପରତା ପ୍ରକାଶ କରିଥିବା ସୂଚନା ମିଳିଛି।

ସୁପ୍ରିମକୋର୍ଟ ୨୦୧୭ରେ ଖଣିଜ ପଦାର୍ଥ ଲୁଟିଥିବା ଲିଜ୍‌ଧାରୀଙ୍କଠାରୁ କ୍ଷତିପୂରଣ ବାବଦକୁ ୧୮ ହଜାର କୋଟି ଟଙ୍କା ଆଦାୟ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅର୍ଥରେ ଓଏମ୍‌ବିଏଡିସି ଗଠିତ ହୋଇଛି। ଓଏମ୍‌ବିଏଡିସି ଅର୍ଥକୁ ମୁଖ୍ୟତଃ ବୋର୍ଡ ଅଫ୍ ଡାଇରେକ୍ଟର ଏବଂ ଓଭରସାଇଟ ଅଥରିଟିଙ୍କ ଅନୁମୋଦନ ନେଇ ୭ଟି କ୍ଷେତ୍ରରେ ବ୍ୟୟ କରାଯିବା ପାଇଁ ସ୍ଥିର କରାଯାଇଛି। ଏଥିରେ ପାନୀୟ ଜଳ ଯୋଗାଣ, ଶିକ୍ଷା(ପ୍ରଶିକ୍ଷଣ ଏବଂ କୌଶଳ ବିକାଶ), ସ୍ୱାସ୍ଥ୍ୟ(ଅଙ୍ଗନବାଡି କେନ୍ଦ୍ର ସମେତ), ଜୀବନ ଜୀବିକା, ଗ୍ରାମ୍ୟ ସଂଯୋଗୀକରଣ, ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ, ଜଳ ସଂରକ୍ଷଣ ଓ




ଭୂତଳ ଜଳ ରିଚାର୍ଜ ରହିଛି। ଏଥିନିମନ୍ତେ ବିଭିନ୍ନ ବିଭାଗଗୁଡିକ ଓଏମ୍‌ବିଏଡିସିକୁ ଡିପିଆର(ଡିଟେଲ ପ୍ରୋଜେକ୍ଟ ରିପୋର୍ଟ) ପ୍ରଦାନ କରିଥାନ୍ତି। ଏହି ଡିପିଆର ଆଧାରରେ ଓଏମ୍‌ବିଏଡିସି ଦ୍ୱାରା ପ୍ରକଳ୍ପଗୁଡିକ ଅନୁମୋଦନ ହୋଇଛି। ଯାଜପୁର ଜିଲାର ସୁକିନ୍ଦା ବ୍ଲକରେ ମେଗା ଜଳଯୋଗାଣ ପ୍ରକଳ୍ପରେ ୮୯.୩୩ କୋଟି ଟଙ୍କା, ସହରାଞ୍ଚଳ ଜଳ ଯୋଗାଣ ପାଇଁ ୪.୧୫ କୋଟି ଟଙ୍କା, ଆଦର୍ଶ ବିଦ୍ୟାଳୟ, କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟ, ପ୍ରାଥମିକ ଓ ମାଧ୍ୟମିକ ସ୍କୁଲର ଭିତ୍ତିଭୂମିର ବିକାଶ ପାଇଁ ୦.୪୪ କୋଟି ଟଙ୍କା, ସରକାରୀ ଆଇଟିଆଇ, ଇଞ୍ଜିନିୟରିଂ ସ୍କୁଲ ଓ ଆଦିବାସୀ ଯୁବକଙ୍କ କୌଶଳ ଦକ୍ଷତା ଉନ୍ନତି କ୍ଷେତ୍ରରେ ୦.୩୪ କୋଟି ଟଙ୍କା, ସମନ୍ୱିତ ଶିଶୁ ବିକାଶ କ୍ଷେତ୍ରରେ ୬ କୋଟି ଟଙ୍କା, ମାଛଚାଷ ଓ ପଶୁପାଳନ କ୍ଷେତ୍ରରେ ୦.୧୧ କୋଟି ଟଙ୍କା, ଏସଏଚଜି ଓ ସଂଘ କ୍ଷେତ୍ରରେ ୦.୬୮ କୋଟି ଟଙ୍କା, ରାସ୍ତା ସଂଯୋଗୀକରଣ ଓ ବ୍ରିଜ କ୍ଷେତ୍ରରେ ୧.୨୩ କୋଟି, ଜଳଛାୟା ପ୍ରକଳ୍ପ ଓ ଫାର୍ମପଣ୍ଡ ନିର୍ମାଣରେ୦.୦୯ କୋଟି ଏବଂ ଜଳ ସଂରକ୍ଷଣ ପାଇଁ ୭.୩୪ କୋଟି ଓ ଖଣି ପ୍ରଭାବିତ ଅଞ୍ଚଳରେ ସବୁଜିକରଣ ପାଇଁ ୪.୦୭ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସରକାରୀ ରିପୋର୍ଟରେ ଦର୍ଶାଯାଇଛି। ଅନ୍ୟପକ୍ଷେ ସ୍ୱାସ୍ଥ୍ୟ କ୍ଷେତ୍ରର ବିକାଶ ପାଇଁ ଓଏମ୍‌ବିଏଡିସି ପାଣ୍ଠି ବିନିଯୋଗ ପ୍ରତି ଆଗ୍ରହ ପ୍ରକାଶ କରାଯାଇ ନାହିଁ।

ଯାଜପୁର ଜିଲାର ସୁକିନ୍ଦା ବ୍ଲକ ସମ୍ପୂର୍ଣ୍ଣ ଭାବେ ଖଣି ପ୍ରଭାବିତ ଅଞ୍ଚଳ। ଏଠାରେ ପରିବେଶ ପ୍ରଦୂଷଣ ପ୍ରଭାବରେ ବହୁ ଲୋକ ରୋଗାକ୍ରାନ୍ତ ହୋଇଥାନ୍ତି। ନଗଡ଼ା ଭଳି ଚିତ୍ର କାହାକୁ ଅଛପା ନାହିଁ। ତେଣୁ ସାମାନ୍ୟ ରୋଗ ହେଲେ ଅଞ୍ଚଳବାସୀ ୭୦ କି.ମି.ଦୂରରେ ଥିବା ଜିଲା ସଦର ମହକୁମା ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ଗୁରୁତର ରୋଗୀ କଟକ ବଡ ମେଡିକାଲକୁ ସ୍ଥାନାନ୍ତର ହୋଇଥାନ୍ତି। ଏଭଳି ସ୍ଥିତିରେ ସୁକିନ୍ଦା ଅଞ୍ଚଳରେ ସୁପରସ୍ପେଶିଆଲିଟି ଡାକ୍ତରଖାନା ପ୍ରତିଷ୍ଠା କରିବାକୁ ଦୀର୍ଘଦିନ ହେଲା ଦାବି ହୋଇ ଆସୁଛି। କିନ୍ତୁ କେହି ଏଥିପ୍ରତି ଧ୍ୟାନ ଦେଉ ନ ଥିଲେ।

# ଶହେ ମିଟରରୁ ୮.୭ କି.ମି. ଇକୋ ସେନ୍‌ସେଟିଭ୍ ଜୋନ୍

## ଭିତରକନିକା, ଗହୀରମଥା ସୀମାରେଖା

- ଶବ୍ଦ ପ୍ରଦୂଷଣ ରୋକିବା ଉପରେ ଗୁରୁତ୍ୱ
- ଗାଡ଼ି ଚଳାଚଳ ଉପରେ ଲାଗିବ କଟକଣା

ରାଜନଗର,୧୨।୬(ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନ, ଭିତରକନିକା ଅଭୟାରଣ୍ୟ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ୧ ଶହ ମିଟରଠାରୁ ୮.୭ କି.ମି. ପର୍ଯ୍ୟନ୍ତ ଇକୋ ସେନସେଟିଭ ଜୋନ୍ ଭାବେ ଘୋଷଣା କରାଯାଇଛି। କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ଗତ ୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି। ୬ ସେପ୍ଟେମ୍ବର ୨୦୨୩ର ଅଧିସୂଚନାକୁ ୯ ଜୁନ୍ ୨୦୨୪ରେ ପ୍ରକାଶ କରାଯାଇଛି। ଏହି ଅଧିସୂଚନା ପ୍ରକାଶର ୬୦ଦିନ ଭିତରେ ପ୍ରସ୍ତାବ, ଆପତ୍ତି ଓ ପରାମର୍ଶ ଆହ୍ୱାନ କରାଯାଇଛି। ୬୦ ଦିନର ଅବଧି ପରେ ଏହା ଆଇନରେ ପରିଣତ ହେବ। ଏହି ବିଜ୍ଞପ୍ତିକୁ ନେଇ ରାଜନଗରବାସୀଙ୍କ ସମେତ ୨୦୫ଟି ଗାଁର ଅଧିବାସୀ ନାନା ଆଶଙ୍କାରେ ଆତଙ୍କିତ ହୋଇପଡିଛନ୍ତି।

କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଥିବା ଗେଜେଟ୍ ଅନୁଯାୟୀ ମ୍ୟାନ୍‌ଗ୍ରୁଭ ଫରେଷ୍ଟ ଡିଭିଜନ୍, ୱାଇଲ୍ଡ ଲାଇଫ୍‌ର ୩ ପ୍ରୋଟେକ୍ଟେଡ୍ ଏରିଆ ଭିତରକନିକା ୱାଇଲ୍ଡ୍ ଲାଇଫ୍ ସାଞ୍ଚୁରୀ (୧୯୭୫), ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ (୧୯୯୭), ଭିତରକନିକା ନ୍ୟାଶନାଲ ପାର୍କ (୧୯୯୮)ର ବାଉଣ୍ଡାରୀର ୧୦୦ମିଟରରୁ ୮.୭କି.ମି ଯାଏ ପରିଧିକୁ ଇକୋ ସେନ୍‌ସେଟିଭ୍ ଜୋନ୍ ଭାବେ ଘୋଷଣା କରାଯାଇଛି। ୩ଟି ପ୍ରୋଟେକ୍ଟେଡ୍ ଏରିଆର ୪୯୭.୬୭ ବର୍ଗ କିମି ଅଞ୍ଚଳରେ ଏହି ଆଇନ ଲାଗୁ କରାଯାଇଛି। ଭିତରକନିକାରେ ୮୮ ପ୍ରକାରର ବିରଳ ଲୁଣା ଗଛ, କ୍ରୋକଡାଇଲ୍ ପ୍ରୋଜେକ୍ଟ, ଏସିଆର ସବୁଠୁ ବଡ଼ ବଗ ଗହନ ରହିଛି। ଏହାବାଦ୍ ଭିତରକନିକାକୁ ରାମ୍‌ସାର ସାଇଟ୍ ରୂପେ ଘୋଷଣା କରାଯାଇଥିବା ବେଳେ ଅନ୍ତର୍ଜାତୀୟ ଆଦ୍ରଭୂମିର ମାନ୍ୟତା ମିଳିସାରିଛି। ଏଠାରେ ଥିବା ଗହୀରମଥାରେ ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ମାସ୍ ନେସ୍ଟିଙ୍ଗ ମଧ୍ୟ ହେଉଛି। ଏହି ଅଞ୍ଚଳ ଜୈବ ବିବିଧତାରେ ସମୃଦ୍ଧ। ଏଥିରେ ମୁହାଣ, ସମୁଦ୍ର ପରିସଂସ୍ଥା ସହିତ ୬୧ ପ୍ରଜାତିର ଅମେରୁଦଣ୍ଡୀ ପ୍ରାଣୀ, ୨୦ ପ୍ରଜାତି ମାଛ, ୫ ପ୍ରଜାତିର ଉଭୟଚର ପ୍ରାଣୀ, ୪୨ ପ୍ରଜାତିର ସରୀସୃପ, ୨୮୦ ପ୍ରଜାତିରୁ ଅଧିକ ପକ୍ଷୀ, ୨୮ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀଙ୍କ ଆବାସସ୍ଥଳୀ। ସମୃଦ୍ଧ ଜୈବ ବିବିଧତା କାରଣରୁ ଏ ସବୁର ସଂରକ୍ଷଣ




କରାଯିବା ନିହାତି ଆବଶ୍ୟକ ହୋଇଛି।

ଭିତରକନିକା ୱାଇଲ୍ଡ୍ ଲାଇଫ୍ ସାଞ୍ଚୁରୀ, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ, ଭିତରକନିକା ନ୍ୟାଶନାଲ୍ ପାର୍କର ୧ଶହ ମିଟରରୁ ୮.୭ କି.ମି.ର ପରିଧି ମଧ୍ୟରେ କେନ୍ଦ୍ରାପଡ଼ା ଜିଲାର ରାଜନଗର ବ୍ଲକର ୫୨ ଗାଁ, ପଟ୍ଟାମୁଣ୍ଡାଇ ବ୍ଲକର ୮ ଗାଁ, ମହାକାଳପଡ଼ା ବ୍ଲକର ୩୮ ଗାଁ, ଆଳି ବ୍ଲକର ୩୨ ଗାଁ, ରାଜକନିକା ବ୍ଲକର ୩୦ ଗାଁ ସମେତ ଭଦ୍ରକ ଜିଲାର ଚାନ୍ଦବାଲି, ବାଂଶଡା, ତିହିଡି ବ୍ଲକର ୪୫ ଗାଁ ସମେତ ମୋଟ୍ ୨୦୫ ଗାଁ ଆସୁଛି। ଇକୋ ସେନସେଟିଭ୍ ଜୋନ୍‌ର ଫାଇନାଲ୍ ଗେଜେଟ୍ ପ୍ରକାଶ ପାଇଲା ପରେ ଏହି ୨୦୫ ଗାଁରେ ଶବ୍ଦ ପ୍ରଦୂଷଣଠାରୁ ଆରମ୍ଭ କରି ବାୟୁ ପ୍ରଦୂଷଣ, ଭୂମି ପରିଚାଳନା, ଜଳଉତ୍ସର ବ୍ୟବହାର, ଆବର୍ଜନା ପରିଚାଳନା ଉପରେ ରୋକ ଲାଗିବା ସହ ଗାଡ଼ି ଚଳାଚଳ ମଧ ନିୟନ୍ତ୍ରିତ ହେବ। ଏପରି କି ଇକୋ ସେନ୍‌ସେଟିଭ୍ ଜୋନ୍ ମଧ୍ୟରେ ନୂତନ ନିର୍ମାଣ ଉପରେ କଟକଣା କରାଯାଇଥିବା ବେଳେ ପର୍ଯ୍ୟଟନ ଭିତ୍ତିକ କାର୍ଯ୍ୟକ୍ରମ ବି ଗାଇଡ୍ ଲାଇନ୍ ଭିତରେ ହେବ ବୋଲି ସୂଚନା ମିଳିଛି ।

ଏହି ଇକୋ ସେନ୍‌ସେଟିଭ୍ ଜୋନ୍‌କୁ କ୍ରିୟାଶୀଳ ଭାବେ ପରିଚାଳନା କରିବାକୁ ସ୍ଥାନୀୟ ଲୋକଙ୍କ ମତାମତ ନେଇ ରାଜ୍ୟ ସରକାର ୨ ବର୍ଷ ଭିତରେ ଜୋନାଲ୍ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବେ। ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ, ସହରାଞ୍ଚଳ ବିକାଶ, ପର୍ଯ୍ୟଟନ, ମ୍ୟୁନିସିପାଲିଟି, ରାଜସ୍ୱ, କୃଷି, ଜଳସେଚନ, ବନ୍ୟା ନିୟନ୍ତ୍ରଣ, ପୂର୍ତ୍ତ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣଙ୍କ ସହିତ ବିଚାର ବିମର୍ଶ କରାଯାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପରିବେଶ ଆଇନକୁ ଭିତ୍ତିକରି ଏହି ମାଷ୍ଟରପ୍ଲାନ୍ ପ୍ରସ୍ତୁତ ହେବ। ପରିବେଶ ସମ୍ବେଦନଶୀଳ ଅଞ୍ଚଳ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଏକ ମନିଟରିଂ କମିଟି ଗଠନ ପାଇଁ ଗେଜେଟ୍‌ରେ ନିଷ୍ପତ୍ତି ହୋଇଛି। କେନ୍ଦ୍ରାପଡ଼ା ଜିଲାପାଳ ଏହି କମିଟିର ଅଧ୍ୟକ୍ଷ ରହିଥିବାବେଳେ ଭଦ୍ରକ ଜିଲାପାଳ ଓ ଏସ୍‌ପିଙ୍କ ପ୍ରତିନିଧି, କେନ୍ଦ୍ରାପଡ଼ା ଏସ୍‌ପି, ଏନ୍‌ଜିଓ ସଦସ୍ୟ, ରାଜ୍ୟ ସରକାରଙ୍କ ମନୋନୀତ ପରିବେଶବିତ୍, ପ୍ରଦୂଷଣ ବିଭାଗର ସଚିବଙ୍କ ପ୍ରତିନିଧି, ଭଦ୍ରକ ଓ ରାଜନଗର ଡିଏଫ୍‌ଓଙ୍କୁ ଏହାର ସଦସ୍ୟ ସଚିବ ରହିବେ।

ସେଲ୍‌ଫି କର୍ନରରେ ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବିବେକାନନ୍ଦ



@ ପରମାନନ୍ଦ



@ ରିଙ୍କୁ



@ ସେହେନ୍ସା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଲ୍‌ଟ୍ରାସାଉଣ୍ଡ କ୍ଲିନିକ୍‌ଗୁଡ଼ିକର ହେବ ନିରୀକ୍ଷଣ

## ପିସିପିଏନ୍‌ଡିଟି ପରାମର୍ଶଦାତା କମିଟି ବୈଠକ

ଜଗତ୍‌ସିଂହପୁର,୧୨।୬
(ପ୍ରମୋଦ କୁମାର ନାୟକ)

ପିସିପିଏନ୍‌ଡିଟି ପରାମର୍ଶଦାତା କମିଟି ବୈଠକ ଜିଲାପାଳ ଅନୁପମ ଶାହାଙ୍କ ଅଧ୍ୟକ୍ଷତାରେ ଜିଲା ସଦର ମହକୁମା ମୁଖ୍ୟ ଚିକିତ୍ସାଳୟର ଓପିଡି ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କମିଟିର ସମସ୍ତ ସଦସ୍ୟ ଯୋଗଦାନ କରିଥିଲେ। ଜିଲାପାଳ ଶାହା ଜିଲାରେ କାର୍ଯ୍ୟକ୍ଷମ ଥିବା ଅଲଟ୍ରାସାଉଣ୍ଡ କ୍ଲିନିକ୍‌ଗୁଡ଼ିକର ସମୀକ୍ଷା କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ଗୁଡ଼ିକୁ ଠିକ୍ ଭାବରେ ନିରୀକ୍ଷଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ଝିଅମାନଙ୍କର ସଂଖ୍ୟା କମୁଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଜିଲା ଭେଷଜ ନିରୀକ୍ଷକଙ୍କୁ ଔଷଧ ଦୋକାନଗୁଡ଼ିକରେ ବେଆଇନ ଗର୍ଭପାତ ବଟିକା ବିକ୍ରିକୁ ବନ୍ଦ କରିବାରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକସ୍ଥଳେ ସ୍କ୍ୱାଡ୍ ଦ୍ୱାରା ନିରୀକ୍ଷଣ କରାଯାଇ ସ୍ଥାନୀୟ କୋର୍ଟରେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜନସାଧାରଣଙ୍କୁ କନ୍ୟା ଭ୍ରୂଣ ହତ୍ୟା ସମ୍ପର୍କରେ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ ସ୍କ୍ୱାଡ୍ ମାଧ୍ୟମରେ ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡିକର ତନଖି କରି ଜିଲାପାଳଙ୍କ ଗୋଚରାର୍ଥେ କାର୍ଯ୍ୟାନୁଷ୍ଠାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶତ୍ରୁଘ୍ନ ଦାଶ, ଏଡିପିଏଚଓ ଡା. ପ୍ରମୋଦ କୁମାର ବାରିକ, ଏଡିଏମ୍‌ଓ ଡା. ସରୋଜ ଜେନା, ଡା. ଆର. ଏନ୍. ପାଲ, ଡା. ଦିଲୀପ କୁମାର କର, ସରକାରୀ ଓକିଲ ସଲିଲ ଘୋଷ, ଡିପିଏମ୍ ଚକ୍ରଧର ଜେନା, ଆଶ୍ରା ପ୍ରତିନିଧି ଅଜୟ ଖୁଣ୍ଟିଆ, ଜ୍ୟୋତିର୍ମୟୀ ମହାନ୍ତି, ସୁକାନ୍ତ ପ୍ରଧାନ, ଡ୍ରଗ ଇନ୍ସପେକ୍ଟର ମନସ୍ୱିନୀ ମହାନ୍ତି, ସ୍ୱସ୍ତି ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଲୋକଙ୍କ ଆସ୍ଥା, ବିଶ୍ୱାସ ପ୍ରତି ସମର୍ପଣ ରହିବ: ବାପା



ସମ୍ପଦ ମନ୍ତ୍ରୀ ହେବା ପରେ ପୁଅ ଜେଜେବାପାଙ୍କୁ ମିଠା ଖୁଆଇ ଖୁସି ମନାଉଛନ୍ତି।

## ସମ୍ପଦଙ୍କୁ ମନ୍ତ୍ରୀ ପଦ, ପାରାଦୀପବାସୀ ଖୁସି ମନାଇଲେ

ପାରାଦୀପ,୧୨।୬(ଶରତ ରାଉତ)

ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରଥମ କରି ବିଜୟୀ ହୋଇଥିବା ୩୮ ବର୍ଷୀୟ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ବୁଧବାର ନୂଆ ସରକାରରେ ରାଷ୍ଟ୍ରମନ୍ତ୍ରୀ ପଦ ମିଳିଛି। ଏହି ଖବର ଜଣାପଡିବା ପରେ ପାରାଦୀପ ଅଞ୍ଚଳରେ ସମର୍ଥକ ଓ ଆତ୍ମୀୟମାନେ ଖୁସିବ୍ୟକ୍ତ କରିଛନ୍ତି। କାରଣ ସମ୍ପଦଙ୍କ ଘର ହେଉଛି ପାରାଦୀପଗଡ ପଞ୍ଚାୟତ ଅଧୀନ ରଙ୍ଗିଆଗଡ଼ ଗ୍ରାମରେ। ପିପିଏଲ କାରଖାନା ତଥା ପାରାଦୀପ ରେଲୱେ ଷ୍ଟେଶନ ସଂଲଗ୍ନ ଉକ୍ତ ଗ୍ରାମ। ଭୌଗୋଳିକ ଭାବେ ବନ୍ଦର ସହର ମଧ୍ୟରେ ରହିଛି। ନିର୍ବାଚନ ପ୍ରଚାର ସମୟରେ ମାଟିର ପୁଅ ହିସାବରେ ସେ ପ୍ରଚାର କରିଥିଲେ। ସମ୍ପଦ ଏମ୍.କମ୍. କରିଛନ୍ତି। ତାଙ୍କର ଯୁବ ସମର୍ଥକ ସଂଖ୍ୟା ଅଧିକ ଅଛନ୍ତି। ଅପରାହ୍ନରେ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ତାଙ୍କ ଗ୍ରାମ ରଙ୍ଗିଆଗଡ଼ ଓ ଜିରୋ ପଏଣ୍ଟଠାରେ ଥିବା ଅଫିସରେ ସମର୍ଥକମାନେ ମିଠା ଖୁଆଇ ଖୁସି ମନାଇଥିଲେ। ମନ୍ତ୍ରୀ ପଦ ମିଳିବା ସମ୍ପର୍କରେ ତାଙ୍କ ବାପା ନିର୍ମଳ ସ୍ୱାଇଁଙ୍କ ପ୍ରତିକ୍ରିୟା ଥିଲା ପୁଅ ୧୦ବର୍ଷ ହେଲା ନିରନ୍ତର ପାରାଦୀପ ନିର୍ବାଚନମଣ୍ଡଳୀ ଲୋକଙ୍କ ସହିତ ଜଡିତ ଥିଲେ। ପ୍ରତିଦିନ ଗାଁ ଗାଁ ବୁଲି ଲୋକଙ୍କ ଭଲ ମନ୍ଦ ବୁଝୁଥିଲେ। ୨୦୧୯ ନିର୍ବାଚନରେ ପରାଜୟ ସତ୍ତ୍ୱେ ସେ କେବେ ମନଦୁଃଖ କରିନାହିଁ କିମ୍ବା ଭାଙ୍ଗି ପଡି ନ ଥିଲା। ଚଳିତ ନିର୍ବାଚନରେ ଅଞ୍ଚଳବାସୀ ତାକୁ ଆଶୀର୍ବାଦ ଦେଇଛନ୍ତି। ଜଗନ୍ନାଥଙ୍କ କୃପାରୁ ସେ ପାରାଦୀପ ସମେତ ସାରା ରାଜ୍ୟର ଲୋକଙ୍କ ସେବା ପାଇଁ ଯୋଗ୍ୟ ବିବେଚିତ ହୋଇଛି। ତାକୁ ମୋର ଏବଂ ଅଞ୍ଚଳର ଲୋକଙ୍କ ଆଶୀର୍ବାଦ ରହିଛି। ସେ ଆଗକୁ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ବଜାୟ ରଖିବ। ସେହିପରି ସମ୍ପଦଙ୍କ ଏକାନ୍ତ ଅନୁଗତ ସର୍ବେଶ୍ୱର ଜେନା କହିଛନ୍ତି, ସମ୍ପଦ ଆମ ପାଇଁ ଗର୍ବ ଓ ଗୌରବ। ନିଶ୍ଚିତ ସେ ଆଗକୁ ଲୋକଙ୍କ ବାସ୍ତବ ପ୍ରତିନିଧି ଭଳି କାମ କରିବ। ସେହିପରି ପାରାଦୀପ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ କହିଛନ୍ତି, ସେ ଜଣେ ଭଦ୍ର ଓ ଅମାୟିକ ଯୁବକ। ଲୋକଙ୍କ ସେବା କରିବା ପାଇଁ ସୁଦୂର ଯୋଜନା ସମ୍ପର୍କରେ ପ୍ରାୟତଃ ଆଲୋଚନା କରନ୍ତି। ଆଶା ସେ ଓଡ଼ିଶାର ଜଣେ ସଫଳ ମନ୍ତ୍ରୀ ହେବେ। ସୂଚନାଯୋଗ୍ୟ, ସମ୍ପଦ ୨୦୧୪ ନଭେମ୍ବରରେ ଭାଜପାରେ ଯୋଗ ଦେଇଥିଲେ। ପୂର୍ବରୁ ତାଙ୍କ ବଡବାପା ଦୁର୍ଗା ସ୍ୱାଇଁ କଂଗ୍ରେସର ଜଣେ ଆଗଧାଡିର କର୍ମୀ ସହ ଏକାଧିକ ଥର ସରପଞ୍ଚ ହୋଇଥିଲେ। ପାରାଦୀପ ଭଳି ଚର୍ଚ୍ଚିତ ଆସନରେ ସେ ଜିତିଛନ୍ତି। ପୂର୍ବରୁ ଉକ୍ତ ଆସନରେ ଦାମୋଦର ରାଉତ ଓ ତାଙ୍କ ପରିବାର ନିୟନ୍ତ୍ରଣରେ ଥିଲା। ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଗୀତାଞ୍ଜଳି ରାଉତରାୟଙ୍କୁ ପରାଜିତ କରି ସମ୍ପଦ ପ୍ରଥମଥର ବିଧାୟକ ହୋଇଛନ୍ତି।

# ମୋବାଇଲ, ସୁନା ଅଳଙ୍କାର ଚୋରି

ଭଣ୍ଡାରିପୋଖରୀ,୧୨।୬(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ରଣଜିତ ପଞ୍ଚାୟତର ମଞ୍ଜୁରି ଗ୍ରାମର ନନ୍ଦି ମଳିକଙ୍କ ଘରୁ ଚୋରି ହୋଇଛି। ଗତ ୯ ତାରିଖ ରାତିରେ ଦୁର୍ବୃତ୍ତମାନେ ନନ୍ଦିଙ୍କ ଘର ଭିତରେ ପଶି ୨ଟି ମୋବାଇଲ ଫୋନ୍ ସହ ଗୋଟିଏ ସୁନା ମଙ୍ଗଳସୂତ୍ର, ସୁନା କୁଣ୍ଡଳ ହଳେ, ରୁପା ପାଉଁଜି ୨ ହଳ ଓ ନଗଦ ୧୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ନନ୍ଦି ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୪୫/୨୪) ରୁଜୁ କରିଛି।

# ବାଲି ଉଠାଣକୁ ନେଇ ଗୋଷ୍ଠୀ ସଂଘର୍ଷ

ନୀଳଗିରି,୧୨।୬ (ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଥାନା କେଶୁରା ଗାଁରେ ଘାଗରା ନଈରୁ ବାଲି ଉଠାଣକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଜଣେ ମହିଳା ଗୁରୁତର ହେବା ସହ ଅନ୍ୟ ୨ଜଣ ଆହତ ହୋଇଛନ୍ତି। ଉଭୟପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଗାଁର ସୁଧାଂଶୁ ଶେଖର ଦଳେଇ ଘାଗରା ନଈରୁ ବେଆଇନ୍ ଭାବେ ବାଲି ଉତ୍ତୋଳନ କରି ସରସ୍ୱତୀ ଦଳେଇଙ୍କ ଜମି ଉପରେ ଦେଇ ଚାଲାଣ କରୁଥିଲେ। ସରସ୍ୱତୀ ଏହାକୁ ବିରୋଧ କରିବାରୁ ଉତ୍କ୍ଷିପ୍ତ ହୋଇ ସୁଧାଂଶୁ ଓ ସହଯୋଗୀମାନେ ସରସ୍ୱତୀଙ୍କୁ ଆକ୍ରମଣ କରିଥିଲେ। ସରସ୍ୱତୀଙ୍କ ଚିତ୍କାର ଶୁଣି ତାଙ୍କ ପରିବାର ଲୋକେ ଉଦ୍ଧାର କରିବାକୁ ଆସି ଆକ୍ରମଣର ଶିକାର ହୋଇଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ଭିତରକନିକାରେ ୪୮ କୁମ୍ଭୀର ବସା ଚିହ୍ନଟ

ରାଜନଗର,୧୨।୬
(ଭାସ୍କର ରାଉତରାୟ)

ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଅଧୀନରେ ଥିବା କନିକା ବନାଞ୍ଚଳରେ ପ୍ରବାହିତ ନଦୀ,ନାଳରେ ବସବାସ କରୁଥିବା ମାଆ ବଉଳା କୁମ୍ଭୀରମାନେ କରିଥିବା ବସାକୁ ବନବିଭାଗ ପକ୍ଷରୁ ଚିହ୍ନଟ କରାଯାଉଛି। କନିକା ବନାଞ୍ଚଳରେ ୪୮ଟି କୁମ୍ଭୀର ବସା ଚଳିତ ବର୍ଷ ଠାବ ହୋଇଛି। ଚଳିତମାସ ୧ରୁ କୁମ୍ଭୀର ବସା ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। କନିକା ରେଞ୍ଜର ଭିତରକନିକା, ରଗଡାପାଟିଆ, ଡାଙ୍ଗମାଳ, ଚିନ୍ତାମଣି ମହାନ୍ତ କ୍ରିକ୍ ଅଞ୍ଚଳରେ ଏହି କୁମ୍ଭୀର ବସା ଚିହ୍ନଟ ହୋଇଛି। ବର୍ତ୍ତମାନ ବଉଳା କୁମ୍ଭୀରମାନଙ୍କ ପ୍ରଜନନ ଋତୁ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମେ ୧ରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ବଉଳା କୁମ୍ଭୀରମାନଙ୍କ ପ୍ରଜନନ ପ୍ରକ୍ରିୟା ହୋଇଥାଏ। ଏହି ସମୟରେ ମାଆ ବଉଳା କୁମ୍ଭୀରମାନେ ନଦୀର ଜୁଆରଠାରୁ ୫ଫୁଟ ଦୂରତ୍ୱରେ ନଦୀ ପଠାରେ ବସା ବାନ୍ଧିଥାଆନ୍ତି। ଗତବର୍ଷ ଭିତରକନିକାରେ ୧୨୨ଟି କୁମ୍ଭୀର ବସା ଚିହ୍ନଟ ହୋଇଥିଲା।



ସ୍ଥଳ ଭାଗରେ କୁମ୍ଭୀର ଅଣ୍ଡା ଦେବା ଲାଗି ବସା ବାନ୍ଧିଛି।

# ଜୁନ୍ ୧୯ରେ ମକ୍‌ଡ୍ରିଲ ପାଇଁ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ



ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଜଗତ୍‌ସିଂହପୁର,୧୨।୬
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହଠାରେ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ଜୁନ ୧୯ ତାରିଖରେ ମକ୍‌ଡ୍ରିଲ ଆୟୋଜନ ନିମନ୍ତେ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ (ରାଜସ୍ୱ) ସମ୍ବିତ କୁମାର ରାଉତ କହିଛନ୍ତି, ଜଗତ୍‌ସିଂହପୁର ଏକ ପ୍ରାକୃତିକ ଦୁର୍ବିପାକପ୍ରବଣ ଜିଲା। ବିପର୍ଯ୍ୟୟର ସମ୍ମୁଖୀନ ହେବା ଓ ଏହାର ମୁକାବିଲା ନିମନ୍ତେ ଏକ ପ୍ରାକ୍ ପ୍ରସ୍ତୁତି ଦରକାର। ତଦନୁଯାୟୀ ଆସନ୍ତା ୧୯ ତାରିଖରେ ଜିଲାର ୪୫ଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳରେ ମକ୍ ଡ୍ରିଲ ଏକ୍ସରସାଇଜ ଅନୁଷ୍ଠିତ ହେବ। ଏଥିନିମନ୍ତେ ଜିଲା ଓ ବ୍ଲକ ସ୍ତରରେ ୧୮ ତାରିଖରେ ଟେବଲ ଟପ୍ ଏକ୍ସରସାଇଜ କରାଯିବ। ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳରେ ଏହି ମକ୍ ଡ୍ରିଲ ନିମନ୍ତେ ବ୍ଲକସ୍ତରରେ ପ୍ରସ୍ତୁତି ବୈଠକ କରି ଆଶ୍ରୟସ୍ଥଳର ସଭାପତି, ସମ୍ପାଦକ, ସ୍ୱେଚ୍ଛାସେବୀ ସଙ୍ଗଠନ, ପଞ୍ଚାୟତ ପ୍ରତିନିଧି, ଆଶା, ଅଙ୍ଗନୱାଡି କର୍ମୀଙ୍କୁ ସାମିଲ କରିବାକୁ ବିଡିଓମାନଙ୍କୁ ପରାମର୍ଶ ଦେଇଥିଲେ। ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳକୁ ଯୋଗାଇ ଦିଆଯାଇଥିବା ଉପକରଣ ଡିଜି ସେଟ୍, ଆସ୍କା ଲାଇଟ୍, ଗଛକଟା ଯନ୍ତ୍ର, ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ନିରୀକ୍ଷଣ କରିବା ପାଇଁ ବିଡିଓ ଓ ତହସିଲଦାର ସୁନିଶ୍ଚିତ କରାଇବେ। ଜୁନ୍ ୧୯ ତାରିଖରେ ସମସ୍ତ ଆଶ୍ରୟସ୍ଥଳରେ ମକ୍ ଏକ୍ସରସାଇଜ୍ ଉଦ୍ଧାର, ଫାଷ୍ଟଏଡ୍, ରିଲିଫ୍ ଆଦି ଓଡ୍ରାଫ୍, ଅଗ୍ନିଶମ ବାହିନୀ ଏବଂ ଟାସ୍କଫୋର୍ସଙ୍କ ଦ୍ୱାରା ଆୟୋଜନ ହେବ। ପ୍ରତ୍ୟେକ ଆଶ୍ରୟସ୍ଥଳକୁ ବିଡିଓ, ତହସିଲଦାର, ଅଗ୍ନିଶମ ଅଧିକାରୀମାନେ ତଦାରଖ କରିବେ। ପ୍ରତିବର୍ଷ ଜିଲାରେ ବନ୍ୟା ଓ ବାତ୍ୟା ଆଶଙ୍କା ଥିବାରୁ କିଭଳି ଏହାର ଠିକ୍ ମୁକାବିଲା କରାଯାଇପାରିବ, ସେଥିପ୍ରତି ସମସ୍ତ ବିଭାଗୀୟ ଅଧିକାରୀମାନେ ସତର୍କ ରହିବାକୁ ଅତିରିକ୍ତ ଜିଲାପାଳ ରାଉତ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଡେପୁଟି କଲେକ୍ଟର ସୁଦର୍ଶନ ଗୁରୁ, ଜିଲା ପ୍ରୋଗ୍ରାମ ଅଫିସର ସୁଧାଂଶୁ ଶେଖର ପୃଷ୍ଟି, ନିର୍ବାହୀ ଅଧିକାରୀ ଜଗତ୍‌ସିଂହପୁର ଓ ପାରାଦୀପ ପୌର ପରିଷଦ, ବିଡିଓ କୁଜଙ୍ଗ ଓ ଏରସମା, ଜିଲା ଯୋଗାଣ ଅଧିକାରୀ, ସମସ୍ତ ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳର ସମ୍ପାଦକ, ନୋଡାଲ ଏନ୍‌ଜିଓ, ଶ୍ରଦ୍ଧା, ପଙ୍କଜିନୀ ବିଶେଷ ସୋସିଆଲ ଅର୍ଗାନାଇଜେଶନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ରଥଯାତ୍ରା ପ୍ରସ୍ତୁତି ବୈଠକରେ ହୋହଲ୍ଲା

ନୟାଗଡ଼,୧୨।୬(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ରଥଯାତ୍ରା ପ୍ରସ୍ତୁତି ବୈଠକରେ କାଠର ଅଭାବ ଓ ଚୋରିକୁ ନେଇ ହୋହାଲ୍ଲା, ପାଟିତୁଣ୍ଡ, ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି । ଅତିରିକ୍ତ ଜିଲାପାଳ ଦିଲ୍ଲୀପ କୁମାର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରଥ କାଠ ଚୋରି ପରେ ଚୁପ୍ ରହିବା ଓ ସଭ୍ୟଙ୍କ ପ୍ରଶ୍ନର ଉତ୍ତର ନ ଦେଇ ପାରିବା ଘଟଣାକୁ ନେଇ ଦେବୋତ୍ତର ବିଭାଗର ଅଧିକାରୀ ଓ କର୍ମଚାରୀ ହଟହଟା ହୋଇଥିଲେ। ପୁଣି ଜଗନ୍ନାଥ ମନ୍ଦିରର ପୂର୍ବତନ ସୁପରଭାଇଜର କାଠଚୋରି ଘଟଣାରେ ସଂପୃକ୍ତ ଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଅନୁରୂପ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଥିଲା । ନୟାଗଡ଼ ବନଖଣ୍ଡରୁ ପୁରୀ ରଥଯାତ୍ରା ପାଇଁ କାଠ ଯାଉଥିବାବେଳେ ନୟାଗଡ଼ ରଥକୁ ବନବିଭାଗ କାଠ ନ ଦେବା ଘଟଣାରେ ସଭ୍ୟମାନେ ବର୍ଷିଥିଲେ। ନୟାଗଡ଼ ମ୍ୟୁନିସିପାଲିଟିର ଅଧ୍ୟକ୍ଷା ନିରୁପମା ଖଟେଇ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ନୟାଗଡ଼ ବନବିଭାଗ ଯୁଡି କେଶରେ ମହଜୁଦ୍ ଥିବା କାଠ ଦେଉଥିବାବେଳେ କ୍ଷମା ଷଡ଼ଙ୍ଗୀ ଡିଏଫ୍‌ଓ ରହିବା ପରେ ସର୍କୁଲାର ନ ଥିବା କହି କାଠ ନ ଦେବା ଘଟଣା ରଥଯାତ୍ରାର ପରମ୍ପରାରୁ କ୍ଷୁର୍ଣ୍ଣ କରୁଛି ଦର୍ଶାଇ ସଭ୍ୟମାନେ ବର୍ଷିଥିଲେ। ପୁଣି ରଥଯାତ୍ରା ବୈଠକକୁ ଡିଏଫ୍‌ଓ ଆଦୌ ଆସୁ ନ ଥିବାବେଳେ ଏସିଏଫ୍‌ଙ୍କୁ ପଠାଇ ନୟାଗଡ଼ ରଥଯାତ୍ରାକୁ ବନବିଭାଗ ବନ୍ଦ କରିବାକୁ ଉଦ୍ୟମ କରୁଛି ବୋଲି ପ୍ରଶ୍ନ ଉଠିଥିଲା ।

ସେହିପରି ଭକ୍ତମାନେ ନୟାଗଡ଼ ରଥଯାତ୍ରା ପାଇଁ କାଠ ଦାନ କରୁଥିବାବେଳେ ବନବିଭାଗର ଅନୁମତି ମିଳୁ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା । ବନବିଭାଗର ଅସହଯୋଗରୁ ନୟାଗଡ଼ ରଥଯାତ୍ରା ବନ୍ଦ ହେବାକୁ ଯାଉଛି ବୋଲି ସଭ୍ୟମାନେ କହି ନିନ୍ଦା ପ୍ରସ୍ତାବ ଆଗତ କରିବାକୁ ମତାମତ ରଖିଥିଲେ । ବୈଠକରେ ହୋଇଥିବା ଆଲୋଚନା ଅନୁସାରେ ନୟାଗଡ଼ରେ ୩ ରଥ ପାଇଁ ପ୍ରତି ବର୍ଷ କାଠର ଅଭାବ ଦେଖା ଦେଉଛି । ବନବିଭାଗ କାଠ ଦେବାକୁ ମନା କରିବା ପରେ ପରିସ୍ଥିତି ଅଣାୟତ ହୋଇ ପଡିଛି । ବନବିଭାଗ କାଠ ଦେବାକୁ ମନା କରିବା ପରେ ଭକ୍ତଙ୍କ ଦାନ କାଠରେ ପୁରୁଣା ଓ ନୂଆ କାଠକୁ ମିଶାଇ ପ୍ରାୟ ୪ ବର୍ଷ ହେଲା ରଥ ନିର୍ମାଣ ହୋଇ ଆସୁଛି । ୨୦୨୩ ରଥଯାତ୍ରା ପରେ ରଥର କାଠ ଚୋରି ହୋଇଥିଲା । ସେ ସମୟରେ ମନ୍ଦିର ସୁପରଭାଇଜରଙ୍କ ଜ୍ଞାତସାରରେ କାଠ ଚୋରି ହୋଇଥିଲେ ମଧ୍ୟ ଦେବୋତ୍ତର ବିଭାଗ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା । ବାରମ୍ବାର ଅଭିଯୋଗ ପରେ ସୁଫଳ ନ ମିଳିବାରୁ ସେବାୟତଙ୍କ ଆନ୍ଦୋଳନ ପରେ ସୁପରଭାଇଜର ହଟିଥିଲେ । ୨୦୨୪ ରଥ ନିର୍ମାଣ ଆରମ୍ଭ ହେବା ବେଳକୁ ଆଉ ପୁରୁଣା କାଠ ନାହିଁ। ନୂଆ ରଥ ନିର୍ମାଣ କରିବାକୁ ହେଲେ ୯ ଟ୍ରକର କାଠର ଆବଶ୍ୟକତା ଅଛି । ରଥ ନିର୍ମାଣ ପାଇଁ ଆଦୌ କାଠ ନ ଥିବାରୁ ରଥ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି ବୋଲି ରଥ ମହାରଣା ହରିହର ମହାରଣା କ୍ଷୋଭ ପ୍ରକାଶ କରି କହିଥିଲେ । କାଠ ତୁରନ୍ତ ନ ଆସିଲେ ନିର୍ଦ୍ଧାରିତ ସମୟରେ ରଥ ନିର୍ମାଣ ହୋଇ ପାରିବନି ବୋଲି ତାଗିଦ୍ କରିଥିଲେ । ଦେବୋତ୍ତର ମ୍ୟାନେଜର କହିଥିଲେ ରଥ କାଠ ନ ମିଳିବାରୁ ଫରେଷ୍ଟ କର୍ପୋରେଶନ ସହ ୧୫ ଲଗ୍ କାଠ ପାଇଁ ଯୋଗାଯୋଗ କରାଯାଇଥିଲା। ୧୫ ଲଗ୍ କାଠ ପାଇଁ ୬ ଲକ୍ଷ ଟଙ୍କା ଫରେଷ୍ଟ କର୍ପୋରେଶନ କହୁଥିବାବେଳେ ଦେବୋତ୍ତର ବିଭାଗ ପାଖରେ ଅର୍ଥ ନାହିଁ । ସେହିପରି ଗୋଡପଡା ନିକଟସ୍ଥ ଡମସାହିରେ ଭକ୍ତ ରଥ ପାଇଁ ୧୧ ଲଗ୍ କାଠ ଦେଉଥିବାବେଳେ ବନବିଭାଗର ଅନୁମତି ଦେଉ ନ ଥିବାରୁ କାଠ ନୟାଗଡ଼ ଆସି ପାରୁନି । କାଠ ଅଭାବ ନେଇ ଏସିଏଫ୍ ପ୍ରଶାନ୍ତ ମୁଦୁଲି କହିଥିଲେ, ପୁରୀ ରଥ ପାଇଁ ନୟାଗଡ଼ ବନଖଣ୍ଡରେ କାଠର ଅଭାବ ଯୋଗୁ ରେଢ଼ାଖୋଲ, ବୌଦ୍ଧରୁ କାଠ ପଠାଗଲାଣି । ସ୍କିଜ କାଠ ଆମ ପାଖରେ ନାହିଁ । ଭକ୍ତଙ୍କ ଦାନ କାଠ ପାଇଁ ତୁରନ୍ତ ଅନୁମତି ବନ ବିଭାଗ ଦେବବୋଲି କହିଥିଲେ ହେଁ ସଭ୍ୟଙ୍କ ପ୍ରଶ୍ନବାଣରେ ଅପଦସ୍ତ ହୋଇଥିଲେ। ଅପରପକ୍ଷେ ରଥଯାତ୍ରା ସମୟରେ ନୂଆ ରଥରୁ ଅଖ କାଟି ନିଆଯାଉଥିବା ଅଭିଯୋଗ ଉଠିଥିଲା ।

- କାଠ ନ ଥିବାରୁ ରଥ ନିର୍ମାଣ ହୋଇ ପାରୁନି
- ପୁରୀକୁ ଯାଉଛି, ନୟାଗଡ଼ ପାଇଁ ନ ଥିବାରୁ ଉଦ୍‌ବେଗ
- ଭକ୍ତଙ୍କଠାରୁ କାଠ ଆଣିବାକୁ ଅନୁମତି ମିଳୁନାହିଁ
- ନୟାଗଡ଼ ରଥଯାତ୍ରା ବନ୍ଦ ପାଇଁ ବନବିଭାଗର ପ୍ରୟାସ
- ବୈଠକକୁ ଡିଏଫ୍‌ଓ ଆସୁ ନ ଥିବାରୁ ନିନ୍ଦା ପ୍ରସ୍ତାବ
- ରଥକାଠ ଚୋରି ନେଇ ଚୁପ ପରେ ଦେବୋତ୍ତର ବିଭାଗ ହଟହଟା



ରଥଯାତ୍ରାର ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ।

ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଅତିରିକ୍ତ ଏସ୍‌ପି, ଉପଜିଲାପାଳ କର୍ଣ୍ଣଦେବ ସମାଦାର, ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର ସାହୁ ମଞ୍ଚାସୀନ ଥିଲେ । ଅତିରିକ୍ତ ଜିଲାପାଳ କାଠ ଅଭାବ ପରିସ୍ଥିତିକୁ ନେଇ ଦୁଃଖ ପ୍ରକାଶ କରିବା ସହ ଏହାର ସମାଧାନ ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବ ବୋଲି କହିଥିଲେ । ସେହିପରି ରଥଯାତ୍ରା ପରେ ଏକ ସ୍ୱତନ୍ତ୍ର ବୈଠକ କରାଯିବ ବୋଲି ପ୍ରକାଶ କରିଛନ୍ତି ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବିବେକାନନ୍ଦ


@ ପରମାନନ୍ଦ


@ ରିଙ୍କୁ


@ ସେହେନ୍ବା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଧାଡ଼ି ପ୍ରଣାଳୀରେ ବୁଣା ହେଲା ଧାନ


ଧାଡ଼ି ପ୍ରଣାଳୀରେ ଧାନ ବୁଣା ଚାଲିଛି ।

ନୂଆଗାଁ,୧୨।୬(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତ ଶିଖରଗୋଛା ଗ୍ରାମରେ ମଙ୍ଗଳବାର କୃଷି ବିଭାଗ ତରଫରୁ ଆଇ କନସେପ୍ଟ ଇନିସିଟିଭ ପଞ୍ଚୁପାଣ୍ଡବ କୃଷକ ଉତ୍ପାଦକ କମ୍ପାନୀ ତତ୍ତ୍ୱାବଧାନରେ ପ୍ରଥମ କରି ଡିଏସ୍‌ଆର (ଧାଡି) ପ୍ରଣାଳୀରେ ଧାନ ବୁଣା ଆରମ୍ଭ କରାଯାଇଛି ।

କୃଷକର ଉନ୍ନତିରେ ଦେଶର ଉନ୍ନତି। ତେଣୁ କିଭଳି ଭାବେ କୃଷକ କମ୍ ଖର୍ଚ୍ଚ କରି ସୁବିଧାରେ ଅଧିକ ଲାଭବାନ ହୋଇ ପାରିବ ସେଥିପାଇଁ କୃଷି ବିଭାଗ ସହ ଅନେକ ସଙ୍ଗଠନ ଯୋଡି ହୋଇ ପ୍ରୟାସ କରୁଛନ୍ତି । ସେହିକ୍ରମରେ ନୂଆଗାଁ ବ୍ଲକ କୋରଡାଠାରେ ଥିବା ଆଇ କନସେପ୍ଟ ଇନିସିଏଟିଭ ସଂସ୍ଥା ତରଫରୁ ନୂଆଗାଁ ବ୍ଲକ କୃଷି ବିଭାଗ ସହୟତାରେ ଧାଡ଼ି ପ୍ରଣାଳୀରେ ଧାନବୁଣା ଆରମ୍ଭ କରାଯାଇଛି । ନୂଆଗାଁ ବ୍ଲକରେ ପୂର୍ବରୁ କେବେ ଏହି ପ୍ରଣାଳୀରେ ଧାନ ବୁଣା ହୋଇ ନ ଥିବା ବେଳେ ଆଇ କନସେପ୍ଟ ଇନିସିଏଟିଭ୍ ସଂସ୍ଥା ପଞ୍ଚୁପାଣ୍ଡବ କୃଷକ ଉତ୍ପାଦକ କମ୍ପାନୀ ତତ୍ତ୍ୱାବଧାନରେ ପ୍ରଥମ କରି ଚାଷୀମାନଙ୍କୁ ବୁଝାଇ ଧାଡି ପ୍ରଣାଳୀରେ ଧାନ ବୁଣିଛି । ଧାଡ଼ି ପ୍ରଣାଳୀରେ ଧାନ ବୁଣିବା ଦ୍ୱାରା କମ୍ ଖର୍ଚ୍ଚ , କମ୍ ଜଳ ଏବଂ କମ୍ ପରିଶ୍ରମରେ ଅଧିକ ଅମଳ କରି କୃଷକ ଲାଭବାନ ହୋଇ ପାରିବ ବୋଲି ସଂସ୍ଥାର ଜିଲା ପରିଚାଳକ ପିଣ୍ଟୁ ବେହେରା କହିଛନ୍ତି । ଏହି ପ୍ରଣାଳୀରେ ଧାନ ବୁଣିବା ସମୟରେ ସାର ମଧ୍ୟ ବୁଣିବାର ବ୍ୟବସ୍ଥା ରହିଛି । ଧାଡ଼ି ପ୍ରଣାଳୀରେ ଧାନ ବୁଣା ପ୍ରତି ଆଗ୍ରହ ପ୍ରକାଶ କରି ଶିଖରଗୋଛା ଗ୍ରାମର କୃଷକ ବାଳକୃଷ୍ଣ ବେହେରା ଓ ଚକ୍ରଧର ବେହେରା ନିଜ ଜମିରେ ଧାନ ବୁଣିଥିଲେ। ଏହି କାର୍ଯ୍ୟକ୍ରମରେ ଏଗ୍ରିକଲଚର ଓଭରସିୟର ବିରେନ୍ଦ୍ର କୁମାର ମହାନ୍ତି, ଆର୍ତ୍ତବନ୍ଧୁ ପରିଡ଼ା ଓ ଆଇ କନସେପ୍ଟ ଇନିସିଟିଭ୍‌ର ଜିଲା ପରିଚାଳକ ବେହେରା, ବଲାଙ୍ଗୀର ଜିଲା ପରିଚାଳକ ରୁଦ୍ର ନାରାୟଣ ମିଶ୍ର , ପ୍ରଶାନ୍ତ କୁମାର ଚମ୍ପତିଙ୍କ ସମେତ ନୟାଗଡ଼ ଆଇ କନ୍‌ସେପ୍ଟ ଇନିସିଟିଭ୍ ଓ ନୂଆଗାଁ ପଞ୍ଚୁପାଣ୍ଡବ କୃଷକ ଉତ୍ପାଦକ କମ୍ପାନୀର କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ସୁନା ଅଳଙ୍କାର ପିନ୍ଧିବେ ଶ୍ରୀଜୀଉ

ନୟାଗଡ଼,୧୨।୬(ଲୋକନାଥ ମିଶ୍ର)

ରଥଯାତ୍ରା ପରେ ସୁନାବେଶରେ ନୟାଗଡ଼ ପୁରୁଣା ସହରର ଶ୍ରୀଜୀଉ ସ୍ୱର୍ଣ୍ଣ ଅଳଙ୍କାର ବଦଳରେ ରୁପା ଅଳଙ୍କାର ପରିଧାନ କରି ଆସୁଛନ୍ତି । ଏହି ଘଟଣାକୁ ନେଇ ପ୍ରାୟ ୫ ବର୍ଷ ହେଲା ଭକ୍ତ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ କରି ଆସୁଥିଲେ ମଧ୍ୟ ସୁଫଳ ମିଳୁନି । ୨୦୨୩ ରଥଯାତ୍ରାର ପ୍ରସ୍ତୁତି ବୈଠକରେ ବାହୁଡା ଯାତ୍ରା ପରେ ସ୍ୱତନ୍ତ୍ର ବୈଠକ କରାଯାଇ ୨୦୨୪ରେ ଶ୍ରୀଜୀଉ କିପରି ସ୍ୱର୍ଣ୍ଣ ଅଳଙ୍କାର ପିନ୍ଧିବେ ସେନେଇ ଏକ ସ୍ୱତନ୍ତ୍ର ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ତେବେ ଏହା କାର୍ଯ୍ୟକାରୀ ହୋଇ ନ ଥିଲା । ବୁଧବାର ଅନୁଷ୍ଠିତ ୨୦୨୪ ରଥଯାତ୍ରାର ପ୍ରସ୍ତୁତି ବୈଠକରେ ପୁଣି ଶ୍ରୀଜୀଉ ସୁନାବେଶ ବଦଳରେ ରୁପା ବେଶ ହେବା ସମ୍ପର୍କରେ ସରଗରମ ଆଲୋଚନା ହୋଇଥିଲା । ନୟାଗଡ଼ର ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ଶ୍ରୀଜୀଉଙ୍କ ରୁପା ଅଳଙ୍କାର ଉପରେ ସୁନା କଲେଇ ନେଇ ପ୍ରଶ୍ନ ଉଠାଇ ଏ ଦିଗରେ ପଦକ୍ଷେପ ନେବାକୁ କହିଥିଲେ।

## ରୁପା ଅଳଙ୍କାରରେ ହେବ ସୁନା କଲେଇ

ଶ୍ରୀଜୀଉଙ୍କର ରୁପା ଅଳଙ୍କାର ଉପରେ ସୁନା କଲେଇ ପାଇଁ କଟକର କାରିଗର ୫ ଲକ୍ଷ ନେବା ପାଇଁ ରାଜି ହୋଇଥିଲେ। ହେଲେ ପ୍ରଶାସନ ଏଦିଗରେ ପଦକ୍ଷେପ ନ ନେବାରୁ ଶ୍ରୀଜୀଉ ସୁନା ଅଳଙ୍କାର ସ୍ଥାନରେ ରୁପା ଅଳଙ୍କାର ପରିଧାନ କରୁଛନ୍ତି । ଏନେଇ ନୟାଗଡ଼ ବିଧାୟକ ସହଯୋଗ କରିବାକୁ ଆଗ୍ରହୀ ଅଛନ୍ତି । ଉପଜିଲାପାଳ ନୟାଗଡ଼ ବିଧାୟକଙ୍କ ସହ ଆଲୋଚନା କଲାପରେ ସୁଫଳ ମିଳିବ ବୋଲି ପଟ୍ଟନାୟକ ଦର୍ଶାଇଥିଲେ। ବିଧାୟକ ଅରାଜି ହେଲେ ଭକ୍ତଙ୍କଠାରୁ ଅର୍ଥ ଆଦାୟ କରାଯାଇ ଶ୍ରୀଜୀଉଙ୍କ ରୁପା ଅଳଙ୍କାର ଉପରେ ସୁନା କଲେଇ କରାଯିବ । ତେବେ ଏନେଇ ଉପଜିଲାପାଳ ବିଧାୟକଙ୍କ ସହ ଆଲୋଚନା କରି ଜଣାଇଲେ ପୁଣି ଏକ ବୈଠକ କରାଯାଇ ତ୍ୱରିତ ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ହୋଇଛି ।

## ରଥଟଣା ନୀତିରେ ପରିବର୍ତ୍ତନ

ଚଳିତ ବର୍ଷ ଶ୍ରୀଗୁଣ୍ଡିଚାରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ ପଡୁଥିବାରୁ ରଥ ଟଣା ଅପରାହ୍ନ ସୁଦ୍ଧା ହୋଇ ପାରିବ ନାହିଁ। ଏଣୁ ରଥକୁ କିଛି ବାଟ ଗଡାଇ ପରଦିନ ଜୁଲାଇ ୮ ପୂର୍ବାହ୍ନ ୯ଟାରେ ରଥଟଣା କରାଯିବାକୁ ନିଷ୍ପତ୍ତି ହୋଇଛି। ସୂର୍ଯ୍ୟାସ୍ତ ପୂର୍ବରୁ ବଳଭଦ୍ର ଜୀଉଙ୍କ ତାଳଧ୍ୱଜ ରଥ, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଓ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିବ । ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିବେ । ରାତି ୯ଟାରେ ତିନି ଠାକୁର ପହଣ୍ଡି ହୋଇ ଗୁଣ୍ଡିଚା ମନ୍ଦିରକୁ ଯିବେ । ୯ରୁ ୧୪ ତାରିଖ ପର୍ଯ୍ୟନ୍ତ ଠାକୁର ଭିନ୍ନ ଭିନ୍ନ ବେଶରେ ଦର୍ଶନ ଦେବେ । ୧୫ରେ ବହୁଡା ଯାତ୍ରା ହେବ । ସେହିପରି ରଥଯାତ୍ରାର ପ୍ରସ୍ତୁତି ବୈଠକରେ ସ୍ୱାସ୍ଥ୍ୟ, ବିଦ୍ୟୁତ ବିଭାଗ, ଆରଡବ୍ଲ୍ୟୁଏସଏସ୍ ପରି ବିଭାଗର ଅଧିକାରୀ ଅନୁପସ୍ଥିତ ରହିବା ଘଟଣା ଅସନ୍ତୋଷ ପ୍ରକାଶ ପାଇଥିଲା ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ନୂଆଗାଁ,୧୨।୬(ଧନେଶ୍ୱର ସାହୁ)

ନୟାଗଡ ଜିଲା ନୁଆଗାଁ ଥାନା ନୂଆଗାଁ ଅଗ୍ନିଶମ କେନ୍ଦ୍ର ପଛପାଖ ଖେଳ ପଡ଼ିଆ ନିକଟରୁ ବୁଧବାର ଗଛରେ ଝୁଲୁଥିବା ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି । ମୃତ ଯୁବକ ଜଣକ ହେଲେ କୋରଡା ଗ୍ରାମର ପପୁ ସେଠୀ (୨୪) । ପୋଲିସ ଏ ନେଇ ତଦନ୍ତ ଆରମ୍ଭ କରିଛି ।

କୋରଡା ଗ୍ରାମର ପପୁ ଭୁବନେଶ୍ୱରରେ ରହି କାମ କରୁଥିଲେ। ସେ ମଙ୍ଗଳବାର ଘରକୁ ଫେରୁଥିବା କଥା ଫୋନରେ ପରିବାର ଲୋକଙ୍କୁ ଜଣାଇଥିଲେ । ହେଲେ ରାତିରେ ଘରେ ପହଞ୍ଚି ନ ଥିଲେ । ବୁଧବାର ସକାଳେ ପପୁଙ୍କ ମୃତଦେହ ଗଛରେ ଝୁଲୁଥିବା ଦେଖି ଗାଁ ଲୋକେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଏ ସଂକ୍ରାନ୍ତରେ ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବ୍ୟବଚ୍ଛେଦ କରାଇବା ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

# ସୁରମା ପାଢ଼ୀ ନୟାଗଡ଼ ଜିଲାର ପ୍ରଥମ ବାଚସ୍ପତି

ନୟାଗଡ଼,୧୨।୬
(ଲୋକନାଥ ମିଶ୍ର)



ବୁଧବାର ଭାଜପାର ନୂଆ ମନ୍ତ୍ରୀମଣ୍ଡଳ ଗଠନ ପରେ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ବାଚସ୍ପତି ହେବେ ବୋଲି ଘୋଷଣା କରାଯାଇଛି । ବାଚସ୍ପତି ରୂପେ ଦାୟିତ୍ୱ ଗ୍ରହଣ କଲେ ସେ ନୟାଗଡ଼ ଜିଲାର ପ୍ରଥମ ବୋଲି ସୂଚନା ମିଳିଛି । ଏହାପୂର୍ବରୁ ଜିଲାରେ କେହି ବାଚସ୍ପତି ହୋଇ ନାହାନ୍ତି। ତେବେ ଭାଜପାର ମନ୍ତ୍ରୀମଣ୍ଡଳରେ ନୟାଗଡ଼ର କେହି ସ୍ଥାନ ପାଇନାହାନ୍ତି। ପୂର୍ବରୁ କଂଗ୍ରେସ ବିଧାୟକ ରମାକାନ୍ତ ମିଶ୍ର ବିରୋଧୀ ଦଳ ନେତା ହୋଇ ରଣପୁର ନିର୍ବାଚନମଣ୍ଡଳୀର ଗୌରବ ବଢ଼ାଇଥିଲେ । ସୂଚନାଯୋଗ୍ୟ, ନୟାଗଡ଼ ଜିଲାରେ ରହିଛି ୪ ନିର୍ବାଚନମଣ୍ଡଳୀ। ଏହି ୪ ନିର୍ବାଚନମଣ୍ଡଳୀ ବିଜେଡିର ଗଡ଼ ଥିଲା । ୨୦୨୪ ନିର୍ବାଚନରେ ରଣପୁର ଓ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ପଦ୍ମ ଫୁଟିଛି । ଖଣ୍ଡପଡ଼ାରେ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ରଣପୁରରେ ସୁରମା ପାଢ଼ୀ ବିଜୟୀ ହୋଇଛନ୍ତି। ଅପରପକ୍ଷେ ଦଶପଲ୍ଲାରେ ରମେଶ କୁମାର ବେହେରା ଓ ନୟାଗଡ଼ରେ ଅରୁଣ କୁମାର ସାହୁ ବିଜେଡି ବିଧାୟକ ଭାବେ ନିର୍ବାଚିତ ହୋଇ ନିଜ ଗଡ଼ ରକ୍ଷା କରିଛନ୍ତି।

**ଖରିଫ୍ ସଚେତନତା କାର୍ଯ୍ୟକ୍ରମ**

# ମାଣ୍ଡିଆ ଲାଭଦାୟକ ଓ ପୁଷ୍ଟିକର ଶସ୍ୟ

ନୂଆଗାଁ,୧୨।୬(ଧନେଶ୍ୱର ସାହୁ)

ନୟାଗଡ ଜିଲା ନୂଆଗାଁ ବ୍ଲକ ନୂଆଗାଁ ଉଠାଣିସାହି ରାମେଶ୍ୱର ମନ୍ଦିର ପରିସରରେ ବୁଧବାର ଓଡ଼ିଶା ମିଲଟ ମିଶନ ନୟାଗଡ଼ ପକ୍ଷରୁ ଖରିଫ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଓଡିଶା ମିଲଟ ମିଶନ, ନୟାଗଡ଼ଙ୍କ ତରଫରୁ ଅବସରପ୍ରାପ୍ତ ରାଜ୍ୟ ଅତିରିକ୍ତ କୃଷି ନିର୍ଦ୍ଦେଶକ ବିଜୟ କୁମାର ପ୍ରଧାନ ତତ୍ତ୍ୱାବଧାନରେ ଖରିଫ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲା ମୁଖ୍ୟ କୃଷି ଅଧିକାରୀ ଦାୟିତ୍ୱରେ ଥିବା ସଞ୍ଜୟ କୁମାର ଦଳେଇ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମାଣ୍ଡିଆ ଲାଭ ଦାୟକ ଫସଲ । କମ ପରିଶ୍ରମ ଓ କମ ଖର୍ଚ୍ଚରେ ଅଧିକ ଲାଭବାନ ହୋଇ ପାରିବା ବୋଲି କହିଥିଲେ । ନୟାଗଡ଼ ମିଲଟ ମିଶନ ସ୍କିମ ଅଫିସର ସ୍ୱାଗତିକା ପତି ଅତିଥି ଭାବେ ଯୋଗ ଦେଇ ମାଣ୍ଡିଆ ହେଉଛି ବହୁ ଭିଟାମିନ୍ ଯୁକ୍ତ ସୁଷମ ଖାଦ୍ୟ । ମାଣ୍ଡିଆ ସମସ୍ତେ ଖାଇବାର ଆବଶ୍ୟକତା ରହିଛି । ମାଣ୍ଡିଆ ଧାନଠାରୁ ଅଧିକ ଲାଭଦାୟକ ଶସ୍ୟ । ତେଣୁ ମାଣ୍ଡିଆ ଚାଷ ପ୍ରତି ସମସ୍ତେ ଆଗ୍ରହ ପ୍ରକାଶ କରନ୍ତୁ ବୋଲି ସ୍କିମ ଅଫିସର ପତି କହିଥିଲେ । ସରକାର ୨୦୧୭ରୁ ରାଜ୍ୟରେ ମିଲଟ ମିଶନ ଆରମ୍ଭ କରିଥିବା ବେଳେ ୨୦୨୩ ମସିହାକୁ ଆନ୍ତର୍ଜାତୀୟ ମିଲଟ ଦିବସ ଭାବେ ଘୋଷଣା କରିଛନ୍ତି। ମାଣ୍ଡିଆରେ ଯଥେଷ୍ଟ ପରିମାଣର ଭିଟାମିନ୍ ରହିଛି । ତେଣୁ ତାକୁ ଆମେ ବିଭିନ୍ନ ଉପାୟରେ ଖାଦ୍ୟ ପ୍ରସ୍ତୁତ କରି ଆହାର କରିପାରିବା ବୋଲି ହରିଜନ ଆଦିବାସୀ ମଙ୍ଗଳ ସମିତି ଅନୁଷ୍ଠାନର ସମ୍ପାଦକ ବିଜୟ କୁମାର ମହାପାତ୍ର କହିଥିଲେ । ମାଣ୍ଡିଆ ଚାଷ ପାଇଁ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି । ତେଣୁ ସମସ୍ତେ ମାଣ୍ଡିଆ ଚାଷ କରନ୍ତୁ ବୋଲି ଅତରିକ୍ତ ଉଦ୍ୟାନ ବିଭାଗ ଅଧିକାରୀ ଅଜିତ କୁମାର ନାୟକ କହିଥିଲେ । ଏହି କାର୍ଯ୍ୟକ୍ରମରେ ମିଲଟ ମିଶନ ପ୍ରକଳ୍ପ ଅଧିକାରୀ ଅଭିଷେକ ପଣ୍ଡା , କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଦେବାଶିଷ ନାୟକ, ଅବସରପ୍ରାପ୍ତ ରାଜ୍ୟ ଅତିରିକ୍ତ କୃଷି ନିର୍ଦ୍ଦେଶକ ପ୍ରଧାନ ଯୋଗ ଦେଇଥିଲେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ରାତାରାତି କଟା ପୋଖରୀ ହୁଡ଼ା ବନ୍ଧାଗଲା

**ଧରିତ୍ରୀ ପ୍ରଭାବ**

ଓଡ଼ଗାଁ,୧୨।୬(ଆଦର୍ଶ କୁମାର ପଟ୍ଟନାୟକ)

ଗ୍ରୀଷ୍ମରେ ଲୋକେ ପାଣି ଗରାଏ ପାଇଁ ବ୍ୟସ୍ତ ହେଉଥିବା ବେଳେ ମୌସୁମୀର ଆଗମନ ହୋଇଛି । ହେଲେ ପଡୋଶୀ ଜିଲାରେ ପ୍ରାକ୍ ମୌସୁମୀ ବର୍ଷା ଅନୁଭୁତ ହୋଇଥିବା ବେଳେ ନୟାଗଡ଼ ଜିଲା ଓଡ଼ଗାଁରେ ଏଯାବତ୍ ବର୍ଷା ହୋଇନାହିଁ। ଏପରିସ୍ଥଳେ ଉକ୍ତ ବ୍ଲକ ଅଧୀନ ରଙ୍ଗଣୀପାଟଣା ପଞ୍ଚାୟତ ଜାମୁସାହି ଗ୍ରାମରେ ୨ ବର୍ଷ ହେଲା ବଡ଼ ପୋଖରୀ ହୁଡା ହାଣାଯିବା ଦ୍ୱାରା ଜଳ ସଙ୍କଟ ସୃଷ୍ଟି ହୋଇଥିଲା । ଲୋକେ ଜଳାଭାବ ଯୋଗୁ ନାନା ସମସ୍ୟା ଦେଇ ଗତି କରିଥିଲେ । ଅମୃତ ସରୋବର ନାମରେ ହରିଲୁଟ କରିବାକୁ ଉଦ୍ୟମ ହୋଇଥିବା ବେଳେ ତାହା କାର୍ଯ୍ୟକାରୀ ହୋଇ ନ ଥିଲା । ଏନେଇ ଗତ ମାସ ୧୨ ତାରିଖରେ ପ୍ରଶାସନିକ ଅଧିକାରୀଙ୍କ ମତାମତ ସହିତ ଏକ ରିପୋର୍ଟ ଧରିତ୍ରୀରେ ପ୍ରକାଶ ପାଇଥିଲା । ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା । ଏହାପରେ ପୋଖରୀ ହୁଡା ବାନ୍ଧିବାରେ ପ୍ରଶାସନ ବିଫଳ ଶୀର୍ଷକ ରିପୋର୍ଟ ବୁଧବାର ପ୍ରକାଶ ପାଇଥିଲା ।


ଖୋଲା ପଡିଥିବା ପୋଖରୀ।


ମଙ୍ଗଳବାର ରାତିରେ ହୁଡ଼ା ବନ୍ଧାଯାଇଛି।

ଜିଲାପାଳ ସ୍ୱଧାଦେବ ସିଂ ଆକ୍ସନ ମୁଡରେ ଆସିବା ଫଳରେ ମଙ୍ଗଳବାର ବିଳମ୍ବିତ ରାତିରେ ବଡ଼ ପୋଖରୀ ହୁଡାକୁ ଜେସିବି ଲଗାଇ ପୋତି ଦିଆଯାଇଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି । ହେଲ ପୋଖରୀ ହୁଡା ହାଣିବା ଓ ବାନ୍ଧିବା ସମୟରେ ସେ ସେଠାରେ ଉପସ୍ଥିତ ନ ଥିବା ଦର୍ଶାଇ ପୋଖରୀ ହୁଡା କିଏ ଓ କିପରି ବାନ୍ଧିଲା ସେ ଜାଣି ନ ଥିବା କହିଛନ୍ତି । ଅନ୍ୟପକ୍ଷେ ଏବାବଦରେ ପଞ୍ଚାୟତରୁ କୌଣସି ଖର୍ଚ୍ଚ ହୋଇ ନ ଥିବା ସେ କହିଛନ୍ତି । ମୌସୁମୀ ପ୍ରବେଶ ପୂର୍ବରୁ ଜିଲାପାଳଙ୍କ ଏତାଦୃଶ କାର୍ଯ୍ୟାନୁଷ୍ଠାନ ଯୋଗୁ ଗ୍ରାମବାସୀ ଜିଲାପାଳ ଓ ଧରିତ୍ରୀକୁ କୃତଜ୍ଞତା ଜଣାଇଛନ୍ତି ।



ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ବୁଧବାର ଅନୁଷ୍ଠିତ ଭାଜପା ସରକାରର ଶପଥ ଗ୍ରହଣ ଉତ୍ସବରେ ନବ ନିର୍ବାଚିତ ମନ୍ତ୍ରୀ ପରିଷଦଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଜ୍ୟପାଳ ରଘୁବର ଦାସ।




## ପାରମ୍ପରିକ ନୃତ୍ୟ, ପର୍ବପର୍ବାଣି, ବରପୁତ୍ରଙ୍କ ମହତ୍‌ବାଣୀରେ ଓଡ଼ିଆ ଅସ୍ମିତାର ଝଲକ୍

ଭାଜପାର ମୂଳ ପ୍ରସଙ୍ଗ ଓଡ଼ିଆ ଅସ୍ମିତା ରହିଛି। ସେହି ଆଧାରରେ ବୁଧବାର ଶପଥ ଗ୍ରହଣ ସମାରୋହ ଓଡ଼ିଆ ଅସ୍ମିତାକୁ ପ୍ରାଧାନ୍ୟ ଦେବା ଭଳି ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ପାରମ୍ପିକ ନୃତ୍ୟରେ ପରିବେଶ ପ୍ରକମ୍ପିତ ହୋଇଥିଲା। ସମ୍ବଲପୁରୀ, ଘୁମୁରା, ଗୋଟିପୁଅ, ପାଇକ ଆଖଡ଼ା ଆଦି ଶପଥ ପାଠ ସମାରୋହକୁ ଦ୍ୱିଗୁଣିତ କରିଥିଲା। ଏଥିସହ ବିଭିନ୍ନ ବରପୁତ୍ରଙ୍କ ମହତ୍‌ବାଣୀ ସବୁ ପୋଷ୍ଟର କରି ପ୍ରଦର୍ଶନ କରାଯାଇଥିଲା। ଉତ୍କଳମଣି ଗୋପବନ୍ଧୁ ଦାସ, ସନ୍ଥକବି ଭୀମ ଭୋଇ, ମାୟାଧର ମାନସିଂହ, ସୁବାଷ ଚନ୍ଦ୍ର ବୋଷ, ରମାଦେବୀ ଚୌଧୁରୀ, ନନ୍ଦିନୀ ଶତପଥୀ ପ୍ରମୁଖଙ୍କ ମହତବାଣୀ ରହିଥିଲା। ସେହିପରି ଭାଗବତ ଟୁଙ୍ଗୀ, ମାଣବସା ଗୁରୁବାରକୁ ଚାଳ ଛପର ଭିତରେ ଝୋଟି ଚିତ୍ର ଙ୍କାଯାଇ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଥିଲା।

## ନୂଆ ସରକାରଙ୍କଠୁ କ'ଣ ଆଶା ବୋଲି ପ୍ରଶ୍ନ କଲେ ମୁଖ୍ୟମନ୍ତ୍ରୀ

ସକାଳ ସମୟରେ ମାଲ୍ୟାର୍ପଣ ପାଇଁ ଯିବା ବେଳେ ମୁଖ୍ୟମନ୍ତ୍ରୀ ମାଝି ଅନେକ ସ୍ଥାନରେ ଗାଡ଼ି ଅଟକାଇ ଜନସାଧାରଣଙ୍କ ସହ ଦେଖା ହୋଇଥିଲେ। ପ୍ରଥମ ଦିନରୁ ମାଝିଙ୍କ ଏଭଳି ପଦକ୍ଷେପକୁ ଲୋକମାନେ ପ୍ରଶଂସା କରିଛନ୍ତି। ସେ କିଛି ଝିଅମାନଙ୍କୁ ରାସ୍ତାରେ ଦେଖା ହୋଇ ନୂଆ ସରକାରଙ୍କ ଠାରୁ କ'ଣ ଆଶା ବୋଲି ପଚାରି ବୁଝିଥିଲେ। ଉତ୍ତରରେ କାହାର ନିଯୁକ୍ତି ତ' ଆଉ କିଏ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ସମ୍ପର୍କରେ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ମାଝି କହିଥିଲେ, ଏହା ଡବଲ ଇଞ୍ଜିନର ସରକାର। ୨୪ବର୍ଷରେ ପଡ଼ି ରହିଥିବା ସବୁ ସମସ୍ୟାର ସମାଧାନ ହେବ। ମୁଁ ନିଜେ ଲୋକଙ୍କ ସହ ମିଶି ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବି।



## ସକାଳ ୬ଟାରୁ ବାସଭବନ ଆଗରେ ଗାଁ ଲୋକ

ମୁଖ୍ୟମନ୍ତ୍ରୀ ଭାବେ ମାଝିଙ୍କ ନାମ ଘୋଷଣା ହେବା ପରେ ତାଙ୍କ ଗାଁ ଲୋକ ଆସି ସକାଳ ୬ଟା ସୁଦ୍ଧା ବାସଭବନ ପାଖେ ପହଞ୍ଚି ଯାଇଛନ୍ତି। କିଛି ସମୟ ଅପେକ୍ଷା ପରେ ମୁଖ୍ୟମନ୍ତ୍ରୀ ମାଝି ଆସି ତାଙ୍କୁ ଦେଖା କରିଥିଲେ। କାହା ହାତରେ ଫୁଲ ତ' କାହା ହାତରେ ମିଠା। ମୁଖ୍ୟମନ୍ତ୍ରୀଙ୍କୁ ଦେଖି ବେଶ୍ ଖୁସି ହୋଇଯାଇଥିଲେ ଅଞ୍ଚଳବାସୀ। ମୁଖ୍ୟମନ୍ତ୍ରୀ ମାଝି ମଧ୍ୟ ଗାଁ ଲୋକଙ୍କୁ ଦେଖି ଖୁସି ହେବା ସହ ସେମାନଙ୍କ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ।

## ମା' ତୁମ ଆଖିରେ ଲୁହ କାହିଁକି



ବାଟରେ ଅଟକି ଯାଜପୁରରୁ ଆସି ବାଣୀବିହାରଠାରେ ରହୁଥିବା ଝରଣା ପାତ୍ର ନାମ୍ନୀ ମହିଳାଙ୍କ ସହ ମୁଖ୍ୟମନ୍ତ୍ରୀ ମାଝି କଥା ହୋଇଥିଲେ। ଝରଣା କାନ୍ଦୁଥିବାର ଦେଖି ସେ ପଚାରିଥିଲେ, ମା' ତୁମ ଆଖିରେ ଲୁହ କାହିଁକି। ଏହାର ଉତ୍ତରରେ ମହିଳା ଜଣକ କାମ ପାଉ ନ ଥିବା ଜଣାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମାଝି ଶହୀଦନଗର ଥାନାର ଆଇଆଇସିଙ୍କୁ ଡାକି ମହିଳାଙ୍କ ସବିଶେଷ ତଥ୍ୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଖୁବ୍ ଶୀଘ୍ର ତାଙ୍କ ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ବାଟରେ ଗାଡ଼ି ରଖି ଲୋକଙ୍କୁ ଭେଟିଲେ

ଶପଥଗ୍ରହଣ ଉତ୍ସବ ପୂର୍ବରୁ ବୁଧବାର ସକାଳେ ଭାବୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରାଜଧାନୀରେ ପ୍ରତିଷ୍ଠା ହୋଇଥିବା ବହୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ସମୟରେ ସେ ରାସ୍ତାରେ ଯିବା ବେଳେ ଗାଡ଼ି ଅଟକାଇ ଉପସ୍ଥିତ ସାଧାରଣ ଲୋକଙ୍କ ସହ ମିଶିଥିଲେ। ଜନସାଧାରଣଙ୍କ କେଉଁ ସବୁ ସମସ୍ୟା ରହିଛି ସେ ସବୁକୁ ପଚାରି ବୁଝିଥିଲେ, ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସବ୍‌କା ବିକାଶ ଓ ସବ୍‌କା ପ୍ରୟାସ ଆଧାରରେ କାମ ହେବ ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

## କଥା ରଖି ଶପଥ ପାଠ ସମାରୋହକୁ ଆସିଲେ ନବୀନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବୁଧବାର ପୂର୍ବାହ୍ନରେ ନବୀନ ନିବାସ ଯାଇ ସେଠାରେ ନବୀନଙ୍କୁ ଭେଟି ଶପଥ ପାଠ ସମାରୋହକୁ ଆସିବାକୁ ନିମନ୍ତ୍ରଣ ଦେଇ ଆସିଥିଲେ। ସେହି ସମୟର ଫଟୋ ସାମାଜିକ ଗଣମାଧ୍ୟରେ ଖୁବ୍ ଭାଇରାଲ ହୋଇଥିଲା। ଏହା ହିଁ ଗଣତନ୍ତ୍ରର ସୌନ୍ଦର୍ଯ୍ୟ ବୋଲି ଅନେକ ଲେଖିଥିଲେ। ଆଉ ଏହି ପରମ୍ପରାକୁ ସମ୍ମାନ ଦେଇ ନବୀନ ମଧ୍ୟ ଶପଥ ପାଠ ସମାରୋହରେ ପହଞ୍ଚିଥିଲେ। ନବୀନ ପଟ୍ଟନାୟକଙ୍କ ଉପସ୍ଥିତିକୁ ଅନେକ ପ୍ରଶଂସା କରିଥିଲେ। ସେଠାରେ ଉପସ୍ଥିତ ଭାଜପାର ବରିଷ୍ଠ ନେତୃବୃନ୍ଦ ଛିଡ଼ା ହୋଇ ନବୀନଙ୍କୁ ସମ୍ମାନ ଜଣାଇଥିଲେ। ନବୀନ ଜଣ ଜଣ କରି ସମସ୍ତଙ୍କୁ ଭେଟିବା ସହିତ କିଛି ସମୟ ପାଇଁ ଅମିତ ଶାହ, ରାଜନାଥ ସିଂହ ଓ ନୀତିନ ଗଡ଼କରିଙ୍କ ସହିତ କଥା ହୋଇଥିଲେ। ଶପଥ ଗ୍ରହଣ ସରିବା ପରେ ନବୀନ ଓ ପ୍ରଧାନମନ୍ତ୍ରୀ କିଛି ସମୟ ଧରି କଥାବାର୍ତ୍ତା ହେଉଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ ତାଙ୍କ ପାଖରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଥିଲେ। ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀଙ୍କ ସମେତ ଅନ୍ୟ ବରିଷ୍ଠ କେନ୍ଦ୍ରମନ୍ତ୍ରୀ ଓ ୯ ଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିଲେ।





## ଶପଥ ନେବା ପୂର୍ବରୁ ୯ ବରପୁତ୍ରଙ୍କୁ ମାଲ୍ୟାର୍ପଣ

ଶପଥପାଠ ସମାରୋହ ପୂର୍ବରୁ ମୁଖ୍ୟମନ୍ତ୍ରୀ ମାଝି ପୂର୍ବାହ୍ନରେ ରାଜଧାନୀରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିସ୍ଥଳକୁ ଯାଇ ମାଲ୍ୟାର୍ପଣ କରିଛନ୍ତି। ମୋଟ ୯ଜଣ ବରପୁତ୍ରଙ୍କୁ ସେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉତ୍କଳମଣି ଗୋପବନ୍ଧୁ ଦାସ, ଭକ୍ତ କବି ମଧୁସୂଦନ ଦାସ, ବ୍ୟାସକବି ଫକୀର ମୋହନ ସେନାପତି, ସ୍ୱଭାବ କବି ଗଙ୍ଗାଧର ମେହେର, ଧରଣୀଧର ଭୂୟାଁ, ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ବିର୍ସା ମୁଣ୍ଡା, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓ ଚାଖି ଖୁଣ୍ଟିଆଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ତାଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା ଓ ଭାଜପାର ଅନ୍ୟାନ୍ୟ ନେତାମାନେ ଉପସ୍ଥିତ ଥିଲେ।



## ଶପଥ ପୂର୍ବରୁ ନବୀନଙ୍କୁ ଭେଟିଲେ ମୋହନ

ଓଡ଼ିଶା ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପୂର୍ବରୁ ବୁଧବାର ସକାଳେ ମୋହନ ଚରଣ ମାଝି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ନବୀନ ନିବାସ ଯାଇ ସେ ନବୀନଙ୍କ ସହ ପ୍ରାୟ ୧୫ ମିନିଟ ରହିଥିଲେ। ଶପଥପାଠ କାର୍ଯ୍ୟକ୍ରମରେ ସାମିଲ ହେବା ଲାଗି ନବୀନଙ୍କୁ ମୋହନ ଅନୁରୋଧ କରିବା ସହ ନୂଆ ସରକାରକୁ ଆଶୀର୍ବାଦ ଦେବା ଲାଗି ମଧ୍ୟ ଅନୁରୋଧ କରିଥିଲେ। ପରେ ନୂଆ ସରକାରଙ୍କ ପ୍ରତି ନବୀନଙ୍କ ଆଶୀର୍ବାଦ ରହିବ ବୋଲି ମୋହନ କହିଛନ୍ତି। ଏଥିସହିତ ସମସ୍ତ ବିରୋଧୀ ଦଳକୁ ସାଙ୍ଗରେ ନେଇ ରାଜ୍ୟର ବିକାଶ କାର୍ଯ୍ୟରେ ଆମେ ନିୟୋଜିତ ହେବୁ ବୋଲି ନୂଆ ମୁଖ୍ୟମନ୍ତ୍ରୀ ମୋହନ ମାଝି କହିଛନ୍ତି।



▲ ଶପଥ ସମାରୋହ ମଞ୍ଚ ସମ୍ମୁଖରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଉପସ୍ଥିତ ଜନସାଧାରଣ।

## ଶୁଭେଚ୍ଛା ଜଣାଇଲେ ନବୀନ

ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମ ଏକ୍ସ'ରେ ଶୁଭେଚ୍ଛା ଜଣାଇଛନ୍ତି। ସେ ଲେଖିଛନ୍ତି ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ପ୍ରଭାତୀ ପରିଡ଼ାଙ୍କ ସହ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟଙ୍କୁ ମୋର ଶୁଭେଚ୍ଛା ଜଣାଉଛି। ଓଡ଼ିଶାବାସୀଙ୍କ କଲ୍ୟାଣ ଦିଗରେ ସମସ୍ତଙ୍କ ସଫଳ କାର୍ଯ୍ୟକାଳ କାମନା କରୁଛି।



## ପରିବହନ ବିଭାଗର ସାଧାରଣ କର୍ମଚାରୀଙ୍କୁ ଭେଟିଲେ

ମୁଖ୍ୟମନ୍ତ୍ରୀ ମାଝି ପରିବହନ ବିଭାଗରେ କାମ କରୁଥିବା ଜଣେ ସାଧାରଣ କର୍ମଚାରୀ ବିଜୟ କୁମାର ଦାସଙ୍କୁ ଭେଟିଥିଲେ। ତାଙ୍କ ସହ କଥା ହେବା ସମୟରେ ମୁଖ୍ୟମନ୍ତ୍ରୀ ମାଝି ଜାଣିବାକୁ ପାଇଥିଲେ ଯେ କାମ କରି ମଧ୍ୟ ବିଜୟଙ୍କର ପେଟ ପୂରୁନି। ଏହା ଶୁଣି ମୁଖ୍ୟମନ୍ତ୍ରୀ କହିଥିଲେ, ଏ ସରକାର ଗରିବର ସରକାର। ପ୍ରଧାନମନ୍ତ୍ରୀ ମୋଦି ଗ୍ୟାରେଣ୍ଟି ଦେଇଛନ୍ତି। ଏହି ୫ବର୍ଷ ମଧ୍ୟରେ ଆପଣଙ୍କୁ ନ୍ୟାୟ ପ୍ରଦାନ କରାଯିବ। ଆପଣଙ୍କ ସବୁ ଦୁଃଖ ଦୂର କରାଯିବ। ଏବେ ଡବଲ୍ ଇଞ୍ଜିନ୍‌ର ସରକାର। ତେଣୁ ଜନସାଧାରଣଙ୍କ କଥା ନିହାତି ଶୁଣାଯିବ ବୋଲି ସେ କହିଥିଲେ।

– ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ

# ମନ୍ତ୍ରିମଣ୍ଡଳରେ ୮ ନବାଗତ

ଭୁବନେଶ୍ୱର, ୧୨।୬(ସୁନିତ୍ ମିଶ୍ର)

ଓଡ଼ିଶାରେ ଭାଜପା ସରକାରର ଯୁଗ ଆରମ୍ଭ ହୋଇଛି। ଜନତା ମଇଦାନରେ ଆୟୋଜିତ ଭବ୍ୟ ସମାରୋହରେ ମୋହନ ଚରଣ ମାଝି ରାଜ୍ୟର ପ୍ରଥମ ଭାଜପା ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ତାଙ୍କ ସହ ୨ ଜଣ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା, ୮ ଜଣ କ୍ୟାବିନେଟ୍ ଏବଂ ୫ ଜଣ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ଶପଥ ନେଇଛନ୍ତି। ମନ୍ତ୍ରିମଣ୍ଡଳରେ ମୋଟ୍ ୧୨ ଜିଲାକୁ ପ୍ରତିନିଧିତ୍ୱ ମିଳିଥିବା ବେଳେ ପ୍ରଥମ ଥର ଲାଗି ବିଧାୟକ ହୋଇଥିବା ୭ ଜଣଙ୍କୁ ମନ୍ତ୍ରୀ ପଦ ମିଳିଛି। ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ପ୍ରଭାତୀ ପରିଡ଼ା ମଧ ପ୍ରଥମ ଥର ଲାଗି ବିଜୟୀ ହୋଇଛନ୍ତି। ଏବେ ମଧ ମନ୍ତ୍ରିମଣ୍ଡଳରେ ୬ଟି ମନ୍ତ୍ରୀ ପଦ ଖାଲି ରହିଛି। ମନ୍ତ୍ରିମଣ୍ଡଳରେ ସବୁଠାରୁ କମ୍ ବୟସ୍କ ମନ୍ତ୍ରୀ ଭାବେ ସୂର୍ଯ୍ୟବଂଶୀ ସୂରଜଙ୍କ ନାମ ରହିଛି। କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେଇଥିବା ମନ୍ତ୍ରୀମାନଙ୍କ ମଧ୍ୟରୁ ୪ ଜଣ ରବିନାରାୟଣ ନାଏକ, ନିତ୍ୟାନନ୍ଦ ଗଣ୍ଡ, କୃଷ୍ଣଚନ୍ଦ୍ର ପାତ୍ର ଓ ମୁକେଶ ମହାଲିଙ୍ଗଙ୍କ ପୂର୍ବରୁ ବିଧାନସଭାରେ ଅଭିଜ୍ଞତା ରହିଛି। ସେହିପରି ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ନେଇଥିବା ୫ ଜଣଙ୍କ ମଧ୍ୟରୁ ୩ ଜଣ ହେଉଛନ୍ତି ସମ୍ପୂର୍ଣ୍ଣ ନବାଗତ। ପ୍ରଦୀପ ବଳ ସାମନ୍ତ, ଗୋକୁଳାନନ୍ଦ ମଲ୍ଲିକ ଓ ସମ୍ପଦ ଚରଣ ସ୍ୱାଇଁ ପ୍ରଥମ ଥର ଲାଗି ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଗଣେଶିରାମ ସିଂ ଖୁଣ୍ଟିଆ ଏବଂ ସୂର୍ଯ୍ୟବଂଶୀ ସୂରଜଙ୍କ ପୂର୍ବରୁ ଅଭିଜ୍ଞତା ରହିଛି।

# ଗାଁରେ ଅଛି ଟାଇଲ ଛପର ଘର

କେନ୍ଦୁଝର, ୧୨।୬
(ନରେଶ ଚନ୍ଦ୍ର ପଟ୍ଟନାୟକ)



ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ରାଇକଳା ଗ୍ରାମସ୍ଥିତ ଘର।

ଓଡ଼ିଶାର ପ୍ରଥମ ଭାଜପା ମୁଖ୍ୟମନ୍ତ୍ରୀ ମୋହନ ମାଝି ୬ ଜାନୁୟାରୀ ୧୯୭୨ରେ ରାଇକଳା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିଲାଦିନ ରାଇକଳାରେ କଟିଛି। ତାଙ୍କର ୨ ଭାଇ ଓ ଜଣେ ଭଉଣୀ ରହିଛନ୍ତି। ବାପା ଗୁନାରାମ ମାଝି ସରକାରୀ ଚାକିରି କରିଥିଲେ ଏବଂ ମା' ଘର କାମ କରୁଥିଲେ। ପିଲାଦିନରୁ ମା'ଙ୍କୁ ହରାଇବା ପରେ ତାଙ୍କ ବାପା ଦ୍ୱିତୀୟ ବିବାହ କରିଥିଲେ। ଦ୍ୱିତୀୟ ମା'ଙ୍କର ଗୋଟିଏ ପୁଅ ଅଛନ୍ତି। ସମସ୍ତେ ଏକାଠି ରହୁଛନ୍ତି। ଏବେ ମଧ ଗ୍ରାମରେ ମୁଖ୍ୟମନ୍ତ୍ରୀଙ୍କ ଟାଇଲ ଛପର ଘର ରହିଛି ; ଯେଉଁଠି ବିଧାୟକ ହେବା ପରେ ଅନେକ ସମୟରେ ଦିନ କଟାଇଛନ୍ତି।

# ୨୩ ବର୍ଷ ପରେ ମିଳିଲା ମନ୍ତ୍ରୀପଦ

## ଢେଙ୍କାନାଳ ବିଧାୟକ କୃଷ୍ଣ ପାତ୍ରଙ୍କୁ କ୍ୟାବିନେଟ୍ ପାହ୍ୟା

ଢେଙ୍କାନାଳ, ୧୨।୬(ରତନ ନାୟାର)



କୃଷ୍ଣଚନ୍ଦ୍ର ପାତ୍ର

ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀକୁ ୨୩ବର୍ଷ ପରେ ମିଳିଛି ମନ୍ତ୍ରୀପଦ। ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ଭାଜପା ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ରାଜ୍ୟ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ୍ ପାହ୍ୟା ମିଳିଛି। ଏହି ଖବର ମିଳିବା ପରେ ଢେଙ୍କାନାଳ ଭାଜପା ଶିବିରରେ ଖୁସିର ଲହରି ଖେଳିଯାଇଛି।

ପ୍ରକାଶ ଯେ, ୧୯୭୪ ମସିହାରେ ଢେଙ୍କାନାଳ ବିଧାନସଭା ଆସନରୁ କଂଗ୍ରେସ ଦଳର ବିଧାୟିକା ଭାବେ ନନ୍ଦିନୀ ଶତପଥୀ ନିର୍ବାଚିତ ହୋଇ ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପରେ ୧୯୯୫ରୁ ୨୦୦୦ ମସିହା ଯାଏ ରାଜ୍ୟରେ କଂଗ୍ରେସ ସରକାର ସମୟରେ ଢେଙ୍କାନାଳର ତତ୍କାଳୀନ କଂଗ୍ରେସ ବିଧାୟକ ନବୀନଚନ୍ଦ୍ର ନାରାୟଣ ଦାସ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିଲେ। ତାଙ୍କୁ ରାଷ୍ଟ୍ରପାହ୍ୟା ମନ୍ତ୍ରୀ କରାଯାଇଥିଲା। ଏହାପରଠାରୁ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀର କୌଣସି ବିଧାୟକ ମନ୍ତ୍ରୀ ହେବାର ସୌଭାଗ୍ୟ ପାଇ ନ ଥିଲେ। ତେବେ ୨୦୨୪ ନିର୍ବାଚନରେ ଏହି ଆସନରୁ ବିଜୟୀ ହୋଇଥିବା କୃଷ୍ଣଚନ୍ଦ୍ରଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପଦ ମିଳିଛି। କୃଷ୍ଣଚନ୍ଦ୍ର ୨୦୦୦ ମସିହାରେ ପ୍ରଥମେ ବିଜେଡି-ଭାଜପା ମେଣ୍ଟ ସରକାରରେ ଭାଜପା ପ୍ରାର୍ଥୀ ଭାବେ ବିଜୟୀ ହୋଇ ବିଧାୟକ ହୋଇଥିଲେ। ଏହାପରେ ସେ ୨୦୦୪, ୨୦୦୯, ୨୦୧୪, ୨୦୧୯ ନିର୍ବାଚନରେ ପରାଜିତ ହୋଇଥିଲେ। ତାଙ୍କର ଶିକ୍ଷାଗତ ଯୋଗ୍ୟତା ଏମ୍ଏସ୍‌ସି ଓ ଏଲ୍ଏଲ୍‌ବି। ସେ ପୂର୍ବରୁ ଭାଜପା ଜିଲା ସଭାପତି ରହିଥିବା ବେଳେ ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ସଭାପତି ଭାବେ ମଧ କାର୍ଯ୍ୟ କରିଥିଲେ। ଢେଙ୍କାନାଳ ଆଞ୍ଚଳିକ ଉନ୍ନୟନ ପରିଷଦ(ଡ୍ରିଟ୍)ର ଅଧ୍ୟକ୍ଷ ଓ ଢେଙ୍କାନାଳ ଆଇନ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭାବେ କାର୍ଯ୍ୟ କରିଥିଲେ। ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲାର ୪ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ପୂର୍ବରୁ କେବଳ ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ଅଞ୍ଜଳି ବେହେରା, କାମାକ୍ଷାନଗର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରଫୁଲ୍ଲ କୁମାର ମଲ୍ଲିକ କ୍ୟାବିନେଟ୍ ମନ୍ତ୍ରୀ ହୋଇଥିବା ବେଳେ ପରଜଙ୍ଗର ପୂର୍ବତନ ବିଧାୟକ ଡା. ନୃସିଂହ ଚରଣ ସାହୁ ରାଷ୍ଟ୍ରମନ୍ତ୍ରୀ ହୋଇପାରିଥିଲେ।

# ଏମ୍ଏଲ୍ଏ ସାହି ଭାବେ ପରିଚିତ ବଡ଼ମହାନ୍ତ



ରାଇକଳା ଗ୍ରାମ।

କେନ୍ଦୁଝର, ୧୨।୬
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ରାଇକଳା ପଞ୍ଚାୟତର ରାଇକଳା ଗ୍ରାମର ବଡ଼ମହାନ୍ତ ସାହିର ପୁଅ ମୋହନ ମାଝି ରାଜ୍ୟର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ମୋହନ ବିଧାୟକ ଭାବେ ନିର୍ବାଚିତ ହେବା ପରେ ସେ ରହୁଥିବା ସାହିକୁ ଲୋକେ ଏମ୍ଏଲ୍ଏ ସାହି ବୋଲି କହୁଥିଲେ। ମୁଖ୍ୟମନ୍ତ୍ରୀ ହେବା ନେଇ ଘୋଷଣା ପରଠାରୁ ୧୦ ଜଣ ସୁରକ୍ଷା ବଳ ତାଙ୍କ ଘରକୁ ଜଗିଥିବା ଜଣାପଡ଼ିଛି। ମୋହନଙ୍କ ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ପରିବାର ତଥା ଗ୍ରାମର ବହୁ ଲୋକ ଭୁବନେଶ୍ୱର ଯାଇଛନ୍ତି। ଏଣୁ ଗାଁ ଆଜି ଖାଁ ଖାଁ ଲାଗୁଥିଲେ ହେଁ ଏହା ଆଜି ଐତିହାସିକ ଗ୍ରାମ ଭାବେ ପରିଗଣିତ ହୋଇଛି। କିଛି ବର୍ଷ ତଳେ ବାପାଙ୍କୁ ହରାଇବା ପରେ ନିଜ ସାନଭାଇଙ୍କୁ ମଧ ହରାଇଥିଲେ। ବିଧାୟକ ହେବା ପରେ ଆୟୁର୍ବେଦିକ ଡାକ୍ତର ପ୍ରିୟଙ୍କା ମାରାଣ୍ଡିଙ୍କୁ ବିବାହ କରିଥିଲେ। ତାଙ୍କର ୨ ପୁଅ ଅଛନ୍ତି।

# ଇଞ୍ଜିନିୟରରୁ ରାଷ୍ଟ୍ରମନ୍ତ୍ରୀ



ସୂର୍ଯ୍ୟବଂଶୀ ସୂରଜ

ଭଦ୍ରକ, ୧୨।୬ (ସନାତନ ରାଉତ)

ଭଦ୍ରକ ଜିଲା ଧାମନଗରର ନବନିର୍ବାଚିତ ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କୁ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ପାହ୍ୟା) ପଦ ମିଳିଛି। ଇଞ୍ଜିନିୟରିଂରେ ଡିଗ୍ରୀ ଅର୍ଜନ କରିବା ପରେ ସେ ବିଦେଶରେ ଏକ କମ୍ପାନୀରେ କିଛି ମାସ କାମ କରିଥିଲେ। ପିତା ତଥା ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କୁ ନିର୍ବାଚନୀ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଚାକିରି ଛାଡ଼ି ଧାମନଗରରେ ପ୍ରଚାର କାର୍ଯ୍ୟରେ ସାମିଲ ହୋଇଥିଲେ। ଧାମନଗର ବିଧାୟକ ଥିବାବେଳେ ୨୦୨୨ ସେପ୍ଟେମ୍ବର ୧୯ରେ ବିଷ୍ଣୁଙ୍କ ପରଲୋକ ହୋଇଥିଲା। ୨୦୨୨ ନଭେମ୍ବର ୩ରେ ଧାମନଗର ଉପନିର୍ବାଚନରେ ଭାଜପାରୁ ସୂର୍ଯ୍ୟବଂଶୀଙ୍କୁ ପ୍ରାର୍ଥୀ କରାଯାଇଥିଲା। ଯୁବ ଚେହେରା ଓ ବାକ୍‌ଚାତୁରୀ ସାଙ୍ଗକୁ ଅନୁକମ୍ପାମୂଳକ ଭୋଟ ସାହାଯ୍ୟରେ ସେ ଉପନିର୍ବାଚନ ଜିତିଥିଲେ। ସବୁ ଉପନିର୍ବାଚନରେ ବିଜେଡି ବିଜୟଲାଭ କରୁଥିବା ବେଳେ ଏହି ବିଜୟଧାରାରେ ବ୍ରେକ୍ ଲଗାଇ ସେ ସାରା ଓଡ଼ିଶାର ଚର୍ଚ୍ଚିତ ଚେହେରା ପାଲଟିଥିଲେ। ମାତ୍ର ୧୫ ମାସର କାର୍ଯ୍ୟକାଳ ମଧ୍ୟରେ ଧାମନଗରବାସୀଙ୍କ ଲୋକପ୍ରିୟତା ହାସଲ କରି ୨୦୨୪ ନିର୍ବାଚନରେ ପୁନର୍ବାର ବିଜୟୀ ହୋଇଛନ୍ତି। ଏଥର ନିର୍ବାଚନରେ ବିଜେଡିର ଗଡ଼ ଥିବା ଭଦ୍ରକ ଓ ଧାମନଗର ଆସନରେ ଭାଜପାକୁ ସଫଳତା ମିଳିଥିବା ବେଳେ ସୂର୍ଯ୍ୟବଂଶୀଙ୍କୁ ମନ୍ତ୍ରୀ ପଦ ମିଳିବା ନେଇ ଭାଜପା କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଜଣେ ଇଞ୍ଜିନିୟରରୁ ଓଡ଼ିଶା ସରକାରର ମନ୍ତ୍ରୀ ହେବା ଧାମନଗର ପାଇଁ ଗୌରବର ବିଷୟ। ସେ ଅବିବାହିତ ଅଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କୁ କଳାପତାକା ଦେଖାଇ ମାଡ଼ ଖାଇଥିଲେ

୨୦୨୧ ଅକ୍ଟୋବର ୨୨ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୟୂରଭଞ୍ଜ ଗସ୍ତ ସମୟରେ କଳାପତାକା ଦେଖାଇ ବିଜେଡି କର୍ମୀଙ୍କ ଆକ୍ରମଣର ଶିକାର ହୋଇଥିଲେ ସୂର୍ଯ୍ୟବଂଶୀ। ସେତେବେଳେ ସେ ଭାଜପା ଯୁବମୋର୍ଚ୍ଚାର ରାଜ୍ୟ ସଂଯୋଜକ ଥିଲେ। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ପ୍ରତିବାଦରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ସ୍ଥାନରେ କଳାପତାକା ପ୍ରଦର୍ଶନ କରାଯାଇଥିଲା। ସରକାର ବିରୋଧୀ ସ୍ଲୋଗାନ ସହ କଳାପତାକା ଧରି ଭାଜପା ଯୁବମୋର୍ଚ୍ଚା ଓ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର କର୍ମୀମାନେ ମୟୂରଭଞ୍ଜ ଜିଲାର ବାରିପଦା ଛଉପଡ଼ିଆଠାରେ ମୁଖ୍ୟମନ୍ତ୍ରୀଙ୍କ ସଭାସ୍ଥଳକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ।

# ପୁଅ ମନ୍ତ୍ରୀ ହେବା ଦେଖି ମା' ଭାବବିହ୍ୱଳ

## ରବି ନାରାୟଣ ନାୟକ କ୍ୟାବିନେଟ ମନ୍ତ୍ରୀ

## କୁଚିଣ୍ଡାକୁ ପ୍ରଥମଥର ମିଳିଲା ମନ୍ତ୍ରୀପଦ

ସମ୍ବଲପୁର, ୧୨।୬
(ଭବାନୀ ଶଙ୍କର ଭୋଇ)



ବୁଧବାର କ୍ୟାବିନେଟ ମନ୍ତ୍ରୀ ହେବା ଖବର ପାଇ କୁଚିଣ୍ଡା ବିଧାୟକ ରବିନାରାୟଣ ନାଏକଙ୍କ ମା' ଶୁଭ ନାଏକ ଭାବବିହ୍ୱଳ ହେଉଛନ୍ତି।

ସମ୍ବଲପୁର ଜିଲାର ଆଦିବାସୀ ଅଧ୍ୟୁଷିତ କୁଚିଣ୍ଡା ବିଧାନସଭା କ୍ଷେତ୍ରକୁ ପ୍ରଥମ ଥର ମିଳିଛି କ୍ୟାବିନେଟ ମନ୍ତ୍ରୀ ପଦ। ଏହି ନିର୍ବାଚନମଣ୍ଡଳୀରୁ ଚତୁର୍ଥଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ରବିନାରାୟଣ ନାଏକ ରାଜ୍ୟର ପ୍ରଥମ ଭାଜପା ସରକାରରେ କ୍ୟାବିନେଟ ମନ୍ତ୍ରୀ ଭାବେ ବୁଧବାର ଶପଥ ଗ୍ରହଣ କରିଛନ୍ତି।

କୁଚିଣ୍ଡା ନିକଟ ଖଣ୍ଡୋକଟା ଗ୍ରାମର ବାସିନ୍ଦା ରବିନାରାୟଣ ପିଲାଦିନରୁ ଫୁଟବଲ ଖେଳ ପ୍ରତି ବିଶେଷ ରୁଚି ରଖିଥିଲେ। ଏଥିସହ ଫୁଟବଲ ସଙ୍ଗଠକ ଭାବେ ଅଞ୍ଚଳରେ ପରିଚିତ ରହିଥିଲେ। ୧୯୯୫ରେ ଭାଜପାରୁ ସେ କୁଚିଣ୍ଡା ବିଧାନସଭା ଆସନ ପାଇଁ ପ୍ରାର୍ଥୀଭାବେ ନିର୍ବାଚନ ଲଢି ପରାଜିତ ହୋଇଥିଲେ। ତେବେ ୨୦୦୦, ୨୦୦୪, ୨୦୧୪ ଏବଂ ୨୦୨୪ରେ ସେ ଏହି କ୍ଷେତ୍ରରୁ ବିଧାୟକ ଭାବେ ବିଜୟୀ ହୋଇଥିଲେ। ଏଥିସହିତ ଭାଜପା ସଙ୍ଗଠନରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ୨୦୧୪ରେ ଭାଜପା ରାଜ୍ୟ ଆଦିବାସୀ ମୋର୍ଚ୍ଚା ସଭାପତି, ୨୦୧୯ରେ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଏବଂ ସଂପ୍ରତି ସେ ଭାଜପା ରାଜ୍ୟ ଉପସଭାପତି ଭାବେ କାର୍ଯ୍ୟ କରୁଛନ୍ତି । ଚଳିତ ନିର୍ବାଚନରେ ଜଣେ ଆଦିବାସୀ ଚେହେରାକୁ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଦିଆଯିବା ନେଇ ଚର୍ଚ୍ଚା ଭିତରେ ରବି ନାରାୟଣଙ୍କ ନାଁ ଏହି ରେସ୍‌ରେ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେବେ କୁଚିଣ୍ଡାକୁ ଆଜି ପର୍ଯ୍ୟନ୍ତ କୌଣସି ସରକାରରେ ମନ୍ତ୍ରୀପଦ ମିଳି ନ ଥିବା ବେଳେ ପ୍ରଥମ ଥର ମୋହନ ମାଝି ସରକାରରେ ରବିନାରାୟଣଙ୍କୁ କ୍ୟାବିନେଟ ମନ୍ତ୍ରୀ ପଦ ମିଳିଛି। ଏହାକୁ ନେଇ କୁଚିଣ୍ଡା ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

ବୁଧବାର ମନ୍ତ୍ରୀ ଭାବେ ଶପଥ ନେବା ଦୃଶ୍ୟ ଟିଭିରୁ ଦେଖିବା ସମୟରେ ଗାଁରେ ଥିବା ତାଙ୍କର ମା' ଶୁଭ ନାଏକ ଭାବ ବିହ୍ୱଳ ହୋଇପଡିଥିଲେ। ଅନ୍ୟପକ୍ଷରେ ମନ୍ତ୍ରିମଣ୍ଡଳରେ ସେ ସମ୍ବଲପୁର ଜିଲାର ଏକମାତ୍ର ପ୍ରତିନିଧିତ୍ୱ କରୁଥିବାରୁ ତାଙ୍କଠାରୁ ଜିଲାବାସୀ ଅନେକ କିଛି ଆଶା କରୁଛନ୍ତି।

# ସମିତି ସଭ୍ୟରୁ ମନ୍ତ୍ରୀ

ବୁଗୁଡା/ପୋଲସରା, ୧୨।୬
(କାଳିଚରଣ ଦାଶ/ସୁବ୍ରତ ବେହେରା)



ଗୋକୁଳାନନ୍ଦ ମଲ୍ଲିକ

ଗଞ୍ଜାମ ଜିଲା ପୋଲସରା ନିର୍ବାଚନମଣ୍ଡଳୀର ନବନିର୍ବାଚିତ ଭାଜପା ବିଧାୟକ ଗୋକୁଳାନନ୍ଦ ମଲ୍ଲିକଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଛି। ଏହି ଖବର ଗଞ୍ଜାମ ଜିଲାରେ ଖୁସିର ଲହରି ଖେଳାଇ ଦେଇଛି। ୧୯୭୬ ମେ ୧ ତାରିଖରେ ଗଞ୍ଜାମ ଜିଲା ବୁଗୁଡ଼ା ବ୍ଲକ ସଙ୍କୁରୁ ପଞ୍ଚାୟତ ଘୋଳପୁର ଗ୍ରାମରେ ଗୋକୁଳାନନ୍ଦଙ୍କ ଜନ୍ମ। ନିଜ ଗାଁରେ ପ୍ରାଥମିକ ଶିକ୍ଷା ସମାପ୍ତ କରି ମାଣିତରା ସ୍କୁଲରେ ଉଚ୍ଚ ଶିକ୍ଷା ଲାଭ କରିଥିଲେ। ପରେ ଭୁବନେଶ୍ୱର ମହର୍ଷି କଲେଜରେ ଇତିହାସରେ ସ୍ନାତକ ପାସ କରିବା ପରେ ଗଞ୍ଜାମ ଆଇନ ମହାବିଦ୍ୟାଳୟରେ ଆଇନ ଶିକ୍ଷା ଲାଭ କରିଥିଲେ।

ପରେ କଂଗ୍ରେସରେ ଯୋଗଦେଇ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ପୋଲସରା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ହେବା ପରେ ୨୦୧୨ରେ ପ୍ରଥମେ ସଙ୍କୁରୁ ପଞ୍ଚାୟତରୁ ପ୍ରଥମ ଥର ପାଇଁ ସମିତି ସଭ୍ୟ ନିର୍ବାଚିତ ହୋଇ ବୁଗୁଡ଼ା ବ୍ଲକ ଅଧ୍ୟକ୍ଷ ହୋଇଥିଲେ। ୨୦୧୪ରେ ତାଙ୍କୁ କଂଗ୍ରେସ ଦଳର ବିଧାୟକ ଟିକେଟ ମିଳିଥିଲା। ବିଜେଡିର ଶ୍ରୀକାନ୍ତ ସାହୁଙ୍କ ସହ ଲଢ଼ି ସ୍ୱଳ୍ପ ଭୋଟରେ ହାରିଯାଇଥିଲେ। ୨୦୧୭ ପଞ୍ଚାୟତ ନିର୍ବାଚନ ପରେ ସେ ଭାଜପାରେ ଯୋଗଦେଇଥିଲେ। ୨୦୧୯ ନିର୍ବାଚନରେ ଭାଜପା ତାଙ୍କୁ ଟିକେଟ ଦେଇଥିଲା ମଧ ସେ ହାରିଯାଇଥିଲେ। ହେଲେ ସଦ୍ୟ ସମାପ୍ତ ନିର୍ବାଚନରେ ସେ ତାଙ୍କ ପ୍ରତିଦ୍ୱନ୍ଦୀ ଶ୍ରୀକାନ୍ତ ସାହୁଙ୍କ ହରାଇଦେଇ ଏବେ ମନ୍ତ୍ରୀ ହେବା ସୌଭାଗ୍ୟ ଅର୍ଜନ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବରେ କମଳା ମହାରଣା

କେନ୍ଦ୍ରାପଡ଼ା, ୧୨।୬ (ଜଗନ୍ନାଥ ଧଳ)

ରାଜ୍ୟରେ ପ୍ରଥମ ଭାଜପା ସରକାର ଶପଥ ଗ୍ରହଣ ଉତ୍ସବରେ କେନ୍ଦ୍ରାପଡ଼ା ବ୍ଲକ ଗୁଲନଗରର କମଳା ମହାରଣା ସାମିଲ ହୋଇଥିଲେ। ବର୍ଜ୍ୟବସ୍ତୁରୁ ଶିଳ୍ପକଳା ପ୍ରସ୍ତୁତି ପାଇଁ ପ୍ରସିଦ୍ଧିଲାଭ କରିଥିବା ତଥା ପ୍ରଧାନମନ୍ତ୍ରୀଙ୍କୁ ମେ ୨୯ ତାରିଖର ନିର୍ବାଚନୀ ସଭାରେ ଆଶୀର୍ବାଦ ପ୍ରଦାନ କରିଥିବା କମଳାଙ୍କୁ ମଙ୍ଗଳବାର ଭାବୀ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ନିମନ୍ତ୍ରଣ ହୋଇଥିଲା। ଭାଜପା ନେତା ବିଚିତ୍ର କୁମାର ପ୍ରଧାନ ଏହି ନିମନ୍ତ୍ରଣ ପତ୍ର ତାଙ୍କୁ ପ୍ରଦାନ କରିଥିଲେ। ଶପଥ ଗ୍ରହଣ ଉତ୍ସବରେ ଯୋଗଦାନ ସମ୍ପର୍କରେ କମଳା କହିଛନ୍ତି, ତୃଣମୂଳସ୍ତରର ପ୍ରତିଭା ଚିହ୍ନଟରେ ପ୍ରଧାନମନ୍ତ୍ରୀ ମୋଦି ସବୁଠାରୁ ଆଗରେ ରହିବେ ବୋଲି କମଳା କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ୯୮ତମ ମନ୍ କୀ ବାତ୍‌ରେ ତାଙ୍କ ନାମ ସ୍ଥାନିତ ହେବା ପରେ ସେ ଚର୍ଚ୍ଚାକୁ ଆସିଥିଲେ।

# ସରପଞ୍ଚରୁ କ୍ୟାବିନେଟ୍ ପାହ୍ୟା

ଗୋପାଳପୁର, ୧୨।୬
(ନବୀନ ରାଜ ଆଚାରୀ)



ବିଭୂତି ଭୂଷଣ ଜେନା

ଗଞ୍ଜାମ ଜିଲା ଗୋପାଳପୁର ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ଭାଜପା ବିଧାୟକ ବିଭୂତି ଭୂଷଣ ଜେନାଙ୍କୁ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ୍ ପାହ୍ୟା ମିଳିଛି। ଏହା ଜାଣିବା ପରେ ତାଙ୍କ ସମର୍ଥକ ଓ କର୍ମୀମାନେ ବାଣ ଫୁଟାଇ, ମିଠା ବଣ୍ଟନ କରି ଖୁସି ମନାଇଛନ୍ତି।

ବିଭୂତି ୧୯୬୭ରେ ଏକ ମଧ୍ୟବିତ୍ତ ଚାଷୀ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ବାପା ନିତ୍ୟାନନ୍ଦ ଜେନା ଆରପାରିକୁ ଚାଲି ଯାଇଛନ୍ତି। ବିଭୂତି ଗାଁରେ ପ୍ରାଥମିକ ଓ ଗୋଳନ୍ଥରା ଚଟିରେ ହାଇସ୍କୁଲ ଶିକ୍ଷା ଗ୍ରହଣ କରିଥିଲେ। ପରେ ଗଞ୍ଜାମ ମହାବିଦ୍ୟାଳୟରେ ସ୍ନାତକରେ ଉତ୍ତୀର୍ଣ୍ଣ ହେବା ପରେ ୧୯୯୦ରେ ରାଜନୀତିରେ ପାଦ ଥାପିଥିଲେ। ୧୯୯୨ରେ ସେ ଭାଜପାରେ ଯୋଗ ଦେଇଥିଲେ। ଅଞ୍ଚଳର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସହିତ ମିଶି ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ଭାଜପା ସଂଗଠନକୁ ସୁଦୃଢ଼ କରିବାରେ ତାଙ୍କର ସ୍ୱତନ୍ତ୍ର ସ୍ଥାନ ଥିଲା। ଗୋଳନ୍ଥରା ପଞ୍ଚାୟତରେ ୧୯୯୭ରେ କଂଗ୍ରେସ ସମର୍ଥକ ପ୍ରାର୍ଥୀଙ୍କୁ ହରାଇ ସେ ସରପଞ୍ଚ ନିର୍ବାଚିତ ହୋଇଥିଲେ। ବିଜେଡି ଓ ଭାଜପାର ମିଳିତ ସରକାର ଅମଳରେ ୨୦୦୨ରେ ୫୩ ନଂ ଜୋନର ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ । ୨୦୦୭ରେ ରାଜ୍ୟ ଭାଜପା ଯୁବ ମୋର୍ଚ୍ଚା ସଭାପତି ଥିଲେ। ପର ମୁହୂର୍ତ୍ତରେ ସେ ରାଜ୍ୟ ସଂପାଦକ ହୋଇଥିଲେ। ତାଙ୍କ ସାଙ୍ଗଠନିକ ଦକ୍ଷତାକୁ ବିଶ୍ୱାସ କରି ଦଳ ତାଙ୍କୁ ଜିଲା ସଭାପତି ଆସନ ଦେଇଥିଲା। ଦୀର୍ଘଦିନ ଧରି ଏହି ଆସନରେ ରହି ଭାଜପା ସଂଗଠନକୁ ସୁଦୃଢ଼ କରିବାରେ ଲାଗିଥିଲେ। ୨୦୦୯, ୨୦୧୪ ଓ ୨୦୧୯ରେ ସେ ଭାଜପାରୁ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ିଥିଲେ ମଧ ବିଜେଡିରୁ ପ୍ରତିଥର ପ୍ରାର୍ଥୀ ହେଉଥିବା ପ୍ରଦୀପ ପାଣିଗ୍ରାହୀଙ୍କଠାରୁ ହାରି ଯାଉଥିଲେ। ୩ଥର ପରାଜିତ ହୋଇ ମଧ ଭାଜପା ସଂଗଠନକୁ ସୁଦୃଢ଼ କରିବାରେ ସେ ପଛଘୁଞ୍ଚା ଦେଇ ନ ଥିଲେ। ୨୦୨୪ ନିର୍ବାଚନରେ ଦଳ ପୁଣି ତାଙ୍କ ଉପରେ ଆସ୍ଥା ରଖି ଟିକେଟ ଦେଇଥିଲା। ବିଜେଡିର ବିଧାୟକ ପ୍ରାର୍ଥୀ ବିକ୍ରମ ପଣ୍ଡାଙ୍କୁ ସେ ୯,୦୬୨ ଖଣ୍ଡ ଭୋଟରେ ହରାଇ ବିଜୟୀ ହୋଇଥିଲେ।

# ଚମ୍ପୁଆ ବିଧାୟକଙ୍କ ଶୁଭେଚ୍ଛା ବାର୍ତ୍ତା ଫଟୋକୁ ନେଇ ଚର୍ଚ୍ଚା

## ଭାଜପା ଆଡ଼କୁ ସନା ଢଳୁଥିବା ଆଲୋଚନା

କେନ୍ଦୁଝର, ୧୨।୬
(ନରେଶ ଚନ୍ଦ୍ର ପଟ୍ଟନାୟକ)



ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କୁ ଶୁଭେଚ୍ଛା ଜଣାଇବା ଅବସରରେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼।

ଚମ୍ପୁଆ ବିଜେଡି ବିଧାୟକ ସନାତନ ମହାକୁଡ଼ ନୂତନ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଦେବାକୁ ଯାଇଥିବା ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି ; ଯାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ସନାତନ ମହାକୁଡ଼ କୁଆଡେ ଭାଜପା ଆଡ଼କୁ ଢଳୁଥିବା ନେଇ କିଛି ଦିନ ତଳେ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। ତେଣୁ ସେ କାଳେ ବିଜେଡି ନେତାଙ୍କ ଡାକରାକୁ ଅଣଦେଖା କରିଥିଲେ। ସେହିପରି ଭାଜପାର କେତେଜଣ ନେତାଙ୍କୁ ନିର୍ବାଚନ ସମୟରେ ପରୋକ୍ଷରେ ସମର୍ଥନ କରିଥିବା ଓ ଦଳୀୟ ନେତାଙ୍କ ବିରୋଧରେ ଛିଡା ହୋଇଥିବା ଚର୍ଚ୍ଚା ହୋଇଥିଲା। ଜିଲାର ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବାକୁ ଯାଇଥିଲେ ବୋଲି ତାଙ୍କ ସମର୍ଥକ ସଫେଇ ଦେଉଥିବା ବେଳେ ପ୍ରକୃତରେ ତାଙ୍କ ଆଭିମୁଖ୍ୟ କ'ଣ ସନାତନ ହିଁ କହିପାରିବେ ବୋଲି ବୁଦ୍ଧିଜୀବୀମାନେ ଆଲୋଚନା କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ତାନ୍‌ଭି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଖୁଚୁରା ମୁଦ୍ରାସ୍ଫୀତି ହାରରେ ହ୍ରାସ

ଭୁବନେଶ୍ୱର,୧୨।୬(ଅନୁରାଧା ମହାରଣା)



କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ମେ ମାସରେ ଖୁଚୁରା ମୁଦ୍ରାସ୍ଫୀତି ହାରରେ ହ୍ରାସ ଘଟିଛି। ୨୦୨୪ ମେ'ରେ ଖୁଚୁରା ମୁଦ୍ରାସ୍ଫୀତି ହାର ୪.୭୫ ପ୍ରତିଶତକୁ ଖସି ଆସିଛି, ଯାହାକି ୨୦୨୪ ଏପ୍ରିଲରେ ୪.୮୩ ପ୍ରତିଶତ ଥିଲା। ଖାଦ୍ୟ ମୁଦ୍ରାସ୍ଫୀତିରେ ସାମାନ୍ୟ ହ୍ରାସ ଘଟିଛି ଏବଂ ଏପ୍ରିଲରେ ଏହା ୮.୭୦ ପ୍ରତିଶତ ତୁଳନାରେ ମେ ମାସରେ ୮.୬୯ ପ୍ରତିଶତକୁ ଖସି ଆସିଛି। ତଥାପି ପନିପରିବା ଏବଂ ଡାଲିର ମୁଦ୍ରାସ୍ଫୀତି ଲୋକଙ୍କୁ ଚିନ୍ତାରେ ପକାଇଛି। ପରିସଂଖ୍ୟାନ ମନ୍ତ୍ରଣାଳୟ ମେ ମାସ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ହାର ତଥ୍ୟ ପ୍ରକାଶ କରିଛି। ଏହି ତଥ୍ୟ ଅନୁଯାୟୀ, ମେ ମାସରେ ସିପିଆଇ ମୁଦ୍ରାସ୍ଫୀତି ୪.୭୫ ପ୍ରତିଶତକୁ ଖସି ଆସିଛି। ତେବେ ଅନେକ ବିଶେଷଜ୍ଞ ଏହା ୫%ରୁ ଅଧିକ ବୋଲି ଆକଳନ କରିଥିଲେ। ମାତ୍ର ଖାଦ୍ୟ ମୁଦ୍ରାସ୍ଫୀତି ହାର ସମାନ ରହିଛି। ମେ ମାସରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ୮.୬୯ ପ୍ରତିଶତ ଥିଲା ଯାହା ଏପ୍ରିଲରେ ୮.୭୦ ପ୍ରତିଶତ ଥିଲା। ୨୦୨୩ ମେ'ରେ ଖୁଚୁରା ମୁଦ୍ରାସ୍ଫୀତିହାର ୪.୩୧ ପ୍ରତିଶତ ଏବଂ ଖାଦ୍ୟ ମୁଦ୍ରାସ୍ଫୀତି ହାର ୨.୯୬ ପ୍ରତିଶତ ଥିଲା। ମେ ମାସରେ ପନିପରିବା ଏବଂ ଡାଲିରେ ମୁଦ୍ରାସ୍ଫୀତି ଅଧିକ ରହିଛି। ସବୁଜ ପନିପରିବାର ମୁଦ୍ରାସ୍ଫୀତି ମେ ମାସରେ ୨୭.୩୩ ପ୍ରତିଶତ ଥିଲା ଯାହା ଏପ୍ରିଲରେ ୨୭.୮୦ ପ୍ରତିଶତ ଥିଲା। ମେ ମାସରେ ଡାଲିର ମୁଦ୍ରାସ୍ଫୀତି ହାରରେ ବୃଦ୍ଧି ଘଟିଛି ଏବଂ ଏହା ୧୭.୧୪ ପ୍ରତିଶତ ହୋଇଛି ଯାହା ଏପ୍ରିଲରେ ୧୬.୮୪ ପ୍ରତିଶତ ଥିଲା। ଫଳରେ ମୁଦ୍ରାସ୍ଫୀତି ହାର ୬.୬୮ ପ୍ରତିଶତ ହୋଇଛି ଯାହା ଏପ୍ରିଲରେ ୫.୯୪ ପ୍ରତିଶତ ଥିଲା। ଶସ୍ୟ ଏବଂ ଆନୁଷଙ୍ଗିକ ଦ୍ରବ୍ୟର ମୁଦ୍ରାସ୍ଫୀତି ମେ ମାସରେ ୮.୬୯ ପ୍ରତିଶତ ଥିଲା, ଯାହା ଏପ୍ରିଲରେ ୮.୬୩ ପ୍ରତିଶତ ଥିଲା। ମସଲାର ମୁଦ୍ରାସ୍ଫୀତି ହାର ମେ ମାସରେ ୪.୨୭ ପ୍ରତିଶତକୁ ଖସି ଆସିଛି ଯାହା ଏପ୍ରିଲରେ ୭.୭୫ ପ୍ରତିଶତ ଥିଲା। ଚିନିର ମୁଦ୍ରାସ୍ଫୀତି ହାର ୫.୭୦ ପ୍ରତିଶତକୁ ଖସି ଆସିଛି ଯାହା ଏପ୍ରିଲରେ ୬.୭୩ ପ୍ରତିଶତ ଥିଲା। ସେହିପରି ଅଣ୍ଡାର ମୁଦ୍ରାସ୍ଫୀତି ହାର ୭.୬୨ ପ୍ରତିଶତ ହୋଇଛି ଯାହା ଏପ୍ରିଲରେ ୯.୫୯ ପ୍ରତିଶତ ଥିଲା। ଖୁଚୁରା ମୁଦ୍ରାସ୍ଫୀତି ହାର ଭାରତୀୟ ରିଜର୍ଭ ବ୍ୟାଙ୍କର ଟଲରାନ୍ସ ବ୍ୟାଣ୍ଡର ୨ରୁ ୬ ପ୍ରତିଶତ ମଧ୍ୟରେ ରହିଛି। ତେବେ ଆର୍‌ବିଆଇ ଏହାର ନୀତି ହାର ହ୍ରାସ କରିବା ପାଇଁ ମୁଦ୍ରାସ୍ଫୀତି ହାର ୪ ପ୍ରତିଶତକୁ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଗତ ସପ୍ତାହରେ, ଏସ୍‌ବିଆଇ ଏହାର ରିସର୍ଚ୍ଚ ପେପରରେ କହିଛି ଯେ, ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ର ତୃତୀୟ ତ୍ରୈମାସରେ ରେପୋ ରେଟ୍ ହାରରେ ହ୍ରାସ ହେବାର ଆଶା କରାଯାଉଛି।

## ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୧୨।୬

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୫୦(୧୪୯.୯୮) ପଏଣ୍ଟ ବଢି ୭୬,୬୦୭ (୭୬,୬୦୬.୫୭) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୫୮ (୫୮.୧୦) ପଏଣ୍ଟ ବୃଦ୍ଧି ଘଟି ୨୩,୩୨୩(୨୩,୩୨୨.୯୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଏସ୍‌ବିଆଇର ନୂତନ ଅଭିଯାନ

ଭୁବନେଶ୍ୱର,୧୨।୬

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସବିଆଇ)ର ନୂତନ ଅଭିଯାନ 'ଏସ୍‌ଏମ୍‌ଇ ଡିଜିଟାଲ ବିଜ୍‌ନେସ୍ ଋଣ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏମ୍‌ଏସ୍‌ଏମ୍‌ଇ ଋଣ କ୍ଷେତ୍ରରେ ବ୍ୟାଙ୍କ ଏକ ନୂଆ ମାନଦଣ୍ଡ ଧାର୍ଯ୍ୟ କରାଯାଇଥିଲାବେଳେ ଆସନ୍ତା ୫ବର୍ଷ ମଧ୍ୟରେ ବ୍ୟାଙ୍କର ଅଭିବୃଦ୍ଧି ଓ ଲାଭ ପାଇଁ ଏମ୍‌ଏସ୍‌ଏମ୍‌ଇ ଅଗ୍ରିମକୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଭାବେ ଚିହ୍ନଟ କରାଯାଇଛି। ଏଥିରେ ୪୫ମିନିଟ୍ ଭିତରେ ଏମ୍‌ଏସ୍‌ଏମ୍‌ଇଙ୍କୁ ଡିଜିଟାଲ ଋଣ ପ୍ରଦାନ କରାଯିବ। ସେହିଭଳି ଋଣ ପ୍ରକ୍ରିୟାକୁ ସଙ୍ଗଠିତ କରିବା ଲାଗି ଏସ୍‌ଏମ୍‌ଇ ଡିଜିଟାଲ ଋଣ କ୍ଷେତ୍ରକୁ ଉନ୍ନତ ପ୍ରଯୁକ୍ତି ଓ ଏକ ଦୃଢ଼ ବ୍ୟବସ୍ଥା ବ୍ୟବହାର କରାଯାଇଛି। ଏପରିକି ଆଇଟିଆର୍, ଜିଏସ୍‌ଟି ରିଟର୍ନ ଏବଂ ବ୍ୟାଙ୍କ ଷ୍ଟେଟମେଣ୍ଟ ଭଳି ଅସଲି ଡାଟାକୁ ବ୍ୟବହାରକରି ବ୍ୟାଙ୍କ ଏକ ଡାଟା ଦ୍ୱାରା ପରିଚାଳିତ ଅନୁଶୀଳନ ଇଞ୍ଜିନ ବିକାଶ କରିଛି, ଯାହା ମାତ୍ର ୧୦ ସେକେଣ୍ଡ ଭିତରେ ଋଣ ମଞ୍ଜୁର ନିଷ୍ପତ୍ତି ପ୍ରଦାନ କରିବ। ଏଥିରେ କୌଣସି ମାନବିକ ହସ୍ତକ୍ଷେପ ଦରକାର ପଡ଼ିବନି।

ଏ ସମ୍ପର୍କରେ ଏସ୍‌ବିଆଇର ଅଧ୍ୟକ୍ଷ ଦୀନେଶ ଖାରା କହିଛନ୍ତି, ଏମ୍‌ଏସ୍‌ଏମ୍‌ଇ ଋଣ କ୍ଷେତ୍ରରେ ନବସୃଜନକୁ ତ୍ୱରାନ୍ୱିତ କରିବା ପାଇଁ ଆମର ନିରନ୍ତର ପ୍ରୟାସ ଜାରି ରହିଛି। ଏପରିକି ଏହା ଉପରେ ଗୁରୁତ୍ୱ ଦେଇ ଏସ୍‌ଏମ୍‌ଇ ଡିଜିଟାଲ ବିଜ୍‌ନେସ୍ ଋଣ ସହିତ ଏକ ନୂତନ ଶିଳ୍ପ ମାନଦଣ୍ଡ ସ୍ଥାପନ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ରହିଛୁ।

# ଅରୁନ୍ଧତୀ ଜୁଏଲର୍ସର ନୂତନ କଲେକ୍ସନ

ଭୁବନେଶ୍ୱର,୧୨।୬ (ଅଭୟ ଦାଶ)




ଅରୁନ୍ଧତୀ ଜୁଏଲର୍ସର ବହୁ ପ୍ରତୀକ୍ଷିତ ତଥା ନୂତନ କଲେକ୍ସନ 'ମଙ୍ଗଳସୂତ୍ର ଏବଂ ପେଣ୍ଡେଣ୍ଟ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆକର୍ଷଣୀୟ ଅଫର ସହ ରିହାତି ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଆମେ ସର୍ବଦା ଓଡ଼ିଆ ପର୍ବପର୍ବାଣି ସମୟରେ ନୂତନ କଲେକ୍ସନର ଶୁଭାରମ୍ଭ ସହ ଆକର୍ଷଣୀୟ ରିହାତି ଅଫର ଆମର ପ୍ରିୟ ଗ୍ରାହକମାନଙ୍କୁ ଯୋଗାଇ ଦେଇଥାଉ। ଏପରିକି ଚଳିତ ବର୍ଷର ରଜ, ସାବିତ୍ରୀ ଉପଲକ୍ଷେ ଆମେ ଆକର୍ଷଣୀୟ ଡିଜାଇନ ଓ ସୂକ୍ଷ୍ମ କାରୁକାର୍ଯ୍ୟରେ ପ୍ରସ୍ତୁତ ହୋଇଥିବା ମଙ୍ଗଳସୂତ୍ର ଏବଂ ପେଣ୍ଡେଣ୍ଟକୁ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ସେହିଭଳି ଦୀର୍ଘ ୨୪ବର୍ଷ ଧରି ଗ୍ରାହକଙ୍କର ସେହ୍ନ, ଶ୍ରଦ୍ଧା, ଆଶୀର୍ବାଦ ଅରୁନ୍ଧତୀ ଜୁଏଲର୍ସ ଉପରେ ରହି ଆସିଥିବାବେଳେ ଆମେ ଗ୍ରାହକଙ୍କୁ ଆକର୍ଷଣୀୟ ଗହଣା ସମ୍ଭାର ସାଙ୍ଗକୁ ଅଫର ଓ ରିହାତି ପ୍ରଦାନ କରିଆସୁଛୁ। ଅପରପକ୍ଷରେ ଗ୍ରାହକମାନେ ଏଚ୍‌ୟୁଆଇଡି ହଲ୍‌ମାର୍କ ଶୁଦ୍ଧତାଯୁକ୍ତ ସୁନାଗହଣାର ଗଢ଼ା ମଜୁରି ଉପରେ ୫୦% ପର୍ଯ୍ୟନ୍ତ ରହିତା ପାଉଥିବାବେଳେ ହୀରା ଗହଣାର କ୍ରୟ ଉପରେ ୨୦% ଏବଂ ରୁପା ଗହଣାର ଗଢା ମଜୁରି ଉପରେ ୩୫% ଆକର୍ଷଣୀୟ ରିହାତି ସୁବିଧା ପାଉଛନ୍ତି। ଏହି ଅଫର ଅରୁନ୍ଧତୀର ସମସ୍ତ ଷ୍ଟୋରରେ ଉପଲବ୍ଧ ରହିଛି ବୋଲି ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ପ୍ଲାଟିନମ୍ ଇଭାରାର ନୋଭା କଲେକ୍ସନ

ଭୁବନେଶ୍ୱର,୧୨।୬

ପ୍ଲାଟିନମ୍ ଗିଲ୍‌ଡ ଇଣ୍ଟରନ୍ୟାଶନାଲ ବା ପିଜିଆଇ ଇଣ୍ଡିଆର ନୂତନ କଲେକ୍ସନ 'ପ୍ଲାଟିନମ୍ ଇଭାରା ନୋଭା କଲେକ୍ସନ'କୁ ସର୍ବଭାରତୀୟସ୍ତରରେ ଅନାବରଣ (ଉନ୍ମୋଚନ) କରାଯାଇଛି। ଏପରିକି ସୃଜନଶୀଳତା ଏବଂ କାରିଗରି ଉପରେ ପ୍ରାଧାନ୍ୟ ଦେଉଥିବା ନୂତନ ପ୍ଲାଟିନମ ଗହଣାର କଲେକ୍ସନ ବହୁବିଧ ରେଞ୍ଜର ଅଭିବ୍ୟକ୍ତି ପ୍ରଦାନକାରୀ ପିସ ଉପଲବ୍ଧ କରାଉଛି, ଯାହାକୁ ବିଭିନ୍ନ ଅବସରରେ ପରିଧାନ ସହ ବିବିଧ ପୋଷାକ ସହିତ ପିନ୍ଧାଯାଇପାରିବ। ସେହିଭଳି ଏକ ଧାତୁ ଭାବେ ପ୍ଲାଟିନମର ଅନ୍ତର୍ନିହିତ ଗୁଣବତ୍ତାକୁ ଏହା ପ୍ରତିଫଳିତ କରୁଥିବାବେଳେ ୯୫% ଶୁଦ୍ଧ ପ୍ଲାଟିନମରୁ ଅତି ନିଖୁଣ ଭାବେ ପ୍ରସ୍ତୁତ ଏହି କଲେକ୍ସନର ପ୍ରତ୍ୟେକଟି ପିସ ପ୍ଲାଟିନମର ବିବିଧତା ଏବଂ ସୌନ୍ଦର୍ଯ୍ୟ ପ୍ରଦର୍ଶନ କରୁଛି, ଯାହା ଅତ୍ୟନ୍ତ ଆକର୍ଷଣୀୟ ହୀରା ଏବଂ ଅନ୍ୟ ମୂଲ୍ୟବାନ ଷ୍ଟୋନ ଓ ତାହା ସହିତ ପିଙ୍କ ଗୋଲ୍ଡ ସ୍ପର୍ଶରେ ପରିପୂରକ ହୋଇଛି। ଏ ସମ୍ପର୍କରେ ପିଜିଆଇ ଇଣ୍ଡିଆର ଏମ୍‌ଡି ବୈଶାଳୀ ବାନାର୍ଜୀ କହିଛନ୍ତି,ଆମର ଏହି ନୂତନ କଲେକ୍ସନ ମଜଭୁତ, ସଶକ୍ତ ଏବଂ ନିଜକୁ ମହତ୍ତ୍ୱ ଦେଉଥିବା ଆଧୁନିକ ମହିଳାମାନଙ୍କର ପରିବର୍ତ୍ତୀ ପସନ୍ଦ ଓ ଆବଶ୍ୟକତା ପୂରଣ ଦିଗରେ ବ୍ରାଣ୍ଡର ପ୍ରତିବଦ୍ଧତାର ଏକ ନିଦର୍ଶନ ପାଲଟିଛି। ଏପରିକି ଆମେ ନବୋନ୍ମେଷୀ ଡିଜାଇନର ସୁଯୋଗକୁ ଅନୁଧ୍ୟାନ କରି ପ୍ଲାଟିନମ ଗହଣା ନିମନ୍ତେ ନୂତନ ସୁଯୋଗ ନିରନ୍ତର ଭାବେ ସନ୍ଧାନ କରି ଆସୁଛୁ। ଏହି କଲେକ୍ସନ ଆମ ଗ୍ରାହକମାନଙ୍କର ଆକାଂକ୍ଷା ଏବଂ ସେମାନଙ୍କର ବ୍ୟକ୍ତିତ୍ୱ ସହିତ ମେଳ ଖାଉଥିବା ତାଜା ଓ ସମକାଳୀନ ପ୍ଲାଟିନମ ଗହଣା ପିସଗୁଡିକ ଯୋଗାଇ ଦେବା ନିମନ୍ତେ ଆମର ଉତ୍ସର୍ଗୀକୃତ ଭାବକୁ ପ୍ରତିନିଧିତ୍ୱ କରୁଛି। ଅପରପକ୍ଷରେ ଆମେ ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ସହିତ ସହଭାଗିତା କରି ବେଶ୍ ଉତ୍ସାହିତ ଅଛୁ।

# ଭୁବନେଶ୍ୱରରେ 'ହ୍ୟାକ୍ ଟୁ ଦି ଫ୍ୟୁଚର'ହ୍ୟାକାଥନ୍

ଭୁବନେଶ୍ୱର,୧୨।୬

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଭୁବନେଶ୍ୱରରେ 'ହ୍ୟାକ୍ ଟୁ ଦି ଫ୍ୟୁଚର' ହ୍ୟାକାଥନ୍ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆମାଜନ ଇଣ୍ଡିଆର ଅଣ-ଲାଭକାରୀ ସହଯୋଗୀ କ୍ୱେଷ୍ଟ ଆଲାଏନ୍ସର ସହଯୋଗରେ 'ହ୍ୟାକ୍ ଟୁ ଦି ଫ୍ୟୁଚର' ହ୍ୟାକାଥନ୍‌ର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ କଟକ, ଭଦ୍ରକ, ଗଞ୍ଜାମ, ମୟୂରଭଞ୍ଜ ଏବଂ ରାୟଗଡ଼ା ଜିଲାର ସରକାରୀ ମାଧ୍ୟମିକ ବିଦ୍ୟାଳୟର ୨୭ଜଣ ଏହି ରାଜ୍ୟସ୍ତରୀୟ ହ୍ୟାକାଥନରେ ଅଂଶଗ୍ରହଣ କରିଥିଲେ। ଏପରିକି ଲିଙ୍ଗ, ଅକ୍ଷମତା ଏବଂ ଜଳବାୟୁ ପରିବର୍ତ୍ତନକୁ ନେଇ ପ୍ରତିଯୋଗୀମାନେ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ଅଭିନବ ସମାଧାନର ବିକାଶ ଉପରେ ପ୍ରକଳ୍ପ ଉପସ୍ଥାପନ କରିଥିଲେ। ଏହି ପ୍ଲାଟ୍‌ଫର୍ମ ଯୁବକମାନଙ୍କ ଧାରଣା ଆଦାନ ପ୍ରଦାନ ସହିତ ବିଭିନ୍ନ ଟେକ୍ନୋଲୋଜି ସହ ହ୍ୟାଣ୍ଡ-ଅନ୍ ଅଭିଜ୍ଞତା ହାସଲ କରିବା ଏବଂ ଏକାଧିକ ଷ୍ଟେମ୍ ସମ୍ବନ୍ଧୀୟ କ୍ୟାରିୟର ସୁଯୋଗ ବୁଝିବାରେ ସକ୍ଷମ କରିଥିଲା। ପରିଶେଷରେ ପ୍ରତିଯୋଗୀଙ୍କୁ ଅଂଶ ଗ୍ରହଣ ସାର୍ଟିଫିକେଟ୍ ସହ ସମ୍ମାନିତ କରାଯାଇଥିଲା ଏବଂ ସେମାନେ ନିର୍ମାଣ କରିଥିବା ପ୍ରୋଟୋଟାଇପ୍ ଅନୁଯାୟୀ ଅନ୍ତର୍ଭୁକ୍ତ ଚାମ୍ପିୟନ, ଇନୋଭେଶନ୍ ଚାମ୍ପିୟନ୍, ଗ୍ରୀନ୍ ଚାମ୍ପିୟନ୍, ଟେକ୍ ଚାମ୍ପିୟନ୍ ଭଳି ଟାଇଟଲ୍ ପ୍ରଦାନ କରାଯାଇଥିଲା। ଗତ ୨ ବର୍ଷ ମଧ୍ୟରେ ୧୭୦୦ରୁ ଅଧିକ ବିଦ୍ୟାଳୟରୁ ପ୍ରାୟ ୩.୭ ଲକ୍ଷ ଛାତ୍ରୀଛାତ୍ରଙ୍କୁ ପ୍ରଭାବିତ କରି ଓଡ଼ିଶାରେ ଚାଲିଥିବା ଆମାଜନ ଫ୍ୟୁଚର ଇଞ୍ଜିନିୟର ପ୍ରୋଗ୍ରାମର ଏକ ଅଂଶ ଭାବେ ଏହି ହ୍ୟାକାଥନ୍ ଆୟୋଜିତ ହୋଇଥିଲା।


**୫ମ ଜନ୍ମବାର୍ଷିକ ଉପଲକ୍ଷେ**



**ତାନ୍‌ଭି**

ମା': ସିଲା ପରିଡ଼ା, ପିତା: ପ୍ରତାପ ପରିଡ଼ା

ପ୍ରଭୁ ଶ୍ରୀଜଗନ୍ନାଥ ସଦାସର୍ବଦା ତୋ ଚଲାପଥରେ ପୁଷ୍ପ ବୃଷ୍ଟି କରୁଥାନ୍ତୁ।

ଶୁଭେଚ୍ଛା ସହ: ପ୍ରତୀକ, ବୁଟୁ, ବଣ୍ଟି, ବିକି, ମିଲସନ, ଗୁଡ୍ଡୁ, ଲୁଡୁ, ସାଲୁ, ପୁଚୁ, ବନ୍ଧୁ ଓ ପରିବାରବର୍ଗ, ଅଜା, ଆଈ, ମାମୁ, ମାଈଁ।

ଧ-୪୯୩


# ସନ୍ ଫିଷ୍ଟ ୟିପିର ନୂତନ ଅଭିଯାନ

ଭୁବନେଶ୍ୱର,୧୨।୬

ଆଇଟିସି ଲିମିଟେଡ୍‌ର ଅଗ୍ରଣୀ ବ୍ରାଣ୍ଡ ତଥା ଇନ୍‌ଷ୍ଟାଣ୍ଟ ନୁଡଲ ଓ ପାସ୍ତା ବ୍ରାଣ୍ଡ ସନ୍‌ଫିଷ୍ଟ ୟିପିର ନୂତନ ଟିଭିସି ଏବଂ ନୂଆ ଅଭିଯାନ ନିକଟରେ ଉନ୍ମୋଚିତ ହୋଇଯାଇଛି। ଏପରିକି ଦେଶର ସବୁଠାରୁ ପ୍ରିୟ କ୍ରିକେଟର ରାହୁଲ ଦ୍ରାବିଡ, ଯଶପ୍ରୀତ ବୁମ୍‌ରା ଓ ସୂର୍ଯ୍ୟକୁମାର ଯାଦବଙ୍କୁ ନେଇ ବ୍ରାଣ୍ଡର ନୂଆ ଅଭିଯାନ ସହିତ ପ୍ରତ୍ୟାବର୍ତ୍ତନ କରିଛି। ଏହି ଅଭିଯାନରେ କ୍ରିକେଟ ତାରକାମାନଙ୍କର ଏକ ମଜାଦାର ଶୈଳୀରେ ସମାହାର ଘଟିଛି, ଯାହା ୟିପି! ନୁଡଲ୍ସର 'ଲଙ୍ଗ୍ ଓ ନନ୍ ଷ୍ଟିକି' ଭଳି ଅନନ୍ୟ ଗୁଣବତ୍ତା ସମ୍ପର୍କରେ ଆଲୋକପାତ କରୁଛି। ଟିଭିସିଗୁଡିକରେ ଦ୍ରାବିଡ, ବୁମ୍‌ରା ଏବଂ ସୂର୍ଯ୍ୟକୁମାରକୁ ଏକ ହାଲୁକା ଦୃଶ୍ୟପଟରେ ଦେଖିବାକୁ ମିଳୁଛି, ଯେତେବେଳେ ସେମାନେ ୟିପି! ନୁଡଲ୍ସକୁ ବ୍ୟବହାରକରି ଦୈନନ୍ଦିନ ଦ୍ୱନ୍ଦ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ 'ୟିପି ଟ୍ୱ'ଉପଯୋଗରେ ଏକ ମଜାଦାର ଭାବେ ସମାଧାନ କରୁଛନ୍ତି।

# ସେନ୍‌କୋର ବ୍ରାଇଡାଲ ଜୁଏଲେରି କଲେକ୍ସନ

ଭୁବନେଶ୍ୱର,୧୨।୬



ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ବହୁ ପ୍ରତୀକ୍ଷିତ ତଥା ନୂତନ ବ୍ରାଇଡାଲ ଜୁଏଲେରି କଲେକ୍ସନ 'ପ୍ୟାର୍ କା ଗଠ୍‌ବନ୍ଧନ-୨୦୨୪'ର ସର୍ବଭାରତୀୟସ୍ତରରେ ଉନ୍ମୋଚନ ହୋଇଯାଇଛି। ଏପରିକି ଗ୍ରାହକମାନେ https://senco-goldanddiamonds.com/ରେ ଏହି ସ୍ୱତନ୍ତ୍ର ଗଠ୍‌ବନ୍ଧନ କଲେକ୍ସନକୁ ଦେଖିପାରିବେ। ଯେଉଁଠାରେ ପ୍ରତ୍ୟେକ ଅଳଙ୍କାରର ଡିଜାଇନ କେବେ ଶେଷ ହେଉ ନ ଥିବା ଓ ଚିରକାଳ ଏକାଠି ରହୁଥିବା ଚିରନ୍ତର ପ୍ରେମ କାହାଣୀର ସେଲିବ୍ରେଶନର ମନ୍ତ୍ର ନିସୃତ କରୁଛି।

ଏ ସମ୍ପର୍କରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନିର୍ଦ୍ଦେଶକ ତଥା ମୁଖ୍ୟ (ମାର୍କେଟିଂ ଓ ଡିଜାଇନ ବିଭାଗ) ଜୋଇତା ସେନ୍ କହିଛନ୍ତି, ଏହି ନୂତନ ଡିଜାଇନ ଓ କଲେକ୍ସନକୁ ସର୍ବଭାରତୀୟସ୍ତରରେ ଉନ୍ମୋଚନକରି ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ଏହାକୁ ଭାରତର ପ୍ରତ୍ୟେକ ଭାଗର ବଧୂମାନଙ୍କ ପସନ୍ଦ ଓ ସ୍ୱତନ୍ତ୍ର ପରମ୍ପରାଗୁଡ଼ିକୁ ଦୃଷ୍ଟିରେ ରଖି ଡିଜାଇନ କରାଯାଇଛି। ଏପରିକି ଗଠବନ୍ଧନ ବ୍ରାଇଡାଲ ଜୁଏଲେରି କଲେକ୍ସନ ହେଉଛି, ଆଜୀବନ ପ୍ରେମର ପ୍ରତିଜ୍ଞା ପ୍ରତି ସେନ୍‌କୋର ଏକ କବିତା ସଦୃଶ ଭାବନା ହୋଇଥିଲାବେଳେ ଗ୍ରାହକମାନେ ବର୍ତ୍ତମାନ ଗଠବନ୍ଧନର ବିସ୍ତୃତ ଶୃଙ୍ଖଳାକୁ ଉଭୟ ଅଫ୍‌ଲାଇନ ଓ ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ଅନ୍ୱେଷଣ କରିପାରିବେ। ସେହିଭଳି ଗ୍ରାହକମାନେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଷ୍ଟୋର ଓ ୱେବ୍‌ସାଇଟଗୁଡିକରେ ବ୍ରାଣ୍ଡର ପୋଲ୍‌କି, କୁନ୍ଦନ, ଆଣ୍ଟିକ୍, ହୀରା ଓ ସୁନାର ବ୍ରାଇଡାଲ ଜୁଏଲେରିର ସ୍ୱତନ୍ତ୍ର କଲେକ୍ସନ ଓ ସୂକ୍ଷ୍ମ କାରିଗରିରେ ନିମଜ୍ଜିତ ହୋଇପାରିବେ।


# Classified Everyday

0674-2580101, 2549949



**REAL ESTATE**

**SALE**

New independent duplex for sale Raghunathpur near Chilika Fresh, Patia Infront of 'Z' one, 5 bed room, Puja room, Servant room, Large Portico, Lift & Lawn facilities. Mob- 9861041133. D-491

**Plot for sale near Trisulia, CISF Campus CDA, RERA Approved. (RP/07/2023/01069), (www.rera.odisha.gov.in). Contact- 7008513309.** D-472

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar NH-16 ଏବଂ Sum-2 ହସ୍‌ପିଟାଲ୍‌ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 7008175202. D-75963

Duplex project at Retang Medical, Station, C.V. Raman, Tamando, Bhubaneswar. 7008459987. D-75957

**Plot for sale at Puri-Konark Marine Drive (550/- per sqft.). Contact: 6371703010.** D-483




**Relax, Refresh your body, mind at Saikrupa Spa with best therapies. 8984068077.** D-416

Monalisa massage Club: All types body massage with hiprofile smart lady rooms service available. 9708545108. D-481

Fully relaxed body massage trained therapist. Central SPA. 9556483961. D-75752

Newly open health benefits SPA special offer @ 999 Bapujinagar. 8018429809. D-76126

**AFFIDAVIT**

By virtue of an affidavit No.- 2001, I, Sakuntala Nayak, W/o- Late Dushashan Nayak, Vill- Kanatia, P.O.- Mangalpur, P.S.- Pirahat, Dist.- Bhadrak. My name is wrongly mentioned as Nirupama Nayak Nominee of my husband's LIC Policy bearing No.- 585922652. I declare that Sakuntala Nayak and Nirupama Nayak same and one person. D-494

I, Smt. Babita Agarwal, D/o- Mahesh Agarwal, W/o- Raj Kumar Agarwalla, At- Shankar Cinema Road, Bazarpada, P.O./Dist.- Angul declared by this affidavit vide No.-10855, dtd. 11.06.2024 that now onwards, I shall be known as Preeti Agarwalla for all future purposes. D-492

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପେଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.comରେ ଇମେଲ୍ କରନ୍ତୁ।


# ଡିପିଆଇଆଇଟି ସହ ଫ୍ଲିପ୍‌କାର୍ଟର ବୁଝାମଣା

ଭୁବନେଶ୍ୱର,୧୨।୬

ଦେଶର ଅଗ୍ରଣୀ ଇ-କମର୍ସ ପ୍ଲାଟ୍‌ଫର୍ମ ବା ମାର୍କେଟପ୍ଲେସ୍ 'ଫ୍ଲିପ୍‌କାର୍ଟ' ସହ ଡିପାର୍ଟମେଣ୍ଟ ଫର୍ ପ୍ରୋମୋଶନ ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ ଇଣ୍ଟରନାଲ ଟ୍ରେଡ୍ (ଡିପିଆଇଆଇଟି)ର ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ଖେଳନା ଉତ୍ପାଦନ ପାଇଁ ଭାରତକୁ ଏକ ବିଶ୍ୱସ୍ତରୀୟ ଉତ୍ପାଦନ କେନ୍ଦ୍ରରେ ପରିଣତ କରିବା ଉଦ୍ଦେଶ୍ୟରେ ଏହି ବୁଝାମଣା ହୋଇଥିବାବେଳେ ସରକାରୀ ଯୋଜନା ଅନୁଯାୟୀ ଏକ ବିସ୍ତୃତ ଜାତୀୟ କାର୍ଯ୍ୟ ଯୋଜନା (ଏନ୍‌ଏପିଟି) ପ୍ରଣୟନ ସମେତ ଅନେକ ରଣନୈତିକ ପଦକ୍ଷେପ ମଧ୍ୟ ସରକାର କାର୍ଯ୍ୟକାରୀ କରିଛନ୍ତି। ଏପରିକି ଗୁଣବତ୍ତା ବୃଦ୍ଧି ଉଦ୍ଭାବନ ଏବଂ ବଜାର ସମ୍ପ୍ରସାରଣ ମାଧ୍ୟମରେ ଭାରତୀୟ ଖେଳନା ଶିଳ୍ପକୁ ଉନ୍ନତ କରିବା ଆଦି ଏହି କାର୍ଯ୍ୟ ଯୋଜନା ଅଧୀନରେ ସାମିଲ ରହିଛି।

ଅପରପକ୍ଷରେ ଭାରତକୁ ଖେଳନା ରପ୍ତାନି କେନ୍ଦ୍ର ଭାବେ ଅବସ୍ଥାପିତ କରିବାର ଏଜେଣ୍ଡାକୁ ଆଗକୁ ବଢାଇବା ପାଇଁ ଫ୍ଲିପ୍‌କାର୍ଟ ଏବଂ ଡିପିଆଇଆଇଟିର ମିଳିତ ସହଯୋଗରେ ଏକ ଦିନିକିଆ କର୍ମଶାଳାର ଆୟୋଜନ କରାଯାଇଥିଲା। ଏପରିକି ବିଶ୍ୱ ଖେଳନା ଯୋଗାଣ ଶୃଙ୍ଖଳାରେ ଭାରତର ସାମର୍ଥ୍ୟ ବୃଦ୍ଧି କରିବା ଏହି କର୍ମଶାଳାର ମୂଳ ଉଦ୍ଦେଶ୍ୟ ଥିଲାବେଳେ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିନିଧିତ୍ୱ କରୁଥିବା ଅଭିନବ ଏବଂ ଉଚ୍ଚମାନର ଖେଳନା ଉତ୍ପାଦନ କରିବା ପାଇଁ ଘରୋଇ ନିର୍ମାତାମାନଙ୍କୁ ଦକ୍ଷ ଏବଂ ପୁନରୁଦ୍ଧାର କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି।

ଏହି କର୍ମଶାଳାରେ ଡିପିଆଇଆଇଟିର ସଚିବ ରାଜେଶ କୁମାର ସିଂହ, ଯୁଗ୍ମ ସଚିବ ସଞ୍ଜୀବ, ନିର୍ଦ୍ଦେଶକ ମହମ୍ମଦ ଇସାରାର ଅଲ୍ଲୀଙ୍କ ସମେତ ଫ୍ଲିପ୍‌କାର୍ଟର ମୁଖ୍ୟ କର୍ପୋରେଟ ବ୍ୟାପାର ଅଧିକାରୀ ରାଜନୀଶ କୁମାର, ଫ୍ଲିପ୍‌କାର୍ଟର ଏଫ୍‌ଏମ୍‌ସିଜି ଏବଂ ଜେନେରାଲ ମର୍ଚ୍ଚାଣ୍ଡାଇଜର ମୁଖ୍ୟ ମଞ୍ଜରୀ ସିଂଘଲ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଡିପିଆଇଆଇଟିର ସଚିବ ରାଜେଶ କୁମାର ସିଂହ କହିଛନ୍ତି, ଫ୍ଲିପ୍‌କାର୍ଟ ସହ ବୁଝାମଣାକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଭାରତକୁ ଉଚ୍ଚମାନର ଖେଳନା ରପ୍ତାନିକାରୀ ଦେଶ ଭାବେ ପରିଣତ କରିବା ଦିଗରେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛୁ। ଭାରତୀୟ ଖେଳନା କ୍ଷେତ୍ରରେ ଉନ୍ନତି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବାକୁ ଆମେ ସମର୍ପିତ ରହିଛୁ। ସେହିଭଳି ଫ୍ଲିପ୍‌କାର୍ଟର ମୁଖ୍ୟ କର୍ପୋରେଟ ବ୍ୟାପାର ଅଧିକାରୀ ରାଜନୀଶ କୁମାର କହିଛନ୍ତି, ଫ୍ଲିପ୍‌କାର୍ଟ ମାର୍କେଟ ପ୍ଲେସ୍ ଜରିଆରେ ଆମେ ସ୍ଥାନୀୟ ଖେଳନା ନିର୍ମାତାଙ୍କୁ ସମଗ୍ର ଭାରତର ଗ୍ରାହକଙ୍କ ନିକଟରେ ପହଞ୍ଚିବା ପାଇଁ ଏକ ପ୍ଲାଟ୍‌ଫର୍ମ ପ୍ରଦାନ କରିବାରେ ସକ୍ଷମ ହୋଇଛୁ। ଭାରତରେ ଖେଳନା ଶିଳ୍ପକୁ ସୁଦୃଢ କରିବା ଏବଂ ରପ୍ତାନି କେନ୍ଦ୍ର ଭାବେ ଦେଶରେ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବାଣିଜ୍ୟ ମନ୍ତ୍ରଣାଳୟର ଜରିଆରେ ଡିପିଆଇଆଇଟିର ପ୍ରୟାସକୁ ସମର୍ଥନ କରି ଆମେ ଆନନ୍ଦିତ ଅଛୁ। ବିଶେଷକରି ଏହି କର୍ମଶାଳା ଏବଂ ହାକାଥନ ସମସ୍ତ ଅଂଶଗ୍ରହଣକାରୀ ଅଂଶୀଦାରଙ୍କୁ ସରକାରଙ୍କ ଏହି ଲକ୍ଷ୍ୟ ହାସଲ ପାଇଁ ସୁଯୋଗ ଚିହ୍ନଟ କରିବାରେ ସାହାଯ୍ୟ କରିବ। ଡିପିଆଇଆଇଟି ଏବଂ ଫ୍ଲିପ୍‌କାର୍ଟର ମିଳିତ କର୍ମଶାଳାର ଉଦ୍ଦେଶ୍ୟ ହେଉଛି ଇ-କମର୍ସର ଶକ୍ତିକୁ ଉପଯୋଗକରି ଗୁଣାତ୍ମକ ଉନ୍ନତି, ଉଦ୍ଭାବନ ଏବଂ ଶିଳ୍ପ ମାନଦଣ୍ଡ ଅନୁସରଣ ମାଧ୍ୟମରେ ଭାରତୀୟ ଖେଳନା ଶିଳ୍ପର ଉନ୍ନତି କରିବା ।

# କଥା ପାଇକ ସଂଗ୍ରାମର

ଇଂରେଜମାନଙ୍କ କବଳରୁ ମାତୃଭୂମିକୁ ସ୍ୱାଧୀନ କରିବା ପାଇଁ ଦେଶପ୍ରେମୀମାନଙ୍କୁ ବର୍ଷ ବର୍ଷ ଧରି ସଂଗ୍ରାମ କରିବାକୁ ପଡ଼ିଥିଲା। ଏହି ସମୟରେ ଇଂରେଜମାନଙ୍କ ବିରୋଧରେ ଓଡ଼ିଆ ବୀର ପାଇକମାନଙ୍କ ସଂଗ୍ରାମ ଥିଲା ସ୍ୱତନ୍ତ୍ର। ତେବେ ଉକ୍ତ ସଂଗ୍ରାମରେ ମହାନ୍ ପାଇକ ଯୋଦ୍ଧା ଜୟୀ ରାଜଗୁରୁ ଜାଳିଥିଲେ ପାଇକ ସଂଗ୍ରାମର ଆଦ୍ୟ ଅଗ୍ନିସ୍ଫୁଲିଙ୍ଗ। ଏହି ବୀର ସନ୍ତାନଙ୍କ ସଂଘର୍ଷମୟ ପାଇକ ସଂଗ୍ରାମକୁ ଆଧାର କରି ଜୟଭାରତ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ହୋଇଛି ଐତିହାସିକ ଓଡ଼ିଆ ଚଳଚ୍ଚିତ୍ର 'ଜୟୀ ରାଜଗୁରୁ'। ଖାସ୍ କଥା ହେଲା ଏହି ଫିଲ୍ମକୁ ପୂର୍ଣ୍ଣାଙ୍ଗ ରୂପରେଖ ଦେବାକୁ ଏହାର ପ୍ରଯୋଜକ ତଥା ନିର୍ଦ୍ଦେଶକ ଜୟ ସେନ୍‌ଙ୍କୁ ଲାଗିଥିଲା ଦୀର୍ଘ ୫ବର୍ଷ। ଫିଲ୍ମର ଅଧିକାଂଶ ଭାଗ ଓଡ଼ିଶାର କୋରାପୁଟ, ସୁନାବେଡ଼ା ଜଙ୍ଗଲ, ଗଞ୍ଜାମ, ଖୋର୍ଦ୍ଧା, ବାଣପୁର, ପୁରୀ,କୃଷ୍ଣପ୍ରସାଦ,ବ୍ରହ୍ମଗିରି, ଚିଲିକା ଉପକୂଳ ଅଞ୍ଚଳର କେତେକ ସ୍ଥାନରେ ଏହାର ଶୁଟିଂ କରାଯାଇଛି। ସହଯୋଗୀ ନିର୍ଦ୍ଦେଶକ ଭାବେ ଲିଟନ ପଟ୍ଟନାୟକ ଦାୟିତ୍ୱ ତୁଲାଇଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି କ୍ରିଷ୍ଣା ସରୋଜ। କାହାଣୀ ସହ ଚିତ୍ରନାଟ୍ୟ ରଚନା କରିଛନ୍ତି ନିର୍ଦ୍ଦେଶକ ଜୟ । ଫିଲ୍ମଟିର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ବିଶ୍ୱରୂପ।

# ବିଶାଳରୁ ଅଜୟ



ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ହେଉଛନ୍ତି ଅଜୟ ଦେବଗନ। 'ଫୁଲ୍ ଔର କାଣ୍ଟେ' ସିନେମାରୁ ସେ ବଡ଼ ପରଦାରେ ନାୟକ ସାଜିଥିଲେ। କିନ୍ତୁ ତା'ପୂର୍ବରୁ ତାଙ୍କର ପ୍ରକୃତ ନାମ କ'ଣ ଥିଲା ଜାଣନ୍ତି ? ବିଶିଷ୍ଟ ଆକ୍ସନ ମାଷ୍ଟର ବୀରୁ ଦେବଗନଙ୍କ ଏହି ପୁତ୍ରଙ୍କ ଅସଲ ନାମ ଥିଲା ବିଶାଳ। କିନ୍ତୁ ଯେତେବେଳେ ସେ ହିନ୍ଦୀ ସିନେମାରେ ନାୟକ ଭୂମିକାରେ ଅବତୀର୍ଣ୍ଣ ହେବାକୁ ବାହାରିଲେ ସେତେବେଳେ ସେ ନିଜ ନାମ ପରିବର୍ତ୍ତନ କରିବାକୁ ଚାହିଁଥିଲେ। ବାସ୍, ପରିବାର ସଦସ୍ୟମାନଙ୍କ ଭିତରେ ବେଶ୍ କିଛି ଆଲୋଚନା ପରେ ସ୍ଥିର କରାଯାଇଥିଲା ଯେ ତାଙ୍କର ନାମକୁ ବିଶାଳ ପରିବର୍ତ୍ତେ ଅଜୟ ରଖାଯିବ। ଆଉ ପ୍ରଥମ ସିନେମାରୁ ହିଁ ସେ ନିଜ ଅଭିନୟ ଦକ୍ଷତା ଦେଖାଇବାରେ ସକ୍ଷମ ହୋଇଥିଲେ। ହେଲେ ଏହାପୂର୍ବରୁ ସେ ଶିଶୁ କଳାକାର ଭାବରେ ଅଭିନୟ କରିସାରିଥିଲେ। ୧୯୮୫ରେ ନିର୍ମିତ 'ପ୍ୟାରି ବହେନା'ରେ ମିଥୁନ ଚକ୍ରବର୍ତ୍ତୀଙ୍କ ପିଲାଦିନ ଭୂମିକାରେ ତାଙ୍କୁ ଦେଖିବାକୁ ମିଳିଥିଲା।



ଶ୍ରଦ୍ଧା

# ଏବେ ବି ମନେପଡ଼େ

ଶକ୍ତି ତନୟା ଶ୍ରଦ୍ଧା କପୁର ଏବେ ବି ନିଜର ଛାତ୍ରୀ ଜୀବନର ଏକ କଥାକୁ ଭୁଲି ପାରୁନାହାନ୍ତି। ସେତେବେଳେ ସେ ବୋଷ୍ଟନରେ ପାଠ ପଢୁଥିଲେ। ପାଠ ପଢ଼ିବା ସହ ସେ ପାର୍ଟ ଟାଇମ ଜବ୍ ସନ୍ଧାନରେ ମଧ୍ୟ ଥିଲେ। ସଂଯୋଗ ବଶତଃ ତାଙ୍କୁ ଏକ କଫି ଶପ୍‌ରେ କାମ କରିବାକୁ ଅଫର ମିଳିଥିଲା। ଆଉ ସେହି ସୁଯୋଗକୁ ଆଦୌ ହାତଛଡ଼ା କରି ନ ଥିଲେ ଏହି ଅଭିନେତ୍ରୀ। ଏ ନେଇ ଶ୍ରଦ୍ଧା କହନ୍ତି, 'ସେତେବେଳେ ମୁଁ ବୋଷ୍ଟନର ଏକ କଲେଜରେ ପାଠ ପଢୁଥାଏ। ପାଠ ପଢ଼ିବା ବ୍ୟତୀତ କିଛି ରୋଜଗାର କରିବାକୁ ମୁଁ ଚାହିଁଲି। ତେଣୁ ସେଠାରେ ଏକ ପାର୍ଟ ଟାଇମ୍ ଜବ୍ ସନ୍ଧାନରେ ଥିଲି। ଯାହାହେଉ ମୋତେ କିଛି ମାସ ଏକ କଫି ସପ୍‌ରେ କାମ କରିବାର ସୁଯୋଗ ମିଳିଥିଲା। ଯେତେବେଳେ ମୁଁ ମୋ ପ୍ରଥମ ଦରମା ପାଇଲି ସେତେବେଳେ ମୋ ଖୁସିର ସୀମା ନ ଥିଲା।' ଶ୍ରଦ୍ଧାଙ୍କୁ ସେତେବେଳେ ମାତ୍ର ୧୬ ବର୍ଷ ବୟସ ହୋଇଥାଏ। ଏହି ସମୟରେ ସଲମାନ ଖାଁଙ୍କ 'ଲକି ନୋ ଟାଇମ୍ ଫର ଲଭ୍'ରେ ଅଭିନୟ କରିବାକୁ ସୁଯୋଗ ମିଳିଥିଲା। କିନ୍ତୁ ପାଠପଢ଼ାରେ ବ୍ୟସ୍ତ ଯୋଗୁ ସେ ଏହି ଅଫରକୁ ପ୍ରତ୍ୟାଖ୍ୟାନ କରିଥିଲେ। ଶ୍ରଦ୍ଧାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ତିନ୍ ପତି'। ଏହାପରେ ସେ 'ଆସିକ-୨', 'ଗୋରୀ ତେରେ ପ୍ୟାର୍ ମେଁ', 'ଏକ ଭିଲେନ୍', 'ହାଇଦର', 'ଉଙ୍ଗଲି', 'ଏବିସିଡି-୨, 'ବାଗୀ', 'ବାଗୀ-୩' ଏବଂ 'ତୁ ଝୁଟି ମେଁ ମକ୍କାର'ରେ ଅଭିନୟ କରିସାରିଛନ୍ତି। ଏବେ ସେ ଅଭିନୟ କରୁଥିବା 'ସ୍ତ୍ରୀ-୨' ଚଳିତ ବର୍ଷ ଅଗଷ୍ଟ ୩୦ରେ ରିଲିଜ ହେବାର ଯୋଜନା ରହିଛି।

# ଡ୍ୟାନ୍ସିଂ ଷ୍ଟାର୍



'ଡ୍ୟାନ୍ସିଂ ଷ୍ଟାର୍'ରେ ଶୈଳେନ୍ଦ୍ର-ସାୟଲ

ଅନ୍ୟତମ ଆଗଧାଡ଼ିର ଓଟିଟି ପ୍ଲାଟଫର୍ମ କଞ୍ଚା ଲଙ୍କା ଓ କଞ୍ଚା ଲଙ୍କା ସିନେମା ହଲ୍‌ରେ ଚଳିତ ରଜ ଅବସରରେ ରିଲିଜ ହେବାକୁ ଯାଉଛି ଓଡ଼ିଆ ଚଳଚ୍ଚିତ୍ର 'ଡ୍ୟାନ୍ସିଂ ଷ୍ଟାର୍'। ଶୈଳେନ୍ଦ୍ର-ସାୟଲ ଯୋଡିଙ୍କର ଡ୍ୟାନ୍ସ କମାଲ ଏଥିରେ ଦେଖିବାକୁ ମିଳିବ। କାହାଣୀ ଅନୁସାରେ ଛୋଟ ବେଲୁ ନାଚ ପ୍ରତି ପୁଅର ଆଗ୍ରହ ଦେଖି ତା' ବାପା ତାଙ୍କୁ ଉତ୍ସାହିତ କରିଥିଲେ। ନିଜ ସ୍ୱପ୍ନକୁ ସେ କେମିତି ସାକାର କରିବ ସେଥିପାଇଁ ତା'ର ନାଁ ଦେଇଥିଲେ ମିଥୁନ। ହେଲେ ଏହି ନାଚ ଯେ ଦିନେ ତା' ଜୀବନର ପ୍ରତିଦ୍ୱନ୍ଦ୍ୱୀ ସାଜିବ ଏକଥା ଜାଣି ନ ଥିଲା ମିଥୁନ । ଜଣେ ଗରିବ ପିଲା କିପରି ନିଜ ସ୍ୱପ୍ନକୁ ସାକାର କରିବାକୁ ଆଗଉଛି ଆଉ ସମ୍ମୁଖୀନ ହେଉଥିବା ବାଧାବିଘ୍ନର କିପରି ସାମନା କରୁଛି ତାହା ଏହି ସିନେମାରେ ଦେଖିବାକୁ ମିଳିବ। ଏଥିରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶା ରଖିଛନ୍ତି ଶୈଳେନ୍ଦ୍ର। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ପ୍ରଦୀପ କୁମାର ସ୍ୱାଇଁ ଏବଂ ପ୍ରଦ୍ୟୁମ୍ନ ଲେଙ୍କା। ନିର୍ଦ୍ଦେଶନା ଦେଇଛନ୍ତି ବିଶିଷ୍ଟ କୋରିଓଗ୍ରାଫର ତଥା ନିର୍ଦ୍ଦେଶକ ବବି ଇସଲାମ। କାହାଣୀ ଓ ଚିତ୍ରନାଟ୍ୟ ରଚନା କରିଛନ୍ତି ସୁଧରାଗ ବାନାର୍ଜୀ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆସାଦ ନିଜାମ। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଧ୍ରୁବାନନ୍ଦ ପଣ୍ଡା। ଶୈଳେନ୍ଦ୍ର, ସାୟଲ, ନୈନା ଦାସ, ଜିନା ସାମଲ, ବାଦଲ ମହାନ୍ତି, ମନୋଜ ପଣ୍ଡା, ରତନ ମେହେର, ବବି ମିଶ୍ର ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ। ସିନେମାଟି ସବୁ ବର୍ଗର ଦର୍ଶକଙ୍କୁ ଭଲ ଲାଗିବ ବୋଲି ଆଶା ରଖିଛନ୍ତି ନିର୍ଦ୍ଦେଶକ।

ରିଲିଜ ଅପେକ୍ଷାରେ...

# ଚନ୍ଦ୍ରବଂଶୀ

ଓଲିଉଡ୍‌ର ଯୁବ ତଥା ଆଗଧାଡିର ପ୍ରଯୋଜକ ପ୍ରୀତମ ସାହୁ ଏଥର ରଜ ବଜାରରେ ମଇଦାନକୁ ଓହ୍ଲାଉଛନ୍ତି। ସେ ପ୍ରଯୋଜନା କରିଥିବା ନୂଆ ତଥା ଭିନ୍ନ ଧରଣର ସିନେମା 'ଚନ୍ଦ୍ରବଂଶୀ ଚଳିତ ମାସ ୧୪ରେ ରିଲିଜ ହେଉଛି। ଅନସମିସ୍ ପ୍ରଡକ୍ସନ ବ୍ୟାନରରେ ଏହା ହେଉଛି ଚତୁର୍ଥ ଚଳଚ୍ଚିତ୍ର। ''ଦର୍ଶକଙ୍କ ମନକୁ ଛୁଇଁଲା ଭଳି କାହାଣୀକୁ ନେଇ ମୁଁ ସବୁବେଳେ ଫିଲ୍ମ ନିର୍ମାଣ କରିଥାଏ। ପୂର୍ବରୁ ମୋ ଦ୍ୱାରା ପ୍ରଯୋଜିତ 'ଗୁଡୁ ଗ୍ୟାଙ୍ଗଷ୍ଟର' ଏବଂ 'କଟକ: ଶେଷରୁ ଆରମ୍ଭ' ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। 'ଚନ୍ଦ୍ରବଂଶୀର କାହାଣୀକୁ ବୃତାନ୍ତ ରୂପ ଦେବାକୁ ବେଶ୍ ପରିଶ୍ରମ କରିବାକୁ ପଡିଛି। ତା' ସହ ଶୁଟିଂ ସମୟରେ କିପରି ଏହାକୁ ଠିକ୍ ଭାବରେ ଉପସ୍ଥାପନ କରାଯାଇପାରିବ ସେ ନେଇ ଶତ ପ୍ରତିଶତ ଚେଷ୍ଟା କରାଯାଇଛି। କେବଳ ନିର୍ଦ୍ଦେଶକ ନୁହନ୍ତି, ଏଥିରେ ଅଭିନୟ କରିଥିବା ସମସ୍ତ କଳାକାର ନିଜର ବେଷ୍ଟ ଦେବାକୁ ଶତ ପ୍ରତିଶତ ଚେଷ୍ଟା କରିଛନ୍ତି। ଆଶା ରଖିଛି ଏହି ଫିଲ୍ମଟିକୁ ମଧ୍ୟ ଦର୍ଶକ ଗ୍ରହଣ କରିବେ ବୋଲି କହନ୍ତି ପ୍ରୀତମ।'' ଏହାର ନିର୍ଦ୍ଦେଶନା ଦେଇଛନ୍ତି ନବାଗତ ଯୋଡି ଯଶ-ସୁନୀଲ । ସଂଯୋଜିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଆସାଦ ନିଜାମ। ସିନେମାଟୋଗ୍ରାଫିର ଗୁରୁ ଦାୟିତ୍ୱ ତୁଲାଇଛନ୍ତି ପ୍ରତାପ ରାଉତ। ଢେର୍ ବର୍ଷ ପରେ ବଡ଼ ପରଦାରେ ଦର୍ଶକ ଏମିତି ଏକ ମଲ୍ଟିଷ୍ଟାରର୍ ଚଳଚ୍ଚିତ୍ର ଦେଖିବାକୁ ପାଇବେ ଯେଉଁଥିରେ ସିଦ୍ଧାନ୍ତ ମହାପାତ୍ର, ଶ୍ରୀତମ ଦାସ, ଆକାଶ ଦାସ ନାୟକ, ରାଜ ରାଜେଶ, ପୁନମ, ଜସ୍ମିନ, ଲିପ୍‌ସା, ଉଷସୀ ମିଶ୍ର, ସ୍ମିତା ମହାନ୍ତି, ଦେବୁ ବ୍ରହ୍ମା, ଦୈତାରି ପଣ୍ଡା, ପୀୟୂଷ ତ୍ରିପାଠୀ, ସମରେଶ ରାଉତରାୟ, ତାପସ ସରଘରିଆ ଓ ଅଶ୍ୱିନୀ ତ୍ରିପାଠୀଙ୍କ ପରି କଳାକାରଙ୍କୁ ଦେଖିବାକୁ ମିଳିବ।



'ଚନ୍ଦ୍ରବଂଶୀ' ଫିଲ୍ମରେ ଆକାଶ-ପୁନମ

ପରଦାରେ...

# ପାବାର

ଏଥର ରଜରେ ଦର୍ଶକ ପୁଣି ଥରେ ବାବୁସାନଙ୍କୁ ବଡ଼ ପରଦାରେ ଦେଖିବାକୁ ପାଇଛନ୍ତି। ଓଲିଉଡ୍‌ର ଏହି ବ୍ୟସ୍ତତମ ଅଭିନେତାଙ୍କୁ ନେଇ ନିର୍ମିତ 'ପାବାର-କିଛି ସତ୍ୟ ଘଟଣାରୁ ଅନୁପ୍ରାଣିତ' ଚଳିତ ମାସ ୧୨ରେ ରିଲିଜ ହୋଇଛି। ହୋମ୍ ବ୍ୟାନର ବାବୁସାନ୍ ଫିଲ୍ମସରେ ପ୍ରସ୍ତୁତ ତଥା ତାଙ୍କର ଧର୍ମପତ୍ନୀ ତୃପ୍ତି ଶତପଥୀଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମରେ ବାବୁସାନଙ୍କ ନାୟିକା ସାଜିଛନ୍ତି ଏଲିନା ପ୍ରିୟଦର୍ଶନୀ। କେବଳ ସେତିକି ନୁହେଁ, ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡିର ନିର୍ଦ୍ଦେଶକ ଅଶୋକ ପତି। ପୂର୍ବରୁ ଅଶୋକ-ବାବୁସାନ୍‌ଙ୍କୁ ନେଇ ନିର୍ମିତ ଫିଲ୍ମଗୁଡିକ ବେଶ୍ ଦର୍ଶକାଦୃତ ହୋଇସାରିଛି। ଏହାର ପ୍ରତିଫଳନ ମଧ୍ୟ 'ପାବାର'ର ପ୍ରଥମ ଦିନରୁ ହିଁ ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ 'ଦମନ' ଷ୍ଟାର ବାବୁସାନ୍ ଏଥର ରଜ ବଜାରରେ ପୁଣି ଥରେ ଦର୍ଶକଙ୍କ ମନ ଜିଣିବେ ବୋଲି ଦୃଢ଼ ଆଶା ରଖିଛନ୍ତି ନିର୍ଦ୍ଦେଶକ। ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଅମିତ କୁମାର ଦାସ ଏବଂ ପ୍ରଣବ ପ୍ରକାଶ ନାୟକ। ବାପୁ ଗୋସ୍ୱାମୀଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୌରବ ଆନନ୍ଦ। ଇତିମଧ୍ୟରେ ଏହାର 'ଲାଲ୍ ଟହ ଟହ' ଗୀତଟି ବେଶ୍ ଭାଇରାଲ ହୋଇସାରିଛି।



'ପାବାର' ଫିଲ୍ମରେ ବାବୁସାନ୍-ଏଲିନା

# ଯାହା ଚାହୁଁଥିଲେ ତାପସୀ...

ବେଳେବେଳେ ମଣିଷ ଯାହା ଆଶା ରଖିଥାଏ ତାହା ହଠାତ୍ ପୂରଣ ହୋଇଯାଏ। ଦେଖୁନାହାନ୍ତି, ନିଜ ମନ ପସନ୍ଦର କାହାଣୀକୁ ଆଧାର କରି ନିର୍ମିତ ଫିଲ୍ମରେ ଅଭିନୟ କରିବା ପରେ ସେ କେମିତି ଖୁସିରେ ଉଚ୍ଛୁଳୁଛନ୍ତି ? ଏହି ଅଭିନେତ୍ରୀ ଜଣଙ୍କ ହେଉଛନ୍ତି ତାପସୀ ପାନ୍ନୁ। ଅବଶ୍ୟ ଏହାପୂର୍ବରୁ ସେ ଭିନ୍ନ ଭିନ୍ନ ଭୂମିକାରେ ପରଦା ଉପରକୁ ଆସିସାରିଛନ୍ତି। ହେଲେ ଏଭଳି ଏକ ସସ୍‌ପେନ୍ସ ଥ୍ରୀଲରଭିତ୍ତିକ କାହାଣୀକୁ ନେଇ ପ୍ରସ୍ତୁତ ସିନେମାରେ ଅଭିନୟ କରିବାକୁ ସେ ଆଶା ବାନ୍ଧି ବସିଥିଲେ। ଆଉ ତାହା ନିକଟରେ ମଧ୍ୟ ପୂରଣ ହୋଇଛି। ହଁ, ଏହି ଫିଲ୍ମଟିର ଟାଇଟଲ ହେଉଛି 'ଖେଲ୍ ଖେଲ୍ ମେଁ'। କାହାଣୀ ଅନୁସାରେ କେତେଜଣ ସାଙ୍ଗ ଏକାଠି ଖାଉଥିବା ଥିବା ବେଳେ ବିଭିନ୍ନ ବିଷୟରେ ଆଲୋଚନା କରୁଥାଆନ୍ତି। ହେଲେ ସେହି ଆଲୋଚନା ଯେ ଦିନେ ସେମାନଙ୍କ ପାଇଁ ସମସ୍ୟାର ପାହାଡ଼ ଠିଆ କରିଦେବ, ତାହା ସେମାନେ କଦାପି କଳ୍ପନା କରି ନ ଥିଲେ। ଉକ୍ତ ଚିତ୍ରଟି କାହାଣୀ ରଚନା କରିଛନ୍ତି ମୁଦାସର ଅଜିଜ୍। ତା' ସହ ସେ ଏହାର ନିର୍ଦ୍ଦେଶନା ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ଫିଲ୍ମଟିର ବିଭିନ୍ନ ଭୂମିକାରେ ଅକ୍ଷୟ କୁମାର, ଫରଦୀନ ଖାଁ ଏବଂ ବାଣୀ କପୁରଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଚିତ୍ରଟି ଚଳିତ ବର୍ଷ ସେପ୍ଟେମ୍ବର ୬ ତାରିଖରେ ରିଲିଜ ହେବାର ଯୋଜନା ରହିଛି।



ତାପସୀ

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୩/୨୦୨୪ Bhubaneswar, Thursday, June 13/ 2024

# ଆମେରିକାକୁ ହରାଇ ସୁପର-୮ରେ ଭାରତ

**ନ୍ୟୁୟର୍କ, ୧୨।୬**



ଉଇକେଟ ନେବାପରେ ଉଲ୍ଲସିତ ଅର୍ଶଦୀପ ସିଂ (ଡାହାଣ)।

କ୍ରମାଗତ ତୃତୀୟ ବିଜୟ ସହ ଚଳିତ ଟି୨୦ କ୍ରିକେଟ ବିଶ୍ୱକପର ସୁପର-୮ରେ ପ୍ରବେଶ କରିଛି ଭାରତ। ଅର୍ଶଦୀପ ସିଂଙ୍କ ଘାତକ ବୋଲିଂ ପରେ ସୂର୍ଯ୍ୟକୁମାର ଯାଦବ ଓ ଶିବମ ଦୁବେଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ବଳରେ ଭାରତ ବୁଧବାର ଅନୁଷ୍ଠିତ ମ୍ୟାଚରେ ଆମେରିକାକୁ ୭ ଉଇକେଟରେ ପରାସ୍ତ କରିଛି। ନାସାଉ କାଉଣ୍ଟି କ୍ରିକେଟ ଷ୍ଟାଡିୟମର ବୋଲର ଫ୍ରେଣ୍ଡଲି ପିଚ୍‌ରେ ଆମେରିକା ୨୦ ଓଭରରେ ୮ ଉଇକେଟ ହରାଇ ୧୧୦ ରନ କରିବାକୁ ସକ୍ଷମ ହୋଇଥିଲା। ୧୧୧ ରନ ବିଜୟ ଲକ୍ଷ୍ୟରେ ଭାରତ ୧୦ ରନରେ ୨ଟି ଓ ୩୯ ରନରେ ୩ୟ ଉଇକେଟ ହରାଇଥିଲେ ହେଁ ଅସମାପ୍ତ ୪ର୍ଥ ଉଇକେଟରେ ସୂର୍ଯ୍ୟକୁମାର ଯାଦବ ଓ ଶିବମ ଦୁବେଙ୍କ ୬୭ ରନର ଭାଗୀଦାରି ବଳରେ ୧୮.୨ ଓଭରରେ ୩ ଉଇକେଟ ହରାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା। ସୂର୍ଯ୍ୟକୁମାର ୫୦ (୨ ଚୌକା, ୨ ଛକା) ଓ ଦୁବେ ୩୧ (୧ ଚୌକା, ୧ ଛକା) ରନରେ ଅପରାଜିତ ରହି ଭାରତ ବିଜୟକୁ ସମ୍ପୂର୍ଣ୍ଣ କରିଥିଲେ। ଆମେରିକା ପକ୍ଷରୁ ସୌରଭ ନେତ୍ରାଭଲ୍କର ୨ଟି ଓ ଅଲୀ ଖାଁ ଗୋଟିଏ ଉଇକେଟ ନେଇଥିଲେ। ଗ୍ରୁପ୍ 'ଏ'ରେ ଭାରତ ୩ ମ୍ୟାଚରୁ ୩ ବିଜୟ ସହ ୬ ପଏଣ୍ଟ ପାଇ କ୍ୱାଲିଫାଇ କରିଛି। ଆମେରିକା ୩ ମ୍ୟାଚରୁ ପ୍ରଥମ ପରାଜୟ ବରଣ କରିଥିଲେ ହେଁ ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହି ସୁପର-୮ ସମ୍ଭାବନା ଉଜ୍ଜୀବିତ ରଖିଛି। ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଭାରତ। ଭାରତ ପକ୍ଷରୁ ବୋଲିଂ ଆକ୍ରମଣ ଆରମ୍ଭ କରିଥିବା ବାମହାତୀ ଯୁବ ଦ୍ରୁତ ବୋଲର ଅର୍ଶଦୀପ ଶ୍ରେଷ୍ଠ ପ୍ରଦର୍ଶନ କରି ମାତ୍ର ୯ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଟି୨୦ ବିଶ୍ୱକପରେ ଭାରତୀୟ ବୋଲରଙ୍କ ମଧ୍ୟରେ ଏହା ସର୍ବଶ୍ରେଷ୍ଠ ବୋଲିଂ। ପୂର୍ବରୁ ୨୦୧୧ ବିଶ୍ୱକପରେ ମୀରପୁରଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ରବିଚନ୍ଦ୍ରନ ଅଶ୍ୱିନ ୧୧ ରନରେ ୪ ଉଇକେଟ ନେଇ ରେକର୍ଡର ଅଧିକାରୀ ଥିଲେ। ଆମେରିକା ପକ୍ଷରୁ ନୀତୀଶ କୁମାର ସର୍ବାଧିକ ୨୭ ଓ ଷ୍ଟିଭେନ ଟେଲର ୨୪ ରନ କରିବାକୁ ସକ୍ଷମ ହୋଇଥିଲେ। ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଘାତକ ବୋଲିଂ କରିଥିବା ଅର୍ଶଦୀପଙ୍କ ସ୍ପେଲ୍ ୪-୦-୯-୪ ରହିଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ନିଜ ୪ ଓଭର ସ୍ପେଲ୍‌ରେ ଗୋଟିଏ ମେଡେନ ନେବାସହ ମାତ୍ର ୧୪ ରନ ଦେଇ ୨ଟି ଉଇକେଟ ନେଇଥିଲେ। ଅକ୍ଷର ପଟେଲଙ୍କୁ ଅନ୍ୟ ଉଇକେଟଟି ମିଳିଥିଲା। ଅର୍ଶଦୀପ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଆମେରିକା ୨୦ ଓଭରରେ ୧୧୦/୮ (ନୀତୀଶ କୁମାର-୨୭, ଷ୍ଟିଭେନ ଟେଲର-୨୪, କୋରେ ଆଣ୍ଡରସନ-୧୫, ଅର୍ଶଦୀପ ସିଂ-୪/୯, ହାର୍ଦ୍ଦିକ ପାଣ୍ଡ୍ୟା-୨/୧୪, ଅକ୍ଷର ପଟେଲ-୧/୨୪)। ଭାରତ ୧୮.୨ ଓଭରରେ ୧୧୧/୩ (ସୂର୍ଯ୍ୟକୁମାର ଯାଦବ-୫୦*, ଶିବମ ଦୁବେ-୩୧*, ସୌରଭ ନେତ୍ରାଭଲ୍କର-୨/୧୮, ଅଲୀ ଖାଁ-୧/୨୧)।

# ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକାକୁ ଯୋଗ୍ୟତା

**ନର୍ଥ ସାଉଣ୍ଡ, ୧୨।୬ (ପି.ଟି.)**




ଆଡାମ ଜାମ୍ପାଙ୍କୁ ଅଭିନନ୍ଦନ ଜଣାଉଛନ୍ତି ମାର୍କୁସ ଷ୍ଟୋଇନିସ।

ଆଡାମ ଜାମ୍ପାଙ୍କ ଯାଦୁକରୀ ସ୍ପିନ୍ ବୋଲିଂ ବଳରେ ନାମିବ୍ୟା ବିପକ୍ଷରେ ୯ ଉଇକେଟରେ ବିଜୟ ହାସଲ କରିଛି ଅଷ୍ଟ୍ରେଲିଆ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନାମିବ୍ୟା ୧୭ ଓଭରରେ ୭୨ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ୫.୪ ଓଭରରେ ୧ ଉଇକେଟ ହରାଇ ୭୪ ରନ୍ ହାସଲ କରିଥିଲା। ବୃହତ୍ ବିଜୟ ସହ ରନରେଟ୍‌ରେ ଉନ୍ନତି ଘଟାଇଥିବା ଅଷ୍ଟ୍ରେଲିଆ ସୁପର-୮କୁ ଯୋଗ୍ୟତା ଅର୍ଜନ କରିଥିଲା। ଅନ୍ୟପକ୍ଷରେ ଫ୍ଲୋରିଡାରେ ଖେଳାଯାଇଥିବା ଶ୍ରୀଲଙ୍କା ଓ ନେପାଳ ମ୍ୟାଚ୍ ବର୍ଷା କାରଣରୁ ଧୋଇ ଯିବା ଫଳରେ ଦକ୍ଷିଣ ଆଫ୍ରିକା ସୁପର-୮କୁ ଉନ୍ନୀତ ହୋଇଛି।

ପ୍ରଥମେ ବ୍ୟାଟିଂ କରିଥିବା ନାମିବ୍ୟା ପକ୍ଷରୁ ମାତ୍ର ୨ ଜଣ ଖେଳାଳି ୨ ଅଙ୍କ ବିଶିଷ୍ଟ ସ୍କୋରରେ ପହଞ୍ଚିଥିଲେ। ଓପନର ମାଇକେଲ ଭାନ୍ ଲିଙ୍ଗେନ ୧୦ ଓ ଅଧିନାୟକ ଜେରହାର୍ଡ ଏରାସମସ ୩୬ ରନ୍ ସ୍କୋର କରିଥିଲେ। ମିଡିଲ ଓଭରରେ ଆଡାମ ଜାମ୍ପା ଯାଦୁକରୀ ଲେଗ୍ ସ୍ପିନ ବୋଲିଂ କରିଥିଲେ। ୪ ଓଭରର ସ୍ପେଲରେ ସେ ମାତ୍ର ୧୨ ରନ୍ ଦେଇ ୪ ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୋଶ ହେଜେଲଉଡ୍, ମାର୍କୁସ୍ ଷ୍ଟୋଇନିସ୍ ଦୁଇଟି ଲେଖାଏ ଓ ପ୍ୟାଟ୍ କୁମିନ୍ସ, ନାଥାନ ଏଲିସ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୭୩ ରନ୍‌ର ପିଛା କରୁଥିବା ଅଷ୍ଟ୍ରେଲିଆ ୫.୪ ଓଭରରେ ବିଜୟ ହାସଲ କରି ନେଇଥିଲା। ଡେଭିଡ୍ ୱାର୍ନର ୮ ବଲ୍‌ରୁ ଦ୍ରୁତ ୨୦ ରନ୍ କରି ଆଉଟ ହୋଇଥିବା ବେଳେ ଟ୍ରାଭିସ୍ ହେଡ୍ ୩୪ ଓ ମିଚେଲ୍ ମାର୍ଶ ୧୮ ରନ୍‌ରେ ଅପରାଜିତ ରହିଥିଲେ। ନାମିବ୍ୟା ପକ୍ଷରୁ ଡେଭିଡ ୱାଇସେ ଏକମାତ୍ର ଉଇକେଟଟି ଅକ୍ତିଆର କରିଥିଲେ। ଆଡାମ ଜାମ୍ପାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ନାମିବ୍ୟା ୧୭ ଓଭରରେ ୭୨/୧୦ (ମାଇକେଲ ଭାନ୍ ଲିଙ୍ଗେନ-୧୦, ଜେରହାର୍ଡ ଏରାସମସ-୩୬, ଆଡାମ ଜାମ୍ପା-୪/୧୨, ମାର୍କୁସ୍ ଷ୍ଟୋଇନିସ୍-୨/୯, ଜୋଶ ହେଜେଲଉଡ୍-୨/୧୮)। ଅଷ୍ଟ୍ରେଲିଆ ୫.୪ ଓଭରରେ ୭୪/୧(ଡେଭିଡ୍ ୱାର୍ନର-୨୦, ଟ୍ରାଭିସ୍‌ହେଡ୍-୩୪*, ମିଚେଲ୍‌ମାର୍ଶ-୧୮*, ଡେଭିଡ୍‌ୱାଇସେ-୧/୧୫)।

### ଟି୨୦ ବିଶ୍ୱକପ

**(ଆଜିର ମ୍ୟାଚ)**

**ୱେଷ୍ଟଇଣ୍ଡିଜ ବନାମ ନ୍ୟୁଜିଲାଣ୍ଡ**
ସ୍ଥାନ: ତ୍ରିନିଦାଦ
ସମୟ: ସକାଳ ୬ଟା

**ବାଂଲାଦେଶ ବନାମ ନେଦରଲାଣ୍ଡ୍ସ**
ସ୍ଥାନ: ସେଣ୍ଟ ଭିନସେଣ୍ଟ
ସମୟ: ରାତି ୮ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ପଏଣ୍ଟ ବାଣ୍ଟିଲେ ଶ୍ରୀଲଙ୍କା, ନେପାଳ

# ମେକ୍ସିକୋକୁ ହରାଇ ଭାରତ ୯ମ

## ୱାର୍ଲ୍ଡ ୟୁନିଭର୍ସିଟି ରଗ୍‌ବୀ ୭ଏସ୍

**ଭୁବନେଶ୍ୱର, ୧୨।୬ (ତପନ ସ୍ୱାଇଁ)**

ଫ୍ରାନ୍ସର ଏକ୍ସ-ଏନ-ପ୍ରୋଭିନ୍ସରେ ଅନୁଷ୍ଠିତ ଏଫ୍‌ଆଇଏସ୍‌ୟୁ ୱାର୍ଲ୍ଡ ୟୁନିଭର୍ସିଟି ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳା ଦଳ ୯ମ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଛି। ବୁଧବାର ଅନୁଷ୍ଠିତ ପୋଜିଶନ ମ୍ୟାଚରେ ଭାରତ ୨୨-୧୭ରେ ମେକ୍ସିକୋକୁ ପରାସ୍ତ କରି ଏହି ସଫଳତା ପାଇଛି। ଇଣ୍ଡିଆନ ୟୁନିଭର୍ସିଟି ରଗ୍‌ବୀ ଟିମ୍ ପ୍ରଥମ ଥରପାଇଁ ୱାର୍ଲ୍ଡ ୟୁନିଭର୍ସିଟି ରଗ୍‌ବୀ ୭ଏସ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲା। ପ୍ରତିଯୋଗିତା ପାଇଁ ଭାରତୀୟ ଦଳର ଚୟନ ଟ୍ରାଏଲ୍ସ ଓ କୋଚିଂ କ୍ୟାମ୍ପ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। କିଟ୍ ଓ କିସ୍‌ର ୭ ଖେଳାଳି ଓ ୪ ଅଫିସିଆଲ ଭାରତୀୟ ଦଳରେ ପ୍ରତିନିଧିତ୍ୱ କରିଥିଲେ। ମେକ୍ସିକୋ ବିପକ୍ଷରେ ବିଜୟୀ ଭାରତୀୟ ଦଳରେ ନିର୍ମାଲ୍ୟ ରାଉତ, ତରୁଲତା ନାଏକ ଓ ଡୁମୁନି ମାର୍ଣ୍ଡି ସାମିଲ ଥିଲେ।

# କଟକରେ ଜାତୀୟ ଫେନ୍‌ସିଂ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୧୨।୬ (ତପନ ସ୍ୱାଇଁ):** ଓଡ଼ିଶା ରାଜ୍ୟ ଫେନ୍‌ସିଂ ଆସୋସିଏଶନ ଆନୁକୂଲ୍ୟରେ ଜାତୀୟ ଫେନ୍‌ସିଂ ଚାମ୍ପିୟନଶିପ୍ କଟକର ଜବାହର ଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚଳିତ ମାସ ୧୪ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ୧୦ ଓ ୧୨ ବର୍ଷରୁ କମ୍ ଏବଂ ୪୦ ବର୍ଷରୁ ଊର୍ଦ୍ଧ୍ୱ ମାଷ୍ଟର୍ସ ବର୍ଗରେ ପ୍ରତିଯୋଗିତା ହେବ। ପ୍ରତିଯୋଗିତା ପାଇଁ ମୋଟ ୧୦,୫୦,୦୦୦ ଟଙ୍କାର ବଜେଟ ରଖା ଯାଇଥିବା ବୁଧବାର ଓସିଏ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକମାନେ ପ୍ରକାଶ କରିଛନ୍ତି। ପ୍ରତିଯୋଗିତାର ସୁପରିଚାଳନା ପାଇଁ ଏକ ଆୟୋଜକ କମିଟି ଗଠନ କରାଯାଇଛି।

# ଆଇପିଏଲ୍‌ର ବ୍ରାଣ୍ଡ୍ ଭାଲ୍ୟୁ ୧.୩୬ ଲକ୍ଷ କୋଟି

**ନୂଆଦିଲ୍ଲୀ, ୧୨।୬(ପି.ଟି.)**

ଆଇପିଏଲର ବ୍ରାଣ୍ଡ୍ ଭାଲ୍ୟୁ ୬.୫ ପ୍ରତିଶତ ବୃଦ୍ଧି ପାଇ ୧୬.୪ ବିଲିୟନ ଡଲାର ବା ଭାରତୀୟ ମୁଦ୍ରାରେ ୧ ଲକ୍ଷ ୩୬ ହଜାର କୋଟିରେ ପହଞ୍ଚିଛି। ଆମେରିକୀୟ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ ହୌଲିହାନ ଲୋକି ପକ୍ଷରୁ ଏହି ରିପୋର୍ଟ ପ୍ରକାଶ ପାଇଛି। ଗତବର୍ଷ ତୁଳନାରେ ଏହାର ବ୍ରାଣ୍ଡ ଭାଲ୍ୟୁ ୬.୩ ପ୍ରତିଶତ ବା ପ୍ରାୟ ୨୮ ହଜାର କୋଟି ବୃଦ୍ଧି ପାଇଛି। ୨୦୨୪ରେ ଟାଟା ଏହାର ଟାଇଟଲ ସ୍ପନସର ରହିଥିଲା। ୫ ବର୍ଷ ୨୫୦୦ କୋଟି ଟଙ୍କା ମିଳୁଥିବା ବେଳେ ପୂର୍ବ ମୂଲ୍ୟ ତୁଳନାରେ ଏହା ୫୦ ପ୍ରତିଶତ ଅଧିକ। ସେହିପରି ସିଜନ ପିଛା ୩୩୫ କୋଟି ଟଙ୍କା ଅଧିକ ମିଳୁଛି। ଏହା ଆଇପିଏଲ୍‌ର ବ୍ରାଣ୍ଡ ଭାଲ୍ୟୁ ବୃଦ୍ଧିରେ ସହାୟକ ବୋଲି କୁହାଯାଇଛି। ଏହାର ଲୋକପ୍ରିୟତା ସମଗ୍ର ବିଶ୍ୱରେ ପ୍ରସିଦ୍ଧ ବୋଲି ମଧ୍ୟ କହିଛି ହୌଲିହାନ୍ ଲୋକି। ରିପୋର୍ଟ ଅନୁସାରେ ଫ୍ରାଞ୍ଚାଇଜ ବ୍ରାଣ୍ଡ ଭାଲ୍ୟୁ ମଧ୍ୟରେ ଚେନ୍ନାଇ ସୁପର କିଙ୍ଗ୍ସ ଆଇପିଏଲ୍‌ର ସବୁଠାରୁ ଦାମୀ ଟିମ୍ ରହିଛି। ହାରାହାରି ବାର୍ଷିକ ଫାଇଦା ହିସାବରେ କୋଲକାତା ନାଇଟ ରାଇଡର୍ସ ପ୍ରଥମ ସ୍ଥାନରେ ରହିଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୨୭ ମିଲିୟନ ଡଲାର ସହ ଚେନ୍ନାଇ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଏହା ପଛକୁ ୨୦୪ ମିଲିୟନ ଡଲାର ସହ ତୃତୀୟ ସ୍ଥାନରେ ରହିଛି ମୁମ୍ବାଇ ଇଣ୍ଡିଆନ୍ସ।

# ବ୍ରିକ୍ସ କ୍ରୀଡ଼ାରେ ଓଡ଼ିଶାରୁ ଭାଗନେବେ ୩ ଆଥ୍‌ଲେଟ

**ଭୁବନେଶ୍ୱର, ୧୨।୬ (ତପନ ସ୍ୱାଇଁ)**

ରୁଷିଆର କାଜାନଠାରେ ଅନ୍ତର୍ଜାତୀୟ ବ୍ରିକ୍ସ କ୍ରୀଡ଼ା ଚଳିତ ମାସ ୧୦ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୩ ଆଥ୍‌ଲେଟ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଶ୍ରାବଣୀ ନନ୍ଦ, ଲାଲୁ ପ୍ରସାଦ ଭୋଇ ଓ ଅନିମେଶ କୁଜୁର। ପ୍ରତିଯୋଗିତାରେ ଭାଗ ନେବାପାଇଁ ଆୟୋଜକ କମିଟି ପକ୍ଷରୁ ଭାରତରୁ ମୋଟ ୨୦ ଆଥ୍‌ଲେଟ ଓ ୩ କୋଚ୍ ଆମନ୍ତ୍ରିତ ହୋଇଛନ୍ତି। ଏହା ମଧ୍ୟରେ ସାମିଲ ଥିବା ଓଡ଼ିଶାର ୩ ଆଥ୍‌ଲେଟ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଶ୍ରାବଣୀ ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ ଅଧ୍ୟୟନ କରୁଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆଥ୍‌ଲେଟମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଥିବା ଅନ୍ୟ ଭାରତୀୟ ଆଥ୍‌ଲେଟମାନେ ହେଲେ ମୌମିତା ମଣ୍ଡଳ, ଗୁରିନ୍ଦରବୀର ସିଂ, କୋକୁଳ କୁନେଲ ରାଧାକ୍ରିଷ୍ଣନ, ଲିଲି ଦାସ, ସାଓ୍ୱନ ବରୱାଲ, ହରମନଜୋତ ସିଂ, ସୋମନାଥ ଚୌହାନ, ଟ୍ୱିଙ୍କିଲ ଚୌଧାରୀ, ମାନବ ରାଜନାରାୟଣନ, ଅଙ୍କେଶ ଚୌଧାରୀ, ନିଥ୍ୟା ରାମରାଜ, ଉନ୍ନତି ଆୟାପ୍ପା ବୋଲାଣ୍ଡ, ଶିନା ନେଲିକାଲ ଭେର୍କେ, ଅଭିଷେକ ସିଂ ଠାକୁର, ଚନ୍ଦା, ଆଦିତ୍ୟ କୁମାର ସିଂ ଓ ୟୋନୁସ ଶାହା।






# ତୃତୀୟ ଦିବସରେ ଓଡ଼ିଶାକୁ ୬ ପଦକ





ତୃତୀୟ ଦିବସରେ ପଦକ ବିଜୟୀ ପ୍ରତିଯୋଗୀମାନେ ପୋଡିୟମ ଉପରେ ପୁରସ୍କାର ସହ।

### କଳିଙ୍ଗରେ ନ୍ୟାଶନାଲ ସୁଇମିଂ ର୍‍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍

**ମନ୍ନତା ଓ ସୃଷ୍ଟିଙ୍କୁ ସ୍ୱର୍ଣ୍ଣ, ପ୍ରତ୍ୟାଶାଙ୍କୁ ରୌପ୍ୟ ଓ ବ୍ରୋଞ୍ଜ, ଦିବ୍ୟଙ୍କାଙ୍କୁ ରୌପ୍ୟ, ଅଭିନବଙ୍କୁ ବ୍ରୋଞ୍ଜ**

**ଭୁବନେଶ୍ୱର, ୧୨।୬ (ତପନ ସ୍ୱାଇଁ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମର ଆକ୍ୱାଟିକ୍ ସେଣ୍ଟରରେ ଚାଲିଥିବା ୨ୟ ନ୍ୟାଶନାଲ ସୁଇମିଂ ର୍‍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍‌ର ତୃତୀୟ ଦିବସରେ ଓଡ଼ିଶା ପ୍ରତିଯୋଗୀମାନେ ୬ଟି ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୨ଟି ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ସାମିଲ। ସୃଷ୍ଟି ଉପାଧ୍ୟାୟ ଓ ମନ୍ନତା ମିଶ୍ର ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ପ୍ରତ୍ୟାଶା ରାୟ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ଦିବ୍ୟଙ୍କା ପ୍ରଧାନ ରୌପ୍ୟ ଓ ଅଭିନବ ସିଂ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଫଳରେ ତୃତୀୟ ଦିବସ ଶେଷ ସୁଦ୍ଧା ଓଡ଼ିଶା ପଦକ ସଂଖ୍ୟା ୧୭ରେ ପହଞ୍ଚିଛି। ଓଡ଼ିଶା ପ୍ରତିଯୋଗୀମାନେ ପ୍ରଥମ ଦିବସରେ ୫ ଓ ଦ୍ୱିତୀୟ ଦିବସରେ ୬ ପଦକ ଜିତିଥିଲେ।

୧୮ ବର୍ଷରୁ କମ୍ ବାଳିକା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ମନ୍ନତା ମିଶ୍ର ୨:୪୦.୩୮ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ଓ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ୨:୪୮.୪୪ ସେକେଣ୍ଡ ସହ ରୌପ୍ୟ ପଦକ ପାଇଛନ୍ତି। ମହାରାଷ୍ଟ୍ରର ଯଶଭି ପ୍ରଦୀପ ଖରାଟ (୨:୫୦.୩୦) ବ୍ରୋଞ୍ଜ ପଦକ ପାଇଛନ୍ତି। ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ୫୦ ମିଟର ବଟରଫ୍ଲାଏରେ ସୃଷ୍ଟି ଉପାଧ୍ୟାୟ ୨୯.୩୨ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ମହାରାଷ୍ଟ୍ରର ନନ୍ଦିନୀ କେଦାର ପେଠକର (୨୯.୫୭) ରୌପ୍ୟ ଓ ବିହାରର ମାହି ସ୍ୱେତ୍ରାଜ (୨୯.୭୬) ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ଓଡ଼ିଶାର ସୋନିଆ ପଟେଲ ୨୯.୯୯ ସେକେଣ୍ଡ ସହିତ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି। ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ପ୍ରତ୍ୟାଶା ରାୟ ୧:୦୭.୦୨ ସେକେଣ୍ଡ ନେଇ ରୌପ୍ୟ ପଦକ ଜିତିଛନ୍ତି। ବେଙ୍ଗଲର ସୌବ୍ରିତି ମଣ୍ଡଳ (୧:୦୬.୫୮) ସ୍ୱର୍ଣ୍ଣ ଓ ମହାରାଷ୍ଟ୍ରର ଭକ୍ତି ରାହୁଲ ୱଦେକର (୧:୧୦.୦୨) ବ୍ରୋଞ୍ଜ ପଦକ ଜିତିଛନ୍ତି। ପ୍ରତ୍ୟାଶା ମହିଳା ୪୦୦ ମିଟର ଫ୍ରିଷ୍ଟାଇଲରେ ମଧ୍ୟ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ୪.୪୫.୩୪ ସେକେଣ୍ଡ ନେଇ ତୃତୀୟ ସ୍ଥାନ ହାସଲ କରିଛନ୍ତି। କର୍ଣ୍ଣାଟକର ଅସ୍ମିଥା ଚନ୍ଦ୍ରା (୪:୪୩.୮୧) ଓ ତାମିଲନାଡୁର ମାନ୍ୟା ମୁକ୍ତା ମନେଶ (୪:୪୫.୦୦) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଛନ୍ତି। ୧୮ ବର୍ଷରୁ କମ୍ ବାଳକ ୪୦୦ ମିଟର ଫ୍ରିଷ୍ଟାଇଲରେ ଅଭିନବ ସିଂ ୪:୪୧.୨୦ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏସ୍‌ଏସ୍‌ସିବିର ରୋନକ ନୀତୀନ ସାୱନ୍ତ (୪:୧୯.୩୯) ସ୍ୱର୍ଣ୍ଣ ଓ କର୍ଣ୍ଣାଟକର ପ୍ରଶଂସ ମଞ୍ଜୁନାଥ (୪:୩୬.୪୭) ରୌପ୍ୟ ପଦକ ହାସଲ କରିଛନ୍ତି। ତୃତୀୟ ଦିବସରେ ମୋଟ ୨୩ଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା।

ଦ୍ୱିତୀୟ ଦିବସରେ ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ମନ୍ନତା ମିଶ୍ର ସ୍ୱର୍ଣ୍ଣ, ୧୦୦ ମିଟର ବଟରଫ୍ଲାଏରେ ସୃଷ୍ଟି ଉପାଧ୍ୟାୟ ସ୍ୱର୍ଣ୍ଣ, ଦିବ୍ୟଙ୍କା ପ୍ରଧାନ ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ରୌପ୍ୟ ଓ ୧୦୦ ମିଟର ବଟରଫ୍ଲାଏରେ ବ୍ରୋଞ୍ଜ, ୧୦୦ ମିଟର ଫ୍ରିଷ୍ଟାଇଲରେ ସୋନିଆ ପଟେଲ ଓ ୧୫୦୦ ମିଟର ଫ୍ରିଷ୍ଟାଇଲରେ ଅଭିନବ ସିଂ ବ୍ରୋଞ୍ଜ ପଦକ ଜିତିଥିଲେ। ସେହିପରି ପ୍ରଥମ ଦିବସରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ୨୦୦ ମିଟର ବଟରଫ୍ଲାଏରେ ସୃଷ୍ଟି ଉପାଧ୍ୟାୟ ସ୍ୱର୍ଣ୍ଣ, ୧୮ ବର୍ଷରୁ କମ୍ ବାଳିକା ୨୦୦ ମିଟର ବଟରଫ୍ଲାଏରେ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ରୌପ୍ୟ, ୫୦ ମିଟର ବାଳିକା ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ମନ୍ନତା ମିଶ୍ର ରୌପ୍ୟ ଓ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ବ୍ରୋଞ୍ଜ ଏବଂ ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ୨୦୦ ମିଟର ଫ୍ରି ଷ୍ଟାଇଲରେ ପ୍ରତ୍ୟାଶା ରାୟ ରୌପ୍ୟ ପଦକ ପାଇଥିଲେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ